# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୦ (୧୨ ପୃଷ୍ଠା) | Bhubaneswar, Monday, April 13/2020 | ★★★★★★

୪୬ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଇନ୍‌ଷ୍ଟାଗ୍ରାମରେ କାଜଲଙ୍କ ୧ କୋଟି ଫଲୋଅର୍ସ**

ଅଭିନେତ୍ରୀ କାଜଲଙ୍କ ଇନ୍‌ଷ୍ଟାଗ୍ରାମ ଫଲୋଅର୍ସଙ୍କ ସଂଖ୍ୟା ୧ କୋଟି ଅତିକ୍ରମ କରିଛି। ସେ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଅଭିନୀତ ଫିଲ୍ମ 'କଭି ଖୁସି କଭି ଗମ୍'ର ଏକ ଭିଡିଓ ଶେୟାର କରିଛନ୍ତି।

୦୫

୧୨

**ପେଣ୍ଟିଂର ମଜା ନେଉଛନ୍ତି ଭାଲେଣ୍ଟିନା**

କରୋନା ଭାଇରସ୍ ପାଇଁ ଲକ୍‌ଡାଉନ୍ ଚାଲିଥିବାରୁ ଘରେ ରହି ପେଣ୍ଟିଂର ମଜା ନେଉଛନ୍ତି କରାଟେକା ଭାଲେନା ଭାଲେଣ୍ଟିନା।



# ଅତୀତ ନୁହେଁ, ଆଗକୁ ଭାବ

**ତଥାଗତ ସତପଥୀ**

କରୋନା ଭୂତାଣୁକୁ ପ୍ରତିହତ କରିବା ଲାଗି ଓଡ଼ିଶା ସମେତ ଅଳ୍ପ କେତେକ ରାଜ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୩୦ ଯାଏ ଲକ୍‌ଡାଉନ୍ ଘୋଷଣା କରିସାରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର ମନ୍ତ୍ରୀମାନଙ୍କୁ ସୋମବାର, ୧୩ ଏପ୍ରିଲଠାରୁ କାମରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇସାରିଲେଣି। ତେବେ ମନ୍ତ୍ରୀ ଓ ଅଧିକାରୀମାନେ ସାମାଜିକ ଦୂରତା ରକ୍ଷାକରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଭଳି ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଜଣାଇ ଦେବାକୁ ଚାହାନ୍ତି ଯେ, କେନ୍ଦ୍ର ସରକାର ଲକ୍‌ଡାଉନ ଅବଧି ବଢ଼ାଇବାକୁ ଚାହୁଁ ନ ଥିବା ବେଳେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କେନ୍ଦ୍ର ଉପରେ ଚାପ ପକାଉଛନ୍ତି। କେନ୍ଦ୍ର ଲକ୍‌ଡାଉନ୍ ଅବଧି ବଢ଼ାଇବା ବିପକ୍ଷରେ ଥିବାବେଳେ ରାଜ୍ୟ ସରକାରଗୁଡ଼ିକ ଏହାର ଅବଧି ବୃଦ୍ଧି ସପକ୍ଷରେ ମତ ଦେଉଛନ୍ତି। ଅର୍ଥାତ୍ ଗଣତାନ୍ତ୍ରିକ ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀମାନଙ୍କୁ ସ୍ୱାଧୀନତା ଦେଇଥିବା ବେଳେ ନିଜେ କେନ୍ଦ୍ର ସରକାର କାର୍ଯ୍ୟ ଆରମ୍ଭ କରିଦେଲେ। ଏଥିରୁ ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଦେବାର ମହତପଣିଆ ଜଣାପଡୁଥିବା ବେଳେ ଦେଶର ଅର୍ଥନୈତିକ ପରିସ୍ଥିତି ପ୍ରତି ଚିନ୍ତିତ ଥିବା କେନ୍ଦ୍ର ସରକାର ନିଜ ଦାୟିତ୍ୱରୁ ଓହରିଯାଇ ନାହାନ୍ତି। ଏଭଳି ବାର୍ତ୍ତା ଯେତେବେଳେ ସାଧାରଣ ନାଗରିକ ପାଖରେ ପହଞ୍ଚିବ ସେତେବେଳେ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ। କେନ୍ଦ୍ର ଲକ୍‌ଡାଉନ୍ ବିପକ୍ଷରେ ଥିବା ବେଳେ ରାଜ୍ୟ ସରକାର ଏକାକୀ ଲୋକଙ୍କୁ ଘର ଭିତରେ ଆବଦ୍ଧ କରି ରଖୁଛି ବୋଲି ସ୍ପଷ୍ଟ ମତ ସୃଷ୍ଟି ହେବ। ପଞ୍ଜାବରେ ଘଟିଥିବା ପୋଲିସ ଏଏସ୍‌ଆଇଙ୍କ ଉପରେ ଆକ୍ରମଣ ଏବଂ ଖଣ୍ଡା ଚୋଟରେ ତାଙ୍କ ହାତ କାଟିଦେବା ଘଟଣା ସାଧାରଣ ଲୋକଙ୍କ ମନରେ ସୃଷ୍ଟି ହେଉଥିବା ବିରକ୍ତିଭାବର ପରିପ୍ରକାଶ ମାତ୍ର। ଅନ୍ୟ ଏକ ବିଷୟକୁ ଚିନ୍ତା କଲେ ବୁଝାପଡ଼ିବ ଯେ ସ୍ୱାଭାବିକ ଭାବେ ଯେତେବେଳେ ଦେଶରେ ପ୍ରବଳ ଆର୍ଥିକ ସଙ୍କଟ ଖୁବ୍‌ଶୀଘ୍ର ମୁଣ୍ଡ ଟେକିବ ସେତେବେଳେ କେନ୍ଦ୍ର ନିଜକୁ କୌଣସି ଭାବେ ସମସ୍ୟାରେ ଅନ୍ତର୍ଭୁକ୍ତ ହେବାକୁ ଦେବନାହିଁ। ଯଦି ଶିଳ୍ପ ଚାଲୁନାହିଁ, ତେବେ ତୁମ ମୁଖ୍ୟମନ୍ତ୍ରୀକୁ କୁହ। ଯଦି ରୋଜଗାର ସୁବିଧା ନାହିଁ, ତେବେ ତୁମ ମୁଖ୍ୟମନ୍ତ୍ରୀକୁ କୁହ। ଯଦି ପରିବାର ପାଇଁ ଖାଦ୍ୟ ଯୋଗାଣ ହୋଇପାରୁ ନାହିଁ, ତେବେ ତୁମ ମୁଖ୍ୟମନ୍ତ୍ରୀକୁ କୁହ। ଏହା ଦ୍ୱାରା ନିଜ ହାତ ଧୋଇ ଅର୍ଥନୈତିକ କରୋନାରୁ ଦୂରେଇ ଯାଇପାରିବ କେନ୍ଦ୍ର ସରକାର।

ଦୀର୍ଘଦିନ ଧରି ଲକ୍‌ଡାଉନ୍ ବଳବତ୍ତର ରହିବା ଯୋଗୁ ଦେଶରେ ଅର୍ଥନୈତିକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ହୋଇଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ୧୫ ଏପ୍ରିଲରୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) କାମ ଆରମ୍ଭ କରିବା ଲାଗି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ମନ୍ତ୍ରଣାଳୟର ଅଧିକାରୀଙ୍କୁ ସମ୍ଭାବ୍ୟ ଦିଗ ବାହାର କରିବାକୁ କହିସାରିଲେଣି। ସମ୍ଭବତଃ ଦ୍ୱାରକା ଏକ୍ସପ୍ରେସୱେ କାର୍ଯ୍ୟ ତତ୍‌କ୍ଷଣାତ୍ ହୋଇପାରେ। ଏହି ଖବର ପଢ଼ିବା ପରେ ମନରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ, ଏହା ଦ୍ୱାରା ରାଜପଥରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନେ ସାମାଜିକ ଦୂରତା କେଉଁଭଳି ରକ୍ଷା କରିପାରିବେ। ପରବର୍ତ୍ତୀ ପ୍ରଶ୍ନ ହୋଇପାରେ ଭାରତୀୟ ଅର୍ଥନୀତିକୁ ଏହି ମୁହୂର୍ତ୍ତରେ ସୁଦୃଢ଼ କରିବା ସକାଶେ ଜାତୀୟ ରାଜପଥ ନିର୍ମାଣ ଏକମାତ୍ର ପନ୍ଥା କି? କାରଣ ଭାରତର କେନ୍ଦ୍ର ସରକାର ଅନ୍ୟ ଦେଶଗୁଡ଼ିକ ଭଳି କୌଣସି ଆର୍ଥିକ ପ୍ୟାକେଜ୍ ଚିନ୍ତା କରୁନାହାନ୍ତି, ଯେଉଁଥିରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପୁନର୍ଜୀବିତ ହୋଇପାରିବ। ରାଜପଥ ନିର୍ମାଣଠାରୁ ୧.୭ ଲକ୍ଷ କୋଟି ଟଙ୍କା ଗରିବଙ୍କ ପାଇଁ ଦିଆଯାଇଥିବା ଅର୍ଥ କେବଳ ଏକ ବିରାଟକାୟ ଦୁର୍ନୀତିକୁ ପ୍ରଶ୍ରୟ ଦେବା ଭଳି ମନେହେଉଛି। ନୂଆଦିଲ୍ଲୀର ବ୍ରିଟିଶ୍ ସମୟର କୋଠାଗୁଡ଼ିକୁ ଭାଙ୍ଗି ସେଣ୍ଟ୍ରାଲ ଭିଷ୍ଟା ନାମରେ ଆରମ୍ଭ କରାଯାଇଥିବା ନୂତନ ସହର ନିର୍ମାଣ ନିମନ୍ତେ ୨୦,୦୦୦ କୋଟି ଟଙ୍କା ବରବାଦ କରାଯିବାର ଯେଉଁ ଉଦ୍ଦେଶ୍ୟ ରଖାଯାଇଛି, ତାହା ଏବେ ସମ୍ପୂର୍ଣ୍ଣ ଭାବେ ଅଯଥା ଖର୍ଚ୍ଚ ଭଳି ମନେହେଉଛି। ଅନୁରୂପ ଭାବେ, ଆଜିର ପରିସ୍ଥିତିକୁ ଦେଖିଲେ ଭାରତ ସହ ଯୁଦ୍ଧ କଲା ଭଳି କୌଣସି ଦେଶ ସୀମା ଆରପଟେ ନାହିଁ। ପାକିସ୍ତାନ ଏକ ବିଫଳ ଦେଶ ଭାବେ ଭୁଶୁଡ଼ି ସାରିଲାଣି। ଅନ୍ୟପଟେ ଚାଇନାର ସାମରିକ କ୍ଷମତା ସହିତ ଭାରତ କେବେହେଲେ ନିଜକୁ ତୁଳନା କରିପାରିବ ନାହିଁ। ସେଥିପାଇଁ ପ୍ରବଳ ଅର୍ଥ ଖର୍ଚ୍ଚ କରାଯାଇ ମାତ୍ର ୩୬ଟି ରାଫାଲ ଲଢୁଆ ବିମାନ କିଣିବା ସପକ୍ଷରେ କୌଣସି ଯୁକ୍ତି ଦର୍ଶାଯାଇ ପାରିବ ନାହିଁ। ସୀମାନ୍ତରେ ଯଦି ୫ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟୁଛି, ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁ ଛତିଶଗଡ଼ରେ ୧୭ ଜଣ ଯବାନଙ୍କ ମୃତ୍ୟୁ ଘଟୁଛି। ଏଭଳି ଆଭ୍ୟନ୍ତରୀଣ ନିରାପତ୍ତା ସମସ୍ୟାରେ ରାଫାଲ ବିମାନର କୌଣସି ଭୂମିକା ରହିବ ନାହିଁ। ସେଥିପାଇଁ ବିଗତ ବର୍ଷଗୁଡ଼ିକରେ ଅଦରକାରୀ ବିପୁଳ ଅର୍ଥ ଖର୍ଚ୍ଚକୁ କେନ୍ଦ୍ର ସରକାର ତତ୍‌କ୍ଷଣାତ୍ ବନ୍ଦ କରି ଦେଶରେ ଉପୁଜିଥିବା ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବା ଦରକାର।

କେବଳ ଶିଳ୍ପ, ବ୍ୟବସାୟ କିମ୍ବା ରାଜରାସ୍ତା ପାଇଁ ଚିନ୍ତା କଲେ ହେବ ନାହିଁ, ଦେଶବ୍ୟାପୀ ରବି ଫସଲର ଅମଳ ସମୟ ଚାଲିଛି। ଏହି ସମୟରେ କୃଷି ଶ୍ରମିକଙ୍କ ଦୁରବସ୍ଥା ସ୍ପଷ୍ଟ ଜଣାପଡୁଛି। ଆନ୍ଧ୍ର, ତେଲଙ୍ଗାନା, କର୍ଣ୍ଣାଟକଠାରୁ ଆରମ୍ଭ କରି ପଞ୍ଜାବ ପର୍ଯ୍ୟନ୍ତ ସବୁ ରାଜ୍ୟର କୃଷିକ୍ଷେତ୍ରରେ କାମ କରୁଥିବା ବହୁସଂଖ୍ୟକ ଲୋକ ବିହାର, ଓଡ଼ିଶା ଓ ପୂର୍ବ ଉତ୍ତରପ୍ରଦେଶରୁ ଯାଇଥାଆନ୍ତି। ସେହି ଲୋକମାନେ ଏବେ କର୍ମକ୍ଷେତ୍ର ଛାଡ଼ି ନିଜ ଗ୍ରାମ ଅଭିମୁଖେ ଯିବାବେଳେ ବିଭିନ୍ନ ଜାଗାରେ ଅଟକି ଯାଇଛନ୍ତି। ତତ୍‌କ୍ଷଣାତ୍ ପୁନର୍ବାର ଏହି କର୍ମଜୀବୀମାନେ ସେହିସବୁ କୃଷିକ୍ଷେତକୁ ଫେରିଯିବେ ବୋଲି ବିଶ୍ୱାସ ହେଉନାହିଁ। ସେଥିପାଇଁ ରବି ଅମଳର ସମସ୍ୟା ଆରମ୍ଭ ହୋଇଗଲାଣି। କର୍ଣ୍ଣାଟକ ଭଳି ରାଜ୍ୟରେ ଦେଶର ଅନ୍ୟ ସ୍ଥାନଠାରୁ ଶୀଘ୍ର ବର୍ଷାଋତୁ ଆସିଥାଏ। ସେଥିପାଇଁ ସେଠାରେ ଏବେଠାରୁ ଖରିଫ୍ ଫସଲ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯିବା କଥା। କିନ୍ତୁ ଶ୍ରମିକ ଅଭାବରୁ ତାହା କ୍ଷତିଗ୍ରସ୍ତ ହେବ ବୋଲି ଜଣାପଡୁଛି। ଦେଶର ଏହିସବୁ ମୁଖ୍ୟ ରାଜ୍ୟଗୁଡ଼ିକରେ କୃଷି ଶ୍ରମିକଙ୍କ ଅଭାବ ଦେଖାଦେଲେ ତାହା ଅନ୍ୟ ଏକ ବିରାଟକାୟ ସମସ୍ୟା ସୃଷ୍ଟି କରିବ। ଖାଦ୍ୟ ପଦାର୍ଥର ଅଭାବ ସୃଷ୍ଟି ହେବାକୁ ସମୟ ଲାଗିବ ନାହିଁ। ଯଦି ତାହା ହୁଏ, ତେବେ ଯେଉଁ ଅସମ୍ଭାଳ ପରିସ୍ଥିତି ଉପୁଜିବ ସେଥିପାଇଁ କେବଳ ରାଜ୍ୟ ସରକାରଗୁଡ଼ିକ ଦାୟୀ ରହିବେ।

ସମଗ୍ର ଦେଶକୁ ଲକ୍‌ଡାଉନ୍ କରାଯିବା ନେଇ ଏକ ପ୍ରଶ୍ନ ମନକୁ ଆସୁଛି–ଜୀବନ ବଞ୍ଚାଇବା ଆଗ ନା ଜୀବିକା ସୁନିଶ୍ଚିତ କରିବା ଲାଗି ପ୍ରାଥମିକତା କାହାକୁ ଦିଆଯିବା ଉଚିତ। ଦେଖିବାକୁ ଗଲେ ଉଭୟର ସମାନ ଗୁରୁତ୍ୱ ରହିଛି। କିନ୍ତୁ ପରିସ୍ଥିତି ଯାହା ଦେଖାଗଲାଣି, ଜୀବନ ବଞ୍ଚିବା ପୂର୍ବରୁ ମଣିଷ ଭୋକ ଉପାସରେ ମରିଯାଇଥିବ। କେନ୍ଦ୍ର ସରକାର କେବଳ ଗରିବଙ୍କ ଚିନ୍ତା କରୁଛନ୍ତି ବୋଲି ଦେଖେଇ ହୋଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଛି ଅର୍ଥ ପଠାଇ ଦେଉଛନ୍ତି। କିନ୍ତୁ ସେମାନଙ୍କୁ ଛାଡ଼ି ଯେଉଁ ବର୍ଗ ଭାରତୀୟ ଅର୍ଥନୀତିକୁ ଗତିଶୀଳ କରିଥାଏ, ତାହା ହେଉଛି ମଧ୍ୟବିତ୍ତ ଶ୍ରେଣୀ। ଛୋଟବଡ଼ ଦୋକାନଠାରୁ ଆରମ୍ଭକରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଅନେକ ଲକ୍ଷ ଲୋକଙ୍କୁ ରୋଜଗାରର ସୁଯୋଗ ଯୋଗାଇଥାଏ। ସେଥିପ୍ରତି ଯଦି ସରକାରଙ୍କ ଧ୍ୟାନ ନ ରହିବ ତେବେ ସାମାଜିକ ଅସ୍ଥିରତା ସୃଷ୍ଟି ହେବା ଅବଶ୍ୟମ୍ଭାବୀ।

# ଚାଷୀଙ୍କ ଦୁର୍ଦ୍ଦଶା ହଟାଇବ ନୂଆ ମାର୍ଗଦର୍ଶିକା



- ଜିଲାସ୍ତର ଅଫିସ ଖୋଲିବାକୁ ଜାରି ହେଲା ବିଜ୍ଞପ୍ତି
- କ୍ଷେତ୍ର ଅଧିକାରୀମାନେ ଚାଷୀଙ୍କୁ ଭେଟି ସମସ୍ୟା ବୁଝିବେ
- ଚାଷଜନିତ ଉପକରଣ ନ ଅଟକାଇବାକୁ ଗୃହ ବିଭାଗର ନିର୍ଦ୍ଦେଶ
- ୩୦ ନୋଡାଲ ଅଫିସରଙ୍କୁ ଦିଆଯାଇଛି ଦାୟିତ୍ୱ
- ଦୈନିକ ମନ୍ତ୍ରୀ, ସଚିବଙ୍କ ମିଳିତ ମନିଟରିଂ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ଦେଶବ୍ୟାପୀ ଲକ୍‌ଡାଉନ ବିଭିନ୍ନ ବର୍ଗର ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେଇଛି। ଚାଷୀମାନେ ତାଙ୍କ କଷ୍ଟ ଉତ୍ପାଦିତ ପନିପରିବା ଲୋକଙ୍କ ନିକଟରେ ପହଞ୍ଚାଉଥିଲେ ମଧ୍ୟ ଉଚିତ୍ ମୂଲ୍ୟ ପାଇପାରୁ ନାହାନ୍ତି। ଏହାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂତନ ମାର୍ଗଦର୍ଶିକା ଜାରି କରିବେ। ଏନେଇ ଦୈନିକ କୃଷି ଭବନରୁ ମନିଟରିଂ କରାଯାଉଥିବା କୃଷି ମନ୍ତ୍ରୀ ଅରୁଣ ସାହୁ ସୂଚନା ଦେଇଛନ୍ତି।

ଚାଷୀମାନେ ପନିପରିବା ବହୁ ଶସ୍ତାରେ ଗାଁ ଗହଳିରେ ବିକ୍ରି କରୁଛନ୍ତି। କିନ୍ତୁ ସହରରେ ତାହା ଆକାଶଛୁଆଁ ଦରରେ ବିକ୍ରି ହେଉଛି। ଲକ୍‌ଡାଉନ୍ କଟକଣା ଯୋଗୁ ଶତପ୍ରତିଶତ ଉତ୍ପାଦିତ ପନିପରିବା ବଜାରରେ ପହଞ୍ଚି ନ ପାରିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ଏହି ସମସ୍ୟାର ସମାଧାନ ଲାଗି ସରକାର କୃଷି ଏବଂ ସମବାୟ ବିଭାଗକୁ ଜରୁରୀ ବର୍ଗରେ ସାମିଲ କରିଛନ୍ତି। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ କିପରି ବଜାରରେ ପହଞ୍ଚିପାରିବ ଏବଂ ତା'ର ଉଚିତ୍ ମୂଲ୍ୟ ସେମାନେ ପାଇବେ ସେଥିପାଇଁ କୃଷି ବିଭାଗର ଜିଲା ଦାୟିତ୍ୱରେ ରହିଥିବା ୩୦ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ମିଳିଛି। ଏହି ଅଧିକାରୀମାନେ ମୁଖ୍ୟ କୃଷି ଅଧିକାରୀ (ସିଡିଏଓ), ଉଦ୍ୟାନ କୃଷି ଉପନିର୍ଦ୍ଦେଶକ(ଡିଡିଏଚ୍)ମାନଙ୍କ ସହିତ ପ୍ରଥମେ ଆଲୋଚନା କରିବେ। ଏହାସହିତ ବ୍ଲକସ୍ତରର ଉଦ୍ୟାନ ଅଧିକାରୀ ଏବଂ କୃଷି ଅଧିକାରୀଙ୍କ ଠାରୁ କୃଷକମାନଙ୍କ ସମସ୍ୟା ସମ୍ପର୍କିତ ରିପୋର୍ଟ ସଂଗ୍ରହ କରିବେ। ଏହାପରେ ନୋଡାଲ ଅଫିସରମାନେ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଏକ ବୈଠକ କରିବେ। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ପରିବହନ ନେଇ ଆବଶ୍ୟକ ପଡ଼ିଲେ ଜିଲାପାଳମାନଙ୍କ ସହିତ ମଧ୍ୟ ଆଲୋଚନା କରିବେ। ଏସବୁ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଶେଷ ହେବାପରେ ସ୍କିମ ଅଫିସରମାନେ ମାର୍ଗଦର୍ଶିକା ପ୍ରସ୍ତୁତ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

ଅକ୍ଷୟ ତୃତୀୟାରୁ ଚାଷୀମାନେ ପୁଣି ଚାଷ କାର୍ଯ୍ୟ ଆରମ୍ଭ କରିବେ। ଏଥିଲାଗି କମ୍ ସମୟ ରହିଛି। ଏହା ପୂର୍ବରୁ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରିବେ। ସେହି ଅନୁଯାୟୀ ସରକାର ଚାଷୀଙ୍କ ନିକଟରେ ବିହନ ପହଞ୍ଚାଇବା ମଧ୍ୟ ଜରୁରୀ। ଚାଷ ପାଇଁ ପାୱାର ଟ୍ରିଲର ଏବଂ ଟ୍ରାକ୍ଟର ମଧ୍ୟ ଆସିବା ଦରକାର। ଏସବୁ କିପରି ସୁରୁଖୁରୁରେ ହୋଇପାରିବ ସେଥିପ୍ରତି ସରକାର ପ୍ରାଥମିକତା ଦେବେ। ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବା ଆଦି ଜରୁରୀ କାର୍ଯ୍ୟ ମଧ୍ୟ ରହିଛି। ତେଣୁ କୃଷି ଏବଂ ସମବାୟ ବିଭାଗ ମଧ୍ୟରେ ଏନେଇ ଖୁବ୍‌ଶୀଘ୍ର ବୈଠକ ବସିବ। କୃଷି ଏବଂ ସମବାୟ ବିଭାଗକୁ ଜରୁରୀ ବର୍ଗରେ ସାମିଲ କରାଯିବାପରେ ଛୁଟି ଦିନଗୁଡିକରେ ମଧ୍ୟ ଏହାର ☞ପୃଷ୍ଠା–୪

# ଦୁର୍ବଳ ହେବ ଅଭିବୃଦ୍ଧି ହାର

**ଦକ୍ଷିଣ ଏସିଆ ଅର୍ଥନୀତିକୁ କୋଭିଡ୍ ମାଡ଼**



ବିଶ୍ୱବ୍ୟାଙ୍କ ପ୍ରତି ଦୁଇବର୍ଷରେ ଥରେ ଦକ୍ଷିଣ ଏସିଆର ଆର୍ଥିକ ସ୍ଥିତିକୁ ନେଇ ସମୀକ୍ଷା କରିଥାଏ। ସାମ୍ପ୍ରତିକ ସ୍ଥିତିରେ କରୋନା ସଂକ୍ରମଣ ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ଲକ୍‌ଡାଉନ୍ ପଦକ୍ଷେପ ବିଶ୍ୱବ୍ୟାପୀ ଅଚଳାବସ୍ଥା ସୃଷ୍ଟି କରିଛି। କୋଭିଡ୍‌ର କରୋଡା ମାଡ଼ରୁ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ମୁକୁଳିପାରି ନାହାନ୍ତି। ଏହି କ୍ଷେତ୍ରର ଭାରତ ସମେତ ୮ ରାଷ୍ଟ୍ରର ଅର୍ଥନୀତି ବହୁଳ ମାତ୍ରାରେ ପ୍ରଭାବିତ ହେବ ବୋଲି ଉକ୍ତ ସମୀକ୍ଷା ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ସେହିପରି ଦାରିଦ୍ର୍ୟ ଦୂରୀକରଣ ପାଇଁ ପୂର୍ବରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ସଫଳତାକୁ କରୋନା ଭୂତାଣୁ ଚାଟିଦେବ ବୋଲି ସତର୍କ କରାଇଦେଇଛି ସଦ୍ୟ ପ୍ରକାଶିତ 'ସାଉଥ୍ ଏସିଆ ଇକୋନୋମିକ୍ ଫୋକସ୍' ରିପୋର୍ଟ।

**ବିଶ୍ୱବ୍ୟାଙ୍କର ଆଶଙ୍କା**

- ପୋଛିନେବ ଦାରିଦ୍ର୍ୟ ଦୂରୀକରଣର ସଫଳତା
- ଚଳିତ ବର୍ଷ ୧.୮୮ରୁ ୨.୮୮% ମଧ୍ୟରେ ରହିବ ଅଭିବୃଦ୍ଧି
- ଦେଶାନ୍ତରୀ ଶ୍ରମିକଙ୍କୁ ସହାୟତା ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଆର୍ଥିକ ପ୍ୟାକେଜ୍ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୧୨।୪

ସାରା ବିଶ୍ୱରେ ମହାମାରୀ କରୋନା ଆତଙ୍କ ଖେଳାଇଛି। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଲକ୍ଷାଧିକ ଲୋକଙ୍କ ଜୀବନ ଗଲାଣି। ଏହାର ପ୍ରଭାବ ସବୁ ରାଷ୍ଟ୍ରର ଅର୍ଥନୀତିକୁ ଦୋହଲାଇ ଦେଇଛି। ବିଶେଷକରି ଭାରତ ସମେତ ଦକ୍ଷିଣ ଏସିଆର ୮ ରାଷ୍ଟ୍ରର ଅର୍ଥନୈତିକ ଅବସ୍ଥା ଗତ ୪୦ ବର୍ଷ ମଧ୍ୟରେ ସବୁଠାରୁ ଖରାପ ସ୍ଥିତିରେ ରହିବ। ସେହିପରି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଅତୀତରେ ମିଳିଥିବା ସଫଳତାକୁ କୋଭିଡ୍–୧୯ର କୋରଡ଼ା ମାଡ଼ ଅନେକାଂଶରେ ପୋଛିନେବ ବୋଲି ଆକଳନ କରିଛି ବିଶ୍ୱ ବ୍ୟାଙ୍କ।

କରୋନା ସଂକ୍ରମଣ ଯୋଗୁ ହେଉଥିବା ଆର୍ଥିକ କ୍ଷତି ନେଇ ସାଉଥ୍ ଏସିଆ ଇକୋନୋମିକ୍ ଫୋକସ୍ ପକ୍ଷରୁ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ୬ ମାସ ତଳେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ଅଭିବୃଦ୍ଧି ହାର ୬.୩% ରହିବ ବୋଲି ଆକଳନ କରାଯାଉଥିବାବେଳେ ଏବେ ଉକ୍ତ ରିପୋର୍ଟରେ ପ୍ରକାଶିତ ତଥ୍ୟ ସମସ୍ତଙ୍କୁ ଚକିତ କରିଦେଇଛି। ସୂଚନାନୁସାରେ ଚଳିତ ବର୍ଷ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ଅଭିବୃଦ୍ଧି ମାତ୍ର ୧.୮୮ ରୁ ୨.୮୮% ମଧ୍ୟରେ ସୀମିତ ରହିବ। ସର୍ବବୃହତ୍ ଅର୍ଥନୀତି କୁହାଯାଉଥିବା ଭାରତରେ ୨୦୨୦–୨୧ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୧.୫–୨.୮% ରହିବ ବୋଲି ☞ପୃଷ୍ଠା–୪

# ଅଟକାଇବାରୁ ପୋଲିସଙ୍କ ହାତ କାଟିଦେଲେ

**ଗୁରୁଦ୍ୱାରାରୁ ୮ ଗିରଫ**

ଚଣ୍ଡିଗଡ଼,୧୨।୪(ପି.ଟି.)

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ ସାଧାରଣ ଯାତାୟାତ ଉପରେ କଟକଣା ଜାରି ହୋଇଛି। ଜରୁରୀ କାର୍ଯ୍ୟ ଥିଲେ ଅନୁମତି ପତ୍ର କିମ୍ବା ପାସ୍ ଦେଖାଇ ଛଡ଼ାଯାଉଛି। ଏଭଳି ସ୍ଥିତିରେ ପାସ୍ ଦେଖାଇବା ପାଇଁ ଗାଡ଼ି ଅଟକାଇବାରୁ ଶିଖ୍ ସମ୍ପ୍ରଦାୟର କେତେଜଣ ଲୋକ ପୋଲିସ ଉପରେ ଆକ୍ରମଣ କରିଛନ୍ତି। ସେମାନେ ଖଣ୍ଡାରେ ଜଣେ ଏଏସ୍‌ଆଇଙ୍କ ହାତ କାଟି ଅଲଗା କରିଦେବା ସହ ଅନ୍ୟ ଦୁଇଜଣଙ୍କୁ ଆହତ କରିଛନ୍ତି। ପଞ୍ଜାବ ପଟିଆଲା ଜିଲାର ସନଉର୍ ସହରରେ ଥିବା ଏକ ପରିବା ବଜାରରେ ରବିବାର ସକାଳେ ଏହି ଆକ୍ରମଣ ହୋଇଛି। ☞ପୃଷ୍ଠା–୪




**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

ଆଜିର ଦିବସ ହେଉ 'କରୋନା' ବିରୋଧରେ ଆମର ବିଜୟ ସଂକଳ୍ପ ଦିବସ। ଆସନ୍ତୁ, 'କରୋନା' ସଂକ୍ରମଣକୁ ପ୍ରତିହତ କରି ଓଡ଼ିଶାର ନବକଳେବରରେ ସାମିଲ ହେବା।

(ଗଣେଶୀ ଲାଲ)

OIPR-15001/13/0003/2021 DADLS-03



**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଆସନ୍ତୁ, ଆମେ ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା।

ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ। ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0003/2021 DADLS-03



**ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

ସମଗ୍ର ବିଶ୍ୱ କରୋନା ମହାମାରୀ ବିରୋଧରେ ଲଢୁଛି। ମୁଁ ନିବେଦନ କରୁଛି, ଏଭଳି କଠିନ ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦିଆଯାଉଥିବା ପରାମର୍ଶକୁ ଗ୍ରହଣ କରି ନିଜେ ସୁସ୍ଥ ରୁହନ୍ତୁ ଏବଂ ଆପଣଙ୍କ ପରିବାର ଓ ସମାଜକୁ କରୋନା କବଳରୁ ସୁରକ୍ଷିତ ରଖନ୍ତୁ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0003/2021 DADLS-03

## ଦିଲ୍ଲୀରେ ଭୂକମ୍ପ

ଦିଲ୍ଲୀ ଓ ଏନ୍‌ସିଆର୍‌ରେ ରବିବାର ସନ୍ଧ୍ୟା ୫ଟା ୪୫ରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ୩.୫ ତୀବ୍ରତା ବିଶିଷ୍ଟ ଭୂକମ୍ପର କେନ୍ଦ୍ରସ୍ଥଳ ଏନ୍‌ସିଟି ଦିଲ୍ଲୀର ୮ କି.ମି. ଗଭୀରରେ ବୋଲି କୁହାଯାଉଛି। କିଛି ସେକେଣ୍ଡ ପର୍ଯ୍ୟନ୍ତ କମ୍ପନ ଅନୁଭୂତ ହେବାରୁ ବହୁସଂଖ୍ୟାରେ ଲୋକେ ଭୟରେ ଘର ବାହାରକୁ ଚାଲିଆସିଥିଲେ।




## ଲକ୍‌ଡାଉନ୍ ବେଳେ ଜୀବନ ଜୀବିକା


ଜମ୍ମୁର ମହୁମାଛି ପାଳକମାନେ କୃତ୍ରିମ ଫେଣାରୁ ମହୁ କାଢୁଛନ୍ତି।


ବିହାରର ଶରନ ଜିଲା ଚାଷୀମାନେ ଡଙ୍ଗାରେ ପରିବା ନେଇ ଯାଉଛନ୍ତି।


ପ୍ରୟାଗରାଜସ୍ଥିତ ଏକ କମ୍ୟୁନିଟି କିଚେନ୍ ବାହାରେ ଖାଦ୍ୟ ଗ୍ରହଣ ପାଇଁ ରୁଣ୍ଡ ହୋଇଛନ୍ତି ଲୋକେ।

# ଦିନକରେ ୯୦୯ ପଜିଟିଭ



- ୨୪ ଘଣ୍ଟାରେ ଗଡ଼ିଲା ୩୪ ମୁଣ୍ଡ
- ଭାରତରେ ଗଲାଣି ୩୦୩ ଜୀବନ
- ଆକ୍ରାନ୍ତଙ୍କ ସଂଖ୍ୟା ୯,୦୭୫

ନୂଆଦିଲ୍ଲୀ,୧୨।୪: ପରିସ୍ଥିତି ବିଗିଡ଼ିବାରେ ଲାଗିଛି। କରୋନା ଭୂତାଣୁ ମହାମାରୀର ରୂପ ନେଇ ଭାରତକୁ ଗ୍ରାସ କରିବାରେ ଲାଗିଛି। ରବିବାର ୯୦୯ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ପରେ ଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୯,୧୬୬ରେ ପହଞ୍ଚିଛି। ମୋଟ ୩୨୫ ଜୀବନ ଗଲାଣି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ତାଲିକାରେ ରହିଛନ୍ତି ମହାରାଷ୍ଟ୍ର, ତାମିଲନାଡୁ, ରାଜଧାନୀ ଦିଲ୍ଲୀ, ରାଜସ୍ଥାନ ଓ ମଧ୍ୟପ୍ରଦେଶ। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧,୯୮୨ରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ୧୪୯ ରହିଛି। ଗୋଟିଏ ଦିନରେ ଏଠି ୨୨୧ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୧,୦୭୫ରେ ପହଞ୍ଚିଛି। ଏହି ରାଜ୍ୟରେ ୧୧ ବ୍ୟକ୍ତି କରୋନା ଭୂତାଣୁରେ ପ୍ରାଣ ହରାଇଛନ୍ତି। ଗତ ୨୪ ଘଣ୍ଟାରେ ଏଠାରେ ପୁଣି ୧୦୬ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜଧାନୀ ଦିଲ୍ଲୀରେ ଏହି ମହାମାରୀ ଭୂତାଣୁ ୧,୧୫୪ ଲୋକଙ୍କୁ କବଳିତ କରିଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୨୪ ଛୁଇଁଛି। ପୁଣି ୮୫ ଭୂତାଣୁ ଆକ୍ରାନ୍ତଙ୍କୁ ଏଠାରେ ଚିହ୍ନଟ କରାଯାଇଛି। ରାଜସ୍ଥାନରେ ଅଦ୍ୟାବଧି ୭୯୬ ସଂକ୍ରମିତ ଥିବାବେଳେ ରବିବାର ୯୬ ରୋଗୀ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ଏଠାରେ ୯ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ମଧ୍ୟପ୍ରଦେଶରେ ୪୩ ମୁଣ୍ଡ ଗଡ଼ିଲାଣି। ନୂଆ ୩୩୩ ସଂକ୍ରମିତଙ୍କୁ ମିଶାଇ ଏଠାରେ ମୋଟ ୫୬୨ ରୋଗୀ ରହିଥିବା ଜଣାପଡ଼ିଛି। ଗୁଜରାଟରେ ୫୧୬ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୨୪କୁ ବୃଦ୍ଧିପାଇଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ୫୦୩ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୧୪ ରହିଛି। ସେହିଭଳି କେରଳରେ ୨ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩୭୫ରେ ପହଞ୍ଚିଛି। ଉତ୍ତରପ୍ରଦେଶରେ ୪୮୦ କରୋନା ଆକ୍ରାନ୍ତ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୫ ରହିଛି।

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧,୮୯୫ | ୧,୫୬୦ | ୨୦୮ | ୧୨୭ |
| ତାମିଲନାଡୁ | ୧,୦୭୫ | ୧,୦୧୪ | ୫୦ | ୧୧ |
| ଦିଲ୍ଲୀ | ୧,୦୬୯ | ୧,୦୨୩ | ୨୭ | ୧୯ |
| ତେଲଙ୍ଗାନା | ୫୦୩ | ୩୯୩ | ୯୬ | ୧୪ |
| କେରଳ | ୩୭୫ | ୧୯୪ | ୧୭୯ | ୨ |
| ଉତ୍ତରପ୍ରଦେଶ | ୪୮୦ | ୪୩୦ | ୪୫ | ୫ |
| ଆନ୍ଧ୍ରପ୍ରଦେଶ | ୪୨୦ | ୪୦୧ | ୧୨ | ୭ |
| ରାଜସ୍ଥାନ | ୭୯୬ | ୬୭୧ | ୧୧୬ | ୯ |
| ମଧ୍ୟପ୍ରଦେଶ | ୫୬୨ | ୪୭୮ | ୪୧ | ୪୩ |
| କର୍ଣ୍ଣାଟକ | ୨୩୨ | ୧୭୨ | ୫୪ | ୬ |
| ଗୁଜରାଟ | ୫୧୬ | ୪୪୮ | ୪୪ | ୨୪ |
| ହରିୟାଣା | ୧୯୫ | ୧୪୮ | ୪୪ | ୩ |
| ଜମ୍ମୁ-କଶ୍ମୀର | ୨୪୪ | ୨୩୪ | ୬ | ୪ |
| ପଶ୍ଚିମବଙ୍ଗ | ୧୩୪ | ୧୧୦ | ୧୯ | ୫ |
| ପଞ୍ଜାବ | ୧୭୦ | ୧୩୫ | ୨୩ | ୧୨ |
| ଓଡ଼ିଶା | ୫୪ | ୪୧ | ୧୨ | ୧ |
| ବିହାର | ୬୪ | ୩୭ | ୨୬ | ୧ |
| ଉତ୍ତରାଖଣ୍ଡ | ୩୫ | ୩୦ | ୫ | - |
| ଆସାମ | ୨୯ | ୨୮ | - | ୧ |
| ଚଣ୍ଡିଗଡ଼ | ୨୧ | ୧୪ | ୭ | - |
| ଲଦାଖ | ୧୫ | ୪ | ୧୧ | - |
| ହିମାଚଳ ପ୍ରଦେଶ | ୩୨ | ୨୧ | ୯ | ୨ |
| ଆଣ୍ଡାମାନ ଓ ନିକୋବର | ୧୧ | ୧ | ୧୦ | - |
| ଛତିଶଗଡ଼ | ୨୫ | ୧୬ | ୯ | - |
| ଗୋଆ | ୭ | ୨ | ୫ | - |
| ପୁଡୁଚେରୀ | ୭ | ୬ | ୧ | - |
| ଝାଡ଼ଖଣ୍ଡ | ୧୭ | ୧୫ | - | ୨ |
| ମଣିପୁର | ୨ | ୧ | ୧ | - |
| ଅରୁଣାଚଳ ପ୍ରଦେଶ | ୧ | ୧ | - | - |
| ଦାଦ୍ରା ଓ ନଗର ହାବେଳି | ୧ | ୧ | - | - |
| ମିଜୋରାମ | ୧ | ୧ | - | - |
| ତ୍ରିପୁରା | ୨ | ୨ | - | - |
| ମୋଟ | ୯,୦୭୫ | ୭,୭୧୧ | ୧,୦୬୧ | ୩୦୩ |

https://www.covid19india.org ତଥ୍ୟ ଅନୁଯାୟୀ (ରବିବାର ରାତି ୯ଟା ସୁଦ୍ଧା)

## ଆମେରିକାରେ ବଡ଼ ବିପତ୍ତି

### ଘୋଷଣା କଲେ ଟ୍ରମ୍ପ ଇତିହାସରେ ପ୍ରଥମ



ୱାଶିଂଟନ୍,୧୨।୪: ମହାମାରୀ କରୋନା ଶକ୍ତିଶାଳୀ ଆମେରିକାକୁ ଦୋହଲାଇ ଦେଇଛି। ଇତିହାସରେ ପ୍ରଥମ ଥରପାଇଁ ଦେଶର ସମସ୍ତ ୫୦ ରାଜ୍ୟରେ ବଡ଼ ବିପତ୍ତି(ମେଜର ଡିଜାଷ୍ଟର) ଘୋଷଣା କରାଯାଇଛି। ଇତିମଧ୍ୟରେ ଆମେରିକାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ଲକ୍ଷ ୩୦ହଜାରରେ ପହଞ୍ଚିଥିବାବେଳେ ମୃତ୍ୟୁ ସଂଖ୍ୟା ୨୦ହଜାରରୁ ଊର୍ଦ୍ଧ୍ୱ ହେଲାଣି। ବିଶେଷକରି ନ୍ୟୁୟର୍କରେ ମୃତ୍ୟୁ ସଂଖ୍ୟା ୬,୩୦୦ରେ ପହଞ୍ଚିଲାଣି। ଏଭଳି ସ୍ଥିତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ୱୋମିଙ୍ଗ ରାଜ୍ୟରେ ବଡ଼ ବିପତ୍ତି ଘୋଷଣା କରିଛନ୍ତି। ମହାମାରୀ କରୋନା ଦ୍ୱାରା ଆମେରିକାର ସବୁ ରାଜ୍ୟର ଲୋକମାନେ ପ୍ରଭାବିତ ହୋଇଛନ୍ତି। ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଅବସ୍ଥା ଆମେରିକା ଇତିହାସରେ ପ୍ରଥମ ଥର ଦେଖାଦେଇଛି ବୋଲି ଡେପୁଟି ପ୍ରେସ୍ ସେକ୍ରେଟାରୀ ଜୁଡୋ ଡିରେ ପ୍ରକାଶ କରିଛନ୍ତି। ୱୋମିଙ୍ଗରେ ହୋଇଥିବା ଏହି ଘୋଷଣା ଆମେରିକାର ସମସ୍ତ ରାଜ୍ୟ ପାଇଁ ଲାଗୁ ହେବ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି।

## ୨୪ ଘଣ୍ଟାରେ ୩,୫୦୦ ମୃତ

ୱାଶିଂଟନ/ରୋମ୍/ଲଣ୍ଡନ,୧୨।୪

କରୋନା ଭୂତାଣୁ ଆଣିଦେଇଛି ଭୟଙ୍କର ବିପତ୍ତି। ମୁଣ୍ଡ ପରେ ମୁଣ୍ଡ ଗଡ଼ି ଚାଲିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୮ ଲକ୍ଷ ୧୧ ହଜାର ଟପିଛି। ମୋଟ ୧ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବା ବେଳେ ପରିସ୍ଥିତି ବିଷମୟ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ବିଶ୍ୱରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୩୨ ହଜାର ଟପିଛି। ଏହି ସମୟ ମଧ୍ୟରେ ୩୫ ହଜାର ଲୋକ ପ୍ରାଣ ହରାଇଛନ୍ତି। ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୫.୩୬ ଲକ୍ଷରେ ପହଞ୍ଚିଛି। ମୃତ୍ୟୁସଂଖ୍ୟା ବଢ଼ି ୨୧,୪୨୦ ଛୁଇଁଛି। ଗୋଟିଏ ଦିନରେ ଏଠି ୩ ହଜାର ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୮୩୫ ଲୋକଙ୍କ ଜୀବନ ଯାଇଛି। ସ୍ପେନ୍‌ରେ ମୃତ୍ୟୁସଂଖ୍ୟା ୧୬,୯୭୫ରେ ପହଞ୍ଚିଛି। ଏଠାରେ ୧.୬୬ ଲକ୍ଷ ଆକ୍ରାନ୍ତ ଅଛନ୍ତି। ସେହିଭଳି ଇଟାଲୀରେ ୧.୫୬ ଲକ୍ଷରୁ ଊର୍ଦ୍ଧ୍ୱ ଭୂତାଣୁ ଆକ୍ରାନ୍ତ ଥିବାବେଳେ ୧୯,୯୦୦ ଲୋକ ପ୍ରାଣ ହରାଇଲେଣି। ଫ୍ରାନ୍ସ ଓ ଜର୍ମାନୀରେ ଲକ୍ଷାଧିକ ସଂକ୍ରମିତ ଥିବା ବେଳେ ମୃତ୍ୟୁସଂଖ୍ୟା ଯଥାକ୍ରମେ ୧୩,୮୩୦ ଏବଂ ୨,୯୧୦ ରହିଛି। ବ୍ରିଟେନରେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିଛି।

## ବିକଶିତ ହେଉଛି ୪୦ରୁ ଅଧିକ ଭାକ୍ସିନ

ନୂଆଦିଲ୍ଲୀ,୧୨ ।୪: କରୋନା ସଂକ୍ରମଣର ମୁକାବିଲା ପାଇଁ ୪୦ରୁ ଊର୍ଦ୍ଧ୍ୱ ଭାକ୍‌ସିନ ବିକଶିତ ହେଉଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିନାହିଁ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

## ଧରାବିରେ ୪୩ ସଂକ୍ରମିତ, ୪ ମୃତ




ନୂଆଦିଲ୍ଲୀ,୧୨।୪: ଏସିଆ ମହାଦେଶର ସର୍ବବୃହତ୍ ବସ୍ତି ଭାବେ ପରିଚିତ ମୁମ୍ବାଇର ଧରାବିରେ ୧୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ରବିବାର ସୁଦ୍ଧା ସେଠାରେ ସଂକ୍ରମିତଙ୍କ ସଂଖ୍ୟା ୪୩ରେ ପହଞ୍ଚିଛି। ୧୨ ଦିନ ପୂର୍ବରୁ ଏଠାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଶନିବାର ଏହି ଅଞ୍ଚଳର ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କର କସ୍ତୁରବା ହସ୍ପିଟାଲରେ ମୃତ୍ୟୁ ହେବା ପରେ ବସ୍ତି ଅଞ୍ଚଳରେ କରୋନାଜନିତ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି। ନୂଆ ୧୫ ସଂକ୍ରମିତଙ୍କ ମଧ୍ୟରୁ ୯ ଜଣ ଶନିବାର ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଏହା ଜଣାପଡିବା ପରେ କେଉଁମାନେ ସଂକ୍ରମିତ ହେବାର ଅଧିକ ସମ୍ଭାବନା ଅଛି, ପ୍ରଶାସନ ତାହାର ଅନୁଧ୍ୟାନ କରୁଛି। ମାତ୍ର ୨୪୦ ହେକ୍ଟର ଆୟତନ ବିଶିଷ୍ଟ ଏହି ବସ୍ତିରେ ୮ ଲକ୍ଷ ୫୦ ହଜାର ଲୋକ ବାସ କରୁଥିବାରୁ ଏହା ଚିନ୍ତା ବଢ଼ାଇଦେଇଛି। ଅର୍ଥାତ୍ ଏଠାରେ ବର୍ଗ କିଲୋମିଟର ପ୍ରତି ଜନସଂଖ୍ୟା ଘନତ୍ୱ ୬୬,୦୦୦ ରହିଛି। ଲକ୍‌ଡାଉନ ଯେପରି କଡ଼ାକଡ଼ି ପାଳନ ହେବ ସେଥିପାଇଁ ପୋଲିସ, ପ୍ରଶାସନ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି।

## ହସ୍ପିଟାଲ ଛାଡ଼ିଲେ ବୋରିସ୍



ଲଣ୍ଡନ,୧୨ ।୪: କୋଭିଡ୍ ଆକ୍ରାନ୍ତ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ରବିବାର ସୁସ୍ଥ ହୋଇ ହସ୍ପିଟାଲ ଛାଡ଼ିଛନ୍ତି। ତେବେ ସେ ତୁରନ୍ତ କାମ ଆରମ୍ଭ କରିବେ ନାହିଁ ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ୧୦ ଦିନ ତଳେ ୫୫ ବର୍ଷୀୟ ବୋରିସ୍‌ଙ୍କର କରୋନା ଭାଇରସ୍ ପଜିଟିଭ ବାହାରିବା ପରେ ତାଙ୍କୁ ଲଣ୍ଡନସ୍ଥିତ ସେଣ୍ଟ ଥୋମାସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାସହ ତାଙ୍କୁ ୩ ଦିନ ଧରି ଇଣ୍ଟେନ୍‌ସିଭ କେୟାର ୟୁନିଟ (ଆଇସିୟୁ)ରେ ମଧ ରଖାଯାଇଥିଲା। ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ତାଙ୍କ ଚେକର୍ସ ବାସଭବନରେ ରହି ଚିକିତ୍ସିତ ହେବେ। ମେଡିକାଲ ଟିମ୍‌ର ପରାମର୍ଶକ୍ରମେ ସେ ଏବେ ନିଜ କାର୍ଯ୍ୟରେ ଯୋଗଦେବେ ନାହିଁ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ସେବା ପାଇଁ ବୋରିସ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପାଶ୍ୱାନଙ୍କ ବାରିକ ସାଜିଲେ ପୁଅ ଚିରାଗ



ନୂଆଦିଲ୍ଲୀ,୧୨।୪: ଲକ୍‌ଡାଉନ୍ ବେଳେ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଚୁଟି ଓ ଦାଢ଼ି କାଟୁଛନ୍ତି ପୁଅ ଚିରାଗ ପାଶ୍ୱାନ। ଲୋକ ଜନଶକ୍ତି ପାର୍ଟି ଅଧ୍ୟକ୍ଷ ଚିରାଗ ରବିବାର ଏନେଇ ଟ୍ୱିଟର୍‌ରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ଏକ ଇଲେକ୍ଟ୍ରିକ୍ ଟ୍ରିମର୍‌ରେ ବାପାଙ୍କ ନିଶଦାଢ଼ି ସାଇଜ୍ କରୁଥିବା ଦେଖିବାକୁ ମିଳିଛି। ପାଶ୍ୱାନ ଏକ ଦର୍ପଣ ଧରି ଚେୟାରରେ ବସିଥିବାବେଳେ ଚିରାଗ ତାଙ୍କର ନିଶଦାଢ଼ି ଟ୍ରିମିଙ୍ଗ୍ ସହ ଚୁଟି କାଟୁଛନ୍ତି। ଉକ୍ତ ପୋଷ୍ଟରେ ସେ ଲେଖିଛନ୍ତି, ଲକ୍‌ଡାଉନ୍ ଏକ କଠିନ ସମୟ ଆଣିଥିଲେ ମଧ୍ୟ ଏହାର ଏକ ଭଲ ଦିଗ ରହିଛି। ଏପରି ଦକ୍ଷତା ରହିଥିବା ନେଇ ପୂର୍ବରୁ ଜଣା ନ ଥିଲା। କରୋନା ଭାଇରସ୍ ବିରୋଧରେ ଚାଲନ୍ତୁ ଲଢ଼େଇ କରିବା ଓ ସୁନ୍ଦର ସ୍ମୃତି ଗଢ଼ି ତୋଳିବା।

## ଆରୋଗ୍ୟ ହେଲେଣି ୪ ଲକ୍ଷରୁ ଊର୍ଦ୍ଧ୍ୱ

ଟମ୍ପଲା,୧୨।୪


କରୋନା ଭାଇରସ୍ ଅଦ୍ୟାବଧି ୧୦୮,୧୬୭ ଲୋକଙ୍କ ଜୀବନ ନେଇସାରିଥିବାବେଳେ ୪ ଲକ୍ଷରୁ ଅଧିକ ସଂକ୍ରମିତ ଏହି ମହାମାରୀ ବିରୋଧରେ ଲଢ଼େଇ କରି ଜୀବନ ଯୁଦ୍ଧ ଜିତି ସାରିଲେଣି। ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି ଆଣ୍ଡ ମେଡିସିନ ପକ୍ଷରୁ ଜାରି ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି।

ଏହି ବିଶ୍ୱବିଦ୍ୟାଳୟର କରୋନା ଭାଇରସ୍ ରିସୋର୍ସ ସେଣ୍ଟର ଅନୁସାରେ ସାରା ବିଶ୍ୱର ୪୦୧,୩୨୩ ସଂକ୍ରମିତ ଭୂତାଣୁରୁ ମୁକ୍ତ ହୋଇସାରିଲେଣି। ସେମାନଙ୍କ ମଧ୍ୟରେ କେବଳ ଆମେରିକାର ୩୦,୫୮୦ ଜଣ ଅଛନ୍ତି। ଶନିବାର ରାତି ସୁଦ୍ଧା ଚାଇନାରେ ବିଶ୍ୱର ସର୍ବାଧିକ ୧,୭୬୫,୦୩୦ କରୋନା ଭାଇରସ୍ ପଜିଟିଭ୍ ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ହେ ପ୍ରଭୁ ଯିଶୁ...


କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ରବିବାର ଭାଟିକାନ୍ ସିଟିର ସେଣ୍ଟ ପିଟର୍ସ ବାସିଲିକାରେ ଏକୁଟିଆ ଇଷ୍ଟର ସଣ୍ଡେ ପାଳନ କରୁଛନ୍ତି।

## ବାଂଲାବନ୍ଧୁଙ୍କ ହତ୍ୟାକାରୀଙ୍କୁ ଫାଶୀ


ଅବଦୁଲ ମଜେଦ

ଢାକା,୧୨।୪: ବାଂଲାଦେଶର ପ୍ରତିଷ୍ଠାତା ତଥା ବାଂଲାବନ୍ଧୁ ନାମରେ ପରିଚିତ ଶେଖ୍ ମୁଜିବୁର ରହମନଙ୍କ ହତ୍ୟାକାରୀ ପୂର୍ବତନ କ୍ୟାପ୍‌ଟେନ ଅବଦୁଲ ମଜେଦଙ୍କୁ ରବିବାର ଫାଶୀ ଦିଆଯାଇଛି। ୨୫ ବର୍ଷ ଫେରାର ରହିବା ପରେ ତାଙ୍କୁ ଗତ ମଙ୍ଗଳବାର ଗିରଫ କରାଯାଇଥିଲା। ପାକିସ୍ତାନରୁ ଅଲଗା ହୋଇ ବାଂଲାଦେଶ ସ୍ୱାଧୀନ ହେବାର ୪ ବର୍ଷ ପରେ ୧୯୭୫ ଅଗଷ୍ଟ ୧୫ରେ ଏକ ସାମରିକ ବିଦ୍ରୋହ ବଳରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପିତା ମୁଜିବୁର ରହମନଙ୍କ ସମେତ ତାଙ୍କ ପରିବାରର ଅଧିକାଂଶ ସଦସ୍ୟଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଫେରାର କ୍ୟାପଟେନ୍ ଅବଦୁଲ ମଜେଦ୍‌ଙ୍କ ସମେତ ୧୨ ଜଣ ସେନାଧିକାରୀଙ୍କୁ ୧୯୯୮ରେ ଫାଶୀଦଣ୍ଡାଦେଶ ଦିଆଯାଇଥିଲା।

## ୧୫ ପାକ୍ ସୈନ୍ୟ, ୮ ଆତଙ୍କବାଦୀ ନିହତ

### ଏଲଓସିରେ ସେନାର ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୨।୪

ନିୟନ୍ତ୍ରଣ ରେଖା ଆରପଟେ ଥିବା କେରନ ସେକ୍ଟରରେ ଭାରତୀୟ ସେନା ପକ୍ଷରୁ ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ୮ ଆତଙ୍କବାଦୀ ଏବଂ ୧୫ ପାକ୍ ସୈନ୍ୟ ନିହତ ହୋଇଥିବା ସାମରିକ ବାହିନୀ ସୂତ୍ରରୁ ଜଣାପଡ଼ିଛି। ଏହା ପାକିସ୍ତାନ ପାଇଁ ଏକ ବଡ଼ ବାର୍ତ୍ତା ବୋଲି ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନର ଠିକଣା ଜବାବ ଦେବାକୁ ଯାଇ ଭାରତୀୟ ଯବାନମାନେ କିଷନଗଙ୍ଗା ନଦୀକୂଳରେ ଥିବା ଦୁଧନିଆଲ ସହରକୁ ଟାର୍ଗେଟ କରିଥିଲେ।

ଗତ ୫ ତାରିଖରେ ସେନାର ଏକ ସ୍ୱତନ୍ତ୍ର ବାହିନୀ ଉକ୍ତ ଅଞ୍ଚଳର ୫ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ଜମ୍ମୁ-କଶ୍ମୀରର ହୋଇଥିବାବେଳେ ଅନ୍ୟ ୨ ଜଣ ଜୈଶ୍-ଇ-ମହମ୍ମଦ ସଂଗଠନରେ ତାଲିମ ନେଉଥିଲେ। ଭାରତୀୟ ସେନା ଶାର୍ଦ୍ଦା, ଦୁଧନିଆଲ, ଶାହକୋଟ ସେକ୍ଟରକୁ ଟାର୍ଗେଟ କରି ଗୁଳିମାଡ଼ କରିଥିବା ପାକିସ୍ତାନ ସ୍ୱୀକାର କରିଛି। ଏହି ଗୁଳିମାଡ଼ରେ ଜଣେ ନାବାଳିକା ସମେତ ୪ ଜଣ ସାଧାରଣ ନାଗରିକ ଗୁରୁତର ଆହତ ହୋଇଥିବା ଇସ୍‌ଲାମାବାଦ କହିଛି।

ଗୋଇନ୍ଦା ରିପୋର୍ଟ ଅନୁଯାୟୀ ୧୦ ତାରିଖରେ ସେନା କାର୍ଯ୍ୟାନୁଷ୍ଠାନରେ କେରନ ସେକ୍ଟରରେ ୮ ଆତଙ୍କବାଦୀ ଓ ୧୫ ପାକ୍ ସୈନ୍ୟ ନିହତ ହୋଇଛନ୍ତି। ଏଥିସହିତ ଦୁଧନିଆଲ ସହରର କେତେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି। କେରନ ସେକ୍ଟରରେ ଥିବା ଲଞ୍ଚ ପ୍ୟାଡ୍‌ଗୁଡ଼ିକୁ ଭାରତୀୟ ସେନା ଟାର୍ଗେଟ କରିଥିଲା। ଏହି ଲଞ୍ଚପ୍ୟାଡ୍‌ଗୁଡ଼ିକରେ ପାଖାପାଖି ୧୬୦ ଆତଙ୍କବାଦୀ କଶ୍ମୀରରେ ଅନୁପ୍ରବେଶ ଲାଗି ଅପେକ୍ଷା କରି ରହିଥିବା ଜଣାପଡ଼ିଛି। ସେହିପରି ରାଜୌରୀ ଓ ଜମ୍ମୁ ସେକ୍ଟରରେ ଅନୁପ୍ରବେଶ କରିବା ଲାଗି ସୀମାରେ ୭୦ ଜୈଶ୍ ଆତଙ୍କବାଦୀ ସୁଯୋଗ ଅପେକ୍ଷାରେ ଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି।

### ସୀମାପାର ଗୁଳିରେ ୩ ମୃତ

ଶ୍ରୀନଗର,୧୨।୪(ପି.ଟି.): ଜମ୍ମୁ-କଶ୍ମୀରର କେରନ ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣରେଖାରେ ରବିବାର ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ୩ ନାଗରିକଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୫ଟାରେ ପାକ୍ ସୈନ୍ୟ ଜନବସତି ଅଞ୍ଚଳକୁ ଟାର୍ଗେଟ କରି ଗୁଳିମାଡ଼ କରିଥିଲେ। ସୂଚନାଯୋଗ୍ୟ, ଗତ ରବିବାର ଏହି ସେକ୍ଟରରେ ଭାରତୀୟ ସେନାର ବଡ଼ ଧରଣର ଅଭିଯାନରେ ଅନୁପ୍ରବେଶ ଉଦ୍ୟମ କରୁଥିବା କେତେକ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିରେ ୫ ସେନା କମାଣ୍ଡୋ ପ୍ରାଣ ହରାଇଥିଲେ।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨ା୪(ବ୍ୟୁରୋ)

କରୋନା(କୋଭିଡ୍-୧୯) ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଛି। ଦେଶରେ ଏହି ମାରାତ୍ମକ ରୋଗ ବେଳକୁବେଳ ଭୟଙ୍କର ହେବାରେ ଲାଗିଛି। ଏହି ରୋଗର ଚିକିତ୍ସା କରିବା ସହିତ ସ୍କ୍ରିନିଂ ଏବଂ ସ୍ୱାବ୍ ନମୁନା ପରୀକ୍ଷା କରିବା ଭଳି ବିପଜ୍ଜନକ କାର୍ଯ୍ୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନିୟୋଜିତ ଅଛନ୍ତି। ଅନେକ ସମୟରେ ସେମାନେ ଲୋକମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ନିଜ ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟସେବାରେ ଲାଗିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ପୋଲିସ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ହସ୍ପିଟାଲ ପରିସରରେ, କୋଭିଡ୍-୧୯ଚିହ୍ନଟ ହୋଇଥିବା ଏବଂ କ୍ୱାରାଣ୍ଟାଇନରେ ଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଯାଞ୍ଚ କିମ୍ବା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଆକ୍ରମଣ ହେଉଛି। ସେଠାରେ ଆବଶ୍ୟକ ପୋଲିସ ସୁରକ୍ଷା ଯୋଗାଇ ଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

# 'ହାତପାଆନ୍ତାରେ ସହାୟତା ପହଞ୍ଚାଇବାକୁ ପ୍ରାଥମିକତା'

ଭୁବନେଶ୍ୱର,୧୨ା୪(ବ୍ୟୁରୋ)

ରାଜ୍ୟର ୧୯,୦୫୯ ପରିବାରର ୫୧,୭୭୬ ଜଣଙ୍କୁ ଗତ ମାର୍ଚ୍ଚ ୨୧ରୁ ଏପ୍ରିଲ ୧୧ ତାରିଖ ମଧ୍ୟରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ଅନ୍ତର୍ଭୁକ୍ତ କରାଯିବା ପ୍ରକ୍ରିୟା ଜାରି ରହିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ରାଜ୍ୟ ପକ୍ଷରୁ ୫.୬୫ ଲକ୍ଷ ମେଟ୍ରିକ ଟନ୍ ପରିମାଣର ଶସ୍ୟ(ଚାଉଳ ଏବଂ ଗହମ) ଯୋଗାଇ ଦିଆଗଲାଣି। ଏପ୍ରିଲ, ମେ ଏବଂ ଜୁନ୍ ମାସ ବାବଦକୁ ହିତାଧିକାରୀ ଏହି ସହାୟତା ପ୍ରଦାନ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ଗ୍ରାମୀଣ ଓଡ଼ିଶାରେ ଅବିରତ ରନ୍ଧାଖାଦ୍ୟ ମାଗଣାରେ ବଣ୍ଟନ ଜାରି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରବିବାର ଅପରାହ୍ନ ୨ଟା ସୁଦ୍ଧା ୩୧୪ ବ୍ଲକର ୬୭୯୮ ଗ୍ରାମପଞ୍ଚାୟତ ମଧ୍ୟରୁ ୫୪୭୬ ପଞ୍ଚାୟତରେ ମାଗଣା ଖାଦ୍ୟ ବଣ୍ଟନ କରାଯାଇଛି। ୩,୪୧,୮୭୯ ଜଣଙ୍କୁ ଏହି ରନ୍ଧାଖାଦ୍ୟ ପ୍ରଦାନ ପ୍ରସ୍ତୁତି ଏବଂ ପ୍ରଦାନ କରିଥିବା ଜଣାପଡିଛି। ଆରମ୍ଭରୁ ଏଯାବତ୍ ୪୧,୮୫,୬୩୭ ଲୋକ ଏହି ଖାଦ୍ୟ ଖାଇଥିବା ଜଣାପଡ଼ିଛି। ରାଜ୍ୟର ୭୧୫୬ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍ଜି) ଏଥିରେ ନିୟୋଜିତ ଅଛନ୍ତି। ବିଭିନ୍ନ ରାଜ୍ୟରୁ ଆସି ଓଡ଼ିଶାରେ ଫସିଥିବା ଶ୍ରମିକମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ଶ୍ରମିକମାନେ ମୁଖ୍ୟତଃ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଛତିଶଗଡର। ୨୫୫୩ଟି ଶିବିର କରାଯାଇ ୭୭,୦୦୦ ଜଣ ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଖାଦ୍ୟ ଏବଂ ରହିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

# ପ୍ରବାସୀ ସାଜିବେ ଭୂତାଣୁ ବାହକ

ୱାଶିଂଟନ,୧୨ା୪



**ଆଶଙ୍କା ବ୍ୟକ୍ତ କଲା ବିଶ୍ୱବ୍ୟାଙ୍କ**

- ଲକ୍‌ଡାଉନ୍ ଯୋଗୁ କାମଧନ୍ଦା ହରାଇଛନ୍ତି ଲକ୍ଷ ଲକ୍ଷ ଶ୍ରମିକ, କର୍ମଚାରୀ
- ସହରରେ ଭୋକରେ ରହିବା ଅପେକ୍ଷା ଗାଁକୁ ଫେରିବାକୁ ପସନ୍ଦ କରୁଛନ୍ତି

ଘରକୁ ଫେରିଆସୁଥିବା ପ୍ରବାସୀ ଶ୍ରମିକ ଓ କର୍ମଚାରୀମାନେ କରୋନା ଭାଇରସ୍ ବାହକ ହୋଇପାରନ୍ତି। କରୋନା ମହାମାରୀ ଦ୍ୱାରା ପ୍ରଭାବିତ ହୋଇ ନ ଥିବା ନିଜ ଗ୍ରାମ ଓ ଅନ୍ୟ ସ୍ଥାନରେ ସେମାନେ ବାଣ୍ଟିପାରନ୍ତି ଘାତକ ଭୂତାଣୁ। ବିଶ୍ୱବ୍ୟା ପକ୍ଷରୁ ରବିବାର ଏଭଳି ଆଶଙ୍କା ବ୍ୟକ୍ତ କରାଯାଇଛି। ପ୍ରାଥମିକ ଅନୁସନ୍ଧାନ ସୂଚାଉଛି ଯେ, ପ୍ରବାସୀମାନେ ଯେଉଁ ଅଞ୍ଚଳକୁ ଫେରୁଛନ୍ତି ସେଠାରେ ପ୍ରଥମ କରି କୋଭିଡ୍-୧୯ ମାମଲା ଦେଖିବାକୁ ମିଳିଛି ଏବଂ ମିଳିବା ଆଶଙ୍କା ମଧ୍ୟ ରହିଛି। ସବୁଠାରୁ ଅସୁରକ୍ଷିତ ଲୋକ ତଥା ବସ୍ତିବାସିନ୍ଦା, ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ସଂକ୍ରମଣ ବ୍ୟାପିବା ସହଜ ବୋଲି ଉକ୍ତ ରିପୋର୍ଟରେ ସତର୍କ କରିଦିଆଯାଇଛି।

ବିଶ୍ୱବ୍ୟାଙ୍କର ଦ୍ୱିବାର୍ଷିକ ଆଞ୍ଚଳିକ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱରେ ଦକ୍ଷିଣ ଏସିଆ ବିଶେଷକରି ଏହାର ସହରାଞ୍ଚଳ ହେଉଛି ସର୍ବାଧିକ ଜନସଂଖ୍ୟା ସାନ୍ଦ୍ରତା ଅଞ୍ଚଳ। ଏହି ଅଞ୍ଚଳରେ କରୋନା ସଂକ୍ରମଣକୁ ବ୍ୟାପିବାରୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ବିଶ୍ୱବ୍ୟାଙ୍କ କହିଛି ଯେ, ଲକ୍‌ଡାଉନ ନୀତି ଉପମହାଦେଶରେ କୋଟି କୋଟି ପ୍ରବାସୀଙ୍କୁ ପ୍ରଭାବିତ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦିନ ମଜୁରିଆ। ଏବେ ସେମାନଙ୍କ ପାଇଁ ସହରାଞ୍ଚଳରେ କାମଧନ୍ଦା ନାହିଁ। ତେଣୁ ସହରରେ ଭୋକଉପାସରେ ରହିବା ଅପେକ୍ଷା ଶହ ଶହ କିଲୋମିଟର ଦୂରସ୍ଥ ନିଜ ଗ୍ରାମକୁ ଫେରିବାକୁ ସେମାନେ ପସନ୍ଦ କରୁଛନ୍ତି। ଭାରତ, ବାଂଲାଦେଶ ଏବଂ ପାକିସ୍ତାନରେ ଆଭ୍ୟନ୍ତରୀଣ ଯାତ୍ରୀ ପରିବହନକୁ ସ୍ଥଗିତ ରଖିବାକୁ ଘୋଷଣା ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ସମୟ ଗୋଟିଏ ଦିନରୁ କମ୍ ଥିଲା। ଫଳରେ ପ୍ରବାସୀମାନେ ନିଜ ଗ୍ରାମକୁ ଫେରିବା ନେଇ ବିଭ୍ରାଟ ସୃଷ୍ଟି ହୋଇଥିଲା। ଭିଡ଼କୁ ଏଡ଼ାଇବା ଏବଂ ସାମାଜିକ ଦୂରତାକୁ କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇପଡ଼ିଥିଲା। ବହୁଲୋକ କୌଣସି ଉପାୟ ନ ପାଇ ଚାଲି ଚାଲି ନିଜ ଘରକୁ ଫେରୁଛନ୍ତି। ହେଲେ ନିଜ ଗାଁ ଅଭିମୁଖେ ଏଭଳି ଗଣପଳାୟନ କରୋନା ଭାଇରସ୍‌ର ବାହକ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

ଆମେରିକା ଓ ଚାଇନା ତୁଳନାରେ ୬୫ବର୍ଷରୁ ଉର୍ଦ୍ଧ୍ୱ ବୟସର ଜନସଂଖ୍ୟା ଦକ୍ଷିଣ ଏସିଆରେ କମ୍, ଯାହାକି ସାମାନ୍ୟ ଆଶ୍ୱସ୍ତିର ବିଷୟ। ଏହାଦ୍ୱାରା ମୃତ୍ୟୁସଂଖ୍ୟା ସୀମିତ ରହିପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ତଥାପି ପରିବାରର ସଦସ୍ୟ ସଂଖ୍ୟା ଅଧିକ। ସେହିପରି ଅନ୍ୟ ଦେଶଗୁଡ଼ିକ ପରି ଆବଶ୍ୟକ ଚିକିତ୍ସା ଉପକରଣ ତଥା ସାନିଟାଇଜର, ମାସ୍କ ଏବଂ ଭେଣ୍ଟିଲେଟର ନାହିଁ। ଆମଦାନୀ ହେଉଥିବା ମେଡିକାଲ ସାମଗ୍ରୀର ଅଭାବ ରହୁଥିବାରୁ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ଘରୋଇ ସାମଗ୍ରୀ ଗଚ୍ଛିତ ରଖିବାକୁ ପଡୁଛି। ଭାରତର ଯେଉଁ ଅଞ୍ଚଳକୁ ବହୁସଂଖ୍ୟାରେ ପ୍ରବାସୀ ସ୍ଥାନାନ୍ତର ହୋଇଛନ୍ତି ସେଠାରେ କରୋନା ସଂକ୍ରମଣର ଆଶଙ୍କା ଅଧିକ। ଏହାକୁ ଦୃଷ୍ଟିରେ ରଖି ସରକାର ସେହି ଅଞ୍ଚଳ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଶ୍ୱବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

# କରୋନା ଗବେଷଣା ଲାଗି ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ମନୋନୀତ

ନୂଆଦିଲ୍ଲୀ,୧୨ା୪(ସ୍ୱ.ପ୍ର.)



ମୃଣାଳିନୀ ଦର୍ସୱାଲ

କୋଭିଡ୍-୧୯କୁ ନେଇ ବିଶ୍ୱସ୍ତରରେ ଗବେଷଣା ଆରମ୍ଭ ହୋଇଛି। ହାଭାର୍ଡ ବିଶ୍ୱବିଦ୍ୟାଳୟର ଟି.ଏ. ଚାନ୍ ସ୍କୁଲ ସର୍ବସାଧାରଣ ସ୍ୱାସ୍ଥ୍ୟ ଅନ୍ତର୍ଗତ କରୋନା ମହାମାରୀ ଉପରେ ଗବେଷଣା ପାଇଁ ବିଶ୍ୱରୁ ଚୟନ କରିଥିବା କେତେଜଣ ଭେଷଜ ବିଜ୍ଞାନୀଙ୍କ ମଧ୍ୟରେ ଭାରତରୁ ସ୍ଥାନ ପାଇଛନ୍ତି ଓଡ଼ିଶା କ୍ୟାଡର ଆଇଏସ୍ ଅଧିକାରୀ ଡାକ୍ତର ମୃଣାଳିନୀ ଦର୍ସୱାଲ।

୨୦୦୨ ବ୍ୟାଚ୍‌ର ଏହି ଓଡିଶା କ୍ୟାଡର ପ୍ରଶାସକ ଏବେ କରୋନା ସମ୍ପର୍କିତ କେତେକ ଆଲେଖ୍ୟ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ଲେଖିଛନ୍ତି। ଦର୍ସୱାଲ ଦିଲ୍ଲୀ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ଔଷଧ ନିୟନ୍ତ୍ରକ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବରୁ ସେ ଓଡିଶାରେ ମାଲକାନଗିରିର ଏସ୍‌ଡିଏମ୍, ସମ୍ବଲପୁର, ନୟାଗଡ, ଢେଙ୍କାନାଳ, ନୂଆପଡ଼ା ଏବଂ କୋରାପୁଟର ଜିଲାପାଳ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ସେ ଏବେ ଶିକ୍ଷାଛୁଟିରେ ରହି ଆମେରିକାର ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଅଧ୍ୟୟନ କରୁଛନ୍ତି। ଡାକ୍ତର ଦର୍ସୱାଲ ଜମ୍ମୁ ମେଡିକାଲ କଲେଜରୁ ଏମ୍‌ବିବିଏସ୍‌ରେ ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ଆଇଏଏସ୍ ପରୀକ୍ଷାରେ ୨୧ ତମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ସେ ଓଡ଼ିଶା କ୍ୟାଡରରେ ଯୋଗ ଦେଇଥିଲେ।

# ଏମ୍ଏସ୍ଏମ୍ଇ: ସ୍ୱାସ୍ଥ୍ୟ ସାମଗ୍ରୀ ଉତ୍ପାଦନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୨ା୪(ବ୍ୟୁରୋ)

DEPARTMENT OF MICRO, SMALL & MEDIUM ENTERPRISE
Government of Odisha

**କରୋନା ପ୍ରଭାବ**

କରୋନା ଭୂତାଣୁ ସଂକ୍ରମଣ ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ବୃହତ୍ ଶିଳ୍ପ ଉତ୍ପାଦନ ବନ୍ଦ ରହିଛି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାମଗ୍ରୀକୁ ବାଦ୍ ଦେଇ ଅନ୍ୟ କୌଣସି ଉତ୍ପାଦନ ହେଉନାହିଁ। ଅପରପକ୍ଷରେ ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜରୁରୀ ପରିସ୍ଥିତିରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ର କେତେକ କ୍ଷେତ୍ରରେ ଉତ୍ପାଦନ ଅହେତୁକ ବୃଦ୍ଧି ପାଇଛି। କିଛିଦିନ ତଳେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିଶେଷକରି କରୋନା ପ୍ରଭାବରୁ ଏମ୍ଏସ୍ଏମ୍ଇ ବିଭାଗର କ୍ଷତି ଯେପରି ହ୍ରାସ ହୋଇପାରିବ, ସେ ନେଇ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ସାମ୍ପ୍ରତିକ ସ୍ଥିତିରେ ତୁରନ୍ତ କାର୍ଯ୍ୟକାରୀ ହୋଇପାରୁଥିବା ଭେଣ୍ଟିଲେଟର ଯନ୍ତ୍ରାଂଶ, ସାନିଟାଇଜର, ମାସ୍କ, ପିପିଇ କିଟ୍ ଇତ୍ୟାଦିର ଚାହିଦା ବୃଦ୍ଧି ପାଇଛି। ଗତ ମାସକ ମଧ୍ୟରେ ଦେଶରେ ଏହାର ଉତ୍ପାଦନରେ ବ୍ୟାପକ ବୃଦ୍ଧି ଘଟିଥିବା ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ସଚିବ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି। ନିକଟରେ ବିଭାଗୀୟ କ୍ୟାବିନେଟ ମନ୍ତ୍ରୀ ନୀତିନ ଗଡକରୀ ମନ୍ତ୍ରଣାଳୟର ସମସ୍ତ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି। କେନ୍ଦ୍ର ସରକାର କରିଥିବା ଘୋଷଣାରୁ ଏମ୍ଏସ୍ଏମ୍ଇକୁ କିପରି ସହାୟତା କରାଯାଇପାରିବ, ସେ ନେଇ ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସହ ଆଲୋଚନା କରାଯାଉଛି। ପିପିଇ କିଟ୍ ନିର୍ମାଣ ବର୍ତ୍ତମାନ ମନ୍ତ୍ରଣାଳୟର ପ୍ରାଥମିକତା ହୋଇଛି। ବିଶେଷ ଭାବେ ଲକ୍‌ଡାଉନରେ କେଉଁ ରାଜ୍ୟରେ କେଉଁ ପ୍ରକାର ଏମ୍ଏସ୍ଏମ୍ଇକୁ ଚାଲୁ ରଖାଯାଇପାରିବ, ସେ ନେଇ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିଭିନ୍ନ ରାଜ୍ୟର ଏମ୍ଏସ୍ଏମ୍ଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଶନିବାର ଓଡ଼ିଶାର ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ସହ ଆଲୋଚନା କରିଛନ୍ତି।

ମନ୍ତ୍ରଣାଳୟ ଅଧୀନସ୍ଥ କେତେକ ସଂସ୍ଥା ଦେଶର ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଖାଦ୍ୟସାମଗ୍ରୀ ବଣ୍ଟନ କରୁଛନ୍ତି। ଏଗୁଡ଼ିକ ମଧ୍ୟରେ ଖଦି ଓ ଗ୍ରାମ୍ୟ ଶିଳ୍ପ ନିଗମ(କେଭିଆଇସି), ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ(ଏନ୍ଏସ୍ଆଇସି), କତା ନିଗମ, ବୈଷୟିକ କେନ୍ଦ୍ର(ଟିସି) ଏବଂ ବିକାଶଶୀଳ ସଂସ୍ଥା(ଡିଆଇ) ରହିଛି। ଏତଦ୍ ବ୍ୟତୀତ କେଭିଆଇସି ପକ୍ଷରୁ ଶିଳ୍ପୀ କଲ୍ୟାଣ ପାଣ୍ଠି(ଏଡବ୍ଲ୍ୟୁଏଫ୍) ଦ୍ୱାରା ମାସିକ ପ୍ରତି ଶିଳ୍ପୀଙ୍କୁ ୧୦୦୦ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଷୟିକ କେନ୍ଦ୍ରଗୁଡ଼ିକ ସାନିଟାଇଜର, ମାସ୍କ, ଗାଉନ, ଫେସ୍ ସିଲ୍ଡ ଏବଂ ହସ୍ପିଟାଲ ଆସବାବପତ୍ର ପ୍ରସ୍ତୁତି କରୁଛି। ଓଡ଼ିଶାରେ ସମଗ୍ର ଜିଲାକୁ ୩ଟି ଜୋନ୍‌ରେ ବିଭକ୍ତ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କରୋନା ଭୂତାଣୁ ସଂକ୍ରମିତ ଦେଖା ଦେଇ ନ ଥିବା ଜିଲାକୁ 'ଗ୍ରୀନ୍ ଜୋନ' ଘୋଷଣା କରାଯିବ। ୧୫ରୁ କମ୍ ସଂକ୍ରମିତ ଥିବା ଜିଲାକୁ 'ଅରେଞ୍ଜ ଜୋନ୍' ଏବଂ ୧୫ରୁ ଅଧିକ ସଂକ୍ରମିତ ଥିବା ଜିଲାକୁ 'ରେଡ୍ ଜୋନ' ବୋଲି ଘୋଷିତ କରାଯିବ। ଗ୍ରୀନ୍ ଜୋନ୍ ଅଞ୍ଚଳରେ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି କେଉଁ ପ୍ରକାର ଏମ୍ଏସ୍ଏମ୍ଇ ଆରମ୍ଭ କରାଯାଇ ପାରିବ, ସେ ନେଇ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

# ୪୦ ଡିଗ୍ରୀରେ ୧୦ ସହର

**ଭୁବନେଶ୍ୱର, ୧୨ା୪(ବ୍ୟୁରୋ):** ସାରା ରାଜ୍ୟରେ ଏବେ ପ୍ରବଳ ଖରା। ତାତି ସାଙ୍ଗକୁ ଝାଞ୍ଜି ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ରବିବାର ୧୦ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଟିଟିଲାଗଡ଼ରେ ସର୍ବାଧିକ ୪୧ଡିଗ୍ରୀ ତାପମାତ୍ରା ଥିବାବେଳେ ମାଲକାନଗିରି ଓ କଟକ ୪୦, ବୌଦ୍ଧ ୪୦.୫, ସୋନପୁର ୪୦.୨, ବଲାଙ୍ଗୀର ଓ ଭବାନୀପାଟଣା ୪୦.୫, ତାଳଚେର ୪୦.୧, ଚାନ୍ଦବାଲି ୪୦.୮, ଭୁବନେଶ୍ୱର ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ସମ୍ଭାବନା ରହିଛି। ୧୪ ଓ ୧୫ତାରିଖ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୧୪ ତାରିଖ ଦିନ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ସେହିପରି ୧୫ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଞ୍ଜାମ ଓ ଗଜପତି ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।




ସୋମବାର ଓଡ଼ିଆ ନବବର୍ଷ ଅବ୍ୟବହିତ ପୂର୍ବରୁ ବାଲୁକାଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନରେ ଅଭିନନ୍ଦନ ବାର୍ତ୍ତା।

# ମାସ୍କ ନ ପିନ୍ଧି ଜରିମାନା ଗଣିଲେ ୧୬୦ଜଣ

ଭୁବନେଶ୍ୱର,୧୨ା୪ (ବ୍ୟୁରୋ)

**୧୪୯୫ ବାଇକ ଜବତ**

କରୋନାକୁ ନେଇ ଯେତେ କଟକଣା, ସେତେ ଧରାପଡୁଛନ୍ତି ଅମାନିଆ। ତେବେ ପ୍ରଥମଥର ପାଇଁ ମାସ୍କ ନ ପିନ୍ଧି ଜରିମାନା ଗଣିଛନ୍ତି ୧୬୦ଜଣ। ମାସ୍କ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ରବିବାର ଏମାନେ ନିୟମ ନ ମାନି ସହରରେ ବୁଲୁଥିଲେ। ପୋଲିସ ବିଭିନ୍ନ ଛକରେ ଯାଞ୍ଚ କରୁଥିବାବେଳେ ଏମାନଙ୍କୁ ଧରି ୨ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରି ମାସ୍କ ପିନ୍ଧାଇଛି। ଶିଶୁଭବନ ଛକରେ ଜଣେ ବିଧାୟକ ମଧ୍ୟ ମାସ୍କ ନ ପିନ୍ଧି ଯାଉଥିବାବେଳେ ଧରା ପଡିଥିଲେ। ହେଲେ ବରିଷ୍ଠ ନାଗରିକ ଭାବି ପୋଲିସ ତାଙ୍କୁ ଛାଡି ଦେଇଥିଲା। ସେହିଭଳି ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ବାଇକ ଧରି ବୁଲୁଥିବା ୧୪୯୫ ଜଣଙ୍କ ବାଇକ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ବାଇକ ଓ ମାସ୍କ ଯାଞ୍ଚ କଡାକଡି କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।



ଶିଶୁଭବନ ଛକରେ ଧରାପଡ଼ିଥିବା ଜଣେ ଯୁବକ।

# ଅନ୍‌ଲାଇନ୍‌ରେ ମଦ ବିକ୍ରି ନାଁରେ ଲକ୍ଷାଧିକ ଠକେଇ

ଭୁବନେଶ୍ୱର, ୧୨ା୪ (ବ୍ୟୁରୋ)

**୩ ଥାନାରେ ଏକାଧିକ ଅଭିଯୋଗ**

ଅନ୍‌ଲାଇନ୍‌ରେ ମଦ ବିକ୍ରି ପାଇଁ ବିଜ୍ଞାପନ ଦେଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଲକ୍ଷ୍ମୀସାଗର, ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ଏକାଧିକ ଅଭିଯୋଗ ହୋଇଛି। ସହରର ବିଭିନ୍ନ ମଦ ଦୋକାନର ଫଟୋ ନେଇ ଦୁର୍ବୃତ୍ତ ତାହାକୁ ଏଡିଟ୍ କରି ଅନ୍‌ଲାଇନ୍‌ରେ ମଦ ଦିଆଯାଉଥିବା ନେଇ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ଆଗୁଆ ଅଧାଟଙ୍କା ପେମେଣ୍ଟ କଲେ ୩ଘଣ୍ଟା ଭିତରେ ଘରେ ମଦ ପହଞ୍ଚିବ ବୋଲି କହୁଛନ୍ତି। ପେଟିଏମ୍ ଓ ଗୁଗଲ ପେ' ମାଧ୍ୟମରେ ଟଙ୍କା ନେବା ପରେ ମଦ ପହଞ୍ଚୁନି। ଏପରି ଜଣେ ବ୍ୟାଙ୍କ୍ ମ୍ୟାନେଜରଙ୍କ ସମେତ ବହୁ ଲୋକ ଠକାମିର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ସ୍ୱାଭାବିକ ହେବ ମନ୍ତ୍ରଣାଳୟ କାର୍ଯ୍ୟ

ନୂଆଦିଲ୍ଲୀ,୧୨ା୪

- ଆଜିଠାରୁ ଅଫିସ୍ କାର୍ଯ୍ୟ ଚାଲିବାକୁ ପ୍ରସ୍ତୁତି
- ସାମାଜିକ ଦୂରତାକୁ ଦୃଷ୍ଟିରେ ରଖି ପାଳିରେ କାର୍ଯ୍ୟ କରିବେ କର୍ମଚାରୀ
- ଶିଳ୍ପ, କୃଷକମାନଙ୍କୁ ମିଳିବ ଆଶ୍ୱସ୍ତି

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶରେ ଜାରି ରହିଥିବା ୨୧ ଦିନିଆ ଲକ୍‌ଡାଉନ ଅବଧି ଆସନ୍ତା ୧୪ ତାରିଖ ଯାଏ ରହିଛି। ଇତିମଧ୍ୟରେ ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ କର୍ନାଟକ ସରକାର ଲକ୍‌ଡାଉନ ମିଆଦକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରିଛନ୍ତି। ହେଲେ କେନ୍ଦ୍ର ସରକାର ସାରା ଦେଶରେ ଏହି ତାଲାବନ୍ଦ ଅବଧିକୁ ବଢ଼ାଇବେ କି ନାହିଁ କିମ୍ବା ଅନ୍ୟ କ'ଣ ପଦକ୍ଷେପ ଗ୍ରହଣ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଦେଶର କରୋନା ସ୍ଥିତିକୁ ନେଇ ଆଲୋଚନା କରିଥିଲେ। ଏହି ସମୟରେ ଅଧିକାଂଶ ରାଜ୍ୟ ପକ୍ଷରୁ ଲକ୍‌ଡାଉନ୍ ସମୟସୀମା ୨ ସପ୍ତାହ ବୃଦ୍ଧି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ତେଣୁ ତାହାକୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିନେବେ ବୋଲି ମନେହେଉଛି। କିନ୍ତୁ ଏକ ଘରୋଇ ଟିଭି ଚ୍ୟାନେଲ ସୂତ୍ର ଅନୁଯାୟୀ, ୧୩ ତାରିଖ ଠାରୁ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ନିଜ ନିଜ ମନ୍ତ୍ରଣାଳୟରେ ସୋମବାରଠାରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ କହିଥିବା ଜଣାପଡ଼ିଛି। ଏପରି କି ସାମାଜିକ ଦୂରତ୍ୱର ଗାଇଡ୍‌ଲାଇନକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ମନ୍ତ୍ରୀମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି। ସେହିପରି ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସୋମବାରଠାରୁ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ମନ୍ତ୍ରଣାଳୟଗୁଡ଼ିକରେ ୨ୟ, ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ପାଳି କରି କାର୍ଯ୍ୟ କରିବେ।

ଲକ୍‌ଡାଉନ ଯୋଗୁ କୃଷକ ଓ ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନକାରୀ ଗୁରୁତର ପ୍ରଭାବିତ ହୋଇଛନ୍ତି। ସରକାର ଏ ଦିଗରେ କେତେକ କଟକଣା କୋହଳ କରିଥିଲେ ମଧ୍ୟ ତାହା ସେମାନଙ୍କୁ ଆଶ୍ୱସ୍ତ କରିନାହିଁ। ଫଳରେ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଛି। ତେଣୁ ଏସବୁ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଓ କଟକଣାକୁ କୋହଳ କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ଅନୁମତି ଦେବ। ବୃହତ୍ ଶିଳ୍ପଗୁଡିକ ପାଇଁ ସରକାର ସେଗୁଡ଼ିକର ଅଂଶୀଦାରମାନଙ୍କ ସହ ଆଲୋଚନା କରିବାକୁ ସ୍ଥିର କରିଛନ୍ତି। ଲକ୍‌ଡାଉନ ଯୋଗୁ ଶିଳ୍ପଗୁଡ଼ିକ ସଙ୍କଟରେ ପଡ଼ିଛନ୍ତି। ସେଗୁଡ଼ିକୁ ଏହି ସଙ୍କଟରୁ କିଭଳି ମୁକୁଳାଇହେବ ସେନେଇ ସରକାର ଚିନ୍ତା କରୁଛନ୍ତି। ଶିଳ୍ପସଂସ୍ଥାଗୁଡିକ ପାଇଁ କଟକଣା କୋହଳ ହେଲେ ଶ୍ରମିକ ଓ କର୍ମଚାରୀମାନେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି।

# ଜରୁରୀ ମେଡିକାଲ ସେବା ଯୋଗାଇବ ଓଲା କ୍ୟାବ୍
## କମିଶନରେଟ୍ ପୋଲିସ ଦେଲା ୧୦୦ ପାସ୍

ଭୁବନେଶ୍ୱର,୧୨ା୪ (ବ୍ୟୁରୋ)




ଲକ୍‌ଡାଉନ୍‌ରେ କଟକ ଓ ଭୁବନେଶ୍ୱରରେ ଜରୁରୀ ମେଡିକାଲ ସେବା ଯୋଗାଇବା ପାଇଁ କମିଶନରେଟ ପୋଲିସ ଓଲା କ୍ୟାବ୍‌କୁ ରବିବାର ଅନୁମତି ଦେଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ଓଲା କ୍ୟାବ୍ ଡ୍ରାଇଭରଙ୍କୁ ଡିସିପି ଅଫିସରେ ପାସ୍ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆବଶ୍ୟକତା ଅନୁଯାୟୀ ଅନ୍ୟମାନଙ୍କୁ ପାସ୍ ଦିଆଯିବ। ଏହି ସେବା ପାଇଁ କେତେକ ସର୍ତ୍ତ ରହିଛି। ଦୁଇ ସହରର ମୋଟ ୮୩ ହସ୍ପିଟାଲକୁ ରୋଗୀ ନେବାଆଣିବା କରିବାକୁ ଅନୁମତି ମିଳିଛି। ପାସ୍ ପାଇଥିବା ଓଲା ଡ୍ରାଇଭରଙ୍କ ସମସ୍ତ ତଥ୍ୟ ଆର୍‌ଟିଓଙ୍କ ନିକଟରେ ରହିବ। ସେହିଭଳି ସେମାନେ ପ୍ରତିଦିନ ପାସେଞ୍ଜରଙ୍କ ତଥ୍ୟ ପ୍ରଦାନ କରିବେ। ଭୁବନେଶ୍ୱର ଆର୍‌ଟିଓ-୧ ଏବଂ ଆର୍‌ଟିଓ-୨ ଓଲା କ୍ୟାବ୍‌ର ଏହି ସେବାକୁ ମନିଟରିଂ କରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ପାସ୍ ପାଇଁ ରବିବାର ଡିସିପି ଅଫିସ ଆଗରେ ଭିଡ଼ ଦେଖିବାକୁ ମିଳିଥିଲା।

କମିଶନରେଟ ପୋଲିସର ସୂଚନାନୁସାରେ, ଲୋକେ କେବଳ ନିଜ ଘରୁ ହସ୍ପିଟାଲ ଯିବା ଆସିବା ପାଇଁ ଓଲା କ୍ୟାବ୍ ଉପଯୋଗ କରିପାରିବେ। ଏଥିରେ ରୋଗୀଙ୍କ ସହ ଜଣେ ସମ୍ପର୍କୀୟ ଯାଇପାରିବେ। ଯଦି ଜଣେ ହସ୍ପିଟାଲ ନାଁରେ ଅନ୍ୟ କେଉଁଠାକୁ ଯିବାଆସିବା କରୁଥିବା ଧରାପଡ଼ନ୍ତି ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଶ୍ରା ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ଘୋଷିତ

## ସୁନ୍ଦରଗଡ ଜିଲାରେ ୨ କରୋନା ପଜିଟିଭ ଚିହ୍ନଟ



ବିଶ୍ରା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଅନ୍ୟ ଅଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କରୁଛନ୍ତି।

**ସୁନ୍ଦରଗଡ,୧୨।୪(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ଅଞ୍ଚଳରେ ୨ କରୋନା ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ରବିବାର ସକାଳେ ଅନ୍ୟ ଅଧିକାରୀଙ୍କ ସହ ବିଶ୍ରାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ସେଠାକାର ପରିସ୍ଥିତିର ସମୀକ୍ଷା କରିଥିଲେ। ଏହାପରେ ବିଶ୍ରା ସଦର ମାର୍କେଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥିସହିତ ବ୍ଲକ ସଦର ମହକୁମା ସଂଲଗ୍ନ ୩ କିଲୋମିଟର ପରିଧିରେ ଥିବା ଅଞ୍ଚଳକୁ ସିଲ୍ କରି ଦିଆଯାଇଛି । ଜରେଇକେଲା ବସ୍ ଷ୍ଟପଠାରୁ ପୂର୍ଣ୍ଣିମା ମାର୍କେଟ କମ୍ପ୍ଲେକ୍ସ, ପୂର୍ଣ୍ଣିମା ମାର୍କେଟ କମ୍ପ୍ଲେକ୍ସଠାରୁ ବୁଡେଲଯୋର, ବୁଡେଲ ଯୋରଠାରୁ ନୟା ବସ୍ତି, ନୟା ବସ୍ତିଠାରୁ ଭାରତ ପେଟ୍ରୋଲିୟମ ଚୌକ, ଭାରତ ପେଟ୍ରୋଲିୟମ ଚୌକଠାରୁ ଜରେଇକେଲା ବସ୍‌ଷ୍ଟପ୍‌କୁ କଣ୍ଟେନମେଣ୍ଟ ଜୋନ (ଆବଦ୍ଧ ଅଞ୍ଚଳ) ଭାବେ ଘୋଷଣା କରାଯାଇଛି। ରବିବାର ପୂର୍ବାହ୍ନ ୧୦ଟାଠାରୁ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ଏହି କଣ୍ଟେନମେଣ୍ଟ ବଳବତ୍ତର ରହିବ। ସମ୍ପୃକ୍ତ ଅଞ୍ଚଳକୁ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ବିଶୋଧିତ କରାଯାଇଛି । ଅପରାହ୍ନରେ ଜିଲାପାଳ ରାଉରକେଲାଠାରେ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସବିଶେଷ ସୂଚନା ଦେଇ ବିଶ୍ରା ପଞ୍ଚାୟତର ଜନସାଧାରଣଙ୍କୁ ୪୮ଘଣ୍ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାକୁ ଅନୁରୋଧ କରିଛନ୍ତି। ଚିହ୍ନଟ ଆକ୍ରାନ୍ତ ବିଶ୍ରା ବ୍ଲକ ସଦର ମାର୍କେଟ ଅଞ୍ଚଳ ଆଶିୟାନା କଲୋନୀର ବାସିନ୍ଦା ୬୭ବର୍ଷୀୟ ଜଣେ ବୃଦ୍ଧ ଓ ଅନ୍ୟଜଣେ ୧୮ବର୍ଷୀୟ ଯୁବକ। ବୃଦ୍ଧ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନ ସମାବେଶରେ ଯୋଗଦେଇ ଫେରିଥିବା ବେଳେ ଯୁବକ ଜଣକ ଯାଜପୁର ଅଞ୍ଚଳ ଗସ୍ତ କରି ଫେରିଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ସୂଚନା ମିଳିଛି। ଉଭୟଙ୍କୁ ରାଉରକେଲା କୋଭିଡ୍ ୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଶାସନ ତରଫରୁ ଉଭୟଙ୍କ ସଂସ୍ପର୍ଶରେ କେତେ ଲୋକ ଆସିଛନ୍ତି ଏବଂ ତାଙ୍କର ଗତିବିଧି କଣ ରହିଥିଲା ସେସବୁ ତଥ୍ୟର ଖୋଳତାଡ ଜାରିରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ତରଫରୁ ନୋଡାଲ ଅଧିକାରୀମାନଙ୍କ ନାମ ଘୋଷଣା କରାଯାଇଛି । ରାଉରକେଲା ମହାନଗର ନିଗମର ଉପାୟୁକ୍ତ ସୁଧାଂଶୁ ଭୋଇଙ୍କୁ ସାନିଟେଶନ ଦାୟିତ୍ୱ ଦିଆଯାଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ବିତରଣ ତଥା ଆଇନ୍‌ଶୃଙ୍ଖଳା ଦାୟିତ୍ୱ ଡିଆରଡିଏର ବିଶ୍ୱରଞ୍ଜନ ରଥଙ୍କୁ ଦିଆଯାଇଛି। ଏହା ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ଘରକୁ ଘର ସର୍ଭେ କରି କଣ୍ଟାକ୍ଟ ଟ୍ରେସିଂ କରାଯିବ ବୋଲି ଜିଲାପାଳ କହିଛନ୍ତି। କଣ୍ଟେନମେଣ୍ଟ ଘୋଷିତ ଅଞ୍ଚଳରେ ପାଖାପାଖି ୧୫ଶହ ଘର ରହିଥିବା ଜଣାଯାଇଛି। ଜିଲାପାଳଙ୍କ ସହିତ ରାଉରକେଲା ଏସପି କେ. ଶିବା. ସୁବ୍ରମଣି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ବିଶ୍ରା ବିଡିଓ ଈଶ୍ୱର ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।


■ ବ୍ଲକ ସଦର ମହକୁମା ସଂଲଗ୍ନ ୩ କିମି ପରିଧି ଅଞ୍ଚଳ ସିଲ୍

## ୯ ଜିଲାକୁ ବ୍ୟାପିଛି କରୋନା

■ ଖୋର୍ଦ୍ଧାରେ ସର୍ବାଧିକ ୪୧
■ ରାଜ୍ୟରେ ୩୫% ମହିଳା, ୬୫% ପୁରୁଷ ଆକ୍ରାନ୍ତ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ରାଜ୍ୟରେ ଏବେ ୯ ଜିଲାକୁ କରୋନା ଭୂତାଣୁ 'କୋଭିଡ୍-୧୯' ଡେଇଁଲାଣି। ରବିବାର ସନ୍ଧ୍ୟାସୁଦ୍ଧା ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୪ଜଣ ରହିଥିବାବେଳେ ଏମାନଙ୍କ ଘର ଖୋର୍ଦ୍ଧା, ପୁରୀ, କଟକ, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ଢେଙ୍କାନାଳ ଓ ସୁନ୍ଦରଗଡ଼ରେ। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୧ଜଣ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣ ସୁସ୍ଥ ହୋଇଥିବାବେଳେ ୩୪ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି ଭଦ୍ରକରେ ୩ଜଣ ଆକ୍ରାନ୍ତ ରହିଥିବାବେଳେ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କଟକ, ପୁରୀ ଓ ଯାଜପୁରରେ ଜଣେ ଲେଖାଏ ଆକ୍ରାନ୍ତ ଥିଲେ। ସେମାନେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁନ୍ଦରଗଡ଼ରେ ୨, କଳାହାଣ୍ଡିରେ ୨, କେନ୍ଦ୍ରାପଡ଼ାରେ ୨ ଓ ଢେଙ୍କାନାଳରେ ଜଣେ ଆକ୍ରାନ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରେ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କଳାହାଣ୍ଡି ଜିଲାର ପ୍ରଥମ ଆକ୍ରାନ୍ତଙ୍କ ନମୁନା ନେଗେଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରବିବାର ରାତିରେ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୩୫ପ୍ରତିଶତ ମହିଳା ରହିଥିବାବେଳେ ୬୫ପ୍ରତିଶତ ପୁରୁଷ ଅଛନ୍ତି। ଅର୍ଥାତ୍ ମହିଳା ୧୯ଜଣ ଓ ୩୫ଜଣ ପୁରୁଷ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।




# ୫ ଆକ୍ରାନ୍ତଙ୍କ ମଧ୍ୟରେ ନିଜାମୁଦ୍ଦିନ ଫେରନ୍ତା

■ ସୁନ୍ଦରଗଡ଼ରେ ପ୍ରଥମ: ଦୁଇ ପଜିଟିଭ୍ ଚିହ୍ନଟ
■ ରାଜନଗରର ଆକ୍ରାନ୍ତ ଜଣକ ୧୭ବର୍ଷୀୟା ଯୁବତୀ
■ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ୩ଜଣ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜନହିତ ପାଇଁ ସରକାରଙ୍କ ପକ୍ଷରୁ ଆକ୍ରାନ୍ତଙ୍କ ସଂକ୍ରାନ୍ତରେ ଆବଶ୍ୟକ ସୂଚନା ଦିଆଯିବା ସହ ପଦକ୍ଷେପ ନିଆଯାଉଛି। ରବିବାର ୫ଜଣ ଅର୍ଥାତ୍ କେସ୍ ନଂ.୫୦ରୁ ୫୪ ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ବା ଗସ୍ତ ବିବରଣୀ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ତଥ୍ୟରେ ଜଣେ ଦିଲ୍ଲୀ ନିଜାମୁଦ୍ଦିନ ଫେରନ୍ତା ରହିଥିବାବେଳେ ଅନ୍ୟଜଣେ ଯାଜପୁର ନିଜାମୁଦ୍ଦିନ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ଶନିବାର ରାତିରେ ଚିହ୍ନଟ ୪ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଭୁବନେଶ୍ୱରର ହୋଇଥିବାବେଳେ ଆଉଜଣେ କେନ୍ଦ୍ରାପଡ଼ା ଓ ଦୁଇଜଣ ସୁନ୍ଦରଗଡ଼ ଜିଲାର। ତେବେ ସୁନ୍ଦରଗଡ଼ ଜିଲାରୁ ପ୍ରଥମଥର ପାଇଁକରୋନା ପଜିଟିଭ୍‌ଚିହ୍ନଟ ହୋଇଛନ୍ତି। ୫୧ ନମ୍ବର ଆକ୍ରାନ୍ତ ଜଣକ ସୁନ୍ଦରଗଡ଼ ଜିଲା ବିସ୍ରା ଅଞ୍ଚଳର ୬୭ ବର୍ଷୀୟ ବୃଦ୍ଧ। ସେ ଦିଲ୍ଲୀ ନିଜାମୁଦ୍ଦିନ ଧର୍ମସଭାରେ ଯୋଗଦେଇ ଫେରିଛନ୍ତି। ମାର୍ଚ୍ଚ ୫ରେ ସେ ଉତ୍କଳ ଏକ୍ସପ୍ରେସ୍‌ରେ ରାଉରକେଲାରୁ ଦିଲ୍ଲୀ ଯାଇ ୬ରୁ ୧୦ ତାରିଖ ନିଜାମୁଦ୍ଦିନରେ ଥିଲେ। ସେଠାରୁ ୧୦ ତାରିଖରେ ସେ ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ୍‌ର ଏସ୍୪ ବଗିରେ ବସି ବିଳାସପୁରରେ ପହଞ୍ଚିଥିଲେ। ୧୧ ତାରିଖରେ ବିଳାସପୁରରୁ ଟ୍ରେନ୍ ଯୋଗେ ରାଉରକେଲା ଷ୍ଟେଶନରେ ଓହ୍ଲାଇବା ପରେ ଏକ ଅଟୋରେ ବିସ୍ରାକୁ ଆସିଥିଲେ। ମାର୍ଚ୍ଚ ୧୨ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ୨ରୁ ୧୧ତାରିଖ ସେ ରାଉରକେଲାସ୍ଥିତ ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଟ୍ରାଭେଲ ହିଷ୍ଟ୍ରି ଥିବାରୁ ୧୧ ତାରିଖରେ ତାଙ୍କର ନମୁନା ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ସେହିପରି ୫୨ ନମ୍ବର ଆକ୍ରାନ୍ତ ଜଣକ ମଧ୍ୟ ସେହି ଅଞ୍ଚଳର ୧୮ବର୍ଷୀୟ ଯୁବକ। ସେ ମାର୍ଚ୍ଚ ୧୦ରେ ଯାଜପୁରର ନିଜାମୁଦ୍ଦିନ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଛନ୍ତି। ଉକ୍ତ ଦିନ ଯୁବକ ଜଣକ ବସ୍‌ରେ ଯାଜପୁରରୁ ରାଉରକେଲା ଫେରିଥିଲେ। ସେଠାରୁ ସେ ଏକ ଅଟୋରେ ବିସ୍ରାରେ ପହଞ୍ଚିଥିଲେ। ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ସେ ସ୍ଥାନୀୟ ଆସିନା ମସ୍‌ଜିଦ୍‌ରେ ରହିଥିଲେ। ସୁନ୍ଦରଗାଁ ନିକଟ ଆଉ ଏକ ମସଜିଦ୍‌ରେ ମାର୍ଚ୍ଚ ୧୪ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଥିଲେ। ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ୧୧ରେ ତାଙ୍କ ନମୁନା ପଜିଟିଭ୍ ଆସିଥିଲା। ୫୩ ନମ୍ବର ଆକ୍ରାନ୍ତ ହେଉଛନ୍ତି ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ୪୬ ବର୍ଷୀୟ ବ୍ୟକ୍ତି। ସେ ୪୨ ନଂ. ଆକ୍ରାନ୍ତଙ୍କ ନିକଟ ସମ୍ପର୍କୀୟ ହୋଇଥିବାବେଳେ ତାଙ୍କ ସଂସ୍ପର୍ଶରେ ମଧ୍ୟ ଆସି ସଂକ୍ରମିତ ହୋଇଛନ୍ତି। ସେ କେସୁରା ବାଙ୍କୁଆଳରେ ମାର୍ଚ୍ଚ ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଥିଲେ। ୪ରୁ ୬ ତାରିଖ ଏମ୍ସରେ ଚିକିତ୍ସିତ ୪୨ନଂ. ଆକ୍ରାନ୍ତଙ୍କ ପାଖରେ ରହିଥିଲେ। ୭ରୁ ୧୦ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବାବେଳେ ୧୧ରେ ନମୁନା ପଜିଟିଭ ବାହାରିବାରୁ ତାଙ୍କୁ କିମ୍ସ କୋଭିଡ୍୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିଭଳି ୫୪ନମ୍ବର ଆକ୍ରାନ୍ତ ଜଣକ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ୧୭ ବର୍ଷୀୟା ଯୁବତୀ। ସେ ମାର୍ଚ୍ଚ ୨୯ରେ କଲିକତାରୁ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଭାୟା ବାଲେଶ୍ୱର ଓ ଭଦ୍ରକ ହୋଇ ଗାଁକୁ ଆସିଥିଲେ। ମାର୍ଚ୍ଚ ୩୦ରୁ ଏପ୍ରିଲ ୧୧ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ୧୧ରେ ତାଙ୍କ ନମୁନା ପଜିଟିଭ୍ ଆସିବା ପରେ ତାଙ୍କୁ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ପହଞ୍ଚିଛି।

ଅନ୍ୟପକ୍ଷରେ ଶୁକ୍ରବାର ଚିହ୍ନଟ ୫୦ ନମ୍ବର ଆକ୍ରାନ୍ତ ଜଣକ ଭୁବନେଶ୍ୱର ମଧୁସୂଦନ ନଗରର ୨୨ ବର୍ଷୀୟ ଯୁବକ। ସେ ମାର୍ଚ୍ଚ ୧୮ରୁ ୨୦ ମଧ୍ୟରେ ଖୋର୍ଦ୍ଧା ବାଣପୁରର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ୨୦ ମାର୍ଚ୍ଚରୁ ୧୦ ଏପ୍ରିଲ ମଧ୍ୟରେ ୟୁନିଟ-୩, ଷ୍ଟେଶନ ଛକ, ସତ୍ୟନଗର ଏବଂ ଝାରପଡ଼ାକୁ ସାଙ୍ଗ ଓ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ। ୧୦ ତାରିଖରେ ନମୁନା ପଜିଟିଭ ଆସିବା ପରେ ତାଙ୍କୁ କିମ୍ସ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେ ମଧ୍ୟ ୪୧ ନମ୍ବର ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରବି ରେବତୀ ନକ୍ଷତ୍ରରେ ରହିଥିବାରୁ ଦ୍ୱିଜା ଓ କୃତ୍ତିକା ନକ୍ଷତ୍ରଙ୍କ ମିତ୍ରତା ବୃଦ୍ଧି ଘଟିବ। କୌଣସି ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ଆନୁଷ୍ଠାନିକ କାମରେ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ**
ଶୁକ୍ରଙ୍କ ସ୍ୱଗୃହସ୍ଥିତି ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଭୋଗବିଳାସରେ ସମୟ କାଟିବେ। କର୍ମକ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣିବା ଠିକ୍ ନ ହୋଇପାରେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନରୁ ଦେଖି ନ ଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟିକ କ୍ଷେତ୍ରରେ ଉନ୍ନତି କରିବେ ଏବଂ ଲାଭ ମଧ୍ୟ କିଛି କମ୍ ହେବନାହିଁ। ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ**
ଯେତେ ପ୍ରକାରର ବନେଇ ଚୁନେଇ କହିଲେ ମଧ୍ୟ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝିପାରିବେ ନାହିଁ। ନିରାଡମ୍ବର ଭାବରେ ଆଜିର ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ସମାହିତ ହେବ। ପରିବାରରେ ସଫଳତା ପାଇବା ସକାଶେ ଛୋଟମାନଙ୍କ ମତାମତକୁ ଅସମ୍ମାନ କରନ୍ତୁ ନାହିଁ ।

**ସିଂହ**
ଶନି ସହ ମଙ୍ଗଳଙ୍କ ସଂଯୋଗ କାରଣରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିବା କାରଣରୁ ମନ ଭାରାକ୍ରାନ୍ତ ରହିବ। ତଥାପି ପରକ୍ଷଣରେ ପୂର୍ବାବସ୍ଥା ଫେରିପାଇବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରି ସମସ୍ୟାକୁ ସୁଧାରିନେବେ । ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖଦେଇପାରେ।

**କନ୍ୟା**
ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ ,କିଛି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସ୍ତରରେ କେତେକ ସମସ୍ୟା ମାତ୍ର ବିଶେଷ କିଛି ଅସୁବିଧା ହେବ ନାହିଁ।

**ତୁଳା**
ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ଆଶା କରୁଥିବା କାମଗୁଡିକ ନ ହେବା କାରଣରୁ ମନରେ ସରସତା ରହିବ ନାହିଁ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ, ଯାହା କି ଆପଣଙ୍କୁ ଧର୍ମସଙ୍କଟରେ ପକାଇପାରେ। ବାରମ୍ବାର ଚେଷ୍ଟା କରି ମଧ୍ୟ ପିଲା ମାନଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିଯାଇପାରେ।

**ବିଛା**
ପରିସ୍ଥିତିବଶତଃ ମନ କଥାକୁ ମନ ଭିତରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟ ହେବେ। ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ,କିନ୍ତୁ ବେଶି ତକଲିଫ ହେବାକୁ ପଡିବ । ଆଜି ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ**
ଆଜି ପରିବାର ଭିତରେ ଛୋଟକଥାକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ । କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାମାଜିକ କ୍ଷେତ୍ରରେ ପଡୋଶୀମାନେ ଭୁରିଭୁରି ପ୍ରଶଂସା କରିବେ । ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ମାଧ୍ୟମରେ ସମସ୍ୟା ଗୁଡିକର ସରଳ ସମାଧାନ କରିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ । ଅଫିସରେ କଥା କଟା କଟି ହେତୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି । ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ । ଅଟକି ରହିଥିବା କାମଗୁଡିକୁ ଆଜି କରିପାରିବେ।

**କୁମ୍ଭ**
ଆର୍ଥିକ ଅଭାବ ହିଁ ସମସ୍ତ ସମସ୍ୟାର ମୂଳ କାରଣ ହେବାର ସୂଚନା ରହିଛି। ଋଣ ଆଣିଥିବା ବ୍ୟକ୍ତି ବିଭିନ୍ନ ପ୍ରକାରର କଟୁକ୍ତି ପ୍ରକାଶ କରିପାରେ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସମସ୍ୟା ଆସିଲେ ମଧ୍ୟ ଆପଣ ଦୃଢ ମନୋବଳ ଯୋଗୁଁ ବହୁ ବିପଦରୁ ରକ୍ଷା ପାଇବେ। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି ।

**ମୀନ**
ପରିବାରରେ ଭୁଲ୍ ବୁଝାମଣାରୁ ଆପଣ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଅବ୍ୟାହତ ରହିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। କଳା ସାହିତ୍ୟ ଓ ଚଳଚ୍ଚିତ୍ର ଦର୍ଶନ କ୍ଷେତ୍ରରେ ସମସ୍ୟାଗୁଡିକର ସମାଧାନ ହୋଇଯିବ।

ଆଜି ମେଷ ସଂକ୍ରାନ୍ତି, ମହାବିଷୁବ ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ, ବୀର ହନୁମାନ ଶାସ୍ତ୍ରୀ ଜୟନ୍ତୀ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, (୧୩। ୦୪।୧୯୪୮), ବୈଶାଖ କୃଷ୍ଣଷଷ୍ଠୀ ସୋମବାର, ଏପ୍ରିଲ ୧୩ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ତୁଳା ଓ କୁମ୍ଭ ରାଶିର ଘାତଚନ୍ଦ୍ର, ପ୍ରାତଃ ଘ.୦୫.୩୩ମି.ଗତେ ଘ.୦୭.୧୩ମି.ମଧ୍ୟେ, ଘ.୧୦.୩୨ମି.ଗତେ ଘ.୦୧.୦୨ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୪୭ମି. ଗତେ ଘ.୦୯.୦୫ମି.ମଧ୍ୟେ, ରାତ୍ରି ଘ.୧୧.୨୩ମି.ଗତେ ଘ.୦୨.୨୮ମି.ମଧ୍ୟେ ଅମୃତବେଳା। ଦିବା ଘ.୦୩.୩୧ମି.ଗତେ ଘ.୦୫.୧୧ମି.ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ. ୦୭.୦୭ମି.ଗତେ ଘ.୦୮.୪୦ମି. ମଧ୍ୟେ ରାହୁକାଳ।

## ଅସହାୟଙ୍କୁ ସହାୟ ହୁଅ

■ ଭାଜପା ନେତାଙ୍କୁ ପରାମର୍ଶ ଦେଲେ କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ ଅଫିସ, ୧୨।୪:** ଅନୁଗୋଳ ଜିଲାର ବରିଷ୍ଠ ଭାଜପା ନେତାମାନଙ୍କ ସହ ରବିବାର ଭିଡିଓ କନ୍‌ଫରେନ୍ସ (ଭିସି) ମାଧ୍ୟମରେ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଦଳୀୟ ନେତାମାନଙ୍କୁ ନାନା ପରାମର୍ଶ ଦେଇଥିଲେ। ପ୍ରଧାନ କହିଥିଲେ ଯେ, ସମସ୍ତ କାର୍ଯ୍ୟକର୍ତ୍ତା ନିଜ ଘର ପାଖରେ ଥିବା ଅସହାୟ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରନ୍ତୁ। ସମସ୍ତେ ଘରେ ମାସ୍କ ତିଆରି କରି ପିନ୍ଧନ୍ତୁ ଓ ଆଖପାଖ ଅଞ୍ଚଳରେ ବଣ୍ଟନ କରନ୍ତୁ। କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ସହ ପିଏମ୍ କେୟାର ଫଣ୍ଡକୁ ପରିବାର ପିଛା ଦାନ କରନ୍ତୁ। ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ପ୍ରବର୍ତ୍ତାନ୍ତୁ। ଲୋକମାନେ କିପରି ଆରୋଗ୍ୟ ସେତୁ ଆପ୍ ଡ୍‌ଉନ୍ ଲୋଡ କରି କରୋନା ସମ୍ପର୍କରେ ସଚେତନ ହୋଇପାରିବେ ତାହା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱ ଦେବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ସଂଯୋଜନା କରିଥିଲେ। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରବି ନାରାୟଣ ପାଣି, ଭାଗୀରଥି ପ୍ରଧାନ, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରାଙ୍କ ସମେତ ତାଳଚେର ଓ କଣିହାଁ ବ୍ଲକ ଅଧକ୍ଷ, ଜିଲା ପରିଷଦ ସଦସ୍ୟ ଏବଂ ଅନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଆଲୋଚନାରେ ଭାଗ ନେଇଥିଲେ।

## ମାଲବାହୀ ଟ୍ରକ୍ ଚାଳକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

**ଢେଙ୍କାନାଳ ଅଫିସ, ୧୨।୪:** କରୋନା ବିପତ୍ତି ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଉଥିବା ଟ୍ରକ୍ ଚାଳକଙ୍କୁ ଢେଙ୍କାନାଳ ଛାତ୍ର ବିଜେଡି ପକ୍ଷରୁ ୫୫ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଏବଂ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ସୁଧୀର ସାମଲଙ୍କ ପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲକ୍‌ଡାଉନ ସମୟରେ ବାହାରୁ ଆସୁଥିବା ଭାରିଯାନ ଚାଳକମାନେ ଯେପରି ହଇରାଣ ନ ହେବେ ସେଥିଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୨୦କିମି ବ୍ୟବଧାନରେ ଢାବା ଖୋଲାଯାଇଛି। ହେଲେ ଉକ୍ତ ଢାବାଗୁଡ଼ିକରେ ଆବଶ୍ୟକ ଖାଦ୍ୟ ମିଳୁନାହିଁ। ଫଳରେ ବିଭିନ୍ନ ସ୍ଥାନରୁ ମାଲ ନେଇ ଆସୁଥିବା ଡ୍ରାଇଭର ଏବଂ ସେମାନଙ୍କ ସହଯୋଗୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରବିବାର ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ନଗର ଛାତ୍ର ବିଜେଡି ସଭାପତି ସୋନୁରାମ ସିଂ, ଆଶୁତୋଷ କର, ରାଜେଶ ବେହେରା, ସୌମ୍ୟରଞ୍ଜନ ମହାନ୍ତି, କୁନା ସାହୁ, ଅଭିଳାଷ ସାହୁ, ପ୍ରଦ୍ୟୁମ୍ନ ଦାସ, ଅଜୟ ବେହେରା, ବିଶ୍ୱରଞ୍ଜନ ସାହୁ, ସୁଶୀଲ ଗୋଚ୍ଛାୟତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଆଜିର ମନ୍ତବ୍ୟ

"କରୋନା ଭାଇରସ୍‌କୁ ନେଇ ଲୋକେ ଆତଙ୍କ ସୃଷ୍ଟି କରିବା ପରିବର୍ତ୍ତେ ମରଣ ବେଳରେ ଜୀବନର ବାର୍ତ୍ତାବହ ସାଜନ୍ତୁ।
-ପୋପ୍ ଫ୍ରାନ୍ସିସ୍, କ୍ୟାଥୋଲିକ୍ ଧର୍ମଗୁରୁ

## ପ୍ରଥମ ପୃଷ୍ଠାରୁ...

### ଦୁର୍ବଳ ହେବ ଅଭିବୃଦ୍ଧି ...

ଆକଳନ କରାଯାଇଛି। ଏହା ୨୦୨୧ ମାର୍ଚ୍ଚ ଶେଷ ବେଳକୁ ୪.୮-୫% ମଧ୍ୟରେ ରହିପାରେ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କରୋନାକୁ ନେଇ ବିଶ୍ୱବ୍ୟାପୀ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ଯୋଗୁ ସବୁ ରାଷ୍ଟ୍ରର ଅର୍ଥନୀତି ଦୁର୍ବଳ ହୋଇଯାଇଛି। ଭାରତ ସମେତ ଶ୍ରୀଲଙ୍କା, ନେପାଳ, ଭୁଟାନ ଏବଂ ବାଂଲାଦେଶରେ ମଧ୍ୟ ଅଭିବୃଦ୍ଧି ଦୁର୍ବଳ ରହିବ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ମାଳଦ୍ୱୀପର ଅର୍ଥନୀତି ସବୁଠାରୁ ଖରାପ ସ୍ଥିତି ଦେଇ ଗତି କରିବ ବୋଲି ଗତ ୭ ତାରିଖ ସୁଦ୍ଧା ମିଳିଥିବା ରିପୋର୍ଟ ଆଧାରରେ ବିଶ୍ୱବ୍ୟାଙ୍କ ପକ୍ଷରୁ ଏହି ଆକଳନ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଏବଂ ଏହାର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସତ୍ତ୍ୱେ ଏହି ଦେଶଗୁଡ଼ିକରେ ସଂକ୍ରମିତଙ୍କ ସଂଖ୍ୟା ୧୩ ହଜାରରେ ପହଞ୍ଚିଛି। ତେବେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଏହା ଦକ୍ଷିଣ ଏସିଆରେ କମ୍ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।
ଭାରତରେ ୧୩୦ କୋଟି ଲୋକ ଲକ୍‌ଡାଉନ ମଧ୍ୟରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ରୋଜଗାର ହରାଇଲେଣି। ବହୁ ଛୋଟବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଏପରି କି ବିଭିନ୍ନ ରାଜ୍ୟରେ ଫସିଥିବା ଦାଦନ ଶ୍ରମିକମାନେ ଜୀବିକା ହରାଇ ନିଜ ନିଜ ଭିଟାମାଟିକୁ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ତେଣୁ ଏହି ଲକ୍‌ଡାଉନ ଚଳିତ ବର୍ଷର ଅର୍ଥନୈତିକ ଅବସ୍ଥାକୁ ଦୁର୍ବଳ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅର୍ଥନୈତିକ କଷ୍ଟକୁ ସାମୟିକ ଭାବେ କମ୍ କରିବା ସକାଶେ ଅଧିକରୁ ଅଧିକ ଆର୍ଥିକ ପ୍ୟାକେଜ୍ ଘୋଷଣା ସହ ବେରୋଜଗାର ହୋଇଥିବା ଦେଶାନ୍ତର ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉକ୍ତ ରାଷ୍ଟ୍ରଗୁଡ଼ିକୁ ବିଶ୍ୱବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏପରି କି ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କୁ ଋଣ ପ୍ରଦାନ ନେଇ ଏଥିରେ ପ୍ରସ୍ତାବ ଦିଆଯାଇଛି। ଇତିମଧ୍ୟରେ ଲକ୍‌ଡାଉନ ଦ୍ୱାରା ପ୍ରଭାବିତ ହୋଇଥିବା ଲକ୍ଷଲକ୍ଷ ଗରିବଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଭାରତ ସରକାର ୨,୩୦୦କୋଟି ଡଲାରର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଅପରପକ୍ଷରେ ପାକିସ୍ତାନ ସରକାର ମଧ୍ୟ ୬୦୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ସଂକ୍ରମଣକୁ ରୋକିବା ଏବଂ ଲୋକଙ୍କୁ ସୁରକ୍ଷା ଦେବା ଜରୁରୀ ହୋଇପଡ଼ିଛି। ବିଶେଷକରି ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସହ ଆର୍ଥିକ ସହାୟତା ଯୋଗାଇବା ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ପ୍ରଥମ କର୍ତ୍ତବ୍ୟ ବୋଲି ବିଶ୍ୱବ୍ୟାଙ୍କର ବରିଷ୍ଠ ଅଧିକାରୀ ହାର୍ଟୱିଗ ସାଫର କହିଛନ୍ତି।

### ଚାଷୀଙ୍କ ଦୁର୍ଦ୍ଦଶା ହଟାଇବ ...

୫୦ପ୍ରତିଶତ କର୍ମଚାରୀ କାର୍ଯ୍ୟରେ ଯୋଗଦେଇ ସବୁକିଛି ଶୃଙ୍ଖଳାର ସହିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ରବିବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ତଦନୁଯାୟୀ ଭୁବନେଶ୍ୱର ଏବଂ କଟକର ସମସ୍ତ କୃଷି କାର୍ଯ୍ୟାଳୟ ଖୋଲା ରହିବ। ଏହାସହ ପ୍ରତ୍ୟେକ ଜିଲାର କୃଷି କାର୍ଯ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତ୍ର ଅଧିକାରୀମାନେ ଏହି ସମୟରେ କୃଷକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝି କୃଷି ହେଲ୍ପଲାଇନ ନମ୍ବରରେ ଜଣାଇବେ ବୋଲି ନିର୍ଦ୍ଦେଶ ରହିଛି। ୨୫ ପ୍ରତିଶତ ଅଧିକାରୀ କାର୍ଯ୍ୟରେ ଯୋଗଦେବାକୁ ଥିବାବେଳେ ଅନ୍ୟମାନେ ଟେଲିଫୋନ ଦ୍ୱାରା ଯୋଗାଯୋଗରେ ରହିବେ ବୋଲି କୁହାଯାଇଛି। ଯଦି କୌଣସି ଅଧିକାରୀ କରୋନା ଆକ୍ରାନ୍ତଙ୍କ ଅଞ୍ଚଳରେ ରହୁଥିବେ କିମ୍ବା ବାହାରୁ ଗସ୍ତ କରି ଫେରିଥିବେ ଅଥବା ନିଃଶ୍ୱାସ ନେବା କିମ୍ବା ଫ୍ଲୁ ଭଳି ରୋଗରେ ଥିବେ ସେମାନଙ୍କୁ ଅଫିସ ନ ଆସିବାକୁ କୁହାଯାଇଛି। ଏହାସହ କୃଷି କାର୍ଯ୍ୟରେ ବ୍ୟବହାର୍ଯ୍ୟ ଜିନିଷକୁ ନ ଅଟକାଇବା ଲାଗି ମଧ୍ୟ ଗୃହ ବିଭାଗ ତଳସ୍ତର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। କୃଷି ନିର୍ଦ୍ଦେଶକ ମୁଥୁ କୁମାର କହିଛନ୍ତି, ଚାଷ କାର୍ଯ୍ୟ ଯେପିରି ଠିକ୍‌ଭାବେ ଚାଲିବ ସେଥିପାଇଁ ଜିଲା କାର୍ଯ୍ୟାଳୟ ଖୋଲିବାକୁ କୁହାଯାଇଛି। କୃଷି ଜିନିଷ ବିକ୍ରି ପାଇଁ ଦୋକାନଗୁଡିକ ଖୋଲାଯିବ। ଯାହା ସମସ୍ୟା ଚାଷୀଙ୍କର ରହିଛି ତାହା ତୁରନ୍ତ ସମାଧାନ ହେବ ବୋଲି ସେ କହିଛନ୍ତି।

### ଅଟକାଇବାରୁ ପୋଲିସଙ୍କ ...

ଖସି ପଳାଇଯାଇ ଏକ ଗୁରୁଦ୍ୱାରାରେ ଆଶ୍ରୟ ନେଇଥିବା ଆକ୍ରମଣକାରୀଙ୍କ ସହ ପୋଲିସର ଗୁଳି ବିନିମୟ ହୋଇଥିଲା। ପୋଲିସ ୫ ଆକ୍ରମଣକାରୀଙ୍କ ସମେତ ୮ ଜଣଙ୍କୁ ଗୁରୁଦ୍ୱାରା ଭିତରୁ ଗିରଫ କରିଛି। ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ଏଏସ୍‌ଆଇ ହର୍‌ଜିତ ସିଂ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ଜଣେ ଲୋକ କଟାହାତ ତାଙ୍କୁ ଦେଉଥିବା ଦେଖାଯାଇଛି। ପରେ ଏଏସ୍‌ଆଇଙ୍କୁ ମୋଟରସାଇକେଲରେ ନେଇ ନିକଟସ୍ଥ ରାଜୀନ୍ଦ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଚଣ୍ଡିଗଡ଼ସ୍ଥିତ ପିଜିଆଇଏମ୍‌ଇଆର୍‌କୁ ନିଆଯାଇ ଅସ୍ତ୍ରୋପଚାର କରାଯାଇଛି।

ପଟିଆଲାର ଉକ୍ତ ଅଞ୍ଚଳରେ ଲକ୍‌ଡାଉନ କଟକଣା କଡ଼ାକଡ଼ି ପାଳନ ହେଉଥିବାବେଳେ ଏକ ଏସ୍‌ୟୁଭିରେ ଆସିଥିବା ଶିଖ୍ (ନିହାଙ୍ଗ) ସମ୍ପ୍ରଦାୟର କିଛି ଲୋକଙ୍କୁ ପୋଲିସ ଅଟକାଇ କର୍ଫ୍ୟୁ ପାସ୍ ଦେଖାଇବାକୁ କହିଥିଲା। ସେମାନେ ଗାଡ଼ିକୁ ବାରିକେଡ଼୍‌ରେ ମାଡ଼ କରିବା ସହ ପୋଲିସ ଉପରେ ଆକ୍ରମଣ କରିଦେଇଥିଲେ। ଆକ୍ରମଣ କରିସାରିବା ପରେ ସେମାନେ ସେଠାରୁ ୨୫ କିଲୋମିଟର ଦୂର ବାଲବେରା ଗ୍ରାମରେ ଥିବା ଗୁରୁଦ୍ୱାରା ଖିଚରି ସାହିବକୁ ପଳାଇଥିଲେ। ଆଇଜି ଯତୀନ୍ଦ୍ର ସିଂ ଔଲାଖଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉକ୍ତ ଗୁରୁଦ୍ୱାରାକୁ ଚାରିପଟୁ ଘେରିନେଇ ଚଢ଼ାଉ ଆରମ୍ଭ କରିଥିଲା। ଆକ୍ରମଣକାରୀଙ୍କଠାରୁ ୩ ପିସ୍ତଲ, ପେଟ୍ରୋଲ ବୋମା, ଖଣ୍ଡା, ଏଲ୍‌ପିଜି ସିଲିଣ୍ଡର ଆଦି ଜବତ ହୋଇଛି।

ଡ୍ୟୁଟିରେ ଥିବା ପୋଲିସ ଅଧିକାରୀଙ୍କ ହାତ ହାଣିଦେଇଥିବା ଶିଖ୍ ସଦସ୍ୟମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଦାବି କରିଛନ୍ତି। ଏଭଳି ଅମାନବୀୟ ଆକ୍ରମଣ ଘଟଣାକୁ ପୁରୀ ତୀବ୍ର ନିନ୍ଦା କରିଛନ୍ତି। ତୁରନ୍ତ ସେମାନଙ୍କୁ ଆଇନର କାଠଗଡ଼ା ମଧ୍ୟକୁ ନେଇ ଦଣ୍ଡବିଧାନ କରାଯିବା ଉଚିତ ବୋଲି କେନ୍ଦ୍ର ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏଭଳି ଆକ୍ରମଣ ଦୁର୍ଭାଗ୍ୟଜନକ ବୋଲି ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ଦିନ୍‌କର ଗୁପ୍ତା କହିଛନ୍ତି।

# ଭ୍ରମ ଭାଙ୍ଗିଦେଲା କରୋନା



ନୂଆଦିଲ୍ଲୀ: ବିଶ୍ୱବାସୀଙ୍କ ସ୍ୱରୂପ ବଦଳାଇ ଦେଇଛି କରୋନା। ଗତ ୫ମାସ ମଧ୍ୟରେ ଦୁନିଆ ଆଉ ସେମିତି ହୋଇ ରହିନାହିଁ, ଯେମିତି କିଛି ଦଶକ ଧରି ରହି ଆସିଥିଲା। ମହାଶକ୍ତି ବୋଲାଉଥିବା ଦେଶଗୁଡ଼ିକ କୋଭିଡ୍-୧୯ ପ୍ରହାରରେ ଧରାଶାୟୀ ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଦୀର୍ଘଦିନରୁ ରହିଆସିଥିବା ଚିରାଚରିତ ମାନସିକତା ଧ୍ୱସ୍ତବିଧ୍ୱସ୍ତ ହେବାରେ ଲାଗିଛି। କହିବାକୁ ଗଲେ ମୃତ୍ୟୁର ବାରୁଦଗଦା ଉପରେ ଛିଡ଼ା ହୋଇଥିବା ମଣିଷ ପ୍ରକୃତିର କୋପ ଆଗରେ ନତମସ୍ତକ ହେବାକୁ ବାଧ୍ୟ ହୋଇଛି।

ସାଧାରଣତଃ ଆମେରିକା ଏବଂ ୟୁରୋପ ଭଳି ଶକ୍ତିଶାଳୀ ରାଷ୍ଟ୍ରସମୂହ ନିଜର ଇଚ୍ଛାକୁ ଜବରଦସ୍ତ ଅନ୍ୟମାନଙ୍କ ଉପରେ ଲଦିଦେଉଥିଲେ। ହେଲେ କରୋନା ଚଡ଼କରେ ବିଶ୍ୱଶକ୍ତି ଏସିଆ ଆଡ଼କୁ ନଇଁବା ଆରମ୍ଭ କରିଛି। ସୋଭିଏତ୍ ରୁଷର ପତନ ପରେ ଏକମାତ୍ର ମହାଶକ୍ତି ବୋଲାଉଥିବା ଆମେରିକାର ମେରୁଦଣ୍ଡ ଦୋହଲାଇ ଦେଇଛି କରୋନା। ଏବେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି ଭାରତ ଏବଂ ଚାଇନା ଉପରେ। ସେମାନଙ୍କଠାରୁ ଅନ୍ୟ କରୋନା ପ୍ରଭାବିତ ଦେଶ ସହାୟତା ଲୋଡ଼ିବା ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହା ପୃଥିବୀର ଅନେକ ରାଷ୍ଟ୍ରଙ୍କ ମାନସିକତାକୁ ବଦଳାଇ ଦେବାର ଯଥେଷ୍ଟ ସମ୍ଭାବନା ରହିଛି।

ପେଟ୍ରୋଲିୟମ୍ ଭଳି ଖଣିଜ ପଦାର୍ଥକୁ କରାୟତ୍ତ କରିବାକୁ ଅନେକ ଯୁଦ୍ଧ ଲଢ଼ାଯାଇଛି। ପେଟ୍ରୋଲିୟମ ଜାତ ପଦାର୍ଥ ହିଁ ଦୁନିଆକୁ ପରିଚାଳନା କରିବାର ଏକମାତ୍ର ବିକଳ୍ପ ବୋଲି ବିଚାର କରାଯାଉଥିଲା। ହେଲେ କରୋନା ଭାଇରସ୍ ଏହି ଭ୍ରମକୁ ଭୁଲ୍ ବୋଲି ପ୍ରମାଣିତ କରିଛି। ଭାରତକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। କରୋନା ପାଇଁ ଭାରତର ୧୩୦ କୋଟି ଜନସାଧାରଣ ଗୃହଭିତରେ ବନ୍ଦୀ ହୋଇ ରହିଛନ୍ତି। ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ପେଟ୍ରୋଲ, ଡିଜେଲ୍ ବ୍ୟବହାରରେ ୯୫% କମ୍ ଆସିଛି। ସେହିପରି ଲକ୍ଷାଧିକ ଗାଡ଼ି ନୂଆରେ ତିଆରି ହୋଇ ଖତ ଖାଉଛି। ହେଲେ ଏହାପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏବେ ସମସ୍ତଙ୍କର କେବଳ ଗୋଟିଏ ଚିନ୍ତା ଜୀବନ କେମିତି ବଞ୍ଚିବ।

ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ କୂଟନୀତି ଦ୍ୱାରା ବିଶ୍ୱ ଉପରେ ବିଜୟ ସମ୍ଭବ ବୋଲି ଲୋକଙ୍କ ମଧ୍ୟରେ ରହି ଆସିଥିବା ଭାବନାକୁ କୋଭିଡ୍-୧୯ ଭୂତାଣୁ ଧ୍ୱଂସ କରିଦେଇଛି। କରୋନା ବିରୋଧୀ ଯୁଦ୍ଧରେ ୫୦ରୁ ଅଧିକ ଦେଶ ଚାଇନା ଉପରେ ଭରସା କରି ରହିଛନ୍ତି। ଏହି ବାହାନାରେ ଚାଇନା ନିଜର ଅର୍ଥବ୍ୟବସ୍ଥାକୁ ମଜଭୁତ କରିବା ଆରମ୍ଭ କରିଛି। ଅନ୍ୟ ଦେଶଗୁଡ଼ିକର ଶେୟାର ବଜାର ଦୋହଲି ଯାଇଥିବାବେଳେ ଚାଇନା ନିଜକୁ କୌଣସିମତେ ସୁରକ୍ଷିତ ରଖିପାରିଛି। ସାରା ବିଶ୍ୱ କରୋନା ପଞ୍ଝାରୁ ମୁକୁଳିବାକୁ ଚେଷ୍ଟା ଚଳାଇଥିବା ବେଳେ ଚାଇନା ବିନା ଯୁଦ୍ଧରେ ନିଜକୁ ସୁପର ପାୱାର ଭାବେ ପ୍ରମାଣିତ କରିବାକୁ ଅଣ୍ଟା ଭିଡ଼ିଲାଣି। ସେହିପରି ଆମେରିକା, ଇଟାଲୀ, ବ୍ରିଟେନ୍ ଭଳି ପ୍ରାଚୁର୍ଯ୍ୟଭରା ଦେଶ ଆଧୁନିକ ଜୀବନଶୈଳୀକୁ ସବୁକିଛି ବୋଲି ବିଚାର କରୁଥିଲେ। ନିଜର ନାଗରିକଙ୍କୁ ସମସ୍ତ ପ୍ରକାର ସୁଖସୁବିଧା ମଧ୍ୟ ଦେଇଥିଲେ। ଏସିଆ ଏବଂ ଆଫ୍ରିକୀୟ ଦେଶ ଲାଗି ଏମାନେ ପାଲଟିଥିଲେ ଉଦାହରଣ। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। ୟୁରୋପ୍, ଆମେରିକାରେ ରହୁଥିବା ଏସିଆ ଏବଂ ଆଫ୍ରିକାର ଲୋକମାନେ ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ ଛାଡ଼ି ଏବେ ଭିଟାମାଟିକୁ ଫେରି ଆସିବାକୁ ଚାହିଁ ବସିଛନ୍ତି। ସେମାନେ ଭଲ ଭାବେ ବୁଝି ସାରିଲେଣି ଯେ, ବିକଶିତ ଦେଶର ଅତ୍ୟାଧୁନିକ ସୁବିଧା ମଧ୍ୟ ଜୀବନକୁ ସୁରକ୍ଷା ଦେଇପାରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଅପରପକ୍ଷେ କରୋନା ସଙ୍କଟ ସମୟରେ ସାରା ବିଶ୍ୱବାସୀ ଭାରତର ସନାତନ ଧର୍ମକୁ ଅନୁକରଣ କରୁଛନ୍ତି। ନମସ୍କାର କରିବା, ହାତ ଧୋଇବା, ସ୍ୱଚ୍ଛତା ରକ୍ଷା କରିବା ଭାରତୀୟଙ୍କ ଭିତରେ ଦୀର୍ଘଦିନରୁ ପ୍ରଚଳିତ ହୋଇଆସିଛି। ଶତାଧିକ ବର୍ଷ ଧରି ଚଳି ଆସିଥିବା ଏପରି ଛୋଟ ଛୋଟ ପରମ୍ପରା ଊଣା ଅଧିକେ କରୋନା ଏବଂ ମଣିଷ ଭିତରେ ପାଚେରି ହୋଇ ଛିଡ଼ା ହୋଇଛି। ସେହିପରି ବାଦୁଡ଼ି ଭଳି ସରୀସୃପ ଜାତୀୟ ପ୍ରାଣୀଙ୍କ ମାଂସରୁ କରୋନା ବ୍ୟାପିଥିବାବେଳେ ଏବେ ସନାତନ ହିନ୍ଦୁଧର୍ମର ଶାକାହାର ଭୋଜନକୁ ବିଭିନ୍ନ ଦେଶବାସୀ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

## ଇନ୍‌ଷ୍ଟାଗ୍ରାମରେ କାଜଲଙ୍କ ୧ କୋଟି ଫଲୋଅର୍ସ



ମୁମ୍ବାଇ: ସୋସିଆଲ ମିଡିଆରେ ବଲିଉଡ୍ ସେଲିବ୍ରିଟିଙ୍କର ରହିଛନ୍ତି କୋଟି କୋଟି ପ୍ରଶଂସକ। ତେବେ ନିକଟରେ ଅଭିନେତ୍ରୀ କାଜଲଙ୍କ ଇନ୍‌ଷ୍ଟାଗ୍ରାମ ଫଲୋୟର୍ସଙ୍କ ସଂଖ୍ୟା ୧ କୋଟି ଅତିକ୍ରମ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। କାଜଲ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଅଭିନୀତ ଫିଲ୍ 'କଭି ଖୁସି କଭି ଗମ୍'ର ଏକ ଭିଡିଓ ଶେୟାର କରି ଖୁ ସି ବ୍ୟକ୍ତ କରିଛନ୍ତି। ଏହି ଭିଡ଼ିଓରେ ଦେଖିବାକୁ ମିଳିଛି, ଏକ ଢୋଲର ତାଳେ ତାଳେ ସେ ଏକ ଗଳିରେ ନାଚୁଛନ୍ତି। ଏହି ଭିଡିଓର କ୍ୟାପ୍‌ଶନରେ ସେ ଲେଖିଛନ୍ତି, 'ଏହି ଖୁସି ମୋ ଇନ୍‌ଷ୍ଟାଗ୍ରାମ ଫଲୋୟର୍ସଙ୍କ ପାଇଁ, ଯେଉଁମାନେ ମୋର ରିଲ୍ ଓ ରିୟଲ ଲାଇଫ୍‌କୁ ଏତେ ଭଲ ପାଆନ୍ତି, .... ଆପଣଙ୍କ କାଜଲ।' ଇନ୍‌ଷ୍ଟାଗ୍ରାମରେ କାଜଲଙ୍କ ଫଲୋୟସଙ୍କ ସଂଖ୍ୟା ୧ କୋଟି ଅତିକ୍ରମ କରିଥିବାରୁ ସେ କେତେ ଖୁସି ଅଛନ୍ତି, ତାହା ଏଥିରୁ ସ୍ପଷ୍ଟ ବାରି ହୋଇ ପଡିଛି।





## ଲକ୍ଷାଧିକ ଟଙ୍କା ଦାନକଲେ ଛାତ୍ର

**ରାୟପୁର:** ଲକ୍‌ଡାଉନ୍ ସମୟରେ ବିଭିନ୍ନ ଅଞ୍ଚଳରେ ଗରିବ ତଥା ଦିନମଜୁରିଆମାନେ ଖାଇବାକୁ ପାଉନାହାନ୍ତି। ଏଥିପାଇଁ ବହୁ ଅନୁଷ୍ଠାନ ତଥା ବ୍ୟକ୍ତିମାନେ ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଛନ୍ତି। କେଉଁଠି ଅସହାୟ ଲୋକଙ୍କୁ ଖାଦ୍ୟ ଦିଆଯାଉଛି ତ କେଉଁଠି ରାସନ ସାମଗ୍ରୀ। ଏସବୁ ଖବର ଶୁଣି ବିଭିନ୍ନ ଅଞ୍ଚଳରେ ସ୍କୁଲ ପିଲାମାନେ ବି ନିଜ ନିଜ ସଞ୍ଚୟକୁ ଏଭଳି କାମରେ ଲଗାଇବା ପାଇଁ ଦାନ କରି ଦେଉଛନ୍ତି। ଏହି ଲକ୍ଷ୍ୟରେ ଏବେ ଜଣେ ଛାତ୍ର ୧ ଲକ୍ଷ ୧୭ ହଜାର ଟଙ୍କା ଦାନକରି ଚର୍ଚ୍ଚାକୁ ଆସିଛନ୍ତି। ଏହିଛାତ୍ର ହେଉଛନ୍ତି ଛତିଶଗଡ଼ ରାୟପୁରର ଦଶମ ଶ୍ରେଣୀରେ ପାଠ ପଢୁଥିବା ରଣବୀର ସିଂହ। ରଣବୀର ହେଉଛନ୍ତି ଜଣେ କନଷ୍ଟେବଲଙ୍କ ପୁଅ। ଦଶବର୍ଷ ତଳୁ ସେ ସଞ୍ଚୟ କରି ଆସୁଥିବା ସବୁଟଙ୍କାକୁ ଏକାଠିକରି ଅସହାୟ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟରେ ଦାନ କରିଛନ୍ତି। ରଣବୀର ସବୁଦିନ ବିଭିନ୍ନ ଅଞ୍ଚଳରେ ଥିବା ଦିନମଜୁରିଆଙ୍କ ଦୁଃଖକଷ୍ଟ ସମ୍ପର୍କରେ ଖବର ଶୁଣୁଥିଲେ। ଏହାପରେ ସେ ରହୁଥିବା ଅଞ୍ଚଳରେ ବି ଶ୍ରମିକମାନଙ୍କୁ କିଛିଲୋକ ନିଜେ ଆୟୋଜନ କରି ଖାଦ୍ୟ ଓ ରାସନ ସାମଗ୍ରୀ ବାଣ୍ଟୁଥିବାର ଦେଖିଥିଲେ। ସେଥିପାଇଁ ସେ ନିଜେ ମଧ୍ୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଇଛା କରିଥିଲେ। ଆଉ ଏଥିପାଇଁ ବର୍ଷ ବର୍ଷ ଧରି ଘଡ଼ିରେ ସଞ୍ଚୟ କରିଥିବା ସମସ୍ତ ଅର୍ଥକୁ ଏକାଠି କରି ସ୍ଥାନୀୟ ଯୁବକସଂଘକୁ ଦାନ କରିଥିଲେ। ଗତ ୧୦ ବର୍ଷ ମଧ୍ୟରେ ତାଙ୍କର ସଞ୍ଚିତ ଟଙ୍କା ୧ ଲକ୍ଷ ୧୭ ହଜାର ହୋଇଥିଲା। ଏହି ଅର୍ଥରେ ଗରିବ ଲୋକଙ୍କୁ ଏହି ଲକ୍‌ଡାଉନ୍ ସମୟରେ ଖାଇବାକୁ ଦିଆଗଲେ ସେ ବେଶ୍ ଆତ୍ମସନ୍ତୋଷ ଲାଭ କରିପାରିବେ ବୋଲି କହିଛନ୍ତି।

## ମାସ୍କ ବାଣ୍ଟୁଛନ୍ତି ଶିକ୍ଷୟିତ୍ରୀ



**ହଲଦାନୀ:** କରୋନା ଭାଇରସ୍ ଭଳି ଏକ ମହାବିପତ୍ତି ସମୟରେ ବିଭିନ୍ନ ସ୍ତରରେ ଲୋକେ ନିଜ ନିଜ ଉଦ୍ୟମରେ ସାହାଯ୍ୟ ସହଯୋଗ ଲାଗି ଆଗେଇ ଆସୁଛନ୍ତି। ବ୍ୟକ୍ତିଗତ ସ୍ତରରେ ଏମିତି ଏକ ଉଦ୍ୟମ କରିବାକୁ ବାହାରି ପଡ଼ିଛନ୍ତି ଉତ୍ତରାଖଣ୍ଡ ହଲଦାନୀର ତ୍ରିଲୋକନଗରରେ ରହୁଥିବା ଜଣେ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଭାବନା ଭଣ୍ଡାରୀ। ଚୋରଗଳିୟାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷାଦାନ କରୁଛନ୍ତି। ଏବେ ସ୍କୁଲ ଛୁଟିଥିବାରୁ ଘରକାମ କରିବା ପରେ ସେ ମାସ୍କ ତିଆରି କରୁଛନ୍ତି। ଆଉ ସେସବୁ ମାସ୍କକୁ ନେଇ ସେ ପୋଲିସମାନଙ୍କୁ ବାଣ୍ଟୁଛନ୍ତି। ସହରର ବିଭିନ୍ନ ସ୍ଥାନରେ ଥିବା ପୋଲିସମାନଙ୍କୁ ମାସ୍କ ବାଣ୍ଟିବା ସହିତ ଅନ୍ୟ କେତେକ ଅନୁଷ୍ଠାନ ଓ ମାସ୍କ ନ ଥିବା ସାଧାରଣ ଲୋକଙ୍କୁ ବି ବାଣ୍ଟୁଛନ୍ତି। ଭାବନାଙ୍କ ଏଭଳି ମାସ୍କ ତିଆରି କରି ବାଣ୍ଟିବା କାମ ଦେଖି ଏବେ ତାଙ୍କ ପଡୋଶୀ ମହିଳା ମାନେ ମଧ୍ୟ ତାଙ୍କ ଠାରୁ ମାସ୍କ ତିଆରି ଶିଖିବା ଆରମ୍ଭ କରିଛନ୍ତି। ତେଣୁ ଗରିବ ତଥା ବିଭିନ୍ନ ବସ୍ତି ଅଞ୍ଚଳରେ ଏବେ ଭାବନାଙ୍କ ଉଦ୍ୟମରେ ଲୋକେ ମାଗଣାରେ ମାସ୍କ ପାଇ ପାରୁଛନ୍ତି। ଭାବନା ମାସ୍କ ବାଣ୍ଟିବା ସହିତ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକଙ୍କୁ ରାସନ ସାମଗ୍ରୀ ମଧ୍ୟ ଦେଉଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏସବୁ କାମ ସେ ନିଜ ଖର୍ଚ୍ଚରେ ହିଁ ତୁଲାଉଛନ୍ତି। ବିଭିନ୍ନ ଲୋକ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ୨୨ ଦିନର ଶିଶୁକୁ ଧରି ଅଫିସ ଆସିଲେ ଆଇଏଏସ୍ ଅଫିସର

**ବିଶାଖାପାଟଣା:** କରୋନା ଭାଇରସ୍ ଆତଙ୍କରେ ଏବେ ସାରା ବିଶ୍ୱ। ଭାରତ ବି ଏଥିରୁ ବାଦ୍‌ପଡ଼ିନି। ଏଭଳି ସଙ୍କଟ ସମୟରେ ପୋଲିସ, ଡାକ୍ତର ଓ କେତେଜଣ ଅଧିକାରୀଙ୍କ ମାନବିକତାର ଚିତ୍ର ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି। ଏମାନେ ନିଜ ଘର ପରିବାର ଛାଡ଼ି ସମାଜର ଚିନ୍ତା କରୁଛନ୍ତି। ଏମିତି ଜଣେ ମହିଳା ଆଇଏଏସ୍ ଅଧିକାରୀଙ୍କ କଥା ସାମ୍ନାକୁ ଆସିଛି। ଶୃଜନ ଗୁମାଲ୍ଲା ନାମକ ଏହି ମହିଳା ଆଇଏଏସ୍ ଅଧିକାରୀ ଆନ୍ଧ୍ରପ୍ରଦେଶର ଗ୍ରେଟର ବିଶାଖାପାଟନମରେ ମ୍ୟୁନିସିପାଲ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଏବେ ୬ ମାସର ମ୍ୟାଟରନିଟି ଲିଭ୍ ଦିଆଯାଇଥିଲା ହେଲେ କରୋନା ସଙ୍କଟକୁ ଦୃଷ୍ଟିରେ ରଖି ସେ ତାଙ୍କର ଛୁଟି ବାତିଲ କରିବା ସହ ମାତ୍ର ୨୨ ଦିନର ସନ୍ତାନକୁ ସାଥିରେ ଧରି ଅଫିସ ଆସିଥିବା ଦେଖାଯାଇଛି। କରୋନା ଭାଇରସ୍‌କୁ ନେଇ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଯେଉଁ ସବୁ ବିଭାଗ କାମ କରୁଛନ୍ତି, ସେମାନେ ଦିନରାତି ଏକ୍ କରିଦେଇଛନ୍ତି। ତେଣୁ ଏହି ସମୟରେ ଜଣେ ଅଧିକାରୀ ଭାବେ ତାଙ୍କର କିଛି କର୍ତ୍ତବ୍ୟ ରହିଥିବା ଭାବି ଆଇଏଏସ୍ ଅଧିକାରୀ ଶୃଜନା ତାଙ୍କ ସବୁଛୁଟି ବାତିଲ କରି କାର୍ଯ୍ୟରେ ଯୋଗ ଦେଇଥିବା କହିଛନ୍ତି।



## କରୋନାକୁ ଜିତିଲେ ୯୩ ବର୍ଷୀୟା

**ଇସ୍ତାନବୁଲ:** ଇରାନ ପରେ ଏବେ ତୁର୍କୀକୁ କରୋନା ସଂକ୍ରମଣର ହଟ୍‌ସ୍ପଟ ବୋଲି କୁହାଯାଉଛି। ପ୍ରତିସପ୍ତାହରେ ଏଠାରୁ କରୋନାକୁ ନେଇ ଦୁଃଖଦ ଖବର ଆସୁଥିବା ବେଳେ ଏବେ ଏଠାରୁ ଆସିଛି ଏକ ଖୁସି ଖବର। ତୁର୍କୀର ୯୩ ବର୍ଷୀୟ ମହିଳା ଏଲି ଗୁନ୍‌ଦୁଜ କରୋନା ଯୁଦ୍ଧରେ ବିଜୟ ଲାଭ କରିଥିବା କୁହାଯାଉଛି। ପାଖାପାଖି ୧୦ ଦିନର ଏହି ଯୁଦ୍ଧରେ ଏଲି ବିଜୟ ଲାଭ କରିଥିବା ଜଣାପଡିଛି। ଶନିବାର ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦିଆଯାଇ ଥିବା ସୂଚନା ମିଳିଛି। ଘରକୁ ଯିବା ସମୟରେ ଏଲି ନର୍ସମାନଙ୍କ ମୁଣ୍ଡରେ ହାତମାରି କହିଛନ୍ତି, ଦେଖିବ ଦିନେ ସବୁଠିକ୍ ହୋଇଯିବ। ଏଲିଙ୍କ ଏହି ଆଶୀର୍ବାଦ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି କୁହାଯାଉଛି। ଅଲ୍ ଜଜିରାରେ ପ୍ରକାଶିତ ଏକ ଖବରରୁ ଜଣାପଡିଛି, ସମସ୍ତେ କହୁଥିଲେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନା ଯୁଦ୍ଧରେ ହାରିବେ ବୋଲି, ହେଲେ ଏଲିଙ୍କ ସୁସ୍ଥତା ଏବେ ତୁର୍କୀରେ ନୂଆ ଆଲୋକର ସମ୍ଭାବନା ସୃଷ୍ଟି କରିଛି ବୋଲି କୁହାଯାଉଛି।



## ମହିଳାଙ୍କ ଚାରି ସନ୍ତାନ ପ୍ରସବ

**ପାଟନା:** ସବୁଆଡ଼େ ଏବେ ଲକ୍‌ଡାଉନ୍। ଏଭଳି ଏକ ସ୍ଥିତିରେ ପାଟନାର ଛାପ୍ରାଠାରେ ଥିବା ଶକୁର କୋଲୋନୀର ଶଫା ନର୍ସିଂ ହୋମ୍‌ରେ ଜଣେ ମହିଳା ୪ଟି ସନ୍ତାନର ଜନନୀ ହୋଇ ଚର୍ଚ୍ଚାକୁ ଆସିଛନ୍ତି। ମହିଳା ଜଣକ ଏକାବେଳକେ ଚାରୋଟି ସନ୍ତାନ ଜନ୍ମଦେଇ ଖୁସିର ମାହୋଲ ଆଣି ଦେଇଛନ୍ତି। ଏହି ଚାରି ସନ୍ତାନଙ୍କ ମଧ୍ୟରୁ ଦୁଇଟି ପୁଅ ଥିବାବେଳେ ଦୁଇଜଣ ଝିଅ ଅଛନ୍ତି। ପ୍ରତ୍ୟେକଙ୍କ ଓଜନ ଦେଢ଼ କିଲୋଗ୍ରାମ୍ ହୋଇଥିବା ବେଳେ ସମସ୍ତେ ସୁସ୍ଥ ଅଛନ୍ତି। ନର୍ସିଂ ହୋମ୍‌ରେ ଏହି ମହିଳାଙ୍କ ଅପରେଶନ ପରେ ସଫଳତାର ସହ ସବୁ ସନ୍ତାନଙ୍କୁ ଗର୍ଭରୁ କଢ଼ା ଯାଇଥିଲା। ନର୍ସିଂ ହୋମ୍‌ର ଡାକ୍ତରଙ୍କ କହିବା ଅନୁସାରେ ମହିଳା ଜଣକ ପୂର୍ବରୁ ଅନ୍ୟ ଏକ ସ୍ଥାନରେ ଚିକିତ୍ସା ହେଉଥିଲେ। କିନ୍ତୁ ଲକ୍‌ଡାଉନ ଯୋଗୁ ସେ ପାଖରେ ଥିବା ଏହି ହସ୍‌ପିଟାଲକୁ ପ୍ରସବ ପାଇଁ ଆସିଥିଲେ। ଡାକ୍ତରମାନେ ତାଙ୍କର ପରୀକ୍ଷା କରିବା ପରେ ଅପରେଶନ କରି ଏହି ପ୍ରସବ କରାଇଥିଲେ। ମହିଳା ଜଣଙ୍କ ସ୍ୱାମୀ ସାଉଦୀ ଆରବରେ କାମ କରନ୍ତି ଓ ତାଙ୍କର ପୂର୍ବରୁ ଦୁଇ ଝିଅ ଅଛନ୍ତି।



ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। –ଶ୍ରୀମା



# ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ବନାମ କୋଭିଡ୍–୧୯



ନଟବର ଖୁଣ୍ଟିଆ

ମହାତ୍ମା ଗାନ୍ଧୀ କେବଳ ଭାରତକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବା ପାଇଁ ଅହିଂସା ମାର୍ଗରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ନ ଥିଲେ, ସ୍ୱାଧୀନ ଭାରତର ଅର୍ଥନୈତିକ ବ୍ୟବସ୍ଥା ଏପରି ପରିଚାଳିତ ହେବା ଆବଶ୍ୟକ ଯେପରି ସମାଜରେ ବାସ କରୁଥିବା ପ୍ରତ୍ୟେକ ବର୍ଗର ଲୋକ ନିଜ ନିଜର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ ନିଶ୍ଚିତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଯତ୍ନ ନେବାକୁ ସମର୍ଥ ହେଉଥିବେ। ଗାନ୍ଧିଜୀଙ୍କ ସ୍ପଷ୍ଟ ମତ ହେଲା, ଯେଉଁ ଅର୍ଥନୈତିକ ଯୋଜନା ଗ୍ରାମାଞ୍ଚଳରେ ଥିବା ମାନବସମ୍ବଳର ସଂପୂର୍ଣ୍ଣ ଉପଯୋଗ କରେ ନାହିଁ, ତାକୁ ଆମେ ଏକ ସ୍ୱଚ୍ଛ ବିଚାରବନ୍ତ ଯୋଜନା କହିବା ନାହିଁ। ଅନ୍ନକ୍ଲିଷ୍ଟ, ଅଳସୁଆ ଲୋକଟିକୁ ଶେଷରେ ଭଗବାନଙ୍କ ଭରସା ଉପରେ ଆମକୁ ଛାଡ଼ି ଦେବାକୁ ହେବ। ସୁତରାଂ ପୂର୍ଣ୍ଣ ନିଯୁକ୍ତିର ଆବଶ୍ୟକତା ବହୁଳ ଉତ୍ପାଦନଠାରୁ ଅଧିକା ବହୁଳ ଉତ୍ପାଦନ ଯଦି ଦେଶରୁ ବେକାରି ଦୂର ନ କରେ, ସେହି ଉତ୍ପାଦନର ମୂଲ୍ୟ କିଛି ନ ଥାଏ। ଏହି ବିଚାରକୁ ଗାନ୍ଧିଜୀ ଶ୍ରେୟ ଦେଇ ଗ୍ରାମ ସ୍ୱରାଜ ପ୍ରତିଷ୍ଠା କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଉଥିଲେ। ସେ ଚାହୁଁଥିଲେ ସ୍ୱାଧୀନ ଭାରତର ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇ ପଞ୍ଚାୟତ ବ୍ୟବସ୍ଥା ମାଧ୍ୟମରେ ସ୍ୱାଧୀନ ଭାରତର ସାମଗ୍ରିକ ବିକାଶ ହେଉ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଛାୟା ସମ୍ବିଧାନରେ ସ୍ଥାନ ପାଉ ନ ଥିବା ସମ୍ବାଦ ପାଇ ମହାତ୍ମା ଗାନ୍ଧୀ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଏବଂ ତାଙ୍କ ପତ୍ରିକା ହରିଜନରେ ତାଙ୍କର ଅସନ୍ତୋଷ ପ୍ରକାଶ କଲାପରେ ସମ୍ବିଧାନସଭା ସମ୍ବିଧାନର 'ରାଷ୍ଟ୍ରନୀତି ନିର୍ଦ୍ଦେଶକ ତତ୍ତ୍ୱ'ରେ ଏହାକୁ ସ୍ଥାନ ଦେଲେ। କିନ୍ତୁ ପଞ୍ଚାୟତିରାଜ ବ୍ୟବସ୍ଥା ବାଧ୍ୟତାମୂଳକ ହେଲା ନାହିଁ– ରାଜ୍ୟଗୁଡ଼ିକର ମର୍ଜି ଉପରେ ଛାଡ଼ି ଦିଆଗଲା। ସ୍ୱାଧୀନତା ପରେ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ବ୍ୟବସ୍ଥା ପ୍ରତି ରାଷ୍ଟ୍ର ଗୁରୁତ୍ୱ ନ ଦେଇ ସହରାଞ୍ଚଳ ବିକାଶ ପ୍ରତି ଗୁରୁତ୍ୱ ଦିଆଗଲା। ଗ୍ରାମାଞ୍ଚଳବାସୀ ଓ ସହରାଞ୍ଚଳବାସୀଙ୍କ ମଧ୍ୟରେ ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ ବୃଦ୍ଧି ପାଇଲା। ଗ୍ରାମାଞ୍ଚଳରେ ବାସ କରୁଥିବା ନାଗରିକମାନେ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଆତ୍ମନିର୍ଭରଶୀଳ ହୋଇପାରିଲେ ନାହିଁ। ଗ୍ରାମାଞ୍ଚଳରେ ବେକାରି ବୃଦ୍ଧି ପାଇଲା। ଗ୍ରାମାଞ୍ଚଳର ସମନ୍ୱିତ ବିକାଶ ପାଇଁ ସ୍ୱର ଉତ୍ତୋଳନ ସାରା ଦେଶରେ ଉଠିଲା। ଏହାକୁ ଲକ୍ଷ୍ୟ କରି ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ହୋଇ ପଞ୍ଚାୟତ ବ୍ୟବସ୍ଥାକୁ ସକ୍ରିୟ କରି ପଞ୍ଚାୟତକୁ ଦିଆଗଲା ଯେପରି ପଞ୍ଚାୟତମାନେ ଗ୍ରାମାଞ୍ଚଳରେ ଏକ ସଂସଦ ରୂପେ କାର୍ଯ୍ୟକରି ନିଜ ନିଜ ଅଞ୍ଚଳରେ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବେ। ସମ୍ବିଧାନର ଏକାଦଶ ତଫସିଲରେ ୨୯ଟି କ୍ଷେତ୍ରରେ ପଞ୍ଚାୟତକୁ ଅଧିକାର ଦିଆଯାଇଛି କାର୍ଯ୍ୟକାରୀ କରିବାକୁ । ଯଦି ପଞ୍ଚାୟତଗୁଡ଼ିକୁ ଏତେଗୁଡ଼ିଏ କ୍ଷେତ୍ରରେ କାର୍ଯ୍ୟ କରିବାକୁ କ୍ଷମତା ଦିଆଯାଇଛି ତେବେ ପଞ୍ଚାୟତଗୁଡ଼ିକୁ ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ସହିତ ମାନବସମ୍ବଳ ଯୋଗାଇ ଦେବା ଆବଶ୍ୟକ। କିନ୍ତୁ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ଅନୁଦାନ ଏବଂ ମାନବ ସମ୍ବଳ ପଞ୍ଚାୟତଗୁଡ଼ିକୁ ଯୋଗାଇ ଦେଇ ନ ଥିବାରୁ ପଞ୍ଚାୟତଗୁଡ଼ିକ ସାମ୍ବିଧାନିକ ଦାୟିତ୍ୱ ପାଳନ କରିପାରି ନ ଥିବାରୁ ଗ୍ରାମାଞ୍ଚଳର ବିକାଶ ନ ହେବା ଫଳରେ ଅଣକୁଶଳୀ, କୁଶଳୀ, ମାନବ ସମ୍ବଳ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଓ ବିଦେଶକୁ ଯାଇ ଅତି ଦୟନୀୟ ସ୍ଥିତିରେ କାର୍ଯ୍ୟ କରୁଛନ୍ତି।

ଏବେ ପଞ୍ଚାୟତମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଆର୍ଥିକ ଅନୁଦାନ ଦିଆଯାଉଛି।ଏହାର ପରିମାଣ ପଞ୍ଚାୟତର ଲୋକ ସଂଖ୍ୟାକୁ ଚାହିଁ ଅନ୍ୟୂନ ୪୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା। ଏତେ ପରିମାଣ ଟଙ୍କାର ବାର୍ଷିକ ଅନୁଦାନକୁ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ କିପରି ପଞ୍ଚାୟତର ସମ୍ପଦକୁ ବିନିଯୋଗ କରି ଯୋଜନାବଦ୍ଧ ଭାବରେ ବ୍ୟୟ କରାଯିବ ସେଥିପାଇଁ ମାନବସମ୍ବଳର ପଞ୍ଚାୟତର ଅଛି କି? ସେମାନଙ୍କର ଆବଶ୍ୟକ ଯୋଗ୍ୟତା ଅଛି କି? ଖବର ନେବାରେ ଜଣାଯାଏ ଯେଉଁ ଅନୁଦାନ ଆସୁଛି ତାହା ଖର୍ଚ୍ଚ ହୋଇ ନ ପାରି ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ରହୁଛି। ଯାହା ଖର୍ଚ୍ଚହେଉଛିତାହାର ଯଥାଯଥ ଉପଯୋଗ ହେଉନାହିଁ। ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ଅନୁଦାନ ସିଧାସଳଖ ଆସିବା ବ୍ୟତୀତ ବ୍ଲକ୍ ମାଧ୍ୟମରେ ଅନେକ ଯୋଜନା ମାଧ୍ୟମରେ ଅର୍ଥ ପଞ୍ଚାୟତ ସୁପାରିସରେ ଖର୍ଚ୍ଚ ହେଉଛି।

ପ୍ରକୃତ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକ କିପରି ଦୟନୀୟ ଅବସ୍ଥାରେ ଆମ ରାଜ୍ୟରେ କାର୍ଯ୍ୟ କରୁଛନ୍ତି ସେ ସ୍ଥିତିକୁ ଆଉ କେହି ନୁହେଁ ଖୋଦ୍ ଚତୁର୍ଥ ଅର୍ଥ କମିଶନ କୁହନ୍ତି ଯେ, ସମ୍ବିଧାନରେ ପଞ୍ଚାୟତମାନଙ୍କୁ କ୍ଷମତା ହସ୍ତାନ୍ତର କରିବାରେ ଯେଉଁ ବ୍ୟବସ୍ଥା ରହିଛି ତାକୁ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ଆର୍ଥିକ, ମାନବସମ୍ବଳ ଓ ଭିତ୍ତିଭୂମି ଯୋଗାଇ ଦିଆଯାଇନାହିଁ, ଯାହାଫଳରେ ପଞ୍ଚାୟତଗୁଡ଼ିକ ଏକ ଏକ ସ୍ଥାନୀୟ ସରକାର ରୂପେ କାର୍ଯ୍ୟ ନ କରି ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଏଜେନ୍ସି ରୂପେ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତିରାଜ ବିଭାଗ ଜିଲାପାଳମାନଙ୍କୁ ଗତ ୨୨।୨।୨୦୨୦ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେହେତୁ କେନ୍ଦ୍ର ଅର୍ଥକମିଶନ ଓ ରାଜ୍ୟ ଅର୍ଥକମିଶନଙ୍କ ସୁପାରିସ କ୍ରମେ ଗୋଟିଏ ଗୋଟିଏ ପଞ୍ଚାୟତକୁ ବାର୍ଷିକ ୪୦ ଲକ୍ଷରୁ ୧ କୋଟି ଟଙ୍କା ଅନୁଦାନ ସିଧାସଳଖ ଦିଆଯିବ ତାକୁ ବ୍ୟୟ କରିବାର ସାମର୍ଥ୍ୟ ପଞ୍ଚାୟତମାନଙ୍କର ନାହିଁ। ଯେହେତୁ ସେମାନଙ୍କ ପାଖରେ ଆବଶ୍ୟକ ମାନବସମ୍ବଳ ନାହିଁ, ଏଣୁ ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଫିସରମାନେ ପଞ୍ଚାୟତଗୁଡ଼ିକର ଯୋଜନା ପ୍ରସ୍ତୁତ କରି ଅର୍ଥ ବ୍ୟୟ କରିବାର ସମସ୍ତ ଦାୟିତ୍ୱ ନେବେ। ସମ୍ବିଧାନର ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟ ସରକାର ପଞ୍ଚାୟତକୁ କିପରି ଏକ କ୍ରୀଡ଼ାନକ କରି ଦେଇଛନ୍ତି, ତାହାର ସୂଚନା ଦେଉଛି।

କୋଭିଡ୍–୧୯ ଭୂତାଣୁ ସାରା ବିଶ୍ୱରେ ହାହାକାର ସୃଷ୍ଟି କରିଛି ବିଶ୍ୱ ମହାମାରୀ ରୂପେ। ଭାରତ ସେଥିରୁ ବାଦ୍ ପଡ଼ିନାହିଁ। ଯେଉଁଦିନ ଲକ୍‌ଡାଉନ୍ ଘୋଷଣା କରାଗଲା ତା'ପରଦିନ ସାରା ଦେଶରେ ଦିନ ମଜୁରିଆମାନେ କିପରି ରାସ୍ତାଘାଟରେ ଦଳ ଦଳ ହୋଇ ଚାଲିଲେ, ଖାଇବାକୁ ପାଇଲେ ନାହିଁ, ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନ ପାଇଲେ ନାହିଁ– ତାହା ଦେଶ ବିଭାଜନ ସମୟର ଶରଣାର୍ଥୀମାନଙ୍କର ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯିବାର କରୁଣ ଦୃଶ୍ୟକୁ ମନେପକାଇଲା। ବାହାରେ ଥିବା ଉଭୟ ଅଣକୁଶଳୀ ଓ କୁଶଳୀ ଶ୍ରମିକମାନେ ଲମ୍ବା ଧାଡ଼ି ଲଗାଇଲେ ନିଜ ଘରକୁ ଆସିବାକୁ। ଆମ ଦେଶରେ ଗ୍ରାମାଞ୍ଚଳ ଯେଉଁ କୃଷି ଓ କୃଷି ଆନୁଷଙ୍ଗିକ ସମ୍ପଦ ଅଛି ତାହାର ଯଦି ସ୍ୱାଧୀନତା ପରଠାରୁ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ନୀତିରେ ପରିଚାଳନା ହୋଇଥାନ୍ତା ତେବେ ଲୋକେ ନିଜ ନିଜ ଗ୍ରାମରେ ନିଯୁକ୍ତି ପାଇଥାନ୍ତେ– ନିଜର ସର୍ବନିମ୍ନ ଗୁଜୁରାଣ ମେଣ୍ଟାଇ ପାରୁଥାନ୍ତେ– ବାହାରକୁ ସୀମିତ ସଂଖ୍ୟାରେ ଲୋକେ ଯାଇଥାନ୍ତେ। ଏତେ ସଂଖ୍ୟାର ଲୋକେ ରାଜ୍ୟ ଓ ଦେଶ ବାହାରକୁ ଯାଇଥାନ୍ତେ କାହିଁକି? କାରଣ ହେଲା ପ୍ରତି ପଞ୍ଚାୟତକୁ ଆତ୍ମନିର୍ଭରଶୀଳ କରାଯାଇ ନାହିଁ। ସମ୍ବିଧାନ ସଂଶୋଧନ ହେବା ପରେ କି ଗ୍ରାମାଞ୍ଚଳ ବିକାଶ ପ୍ରତି ଧ୍ୟାନ ଦିଆଯାଇନାହିଁ। କୋଭିଡ୍–୧୯ ଆଜି ଯେଉଁ ସ୍ଥିତି କରିଛି ତାହା ଆମ ଅର୍ଥନୈତିକ ବ୍ୟବସ୍ଥାକୁ ପଦାରେ ପକାଇଛି।

ଏବେ ସୁଯୋଗ ଆସିଛି– ଆମ ଅର୍ଥନୀତି ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣି ଗ୍ରାମାଞ୍ଚଳ ବିକାଶ ପାଇଁ ଗୁରୁତ୍ୱ ଦେବାକୁ। ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ଗ୍ରାମ ପଞ୍ଚାୟତମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଉ। ସେଥିପାଇଁ ଗ୍ରାମପଞ୍ଚାୟତମାନଙ୍କୁ ଆବଶ୍ୟକ ମାନବସମ୍ବଳ ଯୋଗାଇ ଦିଅନ୍ତୁ। ଗ୍ରାମପଞ୍ଚାୟତମାନଙ୍କୁ ମାନବସମ୍ବଳ ଯୋଗାଇ ଦିଆ ନ ଯିବାର କାରଣ କୁହାଯାଇଛି– ସମ୍ବଳର ଅଭାବ। ତେବେ ସରକାର, ସରକାରୀ କର୍ମଚାରୀ ଓ ଲୋକପ୍ରତିନିଧିଙ୍କୁ ଅଧିକ ପରିମାଣର ବେତନ ଓ ପେନ୍‌ସନ କାହିଁକି ଯୋଗାଇ ଦେଉଛନ୍ତି। ସର୍ବନିମ୍ନ ବେତନ ଆଜି ୨୫ ହଜାର ଟଙ୍କା ହେବା ବେଳେ ସର୍ବୋଚ୍ଚ ବେତନ ୨ଲକ୍ଷ ୫୦ ହଜାର ଟଙ୍କା। ସେହିପରି ପେନ୍‌ସନ ମଧ୍ୟ ୨୫ ହଜାର ଟଙ୍କାରୁ ଲକ୍ଷାଧିକ ଟଙ୍କା ଦିଆଯାଉଛି। ଯେତେବେଳେ ଗୋଟିଏ ୫ ଜଣିଆ ଚାଷୀ ପରିବାରର ମାସିକ ଆୟ ୮ ହଜାର ଟଙ୍କାରୁ କମ୍। ଏ ବୈଷମ୍ୟ କାହିଁକି? ବର୍ତ୍ତମାନ କେନ୍ଦ୍ର ସରକାର ସାଂସଦମାନଙ୍କର ହାତପାଣ୍ଠିକୁ ଦୁଇ ବର୍ଷ ପାଇଁ ସ୍ଥଗିତ ରଖିବା ବେଳେ ସାଂସଦ ଓ ମନ୍ତ୍ରୀମାନଙ୍କର ବେତନ ୩୦ ପ୍ରତିଶତ ହ୍ରାସ କରିଛନ୍ତି। ଓଡ଼ିଶା ସରକାର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଅଫିସରଙ୍କ ବେତନ ୫୦ ପ୍ରତିଶତ ତିନି ମାସ ପାଇଁ ସ୍ଥଗିତ ରଖିଛନ୍ତି। ଏବେ ସୁଯୋଗ ସୃଷ୍ଟି ହୋଇଛି ବର୍ତ୍ତମାନ ଜାତୀୟ ସହମତିରେ ନିଷ୍ପତ୍ତି ନିଆଯାଉ। ସରକାରୀ ଓ ବେସରକାରୀ କ୍ଷେତ୍ରର କର୍ମଚାରୀମାନେ ବେତନ ଓ ପେନ୍‌ସନ୍‌କୁ ହ୍ରାସ କରି ବଳକା ଅର୍ଥକୁ ଗ୍ରାମାଞ୍ଚଳ ବିକାଶ ପାଇଁ ଗ୍ରାମପଞ୍ଚାୟତକୁ ଉପଯୁକ୍ତ ମାନବସମ୍ବଳ ଯୋଗାଇ ଦେଇ ଗ୍ରାମାଞ୍ଚଳରେ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଉ ତେବେ ଯାଇ ଆମ ଅର୍ଥନୀତି ସୁଦୃଢ଼ ହେବ, ଆମ ଦେଶର ପ୍ରତ୍ୟେକ ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତା ଯୋଗାଇ ଦେଇପାରିବା।

ଏ ୫୦୨, ମୋତି ବ୍ଲକ୍, ତୋଷାଳୀ ଆପାର୍ଟମେଣ୍ଟ,
ସତ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ମଣିଷ ଶିଖୁ

ମାନସ ରଂଜନ ବିଶ୍ୱାଳ

ଆଖିକୁ ଦେଖାଯାଉ ନ ଥିବା ଏକ ଭୂତାଣୁର ପ୍ରଭାବ ନିକଟରେ ସମଗ୍ର ବିଶ୍ୱ ଅସହାୟ। ଗୋଟିଏ ଝଟକାରେ ମାଟିରେ ମିଶିଗଲା ମଣିଷ ଜାତିର ସବୁ କଳ, ବଳ, କୌଶଳକୁ ନେଇ ଯେତେସବୁ ଆତ୍ମବଳ ଓ ଅହଂକାର। ଅତ୍ୟାଧୁନିକ ଜ୍ଞାନ କୌଶଳରେ ସମୃଦ୍ଧ ଫ୍ରାନ୍ସର ରାସ୍ତାରେ କାହାକୁ ଦେଖିଲେ ପୋଲିସ ଗିରଫ କରୁଛି। ପ୍ରସିଦ୍ଧ ଲଣ୍ଡନ ସହର ଏବେ ଶୂନଶାନ। ସେଠାରେ ଲକ୍‌ଡାଉନ ୬ ମାସ କରିବାକୁ ସରକାର ଚିନ୍ତା କରୁଛନ୍ତି। ଦିନେ ସାରା ବିଶ୍ୱ ଉପରେ ନିଜର ରାଜତ୍ୱ ଜାହିର କରିବାକୁ ଆସ୍ପର୍ଦ୍ଧା ରଖୁଥିବା ବ୍ରିଟିଶ ସାମ୍ରାଜ୍ୟର ରାଣୀ ଏଲିଜାବେଥ ଲଣ୍ଡନ ପ୍ରାସାଦ ଛାଡିବାକୁ ବାଧ୍ୟ ହୋଇଛନ୍ତି। କରୋନା ପାଇଁ ବିଚଳିତ ଓ ବିବ୍ରତ ହୋଇପଡିଥିବା ଜର୍ମାନୀର ଏକ ପ୍ରଦେଶର ଅର୍ଥମନ୍ତ୍ରୀ ଶେଷକୁ ଆତ୍ମହତ୍ୟାର ବାଟ ବାଛିନେଲେ। ନେଦରଲାଣ୍ଡର ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ପାର୍ଲାମେଣ୍ଟରେ କୋଭିଡ୍–୧୯ ଆଲୋଚନା ବେଳେ ଭାବପ୍ରବଣ ହୋଇ ଅଚେତ ହୋଇପଡିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଖିରୁ ଲୁହ ଗଡିପଡିଲା। ଲୋକେ ପୋକମାଛି ପରି ମରୁଥିବା ବେଳେ ଆଗକୁ ଆହୁରି ଭୟଙ୍କର ଲୋମଟାଙ୍କୁରା ଚିତ୍ରର ଆଶଙ୍କା ନେଇ ସାରା ବିଶ୍ୱ ନିର୍ବାକ ଓ ନିରୁପାୟ।

ଜ୍ଞାନ ବିଜ୍ଞାନ, ଧନ ସମ୍ପଦ ସର୍ବୋପରି କ୍ଷମତା ପ୍ରତିପତ୍ତି ବଳରେ ବଳୀୟାନ ଆଜିର ମଣିଷ। ଏହିସବୁ ବଳରେ ପୃଥିବୀର ସମସ୍ତ ଜୀବଜନ୍ତୁ, ବୃକ୍ଷଲତା, ସର୍ବୋପରି ପରିବେଶ ଉପରେ ମଣିଷ ନିଜର ନିୟନ୍ତ୍ରଣ ଜାହିର କରିଛି। ଭଗବାନ ମଧ୍ୟ ମଣିଷକୁ ଏହିସବୁ ବଳ ଦେଇ ସୃଷ୍ଟିକୁ ନିୟନ୍ତ୍ରଣ କରିବାକୁ ସୁଯୋଗଟିଏ ଦେଇଛନ୍ତି। ସେଥିପାଇଁ ମଣିଷକୁ ବୁଦ୍ଧି, ବବେକ, ଧିଶକ୍ତି, ଭଲମନ୍ଦ ବିଚାର କରିବାର ଶକ୍ତି ସହ ଆଗାମୀ ଭବିଷ୍ୟତ ପାଇଁ ଚିନ୍ତା କରିବାର କ୍ଷମତା ବି ଦେଲେ। ଭଗବାନ ଏ ସୁନ୍ଦର ବିଶ୍ୱର ସନ୍ତୁଳନ ତଥା ଭାରସାମ୍ୟ ରକ୍ଷା ପାଇଁ ଗୁଳ୍ମଠାରୁ ଆରମ୍ଭ କରି ବଡ ବଡ ବୃକ୍ଷ, କୀଟ ପତଙ୍ଗ, ସାପବେଙ୍ଗଠାରୁ ବିରାଟକାୟ ଡାଇନୋସର, ତିମିଠାରୁ ମୀନ ପର୍ଯ୍ୟନ୍ତ ଜୀବ ସୃଷ୍ଟି କରିଥିଲେ। ଔଷଧୀୟ ଗୁଣ ରଖୁଥିବା ଯେତେସବୁ ଆବଶ୍ୟକୀୟ ବୃକ୍ଷଲତା ଆଦି ଭଗବାନ ସୃଷ୍ଟି କରିଥିଲେ । ସୃଷ୍ଟି କରିଥିଲେ ଜୀବ ଜଗତ ପାଇଁ ଆବଶ୍ୟକ ପାହାଡଠାରୁ ଝରଣା ଓ ନଦୀ ପର୍ଯ୍ୟନ୍ତ।

ଏହି ସୁନ୍ଦର ସୃଷ୍ଟିର ସମସ୍ତ ସର୍ଜନାର ସୁରକ୍ଷା ଓ ସମୃଦ୍ଧିର ଗୁରୁ ଦାୟିତ୍ୱ ଟେକିଦେଲେ ଭଗବାନ ମଣିଷ ହାତରେ। ହେଲେ ଫଳ କିନ୍ତୁ ପୂରା ଓଲଟା ହେଲା। ନିରନ୍ତର ରକ୍ଷକ କେବଳ ଭକ୍ଷକ ସାଜି ଚାଲିଲା। ପାହାଡ ପର୍ବତଠାରୁ ନଦୀନାଳ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପରିବେଶ ଉପରେ ମଣିଷ ଆସୁରିକ ଅତ୍ୟାଚାର କରି ଚାଲିଲା । ପରିବେଶ ଓ ପ୍ରକୃତିକୁ ନଷ୍ଟ ଭଷ୍ଟ କରିବା ପାଇଁ ମଣିଷ ତା'ର ବୁଦ୍ଧି, ବିଦ୍ୟା, କ୍ଷମତା ଓ ପ୍ରତିପତ୍ତିକୁ ବି ଦିନରାତି ଏକାକାର କରି ବ୍ୟବହାର କରି ଚାଲିଛି। ପାଣିଠାରୁ ପବନ, ମୃତ୍ତିକାଠାରୁ ପାହାଡ ପର୍ଯ୍ୟନ୍ତ ସବୁକିଛି ମଣିଷ ନିଜର ସୁଖ ଓ ସମ୍ପଦ ପାଇଁ ଧ୍ୱଂସାଭିମୁଖୀ କରିବାକୁ ତିଳେ ହେଲେ ପଛାଉ ନାହିଁ। ଭୁଲି ଯାଉଛି ଜୀବ ଜଗତ ତିଷ୍ଠି ରହିବାକୁ ହେଲେ ଗୋଟିଏ ଅନୁକୂଳ ପରିବେଶ ଅତ୍ୟାବଶ୍ୟକ। ମହାନ୍ ଭାରତୀୟ ସଂସ୍କୃତି ଆମକୁ କେଉଁ ଆଦିମ କାଳରୁ ମାଟିକୁ ମାଆ ଆସନରେ ବସାଇ ପୂଜା କରିବା ଶିଖାଇଛି। ଆମ ପାହାଡ ପର୍ବତ, ବୃକ୍ଷଲତା ପାଣି ପବନକୁ ମଧ୍ୟ ଆଧ୍ୟାତ୍ମିକତାର ସୂତ୍ରରେ ବାନ୍ଧି ଏହାର ସୁରକ୍ଷାର ବାର୍ତ୍ତା ଦେଇଛି। ଏମାନଙ୍କୁ ଦେବତାର ମର୍ଯ୍ୟାଦା ବି ଦେଇଛି। ସେସବୁକୁ ଧ୍ୱଂସ କରି ମଣିଷ ନିଜକୁ ରାକ୍ଷାସ ସମ ବୋଲି ପ୍ରମାଣିତ କରିଛି। ପାହାଡ ପର୍ବତରେ ବିପଦ ଜନକ ୱାଗନ ହୋଲ ବ୍ଲାଷ୍ଟିଂ କରି ଭୟଙ୍କର ଶବ୍ଦ ପ୍ରଦୂଷଣ ସହ ପରିବେଶକୁ ଧ୍ୱଂସାଭିମୁଖୀ ଓ ବିଷାକ୍ତ କରିଦେଲା। ବିଭିନ୍ନ ପ୍ରକାର ସୁଖ ଓ ସମ୍ଭୋଗ ପାଇଁ ପ୍ରକୃତି, ପରିବେଶର ଚିରାଚରିତ ଧାରାକୁ ଭାଙ୍ଗିରୁଜି ଛାରଖାର କରିଦେଲା।

ହେଲେ ଏତେସବୁ ନକାରାତ୍ମକ କାମ କରି ପାରୁଥିବା ମଣିଷ କିନ୍ତୁ କରୋନା ପରି ରୋଗର କାରଣ ସାଜିଥିବା ଏକ ଛୋଟିଆ ଭୂତାଣୁକୁ ରୋକି ପାରୁନି। ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଓ ସାଥୀ ବିନା ବଞ୍ଚି ପାରୁ ନ ଥିବା ମଣିଷକୁ ଏକବାର ସାଥୀହୀନ ନିଃସଙ୍ଗ ଜୀବନ ବଞ୍ଚିବାକୁ ବାଧ୍ୟକଲା ଏହି ଭୂତାଣୁ। ଜୀବଜଗତ ଓ ପରିବେଶ ଧ୍ୱଂସର କାରଣ ସାଜି ମଣିଷ ନିଜକୁ ସେ କ୍ଷେତ୍ରରେ ଅସାମାଜିକ ବୋଲି ପ୍ରମାଣିତ କରିଥିଲା। ଏବେ ଏହି ଭୂତାଣୁ ମଣିଷ ସହ ମଣିଷକୁ ମିଶାଇ ନ ଦେଇ ସମାଜରେ ତାକୁ ଅସାମାଜିକ କରିବାକୁ ବାଟ ତିଆରି କରିଦେଲା। ଯେଉଁ ଗାଈ କିମ୍ବା ଅନ୍ୟ ଜୀବ ମୁହଁରେ ତୁଣ୍ଡି ଲଗାଇ ମଣିଷ ନିଜର କାଇଦାକୁ ପ୍ରଦର୍ଶନ କରୁଥିଲା ସେହି ମଣିଷ ମୁହଁରେ ଭୂତାଣୁଟିଏ ତୁଣ୍ଡି ଲଗାଇ ଦେଲା। ଜୀବ ଜଗତକୁ ବିଶ୍ୱାସଘାତ କରିଥିବା ମଣିଷ ଆଜି ନିଜ ସମ୍ମୁଖରେ ଥିବା ମଣିଷକୁ ବିଶ୍ୱାସ କରିପାରିଲା ନାହିଁ। ତା' ଦେହରେ କରୋନା ଥିବାର ସନ୍ଦେହରେ ଦୂରେଇ ରହିଲା। ଏପରି କି ନିଜର ଆତ୍ମୀୟସ୍ୱଜନ ଏହି ରୋଗରେ ପଡିଲେ ତା' ପାଖକୁ ଆହା ପଦେ କହିବାକୁ ଯିବା ପାଇଁ ବାଟ ବନ୍ଦ ହୋଇଗଲା। ପ୍ରାଣତ୍ୟାଗ କଲେ ଅନ୍ତିମ ସଂସ୍କାର କରିବାକୁ ବି ଲୋକେ ଆସୁ ନାହାନ୍ତି। ଗାଁର ବୁଢାଲୋକମାନେ କହୁଛନ୍ତି, ଆମ ଜୀବନରେ ଏଭଳି କଥା କେବେ ଶୁଣି ନ ଥିଲୁ କିମ୍ବା ହେବ ବୋଲି ଆମେ ସ୍ୱପ୍ନରେ ଭାବି ନ ଥିଲୁ।

ଯିଏ ଚାଲାକ ସେ ବହୁ ଆଗକୁ ଚିନ୍ତା କରେ। ଭଗବାନ ପ୍ରଦର୍ଶିତ ମାର୍ଗରେ ବାଟ ଚାଲେ। ଏଠି ଚାଲାକ ନୁହେଁ ବରଂ ମଣିଷ କେବଳ ଅଧିକ ସ୍ୱାର୍ଥପର ବୋଲି ଭାବିବାକୁ ପଡିବ। ଅନ୍ୟ ଜୀବଜଗତକୁ ଏହି କରୋନା ଭୂତାଣୁ ବ୍ୟାପୁନାହିଁ କାହିଁକି, ତାହା ଏହି ସ୍ୱାର୍ଥପର ମଣିଷ ଏବେ ଭାବିବା ଜରୁରୀ। ତେଣୁ ନିଜକୁ ଅତ୍ୟଧିକ ଚାଲାକ, ଚତୁର ଭାବି ଗୁଡିଏ ଅପକର୍ମ ଛାଡି ଶୃଙ୍ଖଳିତ ଜୀବନ ବଞ୍ଚିବାକୁ ପ୍ରଥମେ ପରିବେଶକୁ ସୁସ୍ଥ, ସମୃଦ୍ଧ ଓ ସନ୍ତୁଳିତ କରନ୍ତୁ। ଅବିବେକିତାରୁ ଦୂରେଇ ରହି ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାନ୍ତୁ। ମାନବିକତାକୁ ଉଜ୍ଜୀବିତ, ପ୍ରଜ୍ଜ୍ୱଳିତ କରନ୍ତୁ। ଦେଖିବେ କରୋନା ପରି ମହାମାରୀ ଆପେ ଦୂରେଇ ଯିବ।

ଭୁବନପୁର, ଗଡ଼ମଧୁପୁର, ଯାଜପୁର, ମୋ–୯୪୩୯୮୧୩୪୧୭

## ସାପ୍ତାହିକ ପଞ୍ଜିକା

**ଏପ୍ରିଲ୍–୫:** ବିଶ୍ୱବ୍ୟାପୀ କାରୋନା ଭାଇରସ ଉଗ୍ରରୂପ ଧାରଣ କରିଛି। ବିଶ୍ୱର ୨୦୫ ଦେଶରେ ଏହା ନିଜର ଅଧିକାର ଜାହିର କରିବା ସହ ୧୨ ଲକ୍ଷ ୫୦ ହଜାର ଲୋକଙ୍କୁ କବ୍‌ଜାକୁ ଦେଇଛି। ମୃତ୍ୟୁ ସଂଖ୍ୟା ୬୮ ହଜାରକୁ ଟପି ଯାଇଛି।

**ଏପ୍ରିଲ୍–୬:** କରୋନା ସଂକ୍ରମିତ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ହସ୍ପିଟାଲରେ ଭର୍ତ୍ତି।

**ଏପ୍ରିଲ୍–୭:** ବିଶ୍ୱରେ କରୋନାଜନିତ ମୃତ୍ୟୁସଂଖ୍ୟା ୭୯ ହଜାରକୁ ଟପିଲା। ଗୋଟିଏ ଦିନରେ ଗଲା ୫ ହଜାର ଜୀବନ।

**ଏପ୍ରିଲ–୯:** ଓଡ଼ିଶାରେ ଜାରି ରହିଥିବା ଲକ୍‌ଡାଉନ୍‌କୁ ଏପ୍ରିଲ୍ ୩୦ ଯାଏ ବୃଦ୍ଧି କରାଯାଇଛି।

**ଏପିଲ୍–୧୧:** ଦେଶବାସୀ ଲକ୍‌ଡାଉନ୍ ସମୟସୀମା ବଢ଼ାଇବା ଲାଗି ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହମତି ପ୍ରକାଶ ପାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୯୫**

- ରୁଷିଆ ଚଳିତବର୍ଷ ଶେଷସୁଦ୍ଧା ତା'ର ସୈନ୍ୟବାହିନୀରୁ ୨ ଲକ୍ଷ ୧୭ ହଜାର ସୈନ୍ୟ ହ୍ରାସ କରିବ ବୋଲି ସୂଚନା ଦେଇଛି।
- ଏଲ୍‌ଟିଟିଇ ସହ ଚାଲିଥିବା ଶାନ୍ତି କଥାବାର୍ତ୍ତାକୁ ଦେଶବାସୀ ସମର୍ଥନ କରିବା ପାଇଁ ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗା ଅନୁରୋଧ କରିଛନ୍ତି।

## ଏଇ ଭାରତରେ

ପରିବେଶକୁ ଭଲ ପାଇ ସାରା ଜୀବନ ତା' ସୁରକ୍ଷାରେ ନିଜକୁ ସମର୍ପିତ କରୁଥିବା ବ୍ୟକ୍ତି ଖୁବ୍ କମ୍ ଦେଖିବାକୁ ମିଳନ୍ତି। ଏମାନଙ୍କ ମଧ୍ୟରେ ଉତ୍ତରାଖଣ୍ଡର ସେଜା ଉତ୍‌ହା ଅନ୍ୟତମ। ମସୁରିରେ ସେ ୧୧୦ ଏକର ପଡିଆ ଜମିକୁ ଜଙ୍ଗଲରେ ପରିଣତ କରିଦେଇଛନ୍ତି। ଏହି ଜଙ୍ଗଲର ନାମ ଜବାରଖେଟ ନେଚର ରିଜର୍ଭ। ଏହା ୨୦୧୫ରୁ ଲୋକାମାନଙ୍କ ପାଇଁ ଖୋଲାଯାଇଛି। ସେଜାଙ୍କୁ ବର୍ତ୍ତମାନ ବୟସ ୫୬। ୩୫ ବର୍ଷ ହେବ ସେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ସେ ତାଙ୍କ ଭାଉଣୀଙ୍କ ସାଙ୍ଗ ଭିପୁଲ ଜୈନଙ୍କ ସହଯୋଗରେ ସୃଷ୍ଟି କରିଛନ୍ତି ଏହି ଜଙ୍ଗଲ। ଭିପୁଲ ମୁମ୍ବାଇରେ ବ୍ୟବସାୟ କରନ୍ତି । ମସୁରିରେ ଥିବା ଭିପୁଲଙ୍କ ଜମିରେ ଏହି ଜଙ୍ଗଲ ଠିଆ ହୋଇଛି। ଏବେ ଏହି ଜଙ୍ଗଲରେ ୩୫୦ ପ୍ରକାର ଫୁଲ ଗଛ ରହିଛି। ଏହା ମଧ୍ୟ ୧୪୫ ପ୍ରଜାତିର ପକ୍ଷୀଙ୍କ ଆବସସ୍ଥଳୀ ପାଲଟିଛି। ୨୦ ପ୍ରଜାତିର ପ୍ରାଣୀ ବି ରହୁଛନ୍ତି ଏଠାରେ। ଏହି ଜଙ୍ଗଲ ପାଖରେ ଥିବା ଗ୍ରାମବାସୀଙ୍କ ସହଯୋଗରେ ଏହାର ସୁରକ୍ଷା କରାଯାଉଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 3 | D | 4 | 0 | C | E | 6 | 2 | 7 | B | A | 9 | 8 |
| 0 | 9 | E | 8 | 2 | B | A | 3 | 1 | 4 | 5 | C | 7 | D | 6 |
| C | 7 | 8 | A | 6 | E | 2 | B | 0 | 9 | D | 3 | 5 | 1 | 4 |
| D | A | B | 9 | 7 | C | 4 | 8 | 5 | 6 | 1 | 0 | E | 2 | 3 |
| 6 | 2 | 4 | 1 | 3 | 5 | D | 9 | 7 | A | E | 8 | C | 0 | B |
| 2 | D | 1 | 5 | C | 7 | 3 | 6 | 9 | B | 8 | E | 0 | 4 | A |
| B | 4 | C | 6 | A | 3 | 7 | D | E | 1 | 0 | 9 | 2 | 8 | 5 |
| 7 | E | A | 0 | D | 8 | 1 | C | B | 5 | 2 | 4 | 3 | 6 | 9 |
| 8 | 6 | 5 | B | 9 | 1 | 0 | 4 | 2 | C | 3 | A | D | 7 | E |
| 9 | 3 | 0 | 4 | E | 2 | 5 | A | 8 | 7 | 6 | D | 1 | B | C |
| 3 | 0 | 2 | E | 1 | 4 | B | 5 | C | 8 | 9 | 7 | 6 | A | D |
| 1 | 5 | 9 | C | 8 | D | 6 | 7 | 4 | 3 | A | 2 | B | E | 0 |
| E | C | 6 | 2 | B | A | 9 | 0 | 3 | D | 4 | 1 | 8 | 5 | 7 |
| 4 | B | D | 7 | 0 | 6 | 8 | 1 | A | E | C | 5 | 9 | 3 | 2 |
| A | 8 | 7 | 3 | 5 | 9 | E | 2 | D | 0 | B | 6 | 4 | C | 1 |

ଗତକାଲିର ଉତ୍ତର

# ଧେତ୍ ଏ କରୋନା



ସୁଧାକର ଦାସ

ସକାଳ ଛ'ଟା ହେଇନି, ଗୋଟେ ଫୋନ୍ ଆସି ନିଦ ଭାଙ୍ଗିଦେଲା। ଲକଡାଉନ୍ ସମୟରେ ଏତେ ସକାଳୁ ଇଏ କାହାର ଫୋନ୍? ଫୋନ୍ ଆଣି ଦେଖିଲା ବେଳକୁ ନମ୍ବରଟି ଅଚିହ୍ନା। ସେପଟୁ ଯେଉଁ ସ୍ୱର ଶୁଣିଲି ତାହା କିନ୍ତୁ ଅପରିଚିତ ନ ଥିଲା। ''ଆଜ୍ଞା କାଲି କ'ଣ ସଂକ୍ରାନ୍ତି ହୋମ କରିବେନି କି? କାଇଁ ଆପଣଙ୍କ ଅଫିସ୍‌ରୁ ଏ ଯାଏ କେହି ତ ଫୋନ୍ କରିନାହାନ୍ତି?''– ଏଇଟା ଥିଲା ଆମର ସବୁଦିନିଆ ପୁରୋହିତ ମାୟାଧର ନନାଙ୍କର ମୋ ପାଇଁ ପ୍ରଶ୍ନ। ଲକଡାଉନ୍ ସମୟରେ ଆତଙ୍କ ଓ ଆଶଙ୍କା ଭିତରେ ରହୁଥିବାରୁ ଆସନ୍ତାକାଲି ଯେ ସଂକ୍ରାନ୍ତି, ଏକଥା ମୁଁ ସମ୍ପୂର୍ଣ୍ଣ ଭୁଲିଯାଇଥିଲି। ମତେ ନୀରବ ରହିବାର ଦେଖି ନନା ସେପଟୁ କହିଲେ, ''ଆଜ୍ଞା ବର୍ଷର ସବୁ ସଂକ୍ରାନ୍ତି ଭିତରୁ ଏଇଟା ସବୁଠୁ ବଡ଼, ବିଷୁବ ସଂକ୍ରାନ୍ତି। ମତେ ଲାଗୁଛି ଏ କରୋନା ପାଇଁ ଆପଣଙ୍କ ଅଫିସ୍ ବୋଧହୁଏ ବନ୍ଦ ଥିବ। କିନ୍ତୁ ସଂକ୍ରାନ୍ତି ହୋମଟା ପ୍ରତି ମାସ ପରି ଯେମିତି ହେଲେ କରନ୍ତୁ।'' ଏଇ ମାୟାଧର ନନା ହେଉଛନ୍ତି ସେଇ ନନା ଯାହାଙ୍କ ପାଇଁ ଆମକୁ ପ୍ରତି ମାସ ସଂକ୍ରାନ୍ତି ଦିନ ହୋମ ଟିକେ ଆସି କରିବା ପାଇଁ ଅପରାହ୍ଣ ୩ଟା ଯାଏ ଅପେକ୍ଷା କରିବାକୁ ପଡ଼େ। 'ଏଇ ଯାଉଛି', 'ଏଇ ପହଞ୍ଚିଲି' କହି କହି ଆମ ଅଫିସ୍‌ର ଗୋଟିଏ ଓଳି ସେ ନଷ୍ଟ କରିଦିଅନ୍ତି। କିନ୍ତୁ ଆଜି ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ମୋ ଅଫିସ୍‌ରେ ହୋମ କରିବା ପାଇଁ ନନାଙ୍କର ତତ୍ପରତା ମୁଁ ହଜମ କରିପାରିଲିନି। ମୁଁ ହାଇ ମାରୁ ମାରୁ କହିଲି, ''ନନା ଅଫିସ୍ ତ ଦି' ସପ୍ତାହ ହେଲା ବନ୍ଦ। ତା'ପରେ ପୂଜା ସାମଗ୍ରୀ ଦୋକାନ କୋଉଠି ଖୋଲା ଅଛି ଯେ?'' ମୋ କଥା ନ ସରୁଣୁ ନନା ଟିକେ କହିଲେ, ''ଆମ୍ବ କାଠ ମୋ ଘରେ ଅଛି ଆଜ୍ଞା, ଫୁଲ, ଦୂବ, ବରକୋଳି ପତ୍ର ମୁଁ ଇଆଡୁ ସାଙ୍ଗରେ ନେଇଯିବି। ଆପଣ ଖାଲି ଘରେ ଯଦି ଥିବ ଘିଅ ଟିକେ ଓ ନଡ଼ିଆ ଗୋଟାଏ ଦେଇ କାହାକୁ ପଠେଇ ଦେଲେ, ସେ ଅଫିସ୍ ଖୋଲିଦବ ମୁଁ ହୋମଟା କରିଦେଇ ଆସିବି।'' ସକାଳୁ ସକାଳୁ ଏଇ କଥାଟି ଗୋଟିଏ ସମସ୍ୟା ନ ହେଲେ ବି ମତେ ଧର୍ମସଙ୍କଟରେ ପକେଇଦେଲା। ମୁଁ ଏପଟୁ କହିଲି, ''ହଉ ନନା ଟିକେ ସମୟ ଦିଅ, ମୁଁ ବୁଝିକି କହୁଛି।'' ନନା କିନ୍ତୁ ନଛୋଡ଼ବନ୍ଧା। ସେ ପୁଣି ସେପଟୁ କହିଲେ, ''ଆଜ୍ଞା ମାସିକିଆ ସଂକ୍ରାନ୍ତି ହୋମ ବନ୍ଦ କରାଯାଏନି। ଯଦି ଅଫିସ୍‌ରେ ନ ହେଇପାରିବ, ଏଥର ସଂକ୍ରାନ୍ତି ହୋମଟା ଘରେ କରେଇ ଦିଅନ୍ତୁ।'' ''ହଉ ନନା ମୁଁ କହୁଛି କହୁଛି'' କହି ମୁଁ ଫୋନ୍‌ଟା କାଟିଦେଲି।

ତା'ପରେ ସକାଳର ନିତ୍ୟକର୍ମ, ଖବର କାଗଜ ଆଉ ଟିଭିରୁ କରୋନା ଖବର ଏବଂ ହ୍ୱାଟ୍ସଆପ୍‌ରେ ସାଙ୍ଗମାନଙ୍କ ସହିତ ଆଳାପ ଆଲୋଚନା ଭିତରେ ମୁଁ ମାୟାଧର ନନାଙ୍କ କଥା ପାସୋରିଯାଇଛି। ଠିକ୍ ଦିନ ଗୋଟାଏ ପାଖାପାଖି ନନାଙ୍କର ପୁଣି ଆସିଲା ଫୋନ୍। ମୁଁ ଜାଣିକି ଫୋନ୍‌ଟା ନ ଉଠେଇ ମୋ ପତ୍ନୀଙ୍କ ସହ ଟିକେ ଏ ବିଷୟରେ କଥା ହେଇଯିବା ଉଚିତ ହେବ ବୋଲି ଭାବିଲି। ପତ୍ନୀ କହିଲେ– ''ଯେହେତୁ ମଠ, ମନ୍ଦିର ସବୁ ବନ୍ଦ ପଇସାପତ୍ର ପାଇଁ ନନା ବଡ଼ ଅସୁବିଧାରେ ପଡୁଥିବେ। ଏପଟେ ଏ ପରିସ୍ଥିତିରେ ଅଫିସ୍ ଖୋଲି ହୋମ କରିବା ଆଦୌ ସମ୍ଭବ ନୁହେଁ। ଆଉ ତା' ଛଡା ଏ ପରିସ୍ଥିତିରେ କୌଣସି ବାହାର ଲୋକକୁ ଘର ଭିତରେ ପୂରେଇବାର ପ୍ରଶ୍ନ ହିଁ ଉଠୁନି। ତେଣୁ ସଂକ୍ରାନ୍ତି ହୋମ କରି ନନା ଯେତିକି ଦକ୍ଷିଣା ନିଅନ୍ତି, କୌଣସି ଉପାୟରେ ତାଙ୍କୁ ସେତକ ଦେଇଦିଅ।''

ମୁଁ ଏବେ ନନାଙ୍କୁ ଫୋନ୍ ଲଗେଇଲି। ନନାଙ୍କ ସ୍ୱରରେ ଏଥର ଥିଲା ଉତ୍ସାହ ଆଉ ଆତ୍ମବିଶ୍ୱାସ। ସେ ସେପଟୁ କହିଲେ, ''କ'ଣ ହେଲା ଆଜ୍ଞା.. ଘରେ ତ ସବୁ ଜିନିଷ ଥିବ। ଘରେ ନ ହେଲେ ହୋମଟା କରିଦବା।'' ମୁଁ କହିଲି, ''ନାଇଁ ନନା, ଏଇ ପରିସ୍ଥିତିରେ ସଂକ୍ରାନ୍ତି ହୋମଟା ଏ ମାସରେ ବନ୍ଦ କରିଦବା। ବରଂ ତମେ ଗୋଟିଏ କାମ କର, କାଲି ଆସି ହୋମର ଦକ୍ଷିଣାଟା ନେଇଯାଅ।'' ମୁଁ ଭାବିଥିଲି ନନା ବୋଧହୁଏ କହିବେ ଯେ, ''ମୁଁ ହୋମ ନ କରି ଦକ୍ଷିଣା କେମିତି ନେବି, ଆଉ ମତେ ତାଙ୍କୁ ଟିକେ ବୁଝେଇବାକୁ ପଡିବ ଯେ ଏଇ ପରିସ୍ଥିତିରେ ମର୍ଯ୍ୟାଦା କଥା ଭୁଲି ପ୍ରଥମେ ବଞ୍ଚି ରହିବା ଜରୁରୀ। କିନ୍ତୁ ତାଙ୍କର ଉତ୍ତର ଥିଲା, ''ପିଲାଛୁଆ ବଞ୍ଚିଯା'ନ୍ତେ ଆଜ୍ଞା.. ଆଉ ଦକ୍ଷିଣାଟା ଟଙ୍କା ଆକାରରେ ନ ଦେଇ ଯଦି କିଛି ଅରୁଆ ଚାଉଳ, ଡାଲି ଭଳି ଖାଇବା ଜିନିଷ ଦିଅନ୍ତେ ବଡ଼ ପୁଣ୍ୟ ହୁଅନ୍ତା।'' ମୋ ଛାତି ଭିତରଟା କେମିତି ଦୁଲୁକି ଉଠିଲା। ମୁଁ ଦୀର୍ଘଶ୍ୱାସଟାଏ ପକେଇ କହିଲି, ''ହଉ ନନା, ସବୁଆଡ଼େ ପୋଲିସ୍ ପଇଁତରା ମାରୁଛି.. ତେଣୁ ସୁବିଧା ଦେଖି ଆସିବ। ଆମ ଘର ଗେଟ୍ ବାହାରେ ରହି ମତେ ଫୋନ୍ କରିବ।'' ନନା 'ହଉ' କହି ଫୋନ୍ ରଖିଦେଲେ।

ଠିକ୍ ରାତି ସାଢ଼େ ନ'ଟା ବେଳକୁ ନନାଙ୍କ ଫୋନ୍ ଆସିଲା। ମୋ ପତ୍ନୀ ନନାଙ୍କ ପାଇଁ ରଖିଥିବା ବ୍ୟାଗ୍‌ଟି ମୋ ହାତକୁ ବଢ଼େଇ ଦେଲେ। ମୁଁ ବ୍ୟାଗ୍‌ଟି ଖୋଲି ଦେଖିଲି କିଛି ଅରୁଆ ଚାଉଳ, ଡାଲି, ଅଟା, ଚୁଡ଼ା, ପରିବାପତ୍ର ଆଉ ତା' ଉପରେ ତିନି ଚାରିଟା ହାତଧୁଆ ସାବୁନ୍ ଓ ଦୁଇତିନିଟା ମାସ୍କ। ତରବରରେ ବାହାରି ଗଲି ଗେଟ୍ ପାଖକୁ। ଗେଟ୍ ଉପରପଟ ଦେଇ ନନାଙ୍କ ହାତକୁ ବଢ଼େଇଦେଲି ବ୍ୟାଗ୍‌ଟା। ନନା ବ୍ୟାଗ୍‌ଟା ନେଇ କନ୍ଦି ବାଟ ଦେଇ ବାହାରିଗଲେ ତାଙ୍କ ଘରକୁ। ମୁଁ ଘର ଭିତରକୁ ଫେରି ପତ୍ନୀଙ୍କ ସହିତ ବସି ସୁଖଦୁଃଖ ହେଉଥିବାବେଳେ ପୁଣି ଆସିଲା ନନାଙ୍କର ଫୋନ୍। ନନା ସେପଟୁ କୋହଭରା କଣ୍ଠରେ କହୁଥିଲେ, ''ମୋ ଘରେ କିଛି ଘିଅ ଆଉ ଗୋଟେ ନଡ଼ିଆ ଅଛି ଆଜ୍ଞା। ମୁଁ କାଲି ଏଇଠି ମୋ ଘରେ ଆପଣଙ୍କ ନାଁରେ ସଂକଳ୍ପ କରି ହୋମଟି କରିଦେବି। ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ। ଆପଣଙ୍କ ଭଳି ଯଜମାନ ଥିଲେ ଏ କରୋନା ଫରୋନା ଆମର କିଛି ବି କରିପାରିବେନି।'' ତା'ପରେ କଲ୍ୟାଣ କରୁଛି ବୋଲି କହି ନନା ଗୋଟେ ମନ୍ତ୍ର ପଢିଲେ । ମନ୍ତ୍ରର ଶବ୍ଦ ଯାହା ହେଇଥାଉ ପଛେ, କିନ୍ତୁ ନନାଙ୍କ ସ୍ୱରରେ ଆଶୀର୍ବାଦ ଅପେକ୍ଷା ଅସହାୟତା ଓ ବଶମ୍ବଦତାର କାରୁଣ୍ୟ ଏତେ ଭରି ରହିଥିଲା ଯେ ମୋ ଆଖିରେ ବି ଲୁହ ଚାଲିଆସିଲା । ବଡ ବ୍ୟସ୍ତରେ ମୋ ପାଟିରୁ ବାହାରିଗଲା– ଧେତ୍ ଏ କରୋନା!

ସ୍ୱାହା, କେନାଲ ରୋଡ୍, ଛତ୍ର ବଜାର,
କଟକ, ମୋ– ୯୪୩୭୨୭୪୮୫୭

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି–ନିବିଡ଼େ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ।

(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଫେ ଭୋଜନ

ମହାଶୟ,

ବଫେ ଢଙ୍ଗରେ ଆଜିକାଲି ଖାଦ୍ୟ ଖିଆଯାଉଛି। ବିଭିନ୍ନ ଖାଦ୍ୟ ଜାଗା ଜାଗା ପାତ୍ର ମାନଙ୍କରେ ରଖାଯାଇଛି। ନିମନ୍ତ୍ରିତ ବ୍ୟକ୍ତି ପତ୍ର ଥାକରୁ ଆପେ ପତ୍ର ସଂଗ୍ରହ କରୁଛନ୍ତି ଓ ଖାଦ୍ୟ ଥିବା ସ୍ଥାନରେ ପହଞ୍ଚି ଦାୟିତ୍ୱରେ ଥିବା ପରିବେଷଣକାରୀଙ୍କୁ ଖାଦ୍ୟ ମାଗି ଆଣି ଠିଆ ଠିଆ ଖାଉଛନ୍ତି। ଅବଶ୍ୟ ଅଳ୍ପ କିଛି ଚୌକି ଖାଇବା ଜାଗାରେ ପକାଯାଉଛି, ଯେଉଁଥିରେ କିଛି ବ୍ୟକ୍ତି ଖାଦ୍ୟକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ଖାଉଛନ୍ତି। ପରିବେଷଣକାରୀମାନେ ଏକା ଥରେ ଅଧିକ ଖାଦ୍ୟ ନ ଦେଇ ଥର ଥର କରି ଉଦ୍ଦିଷ୍ଟ ଚାମଚରେ ଖାଦ୍ୟ ପରିବେଷଣ କରୁଛନ୍ତି। ଏଥିରେ ମାଗି ଖାଇଲା ଭଳି ଦୃଶ୍ୟ ପ୍ରତୀୟମାନ ହେଉଛି। ଏହି ବଫେ ତରିକାରେ ଖାଦ୍ୟ ଥିବା ସ୍ୱିଡେନ୍‌ରୁ ପ୍ରଥମେ ଆରମ୍ଭ ହୋଇଛି ବୋଲି କୁହାଯାଏ। ହେଲେ ବଫେ ଭୋଜନକୁ ପ୍ରୀତିଭୋଜନ କୁହାଯାଇ ନ ପାରେ। କାରଣ ପୂର୍ବେ ବିବାହ, ବ୍ରତ ଓ ଅନ୍ୟାନ୍ୟ ମହୋତ୍ସବମାନଙ୍କର ବ୍ୟକ୍ତିବିଶେଷ ଉତ୍ସାହର ସହ ସାହିପଡ଼ିଶା, ବନ୍ଧୁବାନ୍ଧବ ଓ ଅତିଥିମାନଙ୍କୁ ନିମନ୍ତ୍ରଣ କରି ସ୍ୱଗୃହରେ ଖାଦ୍ୟ ଭୋଜନ ଦେବାକୁ ଅପେକ୍ଷାରେ ରହୁଥିଲେ। ଅତିଥିମାନଙ୍କୁ ଅତ୍ୟନ୍ତ ଶ୍ରଦ୍ଧାରେ ପାଛୋଟି ନେଇ ଆସନ ଦେଉଥିଲେ। ବିଭିନ୍ନ ଖାଦ୍ୟ ମାନ ପତ୍ରରେ ପରିବେଷଣ କରି ଆଉଟିକେ ଖାଆନ୍ତୁ ବୋଲି ଅତିଥିମାନଙ୍କୁ ଅତି ଆଦରତା ସହ ବାଢ଼ି ଦେଉଥିଲେ। ସେଥିପାଇଁ ଏହା ଅତ୍ୟନ୍ତ ତୃପ୍ତିକର ଓ ପ୍ରୀତିପଦ ହେଉଥିଲା। ଏହି ଭୋଜନକୁ ପ୍ରୀତିଭୋଜନ ପଦବାଚ୍ୟ ବୋଲି ବିବେଚନା କରାଯାଉଥିଲା। ''ବଫେ'' ପ୍ରଣାଳୀକୁ ପ୍ରୀତିଭୋଜନ କୁହାଯିବା ଠିକ୍ ହେବ ନାହିଁ। ଏହି ''ବଫେ''କୁ ବର୍ଜନ କରିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

रजिस्ट्री सं. डी.एल.-33004/99 REGD. NO. D.L.-33004/99

भारत का राजपत्र
The Gazette of India

सी.जी.-डी.एल.-अ.-25022020-216356
CG-DL-E-25022020-216356
असाधारण
EXTRAORDINARY
भाग II—खण्ड 3—उप-खण्ड (ii)
PART-II—Section 3—Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 904] नई दिल्ली, शुक्रवार, मार्च 6, 2020/फाल्गुन 16, 1941
No. 904] NEW DELHI, FRIDAY, MARCH 6, 2020/PHALGUNA 16, 1941

## MINISTRY OF ROAD TRANSPORT AND HIGHWAYS
## NOTIFICATION

New Delhi, the 5th March, 2020

**S.O.1008(E).-** ଯେହେତୁ ଜାତୀୟ ରାଜପଥ ଅଧିନିୟମ, ୧୯୫୬ (୧୯୫୬ର ୪୮) (ଏତଦ୍‌ପରେ ଉକ୍ତ ଅଧିନିୟମ ଭାବେ ଉଲ୍ଲିଖିତ)ର ଧାରା ୩(କ)ର ଉପଧାରା(୧) ଅଧୀନରେ ଜାରି ତଥା ଭାରତର ରାଜପତ୍ର, ଅସାଧାରଣ, ଭାଗ II, ଖଣ୍ଡ ୩, ଉପ-ଖଣ୍ଡ (ii)ରେ ପ୍ରକାଶିତ ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟର ଅଧିସୂଚନା ସଂଖ୍ୟା S.O. 1275(E) ଦ୍ୱାରା କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲାରେ ପୁର୍ବକୋଟରୁ ଟାଙ୍ଗୀ ଏବଂ ଟାଙ୍ଗୀରୁ ଭୁବନେଶ୍ୱରରେ କିମି ୩୧୬.୦୦୦ରୁ କିମି ୩୫୬.୦୦୦ ଏବଂ କିମି ୩୬୧.୫୦୦ରୁ ୪୧୪.୦୦୦ (ଇଚ୍ଛାପୁରମ୍-ଭୁବନେଶ୍ୱର ସେକ୍ସନ)ରେ ଅବସ୍ଥିତ ଜମିରେ ଏନ୍.ଏଚ୍-୫ (ନୂଆ ଏନ୍.ଏଚ୍-୧୬)ର ନିର୍ମାଣ (ପ୍ରଶସ୍ତୀକରଣ/ଛଅଲେନ୍, ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଓ ସଞ୍ଚାଳନ ପାଇଁ କଥିତ ଅଧିସୂଚନାରେ ସଂଲଗ୍ନ ତଫସିଲରେ ଦର୍ଶିତ ଜମିକୁ ଅଧିଗ୍ରହଣ କରିବା ଲାଗି ନିଜ ଅଭିପ୍ରାୟ ସର୍ବସାଧାରଣରେ ଘୋଷଣା କରିଥିଲେ;

ଏବଂ ଯେହେତୁ, ପ୍ରୋକ୍ତ ଅଧିନିୟମର ଧାରା ୩(ଗ)ର ଉପ-ଧାରା (୩) ଅଧୀନରେ କଥିତ ଅଧିସୂଚନାର ଭାବାର୍ଥ ତା୨୧.୦୪.୨୦୧୮ରିଖରେ ଉଭୟ "ସମ୍ବାଦ" ଏବଂ "ଧରିତ୍ରୀ"ରେ ପ୍ରକାଶିତ ହୋଇଥିଲା; ଏବଂ ଯେହେତୁ, ଆପତ୍ତିଗୁଡ଼ିକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ପ୍ରାପ୍ତ ହୋଇଛି ସେଗୁଡ଼ିକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚାରକୁ ନିଆଯାଇଛି ଓ ଅସ୍ୱୀକୃତ କରାଯାଇଛି;

ଏବଂ ଯେହେତୁ, ପ୍ରୋକ୍ତ ଅଧିନିୟମର ଧାରା ୩(ଘ)ର ଉପ-ଧାରା (୧) ଅନୁଯାୟୀ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିଛନ୍ତି;

ଏବେ, ତେଣୁ, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କଥିତ ରିପୋର୍ଟ ପ୍ରାପ୍ତି ପରେ ଏବଂ ପ୍ରୋକ୍ତ ଅଧିନିୟମର ଧାରା ୩(ଘ)ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ ଉପରୋକ୍ତ ତଫସିଲରେ ଦର୍ଶିତ ଜମିକୁ ପୂର୍ବୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଅଧିକନ୍ତୁ, କଥିତ ଅଧିନିୟମର ଧାରା ୩(ଘ)ର ଉପ-ଧାରା (୨) ଅନୁଯାୟୀ, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ ଆନୁଷ୍ଠାନିକ ରାଜପତ୍ରରେ ଏହି ଅଧିସୂଚନା ପ୍ରକାଶନ ପରେ, କଥିତ ତଫସିଲରେ ଦର୍ଶିତ ଜମି ଉପରେ କେନ୍ଦ୍ର ସରକାରଙ୍କର ସମ୍ପୂର୍ଣ୍ଣ ଅଧିକାର ରହିବ ଏବଂ ଏହା ସମସ୍ତ ପ୍ରକାର ଜବରଦଖଲରୁ ମୁକ୍ତ ହେବ ।

## ତଫସିଲ

**ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲାରେ ପୁର୍ବକୋଟରୁ ଟାଙ୍ଗୀ ଏବଂ ଟାଙ୍ଗୀରୁ ଭୁବନେଶ୍ୱରରେ କିମି ୩୧୬.୦୦୦ରୁ କିମି ୩୫୬.୦୦୦ ଏବଂ କିମି ୩୬୧.୫୦୦ରୁ ୪୧୪.୦୦୦ (ଇଚ୍ଛାପୁରମ୍-ଭୁବନେଶ୍ୱର ସେକ୍ସନ)ରେ ଅବସ୍ଥିତ ଏନ୍.ଏଚ୍. ଅଧୀନରେ ଆସୁଥିବା ତଥା ଢାଞ୍ଚା ସହିତ କିମ୍ବା ଢାଞ୍ଚା ବିନା ଅର୍ଜନ ଲାଗି ଉଦ୍ଦିଷ୍ଟ ଜମିର ସଂକ୍ଷିପ୍ତ ବିବରଣୀ**

**ରାଜ୍ୟ: ଓଡ଼ିଶା** **ଜିଲ୍ଲା: ଖୋର୍ଦ୍ଧା**

| କ୍ର. ସଂ. | ସର୍ବେକ୍ଷଣ ନମ୍ବର | ଜମିର ପ୍ରକାର | ଜମିର ପ୍ରକୃତି | କ୍ଷେତ୍ର ଏକରରେ | ରୟତ/ଆଗ୍ରହୀ ବ୍ୟକ୍ତିଙ୍କ ନାମ ଭାଗ ସର୍ବେକ୍ଷଣ ନଂ. |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| | **ତାଲୁକ: ବାଣପୁର** | | | | |
| | **ଗ୍ରାମ: ନାଚୁଣି** | | | | |
| ୧ | ୧୬୨୦ | ରୟତି | ଶାରଦ-୨ | ୦.୦୪୦୪ | ସୁଶୀଳ କୁମାର ନନ୍ଦ, ସୁଧୀର କୁମାର ନନ୍ଦ, ସୁଶାନ୍ତ କୁମାର ନନ୍ଦ, ପ୍ରଶାନ୍ତ କୁମାର ନନ୍ଦ ପିତା- ମାଧବ ଚନ୍ଦ୍ର ନନ୍ଦ, ସଞ୍ଜୁବାଳା ନନ୍ଦ ସ୍ୱାମୀ- ମାଧବ ଚନ୍ଦ୍ର ନନ୍ଦ |
| | **ଗ୍ରାମ: ସୁନାଖଳା** | | | | |
| ୨ | ୨୨୦ | ରୟତି | ଘରବାରି | ୦.୦୦୨ | ସୋମନାଥ ସୁଆର ପିତା- ପ୍ରାଣନାଥ ସୁଆର |
| | **ତାଲୁକ: ଭୁବନେଶ୍ୱର** | | | | |
| | **ଗ୍ରାମ: ଆଇଗିଣିଆ** | | | | |
| ୧ | ୫୯୦ | ସରକାରୀ | ଗୋଚର | ୦.୪୩୦୯ | ରକ୍ଷିତ |
| ୨ | ୫୯୦ | ସରକାରୀ | ଗୋଚର | ୦.୦୨୧୫ | ରକ୍ଷିତ |
| | **ତାଲୁକ: ଜଟଣୀ** | | | | |
| | **ଗ୍ରାମ: ବଡ଼ରଘୁନାଥପୁର** | | | | |
| ୧ | ୪୪୯ | ରୟତି | ଶାରଦ-୩ | ୦.୦୦୧୬ | ମେସର୍ସ କଳିଙ୍ଗ ବିଲଡର୍ସ ପ୍ରା. ଲିଃ, ମାର୍ଫତ ମ୍ୟାନେଜିଂ ଡାଇରେକ୍ଟର ନେତ୍ର କୁମାର ଟେକାରିୱାଲ ପିତା- ମନା ଲାଲ ଟେକାରିୱାଲ । |
| ୨ | ୪୫୧ | ରୟତି | ଶାରଦ-୨ | ୦.୦୦୭୮ | ଶିବ କୃଷ୍ଣ ପଟ୍ଟନାୟକ, ପିତା- ସ୍ୱପ୍ନେଶ୍ୱର ପଟ୍ଟନାୟକ |
| ୩ | ୪୫୨/୭୪୫ | ରୟତି | ଶାରଦ-୩ | ୦.୦୦୨୮ | ସମ୍ପୂର୍ଣ୍ଣା ଆଚାର୍ଯ୍ୟ, ସ୍ୱାମୀ- ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ |
| ୪ | ୪୫୨/୭୪୬ | ରୟତି | ଶାରଦ-୩ | ୦.୦୦୨୮ | ପ୍ରିୟଦର୍ଶିନୀ ମହାପାତ୍ର, ପିତା- ଭରତ ଚନ୍ଦ୍ର ବେହେରା |
| ୫ | ୪୫୭ | ରୟତି | ଶାରଦ-୨ | ୦.୦୦୮୯ | ନବଘନ ମଙ୍ଗରାଜ ପିତା- ବିଶ୍ୱନାଥ ମଙ୍ଗରାଜ, କାଶୀନାଥ ପରିଡ଼ା ପିତା- ଭିକାରୀ ପରିଡ଼ା, ଭାଗବାନନ୍ଦ ସାହୁ ପିତା- ବାଳକୃଷ୍ଣ ସାହୁ, ସୁଚିତ୍ରା ସାହୁ ସ୍ୱାମୀ- ଦଣ୍ଡପାଣି ସାହୁ, ପ୍ରମୋଦ କୁମାର ସାହୁ ପିତା- ବାଳକୃଷ୍ଣ ସାହୁ |
| ୬ | ୪୫୭/୭୬୦ | ରୟତି | ଶାରଦ-୨ | ୦.୦୦୨୪ | ଭାଗବାନନ୍ଦ ସାହୁ ପିତା- ବାଳକୃଷ୍ଣ ସାହୁ, ସୁଚିତ୍ରା ଦାସ ସ୍ୱାମୀ- ଦଣ୍ଡପାଣି ସାହୁ, ପ୍ରମୋଦ କୁମାର ସାହୁ ପିତା- ବାଳକୃଷ୍ଣ ସାହୁ |
| ୭ | ୪୫୭/୭୮୧ | ରୟତି | ଶାରଦ-୨ | ୦.୦୦୩୬ | ନିବେଦିତା ମହାନ୍ତି ସ୍ୱାମୀ- ଉଁକାରନାଥ ମହାନ୍ତି |
| ୮ | ୪୫୮ | ରୟତି | ଶାରଦ-୩ | ୦.୦୧୬୧ | ଶ୍ରୀ ନୀଳକଣ୍ଠ ଦେବ ବିଜେ, ବଡ଼ରଘୁନାଥପୁର ମାର୍ଫତ, ବାନାମ୍ବର ନାୟକ, ଗଙ୍ଗାଧର ନାୟକ ପିତା- ନିତେଇ ନାୟକ |
| ୯ | ୪୫୯ | ରୟତି | ଶାରଦ-୩ | ୦.୦୦୩୬ | ପୁଷ୍ପାଞ୍ଜଳି ନାୟକ ପିତା- କୃଷ୍ଣଚନ୍ଦ୍ର ନାୟକ (୨) ସୁଶୀଳା ସାହୁ ସ୍ୱାମୀ- ରମେଶ ଚନ୍ଦ୍ର ସାହୁ । |
| ୧୦ | ୪୬୦ | ରୟତି | ଶାରଦ-୨ | ୦.୦୧୪୫ | ମୀରା ବେହେରା ସ୍ୱାମୀ- ଶମ୍ଭୁନାଥ ବେହେରା (୨) ପରେଶନାଥ ସୁବୁଦ୍ଧି ପିତା- ବାନାମ୍ବର ସୁବୁଦ୍ଧି । |
| ୧୧ | ୪୬୦ | ରୟତି | ଘରବାରି | ୦.୦୦୬୭ | ଅମିତ କୁମାର ଜୟସ୍ୱାଲ ପିତା- ପ୍ରଭୁଶଙ୍କର ଜୟସ୍ୱାଲ |
| ୧୨ | ୪୬୦/୭୩୦ | ରୟତି | ଶାରଦ-୨ | ୦.୦୦୪୮ | ମେସର୍ସ ପଉନି ଫାଉଣ୍ଡେସନ୍ ପ୍ରା. ଲିଃ, ମାର୍ଫତ ଡାଇରେକ୍ଟର ଶଙ୍କରଲାଲ ମହାପାତ୍ର ପିତା- ଭଗବାନ ମହାପାତ୍ର । |
| ୧୩ | ୪୬୧ | ରୟତି | ଶାରଦ-୩ | ୦.୦୦୫୨ | ସମୀର କୁମାର ସୁବୁଦ୍ଧି ପିତା- ଧନେଶ୍ୱର ସୁବୁଦ୍ଧି (୨) ଓଡ଼ିଶା କୋଅପରେଟିଭ ହାଉସିଂ କର୍ପୋରେସନ ଲିଃ ମାର୍ଫତ ମ୍ୟାନେଜିଂ ଡାଇରେକ୍ଟର, ସନ୍ତୋଷ କୁମାର ପାଢ଼ୀ ପିତା- ନଟବର ପାଢ଼ୀ (୩) ବାଞ୍ଛାନିଧି ସାହୁ, ପିତା- ଗୋପୀ ସାହୁ, ଯୁଧିଷ୍ଠିର ସାହୁ, ପିତା- ଆନନ୍ଦ ସାହୁ |
| ୧୪ | ୪୬୩ | ରୟତି | ଶାରଦ-୨ | ୦.୦୦୬ | ଓଡ଼ିଶା କୋଅପରେଟିଭ ହାଉସିଂ କର୍ପୋରେସନ ଲିଃ ମ୍ୟାନେଜିଂ ଡାଇରେକ୍ଟର, ସନ୍ତୋଷ କୁମାର ପାଠୀ, ପିତା ନଟବର ପାଠୀ (୨) ସୁଜାତା ରାଉତରାୟ ସ୍ୱାମୀ- ପ୍ରସନ୍ନ କୁମାର ରାଉତରାୟ (୩) ଚିନ୍ମୟ ଜେନା, ସ୍ୱାମୀ- ଧୀରେନ କୁମାର ଜେନା। |
| ୧୫ | ୪୬୪ | ରୟତି | ଶାରଦ-୨ | ୦.୦୧୨୯ | ଓଡ଼ିଶା କୋଅପରେଟିଭ ହାଉସିଂ କର୍ପୋରେସନ ଲିଃ ମ୍ୟାନେଜିଂ ଡାଇରେକ୍ଟର, ସନ୍ତୋଷ କୁମାର ପାଠୀ, ପିତା ନଟବର ପାଠୀ (୨) ସୁଜାତା ରାଉତରାୟ ସ୍ୱାମୀ- ପ୍ରସନ୍ନ କୁମାର ରାଉତରାୟ (୩) ଚିନ୍ମୟ ଜେନା, ସ୍ୱାମୀ- ଧୀରେନ କୁମାର ଜେନା। |
| ୧୬ | ୪୬୫ | ରୟତି | ପୁରାତନ ପତିତ | ୦.୦୧୯୮ | ଓଡ଼ିଶା କୋଅପରେଟିଭ ହାଉସିଂ କର୍ପୋରେସନ ଲିଃ, ମ୍ୟାନେଜିଂ ଡାଇରେକ୍ଟର ସନ୍ତୋଷ କୁମାର ପାଠୀ ପିତା- ନଟବର ପାଠୀ (୨) ଦ୍ୱିଜାରାଜୀବ ଲୋଚନ ପାତ୍ର ପିତା- ନାରାୟଣ ପାତ୍ର । |
| ୧୭ | ୬୦୬ | ରୟତି | ଶାରଦ-୩ | ୦.୦୩୨୭ | କିଶୋର ମୋହନ ଚମ୍ପତି ପିତା- ଅଚ୍ୟୁତ ଚମ୍ପତି |
| ୧୮ | ୬୦୯ | ରୟତି | ଘରବାରି | ୦.୦୦୭୬ | ସିକାନ୍ଦ୍ରିନାଥ ପାତ୍ର, ପିତା- ସିକାପସଦାବାଦୀ ପାତ୍ର |
| ୧୯ | ୬୧୪ | ରୟତି | ଶାରଦ-୩ | ୦.୦୦୩୬ | ବାଞ୍ଛାନିଧି ହୋତା ପିତା- ଗୋପାଳ ଚନ୍ଦ୍ର ହୋତା (୨) କାଳୁପ୍ରସାଦ ସାହୁ ପିତା- ସଦ୍ୟାସୀ ସାହୁ (୩) ଦୁର୍ଗାଦତ୍ତ ସୁବୁଦ୍ଧି ପିତା- ସୂର୍ଯ୍ୟନାରାୟଣ ସୁବୁଦ୍ଧି |
| ୨୦ | ୬୧୫ | ରୟତି | ଶାରଦ-୩ | ୦.୦୦୪୪ | ବାଞ୍ଛାନିଧି ହୋତା ପିତା- ଗୋପାଳ ଚନ୍ଦ୍ର ହୋତା (୨) ଦୁର୍ଗାଦତ୍ତ ସୁବୁଦ୍ଧି ପିତା- ସୂର୍ଯ୍ୟନାରାୟଣ ସୁବୁଦ୍ଧି |
| ୨୧ | ୬୧୬ | ରୟତି | ଶାରଦ-୩ | ୦.୦୧୬୨ | ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ପିତା- ବାଲୁକେଶ୍ୱର ଆଚାର୍ଯ୍ୟ |
| ୨୨ | ୬୧୬/୮୩୨ | ରୟତି | ଶାରଦ-୨ | [illegible] | ନିରୁପମା ପଟ୍ଟନାୟକ ସ୍ୱାମୀ- ପ୍ରସନ୍ନ କୁମାର ପଟ୍ଟନାୟକ |
| ୨୩ | ୬୭୮ | ସରକାରୀ | ପାଣିନାଳ | ୦.୦୦୭୨ | ରକ୍ଷିତ ଅନାବାଦୀ |
| | **ଗ୍ରାମ: ଦକ୍ଷିଣମୁଣ୍ଡମୁହାଣ** | | | | |
| ୨୪ | ୧ | ସରକାରୀ | ରାସ୍ତା | ୦.୦୦୭୬ | ସର୍ବସାଧାରଣ |
| ୨୫ | ୨୨ | ରୟତି | ବାରି | ୦.୦୦୬ | ମଞ୍ଜୁଳା ମିଶ୍ର ସ୍ୱାମୀ- ପ୍ରଶାନ୍ତ କୁମାର ମିଶ୍ର |
| ୨୬ | ୭ | ସରକାରୀ | ବାରି | ୦.୦୦୫୧ | ରକ୍ଷିତ |
| ୨୭ | ୮ | ରୟତି | ବାରି | ୦.୧୯୫୩ | ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ ପିତା- ଚିନ୍ତାମଣି ସାମନ୍ତରାୟ, ପାର୍ବତୀ ପରିଡ଼ା, ସ୍ୱାମୀ- ମାନସ ପରିଡ଼ା, ପ୍ରଭୁ ପରିଡ଼ା ପିତା- ପ୍ରାଣନାଥ ପରିଡ଼ା, ରବିନାରାୟଣ ସାମନ୍ତରାୟ ପିତା- କୃଷ୍ଣଚନ୍ଦ୍ର ସାମନ୍ତରାୟ, ପ୍ରିୟରଞ୍ଜନ ସାମନ୍ତରାୟ, ଜ୍ଞାନରଞ୍ଜନ ସାମନ୍ତରାୟ, ପିତା- ଜଲକୃଷ୍ଣ ସାମନ୍ତରାୟ, ଚନ୍ଦ୍ରମୋହନ ମହାପାତ୍ର, ସତ୍ୟନାରାୟଣ ମହାପାତ୍ର, ପିତା- ରାଧାଶ୍ୟାମ ମହାପାତ୍ର, ଅଭୟ ଚରଣ ପରିଡ଼ା, କବିରାଜ ନାୟକ, କଂସ୍ୱେର ନାୟକ, ପିତା- ବୃନ୍ଦାବିହାରୀ ନାୟକ, ପ୍ରଭାକର ନାୟକ, ପିତା- ଧୋୱେନ୍ଦ୍ର ନାୟକ, ଚନ୍ଦ୍ରଶେଖର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ପାର୍ବତୀ ସାମନ୍ତରାୟ, ପ୍ରଭାତ ପ୍ରକାଶ ସାମନ୍ତରାୟ, ରଘୁନାଥ ମହାପାତ୍ର, ପିତା- ବୃନ୍ଦାବନ ନାଥ ମହାପାତ୍ର, ଶିବ ମହାପାତ୍ର ପିତା- ନିତ୍ୟାନନ୍ଦ ମହାପାତ୍ର, ସୁରେନ୍ଦ୍ରନାଥ ସୁବୁଦ୍ଧି ପିତା- ଲୋକନାଥ ସୁବୁଦ୍ଧି, ଜୟକୃଷ୍ଣ ସାମନ୍ତରାୟ ପିତା- ଗୋକୁଳାନନ୍ଦ ସାମନ୍ତରାୟ, ସର୍ବଲତା ସାମନ୍ତରାୟ ସ୍ୱାମୀ- ଅରକ୍ଷିତ ସାମନ୍ତରାୟ |
| | **ଗ୍ରାମ: ଗଙ୍ଗପଡ଼ା** | | | | |
| ୨୮ | ୧୨୮୩ | ସରକାରୀ | ଗ୍ରାମ୍ୟ ରାସ୍ତା | ୦.୦୦୪୪ | ସର୍ବସାଧାରଣ |
| ୨୯ | ୪୭୫ | ସରକାରୀ | ଗୋଚର | ୦.୩୫୬୨ | ରକ୍ଷିତ |
| ୩୦ | ୫୦୯ | ସରକାରୀ | ପତିତ | ୦.୦୫୬୨ | ରକ୍ଷିତ |
| ୩୧ | ୫୬୯ | ରୟତି | ପତିତ | ୦.୦୬୪୫ | ଦିବ୍ୟସିଂହ ମହାରାଣା ପିତା- ଲିଙ୍ଗରାଜ ମହାରଣା |
| ୩୨ | ୫୬୬/୨୧୧୫ | ରୟତି | ଜଳ | ୦.୦୦୭୫ | ବଂଶାଧର ସୁବୁଦ୍ଧି ପିତା- ରଘୁନାଥ ସୁବୁଦ୍ଧି |
| ୩୩ | ୫୬୬/୧୭୬୮ | ରୟତି | ଜଳ | ୦.୦୧୦୭ | ବଂଶାଧର ସୁବୁଦ୍ଧି ପିତା- ରଘୁନାଥ ସୁବୁଦ୍ଧି |
| ୩୪ | ୫୬୪ | ରୟତି | ଜଳ | ୦.୦୦୦୮ | ଶ୍ରୀ କିରଣ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡ ଡାଇରେକ୍ଟର ସୁରେନ୍ଦ୍ର କୁମାର ଭୁରା ପିତା- ଶୁଭାକରଣ ଭୁରା |
| ୩୫ | ୫୬୫ | ରୟତି | ଜଳ | ୦.୦୫୧ | ଭାଗିରଥୀ ସାହୁ ପିତା- ବିଶ୍ୱନାଥ ସାହୁ |
| ୩୬ | ୫୬୬ | ରୟତି | ଜଳ | ୦.୦୬୩୫ | ବଂଶାଧର ସୁବୁଦ୍ଧି ପିତା- ରଘୁନାଥ ସୁବୁଦ୍ଧି |
| ୩୭ | ୫୬୭ | ରୟତି | ଜଳ | ୦.୦୦୩୬ | ପ୍ରହ୍ଲାଦ ସ୍ୱାଇଁ ପିତା- ମୋହନ ସ୍ୱାଇଁ |
| ୩୮ | ୫୬୮ | ରୟତି | ଜଳ | ୦.୦୦୨୮ | ପ୍ରହ୍ଲାଦ ସ୍ୱାଇଁ ପିତା- ମୋହନ ସ୍ୱାଇଁ |
| | **ଗ୍ରାମ: ଓଗାଳପଡ଼ା** | | | | |
| ୩୯ | ୧ | ସରକାରୀ | ନାଳ (ପାଣିନାଳ) | ୦.୦୧୦୯ | ରକ୍ଷିତ |
| ୪୦ | ୨୦୯ | ରୟତି | ପତିତ | ୦.୦୧୦୯ | ଭାବଗ୍ରାହୀ ପାଇକରା, ଗୋବର୍ଦ୍ଧନ ପାଇକରା, ଅବକାଶ ପାଇକରା ପିତା- ଈଶ୍ୱର ପାଇକରା, ନୀଳମଣି ପାଇକରା, ପିତା- ଦାମୋଦର ପାଇକରା, ଭିକାରୀ ପାଇକରା, ଯୋଗେନ୍ଦ୍ର ପାଇକରା ପିତା- ବନମାଳୀ ପାଇକରା, ଆନନ୍ଦ ପାଇକରା, ପିତା- ଜଗନ୍ନାଥ ପାଇକରା, ନିମେଇ ଚରଣ ପାଇକରା, ରାଧା ଚରଣ ପାଇକରା, ଗୌରାଙ୍ଗ ପାଇକରା ପିତା- ମୋହନ ପାଇକରା, ଶ୍ରୀଧର ପାଇକରା, ଜଳଧର ପାଇକରା ପିତା- ମଦନ ପାଇକରା |
| ୪୧ | ୨୧୦ | ରୟତି | ପତିତ | ୦.୦୦୬ | ଭାବଗ୍ରାହୀ ପାଇକରା, ଗୋବର୍ଦ୍ଧନ ପାଇକରା, ଅବକାଶ ପାଇକରା ପିତା- ଈଶ୍ୱର ପାଇକରା, ନୀଳମଣି ପାଇକରା, ପିତା- ଦାମୋଦର ପାଇକରା, ଭିକାରୀ ପାଇକରା, ଯୋଗେନ୍ଦ୍ର ପାଇକରା ପିତା- ବନମାଳୀ ପାଇକରା, ଆନନ୍ଦ ପାଇକରା, ପିତା- ଜଗନ୍ନାଥ ପାଇକରା, ନିମେଇ ଚରଣ ପାଇକରା, ରାଧା ଚରଣ ପାଇକରା, ଗୌରାଙ୍ଗ ପାଇକରା ପିତା- ମୋହନ ପାଇକରା, ଶ୍ରୀଧର ପାଇକରା, ଜଳଧର ପାଇକରା ପିତା- ମଦନ ପାଇକରା |
| ୪୨ | ୨୧୧ | ସରକାରୀ | ରାସ୍ତା (ଗ୍ରାମ୍ୟରାସ୍ତା) | ୦.୦୦୪ | ସର୍ବସାଧାରଣ |
| ୪୩ | ୨୧୬ | ସରକାରୀ | ପତିତ | ୦.୦୦୮ | ଆବାଦ ଯୋଗ୍ୟ ଅନାବାଦୀ |
| ୪୪ | ୨୧୭ | ରୟତି | ଘରବାରି | ୦.୦୧୧୩ | ନାରାୟଣ ସାମନ୍ତରା, ପିତା – ଜନାର୍ଦ୍ଦନ ସାମନ୍ତରା |
| ୪୫ | ୨୧୮ | ରୟତି | ପତିତ | ୦.୦୧୨୧ | ରଘୁନାଥ ପାଟ୍ଟଶାଣି ପିତା – ଗୋପାଳ ପାଟ୍ଟଶାଣି |
| ୪୬ | ୨୧୯ | ରୟତି | ପତିତ | ୦.୦୦୫୬ | ସଚ୍ଚିଦାନନ୍ଦ କର, ମନ୍ମଥ ଚନ୍ଦ୍ର କର, ଶାରଦାନନ୍ଦ ପରମଗୁରୁ, ସରୋଜନନ୍ଦ ପରମଗୁରୁ, ସଞ୍ଜୟାନନ୍ଦ କର ପିତା- ଲକ୍ଷ୍ମୀଧର କର । |
| ୪୭ | ୨୨୦ | ସରକାରୀ | ଘରବାରି | ୦.୦୦୨ | ଆବାଦଯୋଗ୍ୟ ଅନାବାଦୀ |
| ୪୮ | ୨୨୫ | ସରକାରୀ | ଘରବାରି | ୦.୦୦୬୮ | ଆବାଦଯୋଗ୍ୟ ଅନାବାଦୀ |
| ୪୯ | ୨୨୬ | ସରକାରୀ | ଘରବାରି | ୦.୦୦୩୨ | ଆବାଦଯୋଗ୍ୟ ଅନାବାଦୀ |
| ୫୦ | ୨୩୦ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୯୭ | ସସ୍ମିତା ପାଲଟାସିଂହ ସ୍ୱାମୀ- ଗୌରାଙ୍ଗ ପାଲଟାସିଂହ |
| ୫୧ | ୨୩୦/୨୯୪୪ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୧୦୧ | ସସ୍ମିତା ପାଲଟାସିଂହ ସ୍ୱାମୀ- ଗୌରାଙ୍ଗ ପାଲଟାସିଂହ |
| ୫୨ | ୨୩୦/୨୯୪୫ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୩୨ | ବନଜା ଦାସ ସ୍ୱାମୀ- ନବକିଶୋର ଦାସ |
| ୫୩ | ୨୩୧ | ରୟତି | ପତିତ | ୦.୦୦୫୨ | ଭାବଗ୍ରାହୀ ପାଇକରା, ଗୋବର୍ଦ୍ଧନ ପାଇକରା, ଅବକାଶ ପାଇକରା ପିତା- ଈଶ୍ୱର ପାଇକରା, ନୀଳମଣି ପାଇକରା, ପିତା- ଦାମୋଦର ପାଇକରା, ଭିକାରୀ ପାଇକରା, ଯୋଗେନ୍ଦ୍ର ପାଇକରା ପିତା- ବନମାଳୀ ପାଇକରା, ଆନନ୍ଦ ପାଇକରା, ପିତା- ଜଗନ୍ନାଥ ପାଇକରା, ନିମେଇ ଚରଣ ପାଇକରା, ରାଧା ଚରଣ ପାଇକରା, ଗୌରାଙ୍ଗ ପାଇକରା ପିତା- ମୋହନ ପାଇକରା, ଶ୍ରୀଧର ପାଇକରା, ଜଳଧର ପାଇକରା ପିତା- ମଦନ ପାଇକରା |
| ୫୪ | ୨୩୨ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୭୨ | ସୁଶିଳାବାଳା ସାହୁ ସ୍ୱାମୀ- ଚନ୍ଦ୍ରମଣି ସାହୁ |
| ୫୫ | ୨୫୪ | ରୟତି | ଶାରଦ | ୦.୦୧୦୧ | ଭାବଗ୍ରାହୀ ପାଇକରା, ଗୋବର୍ଦ୍ଧନ ପାଇକରା, ଅବକାଶ ପାଇକରା ପିତା- ଈଶ୍ୱର ପାଇକରା, ନୀଳମଣି ପାଇକରା, ପିତା- ଦାମୋଦର ପାଇକରା, ଭିକାରୀ ପାଇକରା, ଯୋଗେନ୍ଦ୍ର ପାଇକରା ପିତା- ବନମାଳୀ ପାଇକରା, ଆନନ୍ଦ ପାଇକରା, ପିତା- ଜଗନ୍ନାଥ ପାଇକରା, ନିମେଇ ଚରଣ ପାଇକରା, ରାଧା ଚରଣ ପାଇକରା, ଗୌରାଙ୍ଗ ପାଇକରା ପିତା- ମୋହନ ପାଇକରା, ଶ୍ରୀଧର ପାଇକରା, ଜଳଧର ପାଇକରା ପିତା- ମଦନ ପାଇକରା |
| ୫୬ | ୨୫୫/୨୯୫୧ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୭୬ | ରାଧାବଲ୍ଲଭ ମହାନ୍ତି ପିତା- ଅମୂଲ୍ୟକୃଷ୍ଣ ମହାନ୍ତି |
| ୫୭ | ୨୫୬ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୭୬ | କମଳାକାନ୍ତ ଦାସ ପିତା-ବଳରାମ ଦାସ |
| ୫୮ | ୨୫୮ | ରୟତି | ପତିତ | ୦.୦୦୫୬ | ଧର୍ମାନନ୍ଦ ପ୍ରଧାନ ପିତା- ଧନୀ ପ୍ରଧାନ |
| ୫୯ | ୨୫୯ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୧୭୪ | ଧର୍ମାନନ୍ଦ ପ୍ରଧାନ ପିତା- ଧନୀ ପ୍ରଧାନ |
| ୬୦ | ୨୬୭ | ସରକାରୀ | ରାସ୍ତା | ୦.୦୦୧୨ | ସର୍ବସାଧାରଣ |
| ୬୧ | ୨୭୩ | ରୟତି | ପତିତ | ୦.୦୦୨ | ଇଚ୍ଛାମଣି ମହାପାତ୍ର ପିତା- ବଂଶୀଧର ମହାପାତ୍ର |
| ୬୨ | ୨୭୮ | ସରକାରୀ | ରାସ୍ତା | ୦.୦୦୦୮ | ସର୍ବସାଧାରଣ |
| ୬୩ | ୨୮ | ରୟତି | ପତିତ | ୦.୦୨୯୧ | ସଞ୍ଜୀବ କୁମାର ଅଗରୱାଲା, ମୋକେଶ କୁମାର ଅଗରୱାଲା ପିତା- ପୁରାନମଲ ଅଗରୱାଲା, ମିତ୍ରବାଳା ପଟ୍ଟନାୟକ, ସ୍ୱାମୀ- ସଞ୍ଜୀବ କୁମାର ଅଗରୱାଲା, ଦେବେନ୍ଦ୍ରନାଥ ଦାସ ପିତା- ଦୁର୍ଗା ପ୍ରସାଦ ଦାସ । |
| ୬୪ | ୨୮୦ | ସରକାରୀ | ପତିତ | ୦.୦୦୧୬ | ଆବାଦଯୋଗ୍ୟ ଅନାବାଦୀ |
| ୬୫ | ୨୯ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୧୧୩ | ରାହାସ ବିହାରୀ ରାୟ ପିତା- ବାଇଧର ରାୟ |
| ୬୬ | ୨୯୭ | ସରକାରୀ | ରାସ୍ତା | ୦.୦୨୩ | ସର୍ବସାଧାରଣ |
| ୬୭ | ୨୯୮ | ସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୨ | ଆବାଦଯୋଗ୍ୟ ଅନାବାଦୀ |
| ୬୮ | ୨୯୯ | ସରକାରୀ | ପତିତ | ୦.୦୦୦୮ | ଆବାଦଯୋଗ୍ୟ ଅନାବାଦୀ |
| ୬୯ | ୩୦ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୧୨୧ | ରମେଶ ଚନ୍ଦ୍ର ଚୌଧୁରୀ ପିତା- କୃଷ୍ଣଚନ୍ଦ୍ର ଚୌଧୁରୀ |
| ୭୦ | ୩୦୦ | ସରକାରୀ | ପତିତ | ୦.୦୦୦୮ | ଆବାଦଯୋଗ୍ୟ ଅନାବାଦୀ |
| ୭୧ | ୩୦୧ | ସରକାରୀ | ପତିତ | ୦.୦୦୦୮ | ଆବାଦଯୋଗ୍ୟ ଅନାବାଦୀ |
| ୭୨ | ୩୦୨ | ସରକାରୀ | ପତିତ | ୦.୦୦୧୨ | ଆବାଦଯୋଗ୍ୟ ଅନାବାଦୀ |
| ୭୩ | ୩୦୩ | ସରକାରୀ | ପତିତ | ୦.୦୦୨୪ | ଆବାଦଯୋଗ୍ୟ ଅନାବାଦୀ |
| ୭୪ | ୩୧ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୨୧୮ | ସଞ୍ଜୀବ କୁମାର ଅଗରୱାଲା, ମୋକେଶ କୁମାର ଅଗରୱାଲା ପିତା- ପୁରାନମଲ ଅଗରୱାଲା, ମିତ୍ରବାଳା ପଟ୍ଟନାୟକ, ସ୍ୱାମୀ- ସଞ୍ଜୀବ କୁମାର ଅଗରୱାଲା, ଦେବେନ୍ଦ୍ରନାଥ ଦାସ ପିତା- ଦୁର୍ଗା ପ୍ରସାଦ ଦାସ । |
| ୭୫ | ୩୨ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୫୬ | ଉଷା ଦେବୀ ଅଗରୱାଲ ସ୍ୱାମୀ- କିଷନ କୁମାର ଅଗରୱାଲ |
| ୭୬ | ୩୩ | ରୟତି | ଘରବାରି | ୦.୦୦୪ | ଉଷା ଦେବୀ ଅଗରୱାଲ ସ୍ୱାମୀ- କିଷନ କୁମାର ଅଗରୱାଲ |
| ୭୭ | ୩୪ | ରୟତି | ଘରବାରି | ୦.୦୦୩୨ | ଉଷା ଦେବୀ ଅଗରୱାଲ ସ୍ୱାମୀ- କିଷନ କୁମାର ଅଗରୱାଲ |
| ୭୮ | ୩୫ | ରୟତି | ଘରବାରି | ୦.୦୦୪୮ | ଉଷା ଦେବୀ ଅଗରୱାଲ ସ୍ୱାମୀ- କିଷନ କୁମାର ଅଗରୱାଲ |
| ୭୯ | ୩୫୯ | ସରକାରୀ | ପତିତ | ୦.୦୩୩୫ | ଆବାଦଯୋଗ୍ୟ ଅନାବାଦୀ |
| ୮୦ | ୩୬ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୩୬ | ଦୀପାଲି ବିଲ୍ଡର୍ସ ପ୍ରା. ଲିଃ, ମାର୍ଫତ ଡାଇରେକ୍ଟର, ସୁବାଶିଷ କୁମାର ପାତ୍ର ପିତା- ଗୋପୀନାଥ ପାତ୍ର |
| ୮୧ | ୩୬୭ | ସରକାରୀ | ପତିତ | ୦.୦୬୮୭ | ଆବାଦଯୋଗ୍ୟ ଅନାବାଦୀ |
| ୮୨ | ୩୬୮ | ସରକାରୀ | ପତିତ | ୦.୦୧୨୧ | ଆବାଦଯୋଗ୍ୟ ଅନାବାଦୀ |
| ୮୩ | ୩୭ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୨୮ | ଭାସ୍କର ଚନ୍ଦ୍ର କର ପିତା- ଦିବ୍ୟସିଂହ କର |
| ୮୪ | ୩୮ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୦୩୬ | ରାଜଲକ୍ଷ୍ମୀ ପରିଡ଼ା ସ୍ୱାମୀ- ରବିନ୍ଦ୍ରନାଥ ପରିଡ଼ା |
| ୮୫ | ୩୯ | ରୟତି | ଶାରଦ ଅଣଜଳସେଚିତ-୨ | ୦.୦୩୨୩ | ମନ୍ମଥନାଥ ରାଉତରାୟ ପିତା- ଲିଙ୍ଗରାଜ ରାଉତରାୟ |
| ୮୬ | ୫୭୮ | ସରକାରୀ | ରାସ୍ତା | ୦.୦୧୦୯ | ଆବାଦଯୋଗ୍ୟ ଅନାବାଦୀ |
| ୮୭ | ୫୭୯ | ସରକାରୀ | ପତିତ | ୦.୦୩୦୭ | ଆବାଦଯୋଗ୍ୟ ଅନାବାଦୀ |
| ୮୮ | ୫୮୦ | ସରକାରୀ | ଘରବାରି | ୦.୦୨୪୨ | ଆବାଦଯୋଗ୍ୟ ଅନାବାଦୀ |
| ୮୯ | ୫୮୧ | ସରକାରୀ | ଘରବାରି | ୦.୦୦୮ | ଆବାଦଯୋଗ୍ୟ ଅନାବାଦୀ |
| ୯୦ | ୫୮୨ | ସରକାରୀ | ଘରବାରି | ୦.୦୦୭୨ | ଆବାଦଯୋଗ୍ୟ ଅନାବାଦୀ |
| ୯୧ | ୫୮୩ | ସରକାରୀ | ଘରବାରି | ୦.୦୦୮୪ | ଆବାଦଯୋଗ୍ୟ ଅନାବାଦୀ |
| ୯୨ | ୫୮୪ | ସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୮୯ | ଆବାଦଯୋଗ୍ୟ ଅନାବାଦୀ |
| ୯୩ | ୫୮୬ | ସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୪୪ | ଆବାଦଯୋଗ୍ୟ ଅନାବାଦୀ |
| ୯୪ | ୫୮୭ | ସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୩୬ | ଆବାଦଯୋଗ୍ୟ ଅନାବାଦୀ |
| ୯୫ | ୫୮୮ | ସରକାରୀ | ଶାରଦ ଅଣଜଳସେଚିତ-୨ | ୦.୦୦୨୪ | ଆବାଦଯୋଗ୍ୟ ଅନାବାଦୀ |
| ୯୬ | ୫୮୯ | ସରକାରୀ | ପତିତ | ୦.୦୦୧୨ | ଆବାଦଯୋଗ୍ୟ ଅନାବାଦୀ |
| ୯୭ | ୫୯୨ | ସରକାରୀ | ଘରବାରି | ୦.୦୦୮ | ଆବାଦଯୋଗ୍ୟ ଅନାବାଦୀ |
| ୯୮ | ୫୯୩ | ସରକାରୀ | ଘରବାରି | ୦.୦୧୧୩ | ଆବାଦଯୋଗ୍ୟ ଅନାବାଦୀ |
| ୯୯ | ୫୯୪ | ସରକାରୀ | ପତିତ | ୦.୦୧୦୯ | ଆବାଦଯୋଗ୍ୟ ଅନାବାଦୀ |
| ୧୦୦ | ୫୯୫ | ସରକାରୀ | ପତିତ | ୦.୦୧୨୧ | ଆବାଦଯୋଗ୍ୟ ଅନାବାଦୀ |
| ୧୦୧ | ୫୯୬ | ସରକାରୀ | ପତିତ | ୦.୦୧୫୭ | ଆବାଦଯୋଗ୍ୟ ଅନାବାଦୀ |
| ୧୦୨ | ୬୮୭ | ସରକାରୀ | ରାସ୍ତା | ୦.୦୧୩୩ | ଆବାଦଯୋଗ୍ୟ ଅନାବାଦୀ |
| | **ଗ୍ରାମ: ଉତ୍ତରମୁଣ୍ଡମୁହାଣ** | | | | |
| ୧୦୩ | ୪୬୨ | ସରକାରୀ | ଗୋଚର | ୦.୧୫୪୯ | ରକ୍ଷିତ ଅନାବାଦୀ |
| ୧୦୪ | ୪୭୨ | ସରକାରୀ | ଗୋଚର | ୦.୧୭୬ | ରକ୍ଷିତ ଅନାବାଦୀ |
| ୧୦୫ | ୪୭୫ | ରୟତି | ଘରବାରି | ୦.୦୧୩୭ | ସୁରେନ୍ଦ୍ର ସାହୁ ପିତା- ବନମାଳୀ ସାହୁ |
| ୧୦୬ | ୪୭୬ | ରୟତି | ଘରବାରି | ୦.୦୧୬୧ | ପ୍ରଫୁଲ୍ଲ କୁମାର ମହାନ୍ତି ପିତା- କାଶୀନାଥ ମହାନ୍ତି (୨) ବିଜୟ କୁମାର ମହାନ୍ତି, ବିମଳ କୁମାର ମହାନ୍ତି ପିତା- ପ୍ରଫୁଲ୍ଲ କୁମାର ମହାନ୍ତି । |
| ୧୦୭ | ୪୭୭ | ରୟତି | ଘରବାରି | ୦.୦୧୭୮ | ଶୁଭ୍ରାଂଶୁ ଶେଖର ସେଠୀ, ସୁଧାଂଶୁ ଶେଖର ସେଠୀ ପିତା- ଶ୍ୟାମସୁନ୍ଦର ସେଠୀ (୨) କୁନି ସ୍ୱାଇଁ, ସ୍ୱାମୀ- ରାଜକିଶୋର ସ୍ୱାଇଁ, ବବିତା ସ୍ୱାଇଁ ସ୍ୱାମୀ- ସଞ୍ଜୟ କୁମାର ସ୍ୱାଇଁ |
| ୧୦୮ | ୪୮୨ | ରୟତି | ବିଆଳି | ୦.୩୬୪୨ | ପ୍ରଦୀପ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ପଟ୍ଟନାୟକ ପିତା- ରବିନ୍ଦ୍ର କୁମାର ପଟ୍ଟନାୟକ (୨) ପ୍ରମିଳାକୁଆଁରୀ ବେବର୍ତ୍ତା ସ୍ୱାମୀ- ଲଳିତ ମୋହନ ବେବର୍ତ୍ତା (୩) ବିଳାସିନି ପଟ୍ଟନାୟକ ସ୍ୱାମୀ- ନୀଳକଣ୍ଠ ପ୍ରସାଦ ପଟ୍ଟନାୟକ (୪) ମନୋରମା ମହାନ୍ତି, ସ୍ୱାମୀ- କୃଷ୍ଣଚନ୍ଦ୍ର ମହାନ୍ତି (୫) ବ୍ରିଜେଶ କୁମାର ଦଲାଇ ପିତା- ବାସୁଦେବ ଦଲାଇ (୬) ଆର୍ତ୍ତତ୍ରାଣ ରାୟ ପିତା- ରସାନନ୍ଦ ରାୟ (୭) ବ୍ରଜେନ୍ଦ୍ର ସାମନ୍ତରାୟ ପିତା- ଚୈତନ୍ୟ ସାମନ୍ତରାୟ (୮) ବିଧୁଭୂଷଣ ରଥ, ବିଜୟଭୂଷଣ ରଥ, ପିତା- ଲକ୍ଷ୍ମୀଧର ରଥ (୯) ବିବେକାନନ୍ଦ ମହାନ୍ତି, ରଞ୍ଜିତା ମହାନ୍ତି, ନିବେଦିତା ମହାନ୍ତି ପିତା- ରବିନ୍ଦ୍ରନାଥ ମହାନ୍ତି (୧୦) ମଙ୍ଗଲ ଚାନ୍ଦ ଚୋପ୍ରା, ମିଲାପ ଚାନ୍ଦ ଚୋପ୍ରା ପିତା- ଜେଠାମଲ୍ଲ ଚୋପ୍ରା (୧୧) ଗଣେଶ ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ପିତା- କେଳେଇବନ୍ଧୁ ମହାପାତ୍ର (୧୨) କାଶୀନାଥ ସାହୁ, ପିତା- ନଟବର ସାହୁ, କୃପାସିନ୍ଧୁ ସାହୁ, କରୁଣାକର ସାହୁ, କବିତା ସାହୁ ପିତା- କାଶୀନାଥ ସାହୁ (୧୩) ପ୍ରକାଶ ସାମନ୍ତରାୟ, ରାଜଶ୍ରୀ ସାମନ୍ତରାୟ, ଶୁଭଶ୍ରୀ ସାମନ୍ତରାୟ ପିତା- ଅବନୀ ମୋହନ ସାମନ୍ତରାୟ, ଶାନ୍ତିଲତା ସାମନ୍ତରାୟ ସ୍ୱାମୀ- ଅବନୀ ମୋହନ ସାମନ୍ତରାୟ, ବିଶ୍ୱ ମୋହନ ସାମନ୍ତରାୟ, ସୁଧାଂଶୁ ମୋହନ ସାମନ୍ତରାୟ, ହିମାଂଶୁ ମୋହନ ସାମନ୍ତରାୟ, ଶୁଭ୍ରାଂଶୁ ମୋହନ ସାମନ୍ତରାୟ ପିତା- ହରମୋହନ ସାମନ୍ତରାୟ, ଅକ୍ଷୟ କୁମାର ପଟ୍ଟନାୟକ ପିତା- ରାମଚନ୍ଦ୍ର ପଟ୍ଟନାୟକ (୧୪) ଭବାନୀ ପ୍ରସନ୍ନ ମହାପାତ୍ର ପିତା- ଜଗମୋହନ ମହାପାତ୍ର, ସରସ୍ୱତୀ ମହାପାତ୍ର ସ୍ୱାମୀ- ଭବାନୀ ପ୍ରସନ୍ନ ମହାପାତ୍ର (୧୫) ରାଧାବଲ୍ଲଭ ସିଂହ ପିତା- ଗଜେନ୍ଦ୍ର ନାରାୟଣ ସିଂହ (୧୬) ପ୍ରତାପ ଚନ୍ଦ୍ର ମହାପାତ୍ର ପିତା- ଗଣେଶ୍ୱର ମହାପାତ୍ର (୧୭) ନରେନ୍ଦ୍ରନାଥ ସାହୁ, ପିତା- କାଶୀନାଥ ସାହୁ (୧୮) ମଞ୍ଜୁଳା ମିଶ୍ର ସ୍ୱାମୀ- ପ୍ରଶାନ୍ତ କୁମାର ମିଶ୍ର । |
| ୧୦୯ | ୪୮୩ | ସରକାରୀ | ଗୋଚର | ୦.୦୨୬୩ | ରକ୍ଷିତ ଅନାବାଦୀ |
| ୧୧୦ | ୫୧୯ | ସରକାରୀ | ରାସ୍ତା | ୦.୦୧୧୩ | ସର୍ବସାଧାରଣ |
| ୧୧୧ | ୫୨୦ | ସରକାରୀ | ପୁରାତନ ପତିତ | ୦.୦୧୨୯ | ଅନାବାଦୀ |
| ୧୧୨ | ୫୨୧ | ସରକାରୀ (ଡାକ ଓ ତାର) | ଘର ଓ ହତା | ୦.୦୫୮୬ | ତାର ଓ ଡାକ ବିଭାଗ |
| ୧୧୩ | ୫୨୨ | ସରକାରୀ | ଘରବାରି | ୦.୧୧୧୨ | ଜିଲ୍ଲା ପରିଷଦ |
| | **ତାଲୁକ: ଖୋର୍ଦ୍ଧା** | | | | |
| | **ଗ୍ରାମ: ଛତ୍ରମା** | | | | |
| ୧ | ୧୪୯୯ | ରୟତି | ପତିତ | ୦.୧୧୮୫ | ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ପୁରୀ |
| ୨ | ୧୫୦୧ | ରୟତି | ଘରବାରି | ୦.୦୨୬୩ | ପ୍ରମୋଦ କୁମାର ରାଉତରାୟ ପିତା- ଭାଗବତ ରାଉତରାୟ |
| ୩ | ୧୫୦୨ | ରୟତି | ଘରବାରି | ୦.୦୧୨୯ | ଶରତ କୁମାର ସାହୁ ପିତା- ରାମଚନ୍ଦ୍ର ସାହୁ |
| ୪ | ୧୫୦୩ | ରୟତି | ଘରବାରି | ୦.୦୧୦୧ | ସତ୍ୟପୀର ହରିଚନ୍ଦନ, ନାରାୟଣ ହରିଚନ୍ଦନ ପିତା- ଶଙ୍କର ହରିଚନ୍ଦନ |
| ୫ | ୧୫୦୪ | ରୟତି | ଘରବାରି | ୦.୦୦୭୬ | ସୁରଥ ବେହେରା, ଭରତ ବେହେରା, ଶରତ କୁମାର ବେହେରା, ପିତା- ହଲୁ ବେହେରା |
| ୬ | ୧୫୦୫ | ରୟତି | ଘରବାରି | ୦.୦୦୪ | ପ୍ରମୋଦ କୁମାର ନରେନ୍ଦ୍ର, କେଦାର ଚନ୍ଦ୍ର ନରେନ୍ଦ୍ର, ହେମନ୍ତ କୁମାର ନରେନ୍ଦ୍ର ପିତା- ଗୋପାଳ ଚନ୍ଦ୍ର ନରେନ୍ଦ୍ର । |
| ୭ | ୧୫୦୬ | ରୟତି | ଘରବାରି | ୦.୦୦୩୬ | ତ୍ରୀନାଥ ବଇରିଗଞ୍ଜନ ପିତା- ପଦ୍ମ ଚରଣ ବଇରିଗଞ୍ଜନ |
| ୮ | ୧୫୦୭ | ରୟତି | ଘରବାରି (କ୍ରଶର) | ୦.୦୧୯୪ | ଲକ୍ଷ୍ମୀଧର ଜଗଦେବ ପିତା- ଭିକାରୀ ଚରଣ ମଙ୍ଗରାଜ |
| ୯ | ୧୫୧୦ | ରୟତି | ଘରବାରି (କ୍ରଶର) | ୦.୦୪୫୩ | କେଦାରଶ୍ୱର ଜଗଦେବ ପିତା- ବୀରବର ଜଗଦେବ |
| ୧୦ | ୧୫୧୧ | ରୟତି | କାରଖାନା (କ୍ରଶର) | ୦.୦୫୩ | ଚନ୍ଦ୍ରଶେଖର ସାହୁ ପିତା- ଗଙ୍ଗାଧର ସାହୁ, ସୁକାନ୍ତ କୁମାର ହାତୀ ପିତା- ଜଗନାଥ ହାତୀ (୨) ଗୋପାଳ ଚନ୍ଦ୍ର ନରେନ୍ଦ୍ର ପିତା- ଲିଙ୍ଗରାଜ ବଇରିଗଞ୍ଜନ, ଦୁଃଶାସନ ବଳିଆରସିଂହ ପିତା- ଶଙ୍କର ବଳିଆରସିଂହ |
| ୧୧ | ୧୫୫୨ | ରୟତି | ପତିତ | ୦.୩୬୪୨ | ଶ୍ରୀ ଶ୍ରୀ ଜଗନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ପୁରୀ, ମେସର୍ସ କୁକୁମିନା କନଷ୍ଟ୍ରକ୍ସନ୍ସ ପ୍ରା. ଲିଃ ମାର୍ଫତ ମ୍ୟାନେଜିଂ ଡାଇରେକ୍ଟର, କୈଳାଶ ଚନ୍ଦ୍ର ପରିଜା, ପିତା- ମାନଗୋବିନ୍ଦ ପରିଜା, ଅସର ମଲ୍ଲ ପିତା- କର ମଲ୍ଲ । |
| ୧୨ | ୧୫୬୨ | ରୟତି | ପତିତ | ୦.୧୪୫୬ | ଶ୍ରୀ ଶ୍ରୀ ଜଗନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ପୁରୀ । |
| ୧୩ | ୧୫୬୩ | ରୟତି | ଘରବାରି (କ୍ରଶର) | ୦.୦୮୭୪ | ଅଶୋକ କୁମାର ପଟ୍ଟନାୟକ ପିତା- ଫକୀର ମୋହନ ପଟ୍ଟନାୟକ |
| ୧୪ | ୧୫୬୫ | ରୟତି | ଘରବାରି (କ୍ରଶର) | ୦.୦୨୬୩ | ପ୍ରମୋଦ କୁମାର ରାଉତରାୟ ପିତା- ଭାଗବତ ରାଉତରାୟ |
| ୧୫ | ୧୫୬୬ | ରୟତି | ପତିତ | ୦.୦୪୦୪ | ଷ୍ଟାରଚାନ୍ ପ୍ରୋଜେକ୍ଟ ପ୍ରା. ଲିଃ, ଡାଇରେକ୍ଟର ରାଜେନ ମହାପାତ୍ର ପିତା- ବସନ୍ତ କୁମାର ମହାପାତ୍ର |
| ୧୬ | ୧୬୩୧ | ରୟତି | ଘରବାରି | ୦.୦୪୦୪ | ମୀନାକ୍ଷୀ ରାୟ ସ୍ୱାମୀ- ଅଶୋକ କୁମାର ରାୟ, ଅଶୋକ କୁମାର ରାୟ ପିତା- ନାରାୟଣ ଭ୍ରମରବର ରାୟ |
| ୧୭ | ୧୬୩୨ | ରୟତି | ପତିତ | ୦.୦୩୨୩ | ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ ପ୍ରଶାସକ ଶ୍ରୀ ମନ୍ଦିର ପରିଚାଳନା କମିଟି, ପୁରୀ। |
| ୧୮ | ୧୬୭୨ | ରୟତି | ପତିତ | ୦.୦୭୨ | ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ ପ୍ରଶାସକ ଶ୍ରୀ ମନ୍ଦିର ପରିଚାଳନା କମିଟି, ପୁରୀ। |
| | **ଗ୍ରାମ: କଙ୍କିଆ** | | | | |
| ୧୯ | ୧୦୪୧ | ରୟତି | ବାରି | ୦.୦୦୪୪ | ଗୋଲକ ବିହାରୀ ରାଉତରା ପିତା- ନରସିଂହ ରାଉତରାୟ, (୨) ରାମ କୃଷ୍ଣ ଶ୍ରୀଚନ୍ଦନ ପିତା ମଦନ ଶ୍ରୀଚନ୍ଦନ। |
| ୨୦ | ୧୦୪୧/୧୩୦୬ | ସରକାରୀ | ପୁରାତନ ପତିତ | ୦.୦୦୮ | ଅନାବାଦୀ |
| ୨୧ | ୧୦୪୧/୧୩୦୭ | ରୟତି | ବାରି | ୦.୦୦୩୨ | ନକୁଳ ବିଷୋୟୀ ପିତା- ଭାଗବତ ବିଷୋୟୀ |
| ୨୨ | ୧୦୪୨ | ସରକାରୀ | ରାସ୍ତା | ୦.୦୦୨ | ସର୍ବସାଧାରଣ |
| ୨୩ | ୧୦୪୪ | ସରକାରୀ | ଘର | ୦.୦୦୨ | ପୂର୍ତ୍ତ ବିଭାଗ |
| ୨୪ | ୧୦୪୮ | ସରକାରୀ | ହତା | ୦.୦୩୨୩ | ପୂର୍ତ୍ତ ବିଭାଗ |
| ୨୫ | ୧୦୪୯ | ସରକାରୀ | ରାସ୍ତା | ୦.୦୦୨୮ | ସର୍ବସାଧାରଣ |
| ୨୬ | ୧୦୫୦ | ରୟତି | ଶାରଦ-୩ | ୦.୦୪୮୧ | ୧) ଅମିତାଭ ହାଜରା ପିତା- ହୃଷିକେଶ ହାଜରା- ସିକିମ ରୟତ, ହାଡୁ ବେହେରା ପିତା- ମାର୍କଣ୍ଡ ବେହେରା (୨) ନିହାଳି ବେହେରା ସ୍ୱାମୀ- ଗୋକୁଳ ବେହେରା, ନଳିନୀ ବେହେରା ପିତା- ଗୋକୁଳ ବେହେରା (୩) କିଶୋର ଚନ୍ଦ୍ର ମାର୍ଥା ପିତା- କୈବଲ୍ୟ ମାର୍ଥା (୪) ଗୁରେଇ ବେହେରା ପିତା- ବାସୁଦେବ ବେହେରା (୫) ସୁଶାରାଣୀ ସାମନ୍ତରାୟ ସ୍ୱାମୀ- ଯଦୁନାଥ ସାମନ୍ତରାୟ। |
| ୨୭ | ୧୦୫୧ | ରୟତି | ଶାରଦ-୩ | ୦.୦୧୮୨ | ଆଦରମଣି ବଳବନ୍ତରାୟ ସ୍ୱାମୀ- ଲକ୍ଷ୍ମୀଧର ବଳବନ୍ତରାୟ (୨) ଦେବୀପ୍ରସାଦ ଜଗଦେବ, ବିଷ୍ଣୁପ୍ରସାଦ ଜଗଦେବ ପିତା- ଅଶ୍ୱିନୀ କୁମାର ଜଗଦେବ (୩) ଉଲ୍ଲାସ ଚନ୍ଦ୍ର ରାଉତରାୟ ପିତା- ଦିବ୍ୟସିଂହ ରାୟତରାୟ । |
| ୨୮ | ୮୪୬ | ସରକାରୀ | ବଗାୟତ | ୦.୦୦୩୨ | ଅନାବାଦୀ |
| ୨୯ | ୮୫୪ | ସରକାରୀ | କାଞ୍ଜିଆ ଘର ହତା | ୦.୦୦୩୨ | ଜିଲ୍ଲା ପରିଷଦ |
| ୩୦ | ୮୫୭ | ରୟତି | ଘର | ୦.୦୦୬୪ | ଭାଗିରଥୀ ଛୋଟରା ପିତା- ପଦ୍ମଚରଣ ଛୋଟରା |
| ୩୧ | ୮୫୮ | ରୟତି | ବାଜେଫସଲ-୨ | ୦.୦୦୯୩ | ବିପ୍ର ଚରଣ ଛୋଟରା ପିତା- ଭାଗିରଥୀ ଛୋଟରା |
| ୩୨ | ୮୫୯ | ରୟତି | ଘର | ୦.୦୦୭୨ | ରଘୁନାଥ ଚହଟରା, ଲୋକନାଥ ଚହଟରା, କାଶୀନାଥ ଚହଟରା ପିତା- ନରସିଂହ ଚହଟରା (୨) କୃତିବାସ ଜଗଦେବ ପିତା- ଯୁଧିଷ୍ଠିର ଜଗଦେବ। |
| ୩୩ | ୮୬୧ | ସରକାରୀ | ଗୋଚର | ୦.୦୦୨୪ | ରକ୍ଷିତ |
| ୩୪ | ୮୬୪ | ସରକାରୀ | ରାସ୍ତା | ୦.୦୦୬୪ | ସର୍ବସାଧାରଣ |
| ୩୫ | ୮୬୯ | ରୟତି | ହତା | ୦.୦୪୦୪ | ଦେବଜ୍ୟୋତି ପଟ୍ଟନାୟକ ପିତା- ବୀରେନ୍ଦ୍ର ମୋହନ ପଟ୍ଟନାୟକ |
| ୩୬ | ୮୭୦ | ରୟତି | ଘର | ୦.୦୦୩୬ | ବିଜୟ କୁମାର ଚହଟରାୟ ପିତା- ଲୋକନାଥ ଚହଟରାୟ |
| ୩୭ | ୮୭୬ | ସରକାରୀ | ରାସ୍ତା | ୦.୦୦୨୮ | ସର୍ବସାଧାରଣ |
| ୩୮ | ୮୭୭ | ସରକାରୀ | ପୁରାତନ ପଡ଼ିଆ | ୦.୦୦୪୮ | ଅନାବାଦୀ |
| ୩୯ | ୮୭୯ | ରୟତି | ବାଜେଫସଲ-୩ | ୦.୦୨୫୯ | ପ୍ରବୋଧ ଚନ୍ଦ୍ର ମଙ୍ଗରାଜ ପିତା- ଭାଗିରଥୀ ମଙ୍ଗରାଜ (୨) ଜାନକୀ ମଙ୍ଗରାଜ ସ୍ୱାମୀ- ବ୍ରଜକିଶୋର ମଙ୍ଗରାଜ (୩) ଦୁଃଖୀଶ୍ୟାମ ମହାରଥୀ, ରାଧେଶ୍ୟାମ ମହାରଥୀ, ପ୍ରମୋଦ କୁମାର ମହାରଥୀ ପିତା- ସନାତନ ମହାରଥୀ । |
| ୪୦ | ୮୮୨ | ସରକାରୀ | ହତା | ୦.୦୧୦୧ | ଡାକ ବିଭାଗ |
| ୪୧ | ୮୮୩ | ସରକାରୀ | ଘର | ୦.୦୦୭୨ | ଡାକ ବିଭାଗ |
| ୪୨ | ୮୮୪ | ସରକାରୀ | ହତା | ୦.୦୧୨୯ | ଡାକ ବିଭାଗ |
| ୪୩ | ୮୮୯ | ରୟତି | ଶାରଦ-୩ | ୦.୦୩୬୪ | କୁମୁଦିନୀ ବଳବନ୍ତରାୟ ସ୍ୱାମୀ- କେଦାର ବଳବନ୍ତରାୟ, ଦୁଷ୍ମନ୍ତ ବଳବନ୍ତରାୟ ପିତା- କେଦାର ବଳବନ୍ତରାୟ, ସୁଧୀର ବଳବନ୍ତରାୟ, ପ୍ରବୀର ବଳବନ୍ତରାୟ ପିତା- ମହନି ବଳବନ୍ତରାୟ। |
| ୪୪ | ୮୯୦ | ରୟତି | ଶାରଦ-୩ | ୦.୦୨୬୩ | ରଘୁନାଥ ଚହଟରାୟ, ଲୋକନାଥ ଚହଟରାୟ, କାଶୀନାଥ ଚହଟରାୟ ପିତା- ନରସିଂହ ଚହଟରାୟ (୨) ଗୁଣନିଧି ଭୋଳ ପିତା- ଗୋଲଖ ଭୋଳ (୩) ରାଜକିଶୋର ନାୟକ ପିତା- ହାଡ଼ିବନ୍ଧୁ ନାୟକ । |
| ୪୫ | ୮୯୧ | ସରକାରୀ | ପାଣିନାଳ | ୦.୦୦୮ | ରକ୍ଷିତ |
| | **ଗ୍ରାମ: ଲହଙ୍ଗା (ଲୋହଙ୍ଗା)** | | | | |
| ୪୬ | ୧୧୫୧ | ସରକାରୀ | ଗୋଚର | ୦.୦୧୭୮ | ରକ୍ଷିତ |
| ୪୭ | ୧୫୫ | ସରକାରୀ | ବସ୍ତିଯୋଗ୍ୟ | ୦.୦୫୬୬ | ରକ୍ଷିତ |
| | **ଗ୍ରାମ: ମଳିପଡ଼ା** | | | | |
| ୪୮ | ୨୪୪୭ | ସରକାରୀ | ବଗାୟତ-୨ | ୦.୨୦୨୩ | ରକ୍ଷିତ |
| | **ଗ୍ରାମ: ମୁଣ୍ଡାୟା** | | | | |
| ୪୯ | ୧୯୬ | ସରକାରୀ | ପଡ଼ିଆ | ୦.୧୧୧୬ | ରକ୍ଷିତ |
| ୫୦ | ୧୯୬/୧୯୬୧ | ରୟତି | ଘରବାରି | ୦.୦୦୭୨ | କେଦାରନାଥ ବଳବନ୍ତରା ପିତା- ମୋହନ ବଳବନ୍ତରା |
| ୫୧ | ୧୯୬/୨୦୦୧ | ରୟତି | ଘରବାରି | ୦.୦୦୬୪ | ଲୋଭା ବଳବନ୍ତରା ସ୍ୱାମୀ- ଲୋକନାଥ ବଳବନ୍ତରା |
| ୫୨ | ୧୯୬/୨୦୦୯ | ରୟତି | ଘରବାରି | ୦.୦୦୮ | ବିଜୟ କୁମାର ବଳିଆରସିଂହ ପିତା- ଗୋକୁଳାନନ୍ଦ ବଳିଆରସିଂହ |
| ୫୩ | ୧୯୬/୨୦୪୩ | ରୟତି | ଘରବାରି | ୦.୦୦୬ | ବାଳକୃଷ୍ଣ ସୁବୁଦ୍ଧି ପିତା- ଅଜିବା ସୁବୁଦ୍ଧି (୨) ନିରୁପମା ରଣବୀର ସ୍ୱାମୀ- ବିଜୟ କୁମାର ରଣବୀର |
| ୫୪ | ୨୦୧ | ସରକାରୀ | ପୁରାତନ ପତିତ | ୦.୦୨୮୩ | ଅନାବାଦୀ |
| ୫୫ | ୨୫୬ | ସରକାରୀ | ପଡ଼ିଆ | ୦.୦୫୪୬ | ଅନାବାଦୀ |
| ୫୬ | ୨୬୬ | ସରକାରୀ | ପଡ଼ିଆ | ୦.୦୫୦୧ | ଅନାବାଦୀ |
| ୫୭ | ୨୬୭ | ସରକାରୀ | ପଡ଼ିଆ | ୦.୧୪୫୬ | ଅନାବାଦୀ |
| ୫୮ | ୨୬୭/୧୭୨୧ | ସରକାରୀ | ପୁରାତନ ପତିତ | ୦.୦୪୪୫ | ଅନାବାଦୀ |
| ୫୯ | ୨୬୭/୧୮୧୪ | ସରକାରୀ | ପୁରାତନ ପତିତ | ୦.୦୮୦୯ | ଅନାବାଦୀ |
| ୬୦ | ୨୬୯ | ସରକାରୀ | ପଡ଼ିଆ | ୦.୦୩୨୩ | ଅନାବାଦୀ |
| ୬୧ | ୨୬୯/୧ | ରୟତି | ଘରବାରି | ୦.୧୭୮ | ରାଜକିଶୋର ପରମାଣିକ ପିତା- ଶିଖର ମାଝି (୨) ଶ୍ରୀନିବାସ ବେହେରା ପିତା- ଶ୍ୟାମ ବେହେରା (୩) ବିଷ୍ଣୁ ପ୍ରସାଦ ବେହେରା ପିତା- ବାସୁଦେବ ବେହେରା (୪) ଚକ୍ରଧର ବେହେରା ପିତା- ଲକ୍ଷ୍ମଣ ବେହେରା (୫) ଅନୀଲ କହଲସିଂହ ପିତା- ଫକୀର କହଲସିଂହ (୬) ଭୁବନାନନ୍ଦ ଦାସ ପିତା- ଗୋପୀନାଥ ଦାସ (୭) ଯୁଧିଷ୍ଠିର ନାୟକ, ସହଦେବ ନାୟକ, ପିତା- ହାଡ଼ିବନ୍ଧୁ ନାୟକ (୮) ସତ୍ୟାବତୀ ବେହେରା @ ନାୟକ ସ୍ୱାମୀ ଦୁର୍ଯ୍ୟୋଧନ ନାୟକ (୯) ବିକ୍ରମ ବେହେରା ପିତା- ହରି ବେହେରା (୧୦) କୁଳମଣି ଚମ୍ପତି ପିତା- ଈଶ୍ୱର ଚମ୍ପତି (୧୧) ବିପ୍ର ଚରଣ ଛୋଟରାୟ ପିତା- ଭାଗିରଥୀ ଛୋଟରାୟ (୧୨) ସଦାଶିବ ମିଶ୍ର ପିତା- ଗଦାଧର ମିଶ୍ର (୧୩) ବାଙ୍କନିଧି ବେହେରା ପିତା- ଜଗନାଥ ବେହେରା (୧୪) ମଣି ଦେଇ ସ୍ୱାମୀ- ଶଙ୍କର ବେହେରା (୧୫) ଉର୍ମିଳା ସାମନ୍ତରାୟ ସ୍ୱାମୀ- ମାଧବ ସାମନ୍ତରାୟ, ମାଧବ ସାମନ୍ତରାୟ ପିତା- ଅରକ୍ଷିତ ସାମନ୍ତରାୟ (୧୬) ବାସୁଦେବ ପ୍ରଧାନ ପିତା- ବିଦୁର ପ୍ରଧାନ (୧୭) ଅଲେଖ ଉଦୟ ସିଂହ ପିତା- ରାମ ଚନ୍ଦ୍ର ଉଦୟ ସିଂହ (୧୮) ଅଶ୍ୱିନୀ ଉଦୟସିଂହ, ବସନ୍ତ ଉଦୟସିଂହ, ଅକ୍ଷୟ କୁମାର ଉଦୟସିଂହ, ବିଜୟ କୁମାର ଉଦୟସିଂହ ପିତା- ଶତ୍ରୁଘ୍ନ ଉଦୟସିଂହ (୧୯) ଗୋଦାବରୀଶ ରାଉରାୟ ପିତା- ନରସିଂହ ରାଉତରାୟ (୨୦) ସୌନ୍ଦର୍ଯ୍ୟ କୁମାର ଗଜଦେବ ପିତା- ଦେବେନ୍ଦ୍ରନାଥ ଭୋଳ (୨୧) ବଳଭଦ୍ର ବେହେରା ପିତା- କୃଷ୍ଣ ବେହେରା (୨୨) ଇଚ୍ଛାମଣି ଦେଇ ସ୍ୱାମୀ- ସୁଦର୍ଶନ ସାମନ୍ତରାୟ (୨୩) କାଳିଚରଣ ଛୋଟରାୟ ପିତା- ଭାଗିରଥୀ ଛୋଟରାୟ (୨୪) ସାହେବାଣୀ ବେୱା ସ୍ୱାମୀ- ଯୋଗୀନାଥ ସାହୁ, ବୃନ୍ଦାବନ ସାହୁ ପିତା- ଯୋଗୀନାଥ ସାହୁ । |
| ୬୨ | ୪୮୪ | ସରକାରୀ | ପଡ଼ିଆ | ୦.୦୦୪୮ | ଅନାବାଦୀ |
| ୬୩ | ୪୮୪/୧୮୯୯ | ରୟତି | ବାଜେଫସଲ-୩ | ୦.୦୦୫୬ | ସୁରେନ୍ଦ୍ରନାଥ ଛୋଟରାୟ ପିତା- ବାନାମ୍ବର ଛୋଟରାୟ (୨) ଦୁଶାସନ ପାତାଳସିଂହ ପିତା ଗଙ୍ଗାଧର ପାତାଳସିଂହ |
| | **ଗ୍ରାମ: ପଲ୍ଲା** | | | | |
| ୬୪ | ୬୭୭ | ସରକାରୀ | ଗୋଚର | ୦.୨୨୦୫ | ରକ୍ଷିତ ଓ ଅନାବାଦୀ ଯୋଗ୍ୟ ଅନାବାଦୀ |
| ୬୫ | ୬୭୮ | ସରକାରୀ | ନୟନଜୋରି | ୦.୦୦୪ | ପୂର୍ତ୍ତ ବିଭାଗ |
| ୬୬ | ୬୮୫ | ସରକାରୀ | ଗୋଚର | ୦.୨୦୬୩ | ରକ୍ଷିତ ଓ ଗୃହ ବିଭାଗ |
| ୬୭ | ୭୨୮ | ରୟତି | ଘରବାରି | ୦.୦୧୪୯ | ବିଜୟ କୁମାର ବିଶ୍ୱାଳ ପିତା- ଅରକ୍ଷିତ ବିଶ୍ୱାଳ (୨) ସଞ୍ଜୟ କୁମାର ବିଶ୍ୱାଳ ପିତା- ଅରକ୍ଷିତ ବିଶ୍ୱାଳ। |
| ୬୮ | ୭୨୯ | ସରକାରୀ | ପତିତ | ୦.୦୦୭୨ | ଆବାଦଯୋଗ୍ୟ ଅନାବାଦୀ |
| ୬୯ | ୭୩୦ | ସରକାରୀ | ପତିତ | ୦.୦୧୦୧ | ଅନାବାଦୀ |
| ୭୦ | ୭୩୧ | ରୟତି | ପତିତ | ୦.୦୧୪୧ | ଚାରୁଲତା ସେଠୀ ସ୍ୱାମୀ- ଶ୍ୟାମ ସୁନ୍ଦର ସେଠୀ |
| ୭୧ | ୭୩୨ | ସରକାରୀ | ପତିତ | ୦.୦୧୪୯ | ଆବାଦଯୋଗ୍ୟ ଅନାବାଦୀ |
| ୭୨ | ୭୩୩ | ସରକାରୀ | ପତିତ | ୦.୦୦୨ | ଆବାଦଯୋଗ୍ୟ ଅନାବାଦୀ |
| ୭୩ | ୭୩୪ | ସରକାରୀ | ପତିତ | ୦.୦୧୨୧ | ଆବାଦଯୋଗ୍ୟ ଅନାବାଦୀ |
| ୭୪ | ୭୩୮ | ରୟତି | ପତିତ | ୦.୦୧୬୧ | ହାଭ ଲକ୍ ଚିଲଡ୍ରେନ୍ସ (ଆଶା) ସ୍ଥାନ- କୋଣାର୍କ ନଗର, ମାଫତ ଡାଇରେକ୍ଟର୍-କମ୍-ସେକ୍ରେଟାରୀ, ମାନୁଏଲ କାରାଡୋ ପିତା- ଡାନିଏଲ କରାଡୋ |
| ୭୫ | ୭୩୯ | ସରକାରୀ | ପତିତ | ୦.୦୧୨୯ | ଆବାଦଯୋଗ୍ୟ ଅନାବାଦୀ |
| ୭୬ | ୭୪୩ | ସରକାରୀ | ପତିତ | ୦.୦୨୫୪ | ଆବାଦଯୋଗ୍ୟ ଅନାବାଦୀ |
| ୭୭ | ୭୪୪ | ସରକାରୀ | ବଗାୟତ | ୦.୦୨୫ | ରକ୍ଷିତ |
| ୭୮ | ୭୪୫ | ରୟତି | ଘରବାରି | ୦.୦୧୩୭ | ଆଶିଷ କୁମାର ପଣ୍ଡା ପିତା- ହରମୋହନ ପଣ୍ଡା |
| ୭୯ | ୭୪୭ | ସରକାରୀ | ପତିତ | ୦.୦୧୩୭ | ଆବାଦଯୋଗ୍ୟ ଅନାବାଦୀ |
| ୮୦ | ୭୪୮ | ରୟତି | ପତିତ | ୦.୦୧୦୧ | ରାଜେନ୍ଦ୍ର ଦାସ ପିତା- ହରେକୃଷ୍ଣ ଦାସ, କୁମାରୀ ଦାସ ସ୍ୱାମୀ- ହରେକୃଷ୍ଣ ଦାସ, ରାଧାରମଣ ଦାସ, ନୃସିଂହ ଚରଣ ଦାସ ପିତା- ଭଗବାନ ଦାସ, ସରସ୍ୱତୀ ଦାସ ସ୍ୱାମୀ- ଭଗବାନ ଦାସ । |
| ୮୧ | ୭୪୯ | ସରକାରୀ | ପତିତ | ୦.୦୦୮୯ | ଆବାଦଯୋଗ୍ୟ ଅନାବାଦୀ |
| ୮୨ | ୭୫୫ | ସରକାରୀ | ପତିତ | ୦.୨୪୨ | ଆବାଦଯୋଗ୍ୟ ଅନାବାଦୀ |
| ୮୩ | ୮୭୯ | ରୟତି | ପତିତ | ୦.୦୦୦୮ | ପ୍ରମୋଦ କୁମାର ଖୁଣ୍ଟିଆ, ପ୍ରଶାନ୍ତ କୁମାର ଖୁଣ୍ଟିଆ, ଶରତ କୁମାର ଖୁଣ୍ଟିଆ, ବସନ୍ତ କୁମାର ଖୁଣ୍ଟିଆ ପିତା- ଫକୀର ଚରଣ ଖୁଣ୍ଟିଆ, ନକ୍ଷତ୍ରମଣି ଖୁଣ୍ଟିଆ ସ୍ୱାମୀ- ଫକୀର ଚରଣ ଖୁଣ୍ଟିଆ, ଅକ୍ରୁର ଚରଣ ଖୁଣ୍ଟିଆ, ଭ୍ରମରବର ଖୁଣ୍ଟିଆ ପିତା- ବାଞ୍ଛାନିଧି ଖୁଣ୍ଟିଆ । |
| ୮୪ | ୮୮୦ | ରୟତି | ପତିତ | ୦.୦୧୬୯ | ଦୀପକ କୁମାର ନାୟକ ପିତା- ଗଡେଶ୍ୱର ନାୟକ |
| ୮୫ | ୮୮୨ | ରୟତି | ବଗାୟତ-୨ | ୦.୦୪୪୫ | ବନବିହାରୀ ଦାସ ପିତା- ଦିଗମ୍ବର ଦାସ (୨) ନରେନ୍ଦ୍ର କୁମାର ବଳିଆରସିଂହ ପିତା- ଗଙ୍ଗାଧର ବଳିଆରସିଂହ । |
| ୮୬ | ୮୮୪ | ରୟତି | ବଗାୟତ-୨ | ୦.୦୨୪୨ | ଲକ୍ଷ୍ମୀଧର ମହାନ୍ତି ପିତା- ନିତ୍ୟାନନ୍ଦ ମହାନ୍ତି (୨) ଦିଲ୍ଲୀପ କୁମାର ମହାନ୍ତି ପିତା- ଲକ୍ଷ୍ମୀଧର ମହାନ୍ତି (୩) ସନ୍ତୋଷ କୁମାର ମହାନ୍ତି ପିତା- ଲକ୍ଷ୍ମୀଧର ମହାନ୍ତି |
| ୮୭ | ୮୮୫ | ରୟତି | ଘରବାରି | ୦.୦୪୨୪ | ବୃନ୍ଦାବନ ଜେନା ପିତା- କସ୍ତୁରି ଜେନା (୨) ବିନୋଦ କୁମାର ଜେନା ପିତା-ବୃନ୍ଦାବନ ଜେନା। |
| ୮୮ | ୮୮୬ | ସରକାରୀ | ପତିତ | ୦.୦୦୨ | ଆବାଦଯୋଗ୍ୟ ଅନାବାଦୀ |
| | **ତାଲୁକ: ଟାଙ୍ଗୀ** | | | | |
| | **ଗ୍ରାମ: ବଡ଼ପୋଖରିଆ** | | | | |
| ୧ | ୭୭୨ | ସରକାରୀ | ବଗାୟତ-୨ | ୦.୦୮୦୯ | ଅନାବାଦୀ |
| ୨ | ୭୭୩ | ରୟତି | ବଗାୟତ-୨ | ୦.୦୪୪୫ | ରବୀନ୍ଦ୍ର କୁମାର ଜେନା, ଛବିନ୍ଦ୍ର କୁମାର ଜେନା, ସୁଭାଷ ଚନ୍ଦ୍ର ଜେନା, ବିଷ୍ଣୁ ଚରଣ ଜେନା ପିତା- ହରିବନ୍ଧୁ ଜେନା। |
| ୩ | ୭୭୪ | ରୟତି | ବଗାୟତ-୨ | ୦.୦୮୯୮ | ଗୋକୁଳାନନ୍ଦ ଚହଟରା ପିତା- ତାରେଶ୍ୱର ଚହତରା (୨) କୁସୁମ ମଞ୍ଜରୀ ପଟ୍ଟନାୟକ ସ୍ୱାମୀ- ଭୁବନାନନ୍ଦ ପଟ୍ଟନାୟକ। |
| ୪ | ୭୭୫ | ରୟତି | ବଗାୟତ-୨ | ୦.୦୦୬ | ରାଧାନାଥ ପଟ୍ଟନାୟକ, ଭାଗ୍ୟରଥୀ ପଟ୍ଟନାୟକ ପିତା- ଅଭିମନ୍ୟୁ ପଟ୍ଟନାୟକ, ନିଶାମଣି ଦେଇ, ସ୍ୱାମୀ- ଲୋକନାଥ ପଟ୍ଟନାୟକ, ଶକୁନ୍ତଳା ବେୱା ସ୍ୱାମୀ- ଅଜିତ ଚରଣ ପଟ୍ଟନାୟକ, ରାଜନ ଚମ୍ପତି ପିତା- ହଟ ଚମ୍ପତି, ଚିନ୍ତାମଣି ସାହୁ ପିତା- ଅର୍ଜୁନ ସାହୁ, ତାରା ବେୱା ସ୍ୱାମୀ- ଦାମ ସାହୁ, ଭୋବନୀ ମହାପାତ୍ର ପିତା- ନଟବର ମହାପାତ୍ର, ବାନାମ୍ବର ସାନ୍ତରା ପିତା- ମଦନ ସାନ୍ତରା, ଲିଙ୍ଗରାଜ ମହାପାତ୍ର, ନରସିଂହ ମହାପାତ୍ର, ହାଡୁ ମହାପାତ୍ର ପିତା- ବାଳକୃଷ୍ଣ ମହାପାତ୍ର, ପତିତ ରାଉତ, ନୀଳ ରାଉତ, ଧନୀ ରାଉତ, ଅନନ୍ତ ରାଉତ ପିତା- ଗଜି ରାଉତ, ଶୋଭି ବେୱା ସ୍ୱାମୀ- କାର୍ତ୍ତିକ ରାଉତ, ଦାଖଲ ରାଧାନାଥ ପଟ୍ଟନାୟକ, ଭାଗ୍ୟରଥୀ ପଟ୍ଟନାୟକ, ନିଶାମଣି ଦେଇ, ଶକୁନ୍ତଳା ବେୱା । |
| ୫ | ୮୧୩ | ରୟତି | ଶାରଦ-୨ | ୦.୦୭୪୮ | ଉଦୟନାଥ ଶ୍ରୀଚନ୍ଦନ ପିତା- କୈବଲ୍ୟ ଶ୍ରୀଚନ୍ଦନ ଗୋବିନ୍ଦ ଶ୍ରୀଚନ୍ଦନ ପିତା- ଲୋଚନ ଶ୍ରୀଚନ୍ଦନ। |
| ୬ | ୮୨୧ | ରୟତି | ଶାରଦ-୩ | ୦.୦୨୦୨ | ଧୀରେନ କୁମାର ହରିଚନ୍ଦନ ମହାପାତ୍ର ପିତା- ପତିତପାବନ ହରିଚନ୍ଦନ |

# ଇନ୍ଦୋରରେ ଫସିଛନ୍ତି ୧୫ ଓଡ଼ିଆ ଶ୍ରମିକ

ବରଗଡ଼ ଅଫିସ୍,୧୨।୪: ଲକ୍ ଡାଉନ୍ ଯୋଗୁ ଇନ୍ଦୋର (ଅହମଦାବାଦ)ରେ ୧୫ଜଣ ଶ୍ରମିକ ଫସି ରହିଥିବା ସୂଚନା ମିଳିଛି । ସେଠାରେ ଫସି ରହିଥିବା ଶ୍ରମିକମାନେ ହେଲେ ରଘୁ ବାଗ, ଗଣେଶ ପ୍ରଧାନ, ସୁଶାନ୍ତ କୁମାର ସାମଲ, କିଶନ ଶର୍ମା, ବଲରାମ ମଣ୍ଡଳ, ଅନିଳ କୁଜୁର, ନିର୍ମଳ ଓରାମ, ଯିଶୁ ଓରାମ, ପ୍ରମୋଦ କେର୍କେଟା, ମଣ୍ଟୁ ମିଞ୍ଜ, ବିକାଶ ମିଞ୍ଜ, କାର୍ତ୍ତିକ ଗିଧି, ମୈନଥ କିସପୋଟ୍ଟା, ଗାନ୍ଧୀ ବାର୍ଲା ଏବଂ ପ୍ରଭାତ ଗିଧି। ଏହି ଶ୍ରମିକମାନେ ସେଠାକୁ ଯାଇ ଏକ କମ୍ପାନୀରେ କାମ କରୁଥିଲେ । ମାତ୍ର ଲକ୍ ଡାଉନ୍ ପରେ କମ୍ପାନୀ ବନ୍ଦ ହୋଇଯିବାରୁ ଶ୍ରମିକମାନେ ବେରୋଜଗାର ହୋଇ ପଡ଼ିଛନ୍ତି । ସେମାନେ ଯାହା ରୋଜଗାର କରିଥିଲେ ସେଥିରୁ ଘରକୁ ଅଧେ ପଠାଇ ଦେଇଥିବାବେଳେ ବାକି ଟଙ୍କା ସରି ଯାଇଥିବା କହିଛନ୍ତି । ଅନ୍ୟପଟେ ଲକ୍ ଡାଉନ ଯୋଗୁ ବାହାରକୁ ମଧ୍ୟ ବାହାରି ପାରୁ ନାହାନ୍ତି ଏବଂ ସେମାନଙ୍କୁ ଭୋକ ଉପାସରେ ରହିବାକୁ ପଡ଼ିଛି ବୋଲି ଶ୍ରମିକମାନେ କହିଛନ୍ତି । ଏ ନେଇ ଏକ ଭିଡ଼ିଓ କ୍ଲିପିଂ ସୋସିଆଲ ମିଡ଼ିଆରେ ଭାଇରାଲ କରି ସେମାନଙ୍କ ପାଖକୁ ରାଶନ ସାମଗ୍ରୀ କିମ୍ବା ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି ।

# ଅସଦାଚରଣ ଅଭିଯୋଗରେ ଛତିଶଗଡ଼ରୁ ଗିରଫ

## ୯୦ଲକ୍ଷ ଟଙ୍କା ହଡପ କରି ଫେରାର ଥିଲେ

ଭବାନୀପାଟଣା/ଜୟପାଟଣା ୧୨।୪(ସ୍ୱ.ପ୍ର/ଡି.ଏନ୍.ଏ)

ଓଡିଶା ଭିଜିଲାନ୍ସ ବିଭାଗକୁ ଚକମା ଦେଇ ଦୀର୍ଘ ୨ବର୍ଷ ଧରି ଫେରାର ଥିବା ଅଭିଯୁକ୍ତ ଶେଷରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଘଟଣାରେ ଛତିଶଗଡ ରାଜ୍ୟ ଜଗଦଲପୁର ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଦେବୀ ପ୍ରସାଦ ପଟ୍ଟନାୟକ ଓ ସେ କଳାହାଣ୍ଡି ଜିଲା ଜୟପାଟଣାର ବୋଲି ଜଣାପଡିଛି।

ପୋଲିସ ସୂଚନା ଅନୁସାରେ, କଳାହାଣ୍ଡି ଜିଲା ଜୟପାଟଣା ବିଇଓଙ୍କ କାର୍ଯ୍ୟାଳୟରେ ଦେବୀ ପ୍ରସାଦ ଚୁକ୍ତିଭିତ୍ତିକ ଡାଟାଏଣ୍ଟ୍ରି ଅପରେଟର କାମ କରୁଥିଲେ। ଗତ ୨୦୧୮ ମସିହାରେ ବିଇଓଙ୍କ ଜାଲ୍ ଦସ୍ତଖତ କରି ଶିକ୍ଷକମାନଙ୍କ ଇପିଏଫ୍ ଆକାଉଣ୍ଟରୁ ୯୦ଲକ୍ଷ ଟଙ୍କା ଆତ୍ମସାତ କରିଥିବା ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାପରେ ଭବାନୀପାଟଣା ଭିଜିଲାନ୍ସ ବିଭାଗ ଏହି ଘଟଣାରେ ଏକ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହା ପୂର୍ବରୁ ଦେବୀପ୍ରସାଦ ଫେରାର ହୋଇଯାଇ ଛତିଶଗଡ ରାଜ୍ୟ ଜଗଦଲପୁର ଠାରେ ଆତ୍ମଗୋପନ କରିଥିଲେ। ଗତ ଶନିବାର ସକାଳେ ସେ ଜଗଦଲପୁର ଧରମପୁରା ଅଞ୍ଚଳରେ ଜଣଙ୍କ ଘରକୁ ପଶିଯାଇ ଜଣେ ମହିଳାଙ୍କୁ ଅସଦାଚରଣ କରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ମହିଳାଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କୁ ଘରେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପରେ ଜଗଦଲପୁର ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଗିରଫ କରି ସ୍ଥାନୀୟ ବିଚା ବିଭାଗୀୟ ହାଜତକୁ ପଠାଇଥିବା ଜଣାପଡିଛି ।



ଗିରଫ ଅଭିଯୁକ୍ତ ।

# ପୋଲିସକୁ ନାକେଦମ କଲେ ଯୁବକ

ସମ୍ବଲପୁର, ୧୨।୪ (ବ୍ୟୁରୋ)

ସମ୍ବଲପୁର ସହର କ୍ଷେତରାଜପୁର ଥାନା ପୋଲିସକୁ ଜଣେ ୩୫ ବର୍ଷୀୟ ଯୁବକ ନାକେଦମ କରିଛନ୍ତି । ହାଇଦ୍ରାବାଦ୍‌ରୁ ଫେରିଥିବା ସମ୍ପୃକ୍ତ ଯୁବକ ସରକାରଙ୍କ ନୀତି ନିୟମ ଓ କଟକଣା ପାଳନ କରୁ ନାହାନ୍ତି। ଶେଷରେ କରୋନା ଭୂତାଣୁ ସଂକ୍ରମଣ ଭୟରେ ତାଙ୍କ ସ୍ତ୍ରୀ, ପିଲାଛୁଆ ଓ ମା' ଘର ଛାଡି ପଳାଇଛନ୍ତି । ସାରା ଦେଶ ଲକ୍ ଡାଉନ ଥିବାବେଳେ ସେ ମାଲ୍ ପରିବହନ ଗାଡି ଯୋଗେ ଆସି ଘରେ ପହଞ୍ଚି ଥିଲେ । ପରିବାର ଓ ପଡ଼ା ଲୋକେ କ୍ଷେତରାଜପୁର ଥାନା ଓ ସରକାରଙ୍କ ୧୦୪ ନମ୍ବରକୁ ଏ ବାବଦରେ ଅବଗତ କରିବା ପରେ ପୋଲିସ ଶୁକ୍ରବାର ପଡାରେ ପହଞ୍ଚିଥିଲା । ହେଲେ ପୋଲିସକୁ ଦେଖି ସେ ଦୌଡି ପଳାଇଥିଲେ । ପୋଲିସ ସହ ଲୁଚକାଳି ଖେଳି ନାକେଦମ କରିଥିଲେ। ପଡାବାସୀ ତାଙ୍କୁ ଚିକିତ୍ସା ପାଇଁ ଅନୁରୋଧ କରିବାରୁ ସେ ଓଲଟା ଧମକଚମକ ଦେଇଥିଲେ। ଶେଷରେ ସନ୍ଧ୍ୟାରେ ଡାକ୍ତରୀ ଟିମ୍ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ । ହେଲେ ଯୁବକ ଜଣକ ପରିବାର, ଡାକ୍ତରୀ ଟିମ୍ ଓ ପଡାବାସୀଙ୍କ କୌଣସି କଥା ନ ଶୁଣି ଶନିବାର ଘରୁ ବାହାରି ବୁଲାବୁଲି କରିଥିଲେ। ଏଣୁ ଭୟରେ ପରିବାର ଲୋକେ ଘର ଛାଡି ପଳାଇଛନ୍ତି। ତେବେ ଏ ସମ୍ପର୍କରେ କ୍ଷେତରାଜପୁର ଥାନା ପୋଲିସ କିଛି ଜାଣି ନ ଥିବା କହିଛି।

# ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ

ସୋନପୁର/ଉଲୁଣ୍ଡା, ୧୨।୪(ନି.ପ୍ର./ଡି.ଏନ.ଏ.)



ଚନ୍ଦଲି ସଂରକ୍ଷିତ ଜଙ୍ଗଲରେ ମୃତ ଦନ୍ତା ହାତୀ ।

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ରେଞ୍ଜ ଚନ୍ଦଲି ସଂରକ୍ଷିତ ଜଙ୍ଗଲର ଖାରବାହାଲି ନିକଟରେ ରବିବାର ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ପ୍ରାୟ ୧୫ ବର୍ଷ ବୟସର ଏହି ହାତୀ ଅସୁସ୍ଥତା ଯୋଗୁଁ ଦଳରୁ ଅଲଗା ହୋଇଯାଇ ପ୍ରାୟ ଏକ ସପ୍ତାହ ହେବ ଏକୁଟିଆ ରହୁଥିଲା। ଧିରେଧିରେ ଚାଲୁଥିଲା। କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲା। ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ନନ୍ଦନକାନନର ପଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଶନିବାର ତରଭୁଜରେ ଔଷଧ ମିଶାଇ ଓ ପାଚିଲା କଦଳୀ ହାତୀକୁ ଦିଆଯାଇଥିଲା। ମାତ୍ର ସେ ଖାଇ ନ ଥିଲା। ଖବର ପାଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ଦାନ୍ତକୁ କାଟିବାହାର କରାଯାଇଥିଲା। ପରୀକ୍ଷା ପାଇଁ ତାର ରକ୍ତ ଓ ଶରୀରର ବିଭିନ୍ନ ଅଂଶକୁ ସଂରକ୍ଷିତ କରି ରଖାଯାଇଛି। ଏ ସମ୍ପର୍କରେ ବନବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଲୁଣ୍ଡା ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟନାରାୟଣ ସାହୁ ଓ ପଶୁ ଚିକିତ୍ସକ ଡାକ୍ତର ସ୍ନେହାଶିଷ ପ୍ରଧାନ ଶବ ବ୍ୟବଚ୍ଛେଦ କରିଥିଲେ। ପରେ ଗାତ ଖୋଳି ହାତୀକୁ ପୋତି ଦିଆଯାଇଛି। ହାତୀର ପାକସ୍ଥଳୀରେ ଅତ୍ୟଧିକ କୃମି ହେବା କାରଣରୁ ତାର ମୃତ୍ୟୁ ହୋଇଥିବା ଡାକ୍ତର ସାହୁ ସୂଚନା ଦେଇଛନ୍ତି। ଉଲୁଣ୍ଡା ରେଞ୍ଜର ଶିବପ୍ରସାଦ ନାଏକ, ବନପାଳ ଦୀନେଶ ମାଝୀ ଉପସ୍ଥିତ ଥିଲେ।

| କ୍ର. ସଂ. | ସର୍ବେକ୍ଷଣ ନମ୍ବର | ଜମିର ପ୍ରକାର | ଜମିର ପ୍ରକୃତି | କ୍ଷେତ୍ର ଏକରରେ | ରୟତ /ଆଗ୍ରହୀ ବ୍ୟକ୍ତିଙ୍କ ନାମ ଭାଗ ସର୍ବେକ୍ଷଣ ନଂ. |
|---|---|---|---|---|---|
| ୭ | ୮୨୬ | ରୟତି | ଶାରଦ-୨ | ୦.୦୧୬୫ | ମେରୁ ଶ୍ରୀଚନ୍ଦନ, ପିତା- ବୁଲା ଶ୍ରୀଚନ୍ଦନ, ଉଦୟନାଥ |
| | | | | | ଶ୍ରୀଚନ୍ଦନ ପିତା- କୈବଲ୍ୟ ଶ୍ରୀଚନ୍ଦନ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ପିତା- ହାଲୁରି ଶ୍ରୀଚନ୍ଦନ, ଗୋବିନ୍ଦ ଶ୍ରୀଚନ୍ଦନ, କୁଟି ଶ୍ରୀଚନ୍ଦନ ପିତା- ଲୋଚନ ଶ୍ରୀଚନ୍ଦନ। |
| ୮ | ୮୨୭ | ରୟତି | ଶାରଦ-୨ | ୦.୦୧୪୯ | ମେରୁ ଶ୍ରୀଚନ୍ଦନ, ପିତା- ବୁଲା ଶ୍ରୀଚନ୍ଦନ, ଉଦୟନାଥ |
| | | | | | ଶ୍ରୀଚନ୍ଦନ ପିତା- କୈବଲ୍ୟ ଶ୍ରୀଚନ୍ଦନ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ପିତା- ହାଲୁରି ଶ୍ରୀଚନ୍ଦନ, ଗୋବିନ୍ଦ ଶ୍ରୀଚନ୍ଦନ, କୁଟି ଶ୍ରୀଚନ୍ଦନ ପିତା- ଲୋଚନ ଶ୍ରୀଚନ୍ଦନ। |
| ୯ | ୮୨୮ | ସରକାରୀ | ପୋଖରୀ ହୁଡ଼ା | ୦.୦୩୮ | ପୋଖରୀ ହୁଡ଼ା |
| ୧୦ | ୮୨୯ | ସରକାରୀ | ପୋଖରୀ | ୦.୧୪୯୭ | ପୋଖରୀ |
| ୧୧ | ୮୩୦ | ସରକାରୀ | ପୋଖରୀ ହୁଡ଼ା | ୦.୦୨୮୩ | ପୋଖରୀ ହୁଡ଼ା |
| ୧୨ | ୮୩୪ | ସରକାରୀ | ପୁରାତନ ପତିତ | ୦.୦୧୬୧ | ପୁରାତନ ପତିତ |
| ୧୩ | ୮୩୫ | ସରକାରୀ | ନୟନଜୋରି | ୦.୦୬୧୯ | ନୟନଜୋରି |
| | ଗ୍ରାମ: ଖଜୁରିଆ | | | | |
| ୧୪ | ୧୬୪ | ସରକାରୀ | ଗୋଚର | ୦.୦୧୪୯ | ଗୋଚର |
| ୧୫ | ୧୬୫ | ସରକାରୀ | ରାସ୍ତା | ୦.୦୦୧୨ | ରାସ୍ତା |
| ୧୬ | ୨୧୭ | ରୟତି | ବାଜେଫସଲ-୩ | ୦.୪୪୩୫ | ମୀନକେତନ ପାଲଟାସିଂହ ପିତା- ଭାଗବତ ପାଲଟାସିଂହ, |
| | | | | | କିସମତ ୮ ଅଣା, ବଂଶୀ ବେହେରା ପିତା- ବନ ବେହେରା, କିସମତ ୪ ଅଣା, ବୀର ବେହେରା, ସୁନା ବେହେରା ପିତା- ବୃନ୍ଦା ବେହେରା, କିସମତ ୪ ଅଣା, ୨. ପଦ୍ମାଳୟା ଏଜୁକେଶନାଲ ଟ୍ରଷ୍ଟ, ମାର୍ଫତ ସେକ୍ରେଟାରୀ, ମନୋଜ କୁମାର ପାଲୋ ପିତା- ଲକ୍ଷ୍ମୀନାରାୟଣ ପାଲୋ, ୩. ଭାଗ୍ୟବତୀ ପଣ୍ଡା ସ୍ୱାମୀ- କୃଷ୍ଣ ଚନ୍ଦ୍ର ପଣ୍ଡା। |
| ୧୭ | ୨୨୧ | ରୟତି | ଶାରଦ-୩ | ୦.୧୩୧୫ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ |
| ୧୮ | ୨୨୨ | ରୟତି | ବାଜେଫସଲ-୩ | ୦.୦୮୦୯ | ଶ୍ରୀ ଗୋପୀନାଥ ବିଜେ, କମଳପ୍ରସାଦପାଟଣା, ମାର୍ଫତ |
| | | | | | ଚୈତନ୍ୟ ଚରଣ ଦାସ ପିତା- ଗୁରୁ ଦାମୋଦର ଦାସ, ସିକିମ ପ୍ରଜା, ରତ୍ନାକର ଖଣ୍ଡାୟତ ପିତା- ନବୀନ ଖଣ୍ଡାୟତ। |
| ୧୯ | ୨୨୩ | ସରକାରୀ | ଶାରଦ-୨ | ୦.୧୩୫୫ | ଶାରଦ-୨ |
| ୨୦ | ୨୨୪/୭୩୩ | ରୟତି | ଘରବାରି | ୦.୧୦୯୨ | କିଶୋର କୁମାର ପଣ୍ଡା ପିତା- କୃଷ୍ଣ ଚନ୍ଦ୍ର ପଣ୍ଡା |
| ୨୧ | ୨୨୫/୭୨୯ | ରୟତି | ଶାରଦ-୩ | ୦.୦୫୦୫ | ସରୋଜିନୀ ଚମ୍ପତି ସ୍ୱାମୀ- ସୁବାସ ଚନ୍ଦ୍ର ଚମ୍ପତି |
| ୨୨ | ୨୨୬/୭୩୧ | ରୟତି | ଶାରଦ-୨ | ୦.୦୨୦୨ | ସରୋଜିନୀ ଚମ୍ପତି ସ୍ୱାମୀ- ସୁବାସ ଚନ୍ଦ୍ର ଚମ୍ପତି |
| ୨୩ | ୨୨୭ | ରୟତି | ବାଜେଫସଲ-୩ | ୦.୦୧୪୫ | ଦାମୋଦର ମିଶ୍ର ପିତା- ବିଶ୍ୱନାଥ ମିଶ୍ର |
| ୨୪ | ୨୨୭/୭୩୨ | ରୟତି | ବାଜେଫସଲ-୩ | ୦.୦୧୩୭ | ସରୋଜିନୀ ଚମ୍ପତି ସ୍ୱାମୀ- ସୁବାସ ଚନ୍ଦ୍ର ଚମ୍ପତି |
| ୨୫ | ୨୨୮ | ରୟତି | ଘରବାରି | ୦.୧୩୪୩ | ପଦ୍ମାଳୟା ଏଜୁକେଶନାଲ ଟ୍ରଷ୍ଟ, ମାଫତ ସେକ୍ରେଟାରୀ ମନୋଜ କୁମାର ପାଲୋ ପିତା- ଲକ୍ଷ୍ମୀନାରାୟଣ ପାଲୋ |
| ୨୬ | ୨୩୧ | ରୟତି | ବଗାୟତ-୨ | ୦.୦୭୨୮ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ, |
| | | | | | ଅନାଥବନ୍ଧୁ ଭ୍ରମରବରରାୟ ପଦମ ଚରଣ ଛୋଟରାୟ ପିତା- ବୃନ୍ଦାବନ ରାଉତରାୟ। |
| ୨୭ | ୨୩୨ | ରୟତି | ବାଜେଫସଲ-୩ | ୦.୧୨୬୨ | ବାସୁଦେବ ହରିଚନ୍ଦନ ପିତା- ନାରାୟଣ ହରିଚନ୍ଦନ (ପ୍ଲଟ ନଂ. ୨୩୨ର ଅଂଶ) |
| ୨୮ | ୨୪୩ | ସରକାରୀ | ପତିତ | ୦.୨୧୮୯ | ପତିତ |
| ୨୯ | ୨୪୪ | ରୟତି | ବାଜେଫସଲ-୩ | ୦.୦୨୨୬ | ଶ୍ରୀ ଗୋପୀନାଥଦେବ ବିଜେ, କମଳପ୍ରସାଦପାଟଣା, ମାର୍ଫତ |
| | | | | | ଶୁଭ୍ରାଂଶୁମୋହନ ପାଢ଼ୀ ପିତା- ଧ୍ରୁବଚରଣ ପାଢ଼ୀ । |
| ୩୦ | ୨୪୫ | ରୟତି | ବାଜେଫସଲ-୩ | ୦.୦୬୩୫ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ, |
| | | | | | ଅନାଥବନ୍ଧୁ ଭ୍ରମରବରରାୟ ପଦମ ଚରଣ ଛୋଟରାୟ ପିତା- ବୃନ୍ଦାବନ ରାଉତରାୟ। |
| ୩୧ | ୨୪୫/୮୧୬ | ରୟତି | ଘରବାରି | ୦.୦୬୩୯ | ପ୍ରଭାତ କୁମାର ତୋଷ ପିତା- ପଦ୍ମଚରଣ ତୋଷ |
| ୩୨ | ୨୪୬ | ରୟତି | ବାଜେଫସଲ-୩ | ୦.୦୦୬ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ, |
| | | | | | ଅନାଥବନ୍ଧୁ ଭ୍ରମରବରରାୟ ପଦମ ଚରଣ ଛୋଟରାୟ ପିତା- ବୃନ୍ଦାବନ ରାଉତରାୟ। |
| ୩୩ | ୨୪୭ | ରୟତି | ଶାରଦ-୨ | ୦.୦୫୬୬ | ସନାତନ ପ୍ରଧାନ, ବନମାଳୀ ପ୍ରଧାନ ପିତା- ବାଇଧର ପ୍ରଧାନ |
| ୩୪ | ୨୪୮ | ରୟତି | ଶାରଦ-୩ | ୦.୦୬୩୯ | କୃଷ୍ଣଚରଣ ହରିଚନ୍ଦନ ପିତା- ମାଗୁଣି ହରିଚନ୍ଦନ |
| ୩୫ | ୨୪୮/୬୫୦ | ରୟତି | ଶାରଦ-୩ | ୦.୦୮୦୫ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ, |
| | | | | | ଅନାଥବନ୍ଧୁ ଭ୍ରମରବରରାୟ ପଦମ ଚରଣ ଛୋଟରାୟ ପିତା- ବୃନ୍ଦାବନ ରାଉତରାୟ। |
| ୩୬ | ୨୪୮/୬୫୦ /୮୬୪ | ରୟତି | ଶାରଦ-୩ | ୦.୦୫୮୨ | ମୂଳି ମାର୍ଥା ପିତା- ଶଙ୍କର ମାର୍ଥା |
| ୩୭ | ୨୪୮/୬୬୩ | ରୟତି | ଶାରଦ-୩ | ୦.୦୨୭୧ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ |
| ୩୮ | ୨୪୮/୮୬୩ | ରୟତି | ଶାରଦ-୩ | ୦.୦୮୭୮ | ମୂଳି ମାର୍ଥା ପିତା- ଶଙ୍କର ମାର୍ଥା |
| ୩୯ | ୨୪୯ | ରୟତି | ଶାରଦ-୩ | ୦.୦୮୪୯ | ମୂଳି ମାର୍ଥା ପିତା- ଶଙ୍କର ମାର୍ଥା, ଚକ୍ର ମାର୍ଥା, ପିତା- କୁଞ୍ଜ |
| | | | | | ମାର୍ଥା, କିସମତ ୮ ଅଣା, ବାଞ୍ଛା ମାର୍ଥା ପିତା - ବାଜି ମାର୍ଥା, କିସମତ ୮ ଅଣା। |
| ୪୦ | ୨୫୦ | ରୟତି | ଶାରଦ-୩ | ୦.୦୮୭୪ | ମୂଳି ମାର୍ଥା ପିତା- ଶଙ୍କର ମାର୍ଥା (୨) ବିଭୂତି ଭୂଷଣ ସାମନ୍ତରାୟ ପିତା - ଚରଣ ସାମନ୍ତରାୟ |
| ୪୧ | ୨୫୦/୬୭୭ | ରୟତି | ଶାରଦ-୩ | ୦.୦୧୬୯ | ସତ୍ୟବାଦୀ ମିଶ୍ର ପିତା-ଜୟକୃଷ୍ଣ ମିଶ୍ର |
| ୪୨ | ୨୭୦ | ରୟତି | ଶାରଦ-୨ | ୦.୦୯୧ | ହୀରାମଣି ବିଦ୍ୟା ସ୍ୱାମୀ- ଜଗନ୍ନାଥ ପ୍ରହରାଜ |
| ୪୩ | ୨୭୧ | ରୟତି | ଶାରଦ-୩ | ୦.୦୧୬୧ | ଶ୍ରୀ ଚନ୍ଦ୍ରଶେଖର ଦେବ ବିଜେ ସିକୋ, ମାଫତ ସୁବୋଧ ଚନ୍ଦ୍ର ହାଜରା ପିତା- କୁନ୍ଦରିକକ୍ଷ ହାଜରା |
| ୪୪ | ୨୭୨ | ରୟତି | ଶାରଦ-୨ | ୦.୦୨୮୩ | ହୀରାମଣି ବିଦ୍ୟା ସ୍ୱାମୀ- ଜଗନ୍ନାଥ ପ୍ରହରାଜ, ସିକିମ ଦାଖାଲ ହଟ ଜେନା ପିତା- ଜଗୁ ଜେନା |
| ୪୫ | ୨୭୩ | ରୟତି | ଶାରଦ-୩ | ୦.୦୯୩ | ରାଜକିଶୋର ନାୟକ, ଯୁଧିଷ୍ଠିର ନାୟକ, ସହଦେବ ନାୟକ ପିତା- ହାଡୁବନ୍ଧୁ ନାୟକ |
| ୪୬ | ୨୭୪ | ରୟତି | ଶାରଦ-୩ | ୦.୦୭୦୮ | ଲିଙ୍ଗରାଜ ମାର୍ଥା ପିତା- ପଠାଣି ମାର୍ଥା |
| ୪୭ | ୨୭୫ | ରୟତି | ଶାରଦ-୨ | ୦.୧୨୫୪ | ସନାତନ ପ୍ରଧାନ, ବନମାଳୀ ପ୍ରଧାନ ପିତା-ବାଇଧର ପ୍ରଧାନ |
| ୪୮ | ୨୭୬ | ରୟତି | ଶାରଦ-୨ | ୦.୦୭୪୮ | ତିଳୋତ୍ତମା ମହାପାତ୍ର ସ୍ୱାମୀ- ରାହାସବିହାରୀ ମହାପାତ୍ର |
| ୪୯ | ୨୭୮ | ରୟତି | ଶାରଦ-୩ | ୦.୦୦୪ | ଜନାର୍ଦ୍ଦନ ବସନ୍ତରା, କାହ୍ନୁଚରଣ ବସନ୍ତରା ପିତା- କେଳୁ ବସନ୍ତରା |
| ୫୦ | ୨୭୯ | ରୟତି | ଶାରଦ-୩ | ୦.୧୬୩୯ | ଜନାର୍ଦ୍ଦନ ବସନ୍ତରା, କାହ୍ନୁଚରଣ ବସନ୍ତରା ପିତା- କେଳୁ ବସନ୍ତରା |
| ୫୧ | ୨୮୦/୭୪୩ | ରୟତି | ଶାରଦ-୩ | ୦.୦୩୬୪ | ଜନାର୍ଦ୍ଦନ ବସନ୍ତରା, କାହ୍ନୁଚରଣ ବସନ୍ତରା ପିତା- କେଳୁ ବସନ୍ତରା |
| ୫୨ | ୨୮୧ | ରୟତି | ଶାରଦ-୩ | ୦.୦୦୨ | ହଟ ବାହୁବଳେନ୍ଦ୍ର ପିତା- ବୃନ୍ଦାବନ ବାହୁବଳେନ୍ଦ୍ର |
| ୫୩ | ୨୮୩ | ରୟତି | ଶାରଦ-୨ | ୦.୦୨୪୨ | ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ବିଜେ, ଫୁଲଅଳସ ମାର୍ଫତ ନାରାୟଣ ମେକାପ ପିତା- ଦୋଳଗୋବିନ୍ଦ ମେକାପ |
| ୫୪ | ୨୮୫ | ସରକାରୀ | ପାଣି ନାଳ | ୦.୦୧୦୧ | ରକ୍ଷିତ ଅନାବାଦି |
| ୫୫ | ୨୮୬ | ରୟତି | ଶାରଦ-୨ | ୦.୦୫୨୬ | ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ବିଜେ, ଫୁଲ ଅଳସ ମାର୍ଫତ ନାରାୟଣ ମେକାପ ପିତା- ଦୋଳଗୋବିନ୍ଦ ମେକାପ |
| ୫୬ | ୨୮୭ | ରୟତି | ଶାରଦ-୨ | ୦.୦୧୬୧ | ଶ୍ରୀ ସତ୍ୟବାଦୀ ଗୋପୀନାଥ ବିଜେ, ଫୁଲ ଅଳସ ମାର୍ଫତ, ଜୟକୃଷ୍ଣ ମେକାପ ପିତା- ଭିକାରୀ ମେକାପ |
| ୫୭ | ୨୮୮ | ରୟତି | ଶାରଦ-୨ | ୦.୦୨୪୨ | ଶ୍ରୀ ସତ୍ୟବାଦୀ ଗୋପୀନାଥ ବିଜେ, ଫୁଲ ଅଳସ ମାର୍ଫତ, ଜୟକୃଷ୍ଣ ମେକାପ ପିତା- ଭିକାରୀ ମେକାପ |
| ୫୮ | ୨୯୦ | ରୟତି | ଶାରଦ-୧ | ୦.୧୬୫୯ | ଅନନ୍ତ ନାରାୟଣ ମହନ୍ତ ପିତା- ସାଧୁ ଚରଣ ମହନ୍ତ |
| ୫୯ | ୨୯୫ | ରୟତି | ଶାରଦ-୩ | ୦.୦୮୬୧ | ସତ୍ୟବାଦୀ ମଙ୍ଗରାଜ ପିତା- ମାଗୁଣି ମଙ୍ଗରାଜ |
| ୬୦ | ୨୯୫/୭୬୧ | ରୟତି | ଘରବାରି | ୦.୦୮୫୭ | ନମିତା ବଡ଼ଜେନା ସ୍ୱାମୀ- ଦେବକାନ୍ତ ବଡ଼ଜେନା |
| ୬୧ | ୨୯୮ | ରୟତି | ଶାରଦ-୨ | ୦.୪୦୬୭ | ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ବିଜେ, ଫୁଲ ଅଳସ ମାର୍ଫତ, ଜୟକୃଷ୍ଣ ମେକାପ ପିତା- ଭିକାରୀ ମେକାପ |
| ୬୨ | ୨୯୯ | ରୟତି | ଶାରଦ-୨ | ୦.୧୨୭୪ | ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ବିଜେ, ଫୁଲ ଅଳସ ମାର୍ଫତ, ଜୟକୃଷ୍ଣ ମେକାପ ପିତା- ଭିକାରୀ ମେକାପ |
| ୬୩ | ୩୦୦ | ରୟତି | ଶାରଦ-୩ | ୦.୦୫୦୫ | ସୁବର୍ଣ୍ଣ ମାର୍ଥା ସ୍ୱାମୀ- ଶତ୍ରୁଘ୍ନ ମାର୍ଥା |
| ୬୪ | ୩୦୧ | ରୟତି | ଶାରଦ-୩ | ୦.୧୭୬୪ | ଉଚ୍ଛବ ଦାସ ପିତା- ଗୋବିନ୍ଦ ଦାସ |
| ୬୫ | ୩୦୬ | ରୟତି | ଶାରଦ-୩ | ୦.୦୯୫୯ | ଅନନ୍ତ ସାହୁ ପିତା- ସାଧୁ ସାହୁ |
| ୬୬ | ୩୦୭ | ରୟତି | ଶାରଦ-୩ | ୦.୧୬୫୯ | ହଟ ସାହୁ ପିତା- ସାଧୁ ସାହୁ |
| ୬୭ | ୩୦୮ | ରୟତି | ଶାରଦ-୨ | ୦.୦୨୦୨ | ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ବିଜେ, ଫୁଲ ଅଳସ, ମାର୍ଫତ କାଶୀନାଥ ମେକାପ ପିତା- ବଂଶୀଧର ମେକାପ |
| ୬୮ | ୫୧୩ | ରୟତି | ଶାରଦ-୨ | ୦.୪୨୮୧ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ |
| ୬୯ | ୫୧୩/୬୭୨ | ରୟତି | ଶାରଦ-୨ | ୦.୨୫୬୯ | ଧୂଳି ପାଟ୍ଟଶାଣି ପିତା - ଗଜି ପାଟ୍ଟଶାଣି, |
| | | | | | ୫ ଅଣା ୪ ପାହି, ଅରକ୍ଷିତ ପାଟ୍ଟଶାଣି, କିସମତ ୫ ଅଣା ୪ ପାହି, ପରକ୍ଷିତ ପାଟ୍ଟଶାଣି, କିସମତ ୫ ଅଣା ୪ ପାହି ପିତା- ଭାଗବତ ପାଟ୍ଟଶାଣି |
| ୭୦ | ୫୧୩/୬୭୩ /୭୬୬ | ରୟତି | ଶାରଦ-୨ | ୦.୦୯୩ | ମନୋଜ ମୋର ପିତା- ଯୁଗଳ କିଶୋର ମୋର |
| ୭୧ | ୫୧୩/୬୭୫ | ରୟତି | ଶାରଦ-୨ | ୦.୦୦୫ | ପାଟ ଦେଇ ସ୍ୱାମୀ- କାଳନ୍ଦୀ ବଳବନ୍ତରାୟ |
| ୭୨ | ୫୧୩/୬୭୫ /୭୬୭ | ରୟତି | ଘରବାରି | ୦.୦୦୫ | ମନୋଜ ମୋର ପିତା- ଯୁଗଳ କିଶୋର ମୋର |
| ୭୩ | ୫୧୩/୭୩୦ | ରୟତି | ଘରବାରି | ୦.୧୮୮୯ | ମନୋଜ ମୋର ପିତା- ଯୁଗଳ କିଶୋର ମୋର |
| ୭୪ | ୫୧୩/୬୬୧ | ରୟତି | ଶାରଦ-୨ | ୦.୦୬୨୭ | ଶ୍ରୀ ପୂର୍ଣ୍ଣବ୍ରହ୍ମ ଦେବ ବିଜେ, ଗୋଡ଼ିପଡ଼ା ମାର୍ଫତ ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ |
| ୭୫ | ୫୧୪ | ରୟତି | ଶାରଦ-୩ | ୦.୦୫୪୬ | ସଉରି ସାହୁ ପିତା- ଅନନ୍ତ ସାହୁ |
| ୭୬ | ୫୧୫ | ରୟତି | ଶାରଦ-୩ | ୦.୦୧୦୧ | ଅନନ୍ତ ସାହୁ ପିତା- ସାଧୁ ସାହୁ |
| ୭୭ | ୫୧୯ | ରୟତି | ଶାରଦ-୨ | ୦.୧୨୫୪ | ଦୁର୍ଯ୍ୟୋଧନ ମାର୍ଥା, ରାଜକିଶୋର ମାର୍ଥା ପିତା- ବୃନ୍ଦାବନ ମାର୍ଥା |
| ୭୮ | ୫୨୦ | ରୟତି | ଶାରଦ-୩ | ୦.୨୫୪୯ | ମୂଳି ମାର୍ଥା ପିତା- ଶଙ୍କର ମାର୍ଥା, ଚକ୍ର ମାର୍ଥା |
| | | | | | ପିତା- କୁଞ୍ଜ ମାର୍ଥା, କିସମତ ୮ ଅଣା, ବାଞ୍ଛା ମାର୍ଥା ପିତା- ବାଜି ମାର୍ଥା, କିସମତ ୮ ଅଣା । |
| ୭୯ | ୫୨୧ | ରୟତି | ଶାରଦ-୨ | ୦.୦୬୨୭ | ମୁରଲି ସାହୁ ପିତା- ନାରଣ ସାହୁ |
| ୮୦ | ୫୨୨ | ରୟତି | ଶାରଦ-୧ | ୦.୨୬୫ | ଆନନ୍ଦ ଚନ୍ଦ୍ର ପ୍ରହରାଜ ପିତା- ଜଗନ୍ନାଥ ପ୍ରହରାଜ, |
| | | | | | ହାଡ଼ିବନ୍ଧୁ ବଳିଆରସିଂହ ପିତା- ଆନନ୍ଦ ଚନ୍ଦ୍ର ବଳିଆରସିଂହ, ପ୍ରଫୁଲ୍ଲ ବେହେରା, ଉଲ୍ଲାସ ବେହେରା ପିତା- ଦାମ ବେହେରା। |
| ୮୧ | ୫୨୩ | ରୟତି | ଶାରଦ-୨ | ୦.୧୦୮ | ଚକ୍ର ମାର୍ଥା ପିତା - କୁଞ୍ଜ ମାର୍ଥା, ବାଞ୍ଛାନିଧି ମାର୍ଥା, ମୂଳି ମାର୍ଥା ପିତା- ଶଙ୍କର ମାର୍ଥା |
| ୮୨ | ୫୨୪ | ରୟତି | ଶାରଦ-୨ | ୦.୫୩୮୨ | ଶ୍ରୀ ବୃନ୍ଦାବନବିହାରୀ ଲାଲ ଜିଉ ବିଜେ, |
| | | | | | ଜଜାରସିଂହା ସେବାୟତ ସିଂହାସିନୀ ଦେବୀ ସ୍ୱାମୀ - ରାମ ଦାସ ଭଗତ, ଭୋଳାନାଥ ଭଗତ ପିତା- ସାକ୍ଷୀଚନ୍ଦ ଭଗତ, ସିକିମ ଦାଖାଲ ସଚ୍ଚ ଚରଣ ସାମନ୍ତରାୟ ପିତା - ଦୈତାରୀ ସାମନ୍ତରାୟ। |
| ୮୩ | ୫୨୫ | ରୟତି | ଶାରଦ-୩ | ୦.୦୦୨ | ମଙ୍ଗୁଳି ପ୍ରଧାନ ପିତା- ଭଗବାନ ପ୍ରଧାନ |
| ୮୪ | ୫୩୦ | ରୟତି | ଶାରଦ-୨ | ୦.୦୧୮୨ | ଦୁଲା ଦେଇ ସ୍ୱାମୀ- ଚିନ୍ତାମଣି ପୃଷ୍ଟି |
| ୮୫ | ୫୩୬ | ରୟତି | ଶାରଦ-୩ | ୦.୦୧୬୧ | ଭିକାରୀ ସେଠୀ, ଭାଗବତ ସେଠୀ, ଲୋକନାଥ ସେଠୀ ପିତା- ଉଚ୍ଛବ ସେଠୀ |
| ୮୬ | ୫୭୨ | ରୟତି | ବାଜେଫସଲ-୩ | ୦.୦୨୩୮ | ସିଂହାସିନୀ ଦେବୀ ସ୍ୱାମୀ- ରାମ ଦାସ ଭଗତ, ରବିନ୍ଦର ନାଥ ଜେନା ପିତା- ନାରାୟଣ ଜେନା, ଗୋବିନ୍ଦ ଚନ୍ଦ୍ର ପାଲଟାସିଂହ ପିତା- ବନମାଳୀ ପାଲଟାସିଂହ |
| ୮୭ | ୫୭୩ | ରୟତି | ଶାରଦ-୨ | ୦.୧୩୭୫ | ଭଜମନ ପାଲଟାସିଂହ, ନୀଳାଦ୍ରି ପାଲଟାସିଂହ |
| | | | | | ପିତା- ଦିବ୍ୟସିଂହ ପାଲଟାସିଂହ, ବୁଲା ବେଓ୍ୱା ସ୍ୱାମୀ- ଦିବ୍ୟସିଂହ ପାଲଟାସିଂହ, ଲକ୍ଷ୍ମୀ ପାଲଟାସିଂହ ସ୍ୱାମୀ- ତ୍ରିଲୋଚନ ପାଲଟାସିଂହ, ମମତା କୁଣ୍ଡୁ ସ୍ୱାମୀ- ଉତ୍କଳ କୁଣ୍ଡୁ । |
| ୮୮ | ୫୭୩/୬୮୧ | ରୟତି | ଶାରଦ-୨ | ୦.୧୩୮୪ | କମଳା ଦେଇ ସ୍ୱାମୀ- ମୂଳି ବାହୁବଳେନ୍ଦ୍ର |
| ୮୯ | ୫୭୪ | ସରକାରୀ | ଜଳାଶୟ | ୦.୦୩୦୩ | ରକ୍ଷିତ ଅନାବାଦୀ |
| ୯୦ | ୫୭୫ | ରୟତି | ଶାରଦ-୨ | ୦.୦୧୨୧ | ଭିକାରୀ ସେଠୀ, ଭାଗବତ ସେଠୀ, ଲୋକନାଥ ସେଠୀ ପିତା- ଉଚ୍ଛବ ସେଠୀ |
| ୯୧ | ୫୭୬ | ରୟତି | ଶାରଦ-୨ | ୦.୪୫୩୨ | ଶ୍ରୀ ବୃନ୍ଦାବନବିହାରୀ ଲାଲ ଜିଉ ବିଜେ, |
| | | | | | ଜଜାରସିଂହ ସେବାୟତ ସିଂହାସିନୀ ଦେବୀ ସ୍ୱାମୀ - ରାମ ଦାସ ଭଗତ, ଭୋଳାନାଥ ଭଗତ ପିତା- ସାକ୍ଷୀଚନ୍ଦ ଭଗତ, ସନ୍ଧ୍ୟାରାଣୀ ପ୍ରଧାନ ସ୍ୱାମୀ- ଅଜୟ କୁମାର ପ୍ରଧାନ |
| ୯୨ | ୫୭୭ | ରୟତି | ଶାରଦ-୨ | ୦.୧୩୮୬ | ଦୀପ୍ତିକେତନ ପଣ୍ଡା ପିତା- ଗଙ୍ଗାଧର ପଣ୍ଡା |
| ୯୩ | ୫୭୭/୭୬୫ | ରୟତି | ଶାରଦ-୨ | ୦.୧୩୮୬ | ତିଳୋତ୍ତମା ଦେବୀ ସ୍ୱାମୀ- ରାସବିହାରୀ ମହାପାତ୍ର |
| ୯୪ | ୫୭୮/୭୩୭ | ରୟତି | ଘରବାରି | ୦.୨୩୨୬ | କାଞ୍ଚନବାଳା ମିଶ୍ର ସ୍ୱାମୀ- ଆଦିତ୍ୟ ତ୍ରିପାଠୀ |
| ୯୫ | ୫୮୩ | ରୟତି | ଶାରଦ-୧ | ୦.୬୭୩୮ | ଶ୍ରୀ ଗୋପାଳ ଜିଉ ବିଜେ, ଗୋଡ଼ିପଡ଼ା ମାର୍ଫତ, ଯୋଗେନ୍ଦ୍ରନାଥ ମହାପାତ୍ର ପିତା-କାଶୀନାଥ ମହାପାତ୍ର |
| ୯୬ | ୫୮୪ | ରୟତି | ଶାରଦ-୧ | ୦.୦୫୦୧ | ଶ୍ରୀ ଗୋପାଳ ଜିଉ ବିଜେ, ଗୋଡ଼ିପଡ଼ା ମାର୍ଫତ, ଯୋଗେନ୍ଦ୍ରନାଥ ମହାପାତ୍ର ପିତା-କାଶୀନାଥ ମହାପାତ୍ର |
| ୯୭ | ୫୮୫ | ରୟତି | ଶାରଦ-୨ | ୦.୧୦୭୨ | ଶ୍ରୀ ଗୋପାଳ ଜିଉ ବିଜେ, ଗୋଡ଼ିପଡ଼ା ମାର୍ଫତ, ଯୋଗେନ୍ଦ୍ରନାଥ ମହାପାତ୍ର ପିତା-କାଶୀନାଥ ମହାପାତ୍ର |
| ୯୮ | ୫୮୬ | ରୟତି | ଶାରଦ-୨ | ୦.୦୩୦୩ | ଶ୍ରୀ ଗୋପାଳ ଜିଉ ବିଜେ, ଗୋଡ଼ିପଡ଼ା ମାର୍ଫତ, ଯୋଗେନ୍ଦ୍ରନାଥ ମହାପାତ୍ର ପିତା-କାଶୀନାଥ ମହାପାତ୍ର |
| ୯୯ | ୫୮୭ | ରୟତି | ଶାରଦ-୨ | ୦.୧୩୫୫ | ଧୂଳି ପାଟ୍ଟଶାଣି ପିତା- ବାଜି ପାଟ୍ଟଶାଣି, ପରିକ୍ଷିତ ପାଟ୍ଟଶାଣି ପିତା- ଭାଗବତ ପାଟ୍ଟଶାଣି |
| ୧୦୦ | ୫୮୮ | ରୟତି | ଶାରଦ-୨ | ୦.୧୨୩୪ | ରମା ସେଠୀ ସ୍ୱାମୀ ଶ୍ରୀଧର ସେଠୀ |
| ୧୦୧ | ୫୮୯ | ରୟତି | ଶାରଦ-୩ | ୦.୨୨୧୭ | ଗୁଣମଣି ବେଓ୍ୱା ସ୍ୱାମୀ- ସଚ୍ଚ ଚରଣ ରାଉତରାୟ, ଭିକାରୀ ବେହେରା ସ୍ୱାମୀ- ସୋମନାଥ ବେହେରା |
| ୧୦୨ | ୫୮୯/୬୭୦ | ରୟତି | ଶାରଦ-୩ | ୦.୧୮ | ରଘୁନାଥ ମହାପାତ୍ର ପିତା- ଚାନ୍ଦେଶ୍ୱର ମହାପାତ୍ର |
| ୧୦୩ | ୫୯୦ | ରୟତି | ଶାରଦ-୨ | ୦.୨୬୩ | ଚନ୍ଦ୍ରଶେଖର ଦେବ ବିଜେ, ଜରିପଡ଼ା ମାର୍ଫତ, ମହାଦେବ ମହାପାତ୍ର |
| ୧୦୪ | ୫୯୪ | ରୟତି | ଶାରଦ-୩ | ୦.୦୨୪୬ | ନିଶାମଣି ମହାପାତ୍ର ପିତା- ନରସିଂହ ମହାପାତ୍ର, |
| | | | | | ଦାମ ବେହେରା ପିତା- ଲିଙ୍ଗରାଜ ବେହେରା। |
| ୧୦୫ | ୫୯୫ | ରୟତି | ଶାରଦ-୧ | ୦.୦୬୭୫ | ଦାମୋଦର ମହାପାତ୍ର ପିତା- ରାମ ଚନ୍ଦ୍ର ମହାପାତ୍ର, |
| | | | | | ଧୂଳିଭାଗ ଆନନ୍ଦ ଚନ୍ଦ୍ର ପ୍ରହରାଜ ଓ ଅନ୍ୟମାନେ, ଖେୱାଟ ନଂ.-୧। |
| ୧୦୬ | ୫୯୭ | ରୟତି | ଶାରଦ-୧ | ୦.୨୦୬୩ | ରଘୁ ପ୍ରଧାନ ପିତା- ବରଜୁ ପ୍ରଧାନ, ଧୂଳିଭାଗ ଆନନ୍ଦ ଚନ୍ଦ୍ର ପ୍ରହରାଜ ଓ ଅନ୍ୟମାନେ |
| ୧୦୭ | ୫୯୯ | ରୟତି | ଶାରଦ-୨ | ୦.୦୬୪୭ | ଶ୍ରୀ ବୃନ୍ଦାବନବିହାରୀ ଲାଲ ଜିଉ ବିଜେ, |
| | | | | | ଜଜାରସିଂହ ସେବାୟତ ସିଂହାସିନୀ ଦେବୀ ସ୍ୱାମୀ - ରାମ ଦାସ ଭଗତ, ଭୋଳାନାଥ ଭଗତ ପିତା- ସାକ୍ଷୀଚନ୍ଦ ଭଗତ |
| | ଗ୍ରାମ: ନିଜଗଡ଼କୁହୁଡ଼ି | | | | |
| ୧୦୮ | ୭୬୩ | ସରକାରୀ | ପୁରାତନ ପତିତ | ୦.୦୦୯୩ | ପୁରାତନ ପତିତ |
| | | | ମୋଟ | ୧୭.୩୦୭୨ | |

[F. No. NHAI/11019/02/Bhubaneswar-Puintola(LA 3a)2018/PIU/BBSR/3A1/3D1]

ରାକେଶ ଗୁପ୍ତା, ଉପସଚିବ

# ପିଡିଏସ୍ ଟ୍ରକ୍‌ରେ ଧାନ ଚାଲାଣ

## ଧରାପଡ଼ିଲା ୩ ଟ୍ରକ୍

ଜୟପୁର,୧୨।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଗାନ୍ଧିଛକ ପୋଲିସ ଫାଟକ ନିକଟରେ ପିଡିଏସ୍ ଲେଖାଯାଇଥିବା ୩ଟି ଟ୍ରକ୍ ଅଟକାଇ ଯାଞ୍ଚ ବେଳେ ସେଥିରେ ଧାନ ଚାଲାଣ ହୋଇଥିବା ଜଣାପଡ଼ିଛି। ଓଏସ୍‌କେ ୬୨୮୧ ନଂ ଥିବା ଟ୍ରକ୍‌ରୁ ୧୨୦ରୁ ଅଧିକ ପଲିଥିନ ବସ୍ତାରେ ଧାନ ଥିବା ମଧ୍ୟାହ୍ନରେ ଯାଞ୍ଚ ବେଳେ ଜଣାପଡ଼ିଥିଲା। ଏହାପରେ ପିଡିଏସ୍ ଲେଖା ଥିବା ଆଉ ୨ଟି ଟ୍ରକ୍ (ଓଆରଏଫ୍ ୩୩୧୯ ଏବଂ ଓଏସ୍‌କେ ୧୩୬୫) ଯୋଗେ ୨୦୦ରୁ ଅଧିକ ବସ୍ତା ଧାନ ଯାଉଥିବା ବେଳେ ଧରାପଡ଼ିଥିଲା। ସମସ୍ତ ଟ୍ରକକୁ ଜୟପୁର ଟାଉନଥାନା ଅଟକ ରଖି ଖବର ଦେବା ପରେ ଯୋଗାଣ ବିଭାଗ ପହଞ୍ଚି ତଦନ୍ତ କରୁଛି। ପ୍ରଥମ ଟ୍ରକଟି ସ୍ଥାନୀୟ କେଲା ନଗର ଗୋଦାମରୁ ଲୋଡିଂ କରାଯାଇ ଜୟପୁର ବ୍ଲକ କାଳିଆଗାଁ ଧାନ ମିଲକୁ ଯାଉଥିଲା। ଅନ୍ୟ ଦୁଇଟି ଟ୍ରକ ଫାମ୍ପୁଣି ଗ୍ରାମରୁ ଲୋଡିଂ ହୋଇ ସ୍ଥାନୀୟ ହାଟପଦା ଧାନ ମିଲକୁ ଯାଉଥିଲା। ଫାମ୍ପୁଣି ଅଞ୍ଚଳର ଚାଷୀମାନେ ଥାନାରେ ପହଞ୍ଚି ସେମାନଙ୍କ ଧାନ ମିଲିଂ ପାଇଁ ଯାଉଥିବା କହିବା ପରେ ଯୋଗାଣ ବିଭାଗ ରିପୋର୍ଟ ପ୍ରସ୍ତୁତ କରି ଦୁଇଟି ଟ୍ରକ୍‌କୁ ଛାଡ଼ିଛି। ଅନ୍ୟ ଟ୍ରକ୍‌କୁ ଅଟକ ରଖି ଯାଞ୍ଚ କରାଯାଉଛି। ତିନୋଟି ଟ୍ରକ୍‌ରୁ ଅଟକ ଓ ଯାଞ୍ଚ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ଏସିଏସ୍‌ଓ ରବି ନାରାୟଣ ନନ୍ଦ କହିଛନ୍ତି।

# ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା

## ସହାୟତା ନିବେଦନ କରି ଭିଡିଓ କଲେ ଭାଇରାଲ

ଜୟପୁର,୧୨।୪(ନି.ପ୍ର.)

ଆନ୍ଧ୍ରର ଚିଙ୍ଗୁଡି ଫାର୍ମରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ସେମାନେ ସମସ୍ତେ କୋରାପୁଟ ଜିଲା ଜୟପୁର ନିକଟସ୍ଥ ଫାମ୍ପୁଣୀ ଗ୍ରାମର ବୋଲି ଜଣାପଡ଼ିଛି। କରୋନା ପାଇଁ ସେଠାରେ ଚିଙ୍ଗୁଡ଼ି ଫାର୍ମ ବନ୍ଦ ଥିଲେ ବି ସେମାନଙ୍କୁ ମାଡ଼ ମାରି ଜୋର ଜବରଦସ୍ତ କାମରେ ଲଗାଯାଉଥିବା ଅଭିଯୋଗ କରିଛନ୍ତି ଶ୍ରମିକ। ଏପରିକି ଫାର୍ମ କର୍ମଚାରୀଙ୍କ ମାଡ଼ରେ କେତେକ ଶ୍ରମିକ ଆହତ ହୋଇଥିବା ଭିଡିଓ ସେମାନେ ଖୋଦ ଭାଇରାଲ କରିଛନ୍ତି। ଏହି ସମସ୍ତ ଶ୍ରମିକ ଆନ୍ଧ୍ରପ୍ରଦେଶ ପ୍ରକାଶମ ଜିଲ୍ଲାର କୋଥାପାଟନମ ମଣ୍ଡଳ ଅନ୍ତର୍ଗତ ପାଦର୍ଥି ଗ୍ରାମରେ ଥିବା କୈଳାସ ଚିଙ୍ଗୁଡ଼ି ଫାର୍ମରେ କାମ କରୁଛନ୍ତି। ଏହି ଫାର୍ମରେ କାମ କରିବାକୁ ୧୪ ଜଣ ଶ୍ରମିକ ଏଠାରୁ ୩ ମାସ ତଳେ ଯାଇଥିଲେ। ଏବେ ନିର୍ଯାତନାର ଶିକାର ହେବା ପରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଭିଡିଓ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ମାଲକାନଗିରିରେ ଫସିଛନ୍ତି ୫୧ ଶ୍ରମିକ

ମାଲକାନଗିରି,୧୨।୪(ଡି.ଏନ.ଏ. )

ମାଲକାନଗିରିରେ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗର ୫୧ ଜଣ ଶ୍ରମିକ ଫସି ରହିଛନ୍ତି। ସେମାନେ ସଦର ବ୍ଲକ ପୌର ପରିଷଦ ଅଞ୍ଚଳ ନିକଟରେ ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଲକ୍‌ଡାଉନ ଯୋଗୁ ଶ୍ରମିକମାନେ ନିଜ ରାଜ୍ୟକୁ ଯାଇପାରି ନ ଥିଲେ। ଭୁବନେଶ୍ୱରର ଏକ କନଷ୍ଟ୍ରକ୍ସନ୍‌କୁ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରବିବାର ଜିଲା ପ୍ରଶାସନ ଜାଣିବା ପରେ ତହସିଲଦାର ଡ. ଗୁଣନିଧି ନାୟକ ଏବଂ ପୌର ନିର୍ବାହୀ ଅଧିକାରୀ ଏମ୍. ନିଳକଣ୍ଠ ନାଇଡୁ ଶ୍ରମିକମାନଙ୍କ ପାଖକୁ ଯାଇ ଆଲୋଚନା କରିଛନ୍ତି।

# ମନ୍ଦିର ନିକଟରୁ ଅହିରାଜ ଉଦ୍ଧାର

କାଳିମେଳା,୧୨।୪(ଡି.ଏନ.ଏ.)

କାଳିମେଳା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତର ଏମଭି-୬୬ ଗ୍ରାମ ଶିବ ମନ୍ଦିର ନିକଟସ୍ଥ ରାସ୍ତା କଡରୁ ରବିବାର ସନ୍ଧ୍ୟାରେ ଏକ ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ସାପକୁ ରାସ୍ତା ଉପରେ ଦେଖି ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ପରେ କର୍ମଚାରୀମାନେ ପହଞ୍ଚି ସାପଟିକୁ ଉଦ୍ଧାର କରି ଅଖାରେ ପୁରାଇ ଏମଭି-୧୨୬ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ।

# ପାରଳା ରାଜକୁମାରୀ ଦେଲେ ୧ଲକ୍ଷ

ପାରଳାଖେମୁଣ୍ଡି, ୧୨।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀଦେବୀ ମୁଖ୍ୟମନ୍ତ୍ରୀଙ୍କ କରୋନା ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଏନେଇ ଏକ ଚେକ୍ ପ୍ରଦାନ କରିଛନ୍ତି।

# ପିନ୍ଧିଲେନି ମାସ୍କ, ଗଣିଲେ ଦଣ୍ଡ

ଦଶମନ୍ତପୁର/ଗୁଣପୁର,୧୨।୪(ଡି.ଏନ୍.ଏ.)

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ବିଭିନ୍ନ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଲକ୍ ଡାଉନ, ସାମାଜିକ ଦୂରତା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି ସରକାର। କିନ୍ତୁ ଏହାକୁ ଅମାନ୍ୟ କରି କେତେକ ବ୍ୟକ୍ତି ଦଣ୍ଡ ଗଣିଛନ୍ତି। ରାୟଗଡ଼ା ଜିଲା ଗୁଣପୁରରେ ମାସ୍କ ନ ପିନ୍ଧି ଯାତାୟାତ କରୁଥିବା ୧୬ ଜଣଙ୍କଠାରୁ ୩୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଲକ୍ଷ୍ମୀନାରାୟଣ ସାବତ ସୂଚନା ଦେଇଛନ୍ତି। ଶନିବାର ସୁଦ୍ଧା ଏ ବାବଦରେ ୭୮୦୦ ଟଙ୍କା ଜରିମାନା ମିଳିଥିଲା। ସେହିପରି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ମଧ୍ୟ ଲୋକେ ଜରିମାନା ଭରିଛନ୍ତି। ତହସିଲଦାର ଅଜୟ ପ୍ରକାଶ ତିର୍କି, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ୨୬ ଜଣ ବ୍ୟକ୍ତିଙ୍କଠାରୁ ୫୨୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ପୁନର୍ବାର ଏଭଳି ମାସ୍କ ନ ପିନ୍ଧି ଧରାପଡ଼ିଲେ ଅଧିକ ଜରିମାନା ଭରିବାକୁ ପଡ଼ିବ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ସୁସ୍ଥ ହୋଇ ଫେରିଲେ କରୋନା ଆକ୍ରାନ୍ତ

ପିପିଲି, ୧୨।୪(ଡି.ଏନ.ଏ.): ପୁରୀ ଜିଲାରେ ଏକମାତ୍ର କରୋନା ଆକ୍ରାନ୍ତ ଦାନଗୋହିରୀ ଗ୍ରାମର ଜଣେ ବ୍ୟକ୍ତି ସୁସ୍ଥ ହୋଇ ଫେରିଛନ୍ତି। ତାଙ୍କର କରୋନା ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ କଟକରେ କୋଭିଡ-୧୯ ଅଶ୍ୱିନୀ ହସ୍ପିଟାଲ ରଖି ଚିକିତ୍ସା କରାଯାଉଥିଲା। ଗତ ୩ ତାରିଖରେ ସରକାରୀ ଭାବେ ତାଙ୍କୁ କରୋନାରେ ଆକ୍ରାନ୍ତ ବୋଲି ଘୋଷଣା କରାଯାଇଥିଲା। ଏବେ ରକ୍ତ ପରୀକ୍ଷାରେ ତାଙ୍କର କରୋନା ନେଗେଟିଭ ଥିବା ଜଣାପଡିବା ପରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତାଙ୍କୁ କଟକରୁ ସ୍ଥାନାନ୍ତର କରାଯାଇ ପୁରୀସ୍ଥିତ କରୋନା ଆଇସୋଲେଶନ ସେଣ୍ଟରରେ ରଖାଯାଇଛି।

# ଫିଙ୍କା ପଡ଼ିଲା ‘ଇଷ୍ଟର’




## ଚର୍ଚ୍ଚ ପରିବର୍ତ୍ତେ ସୋସିଆଲ ମିଡିଆରେ ପ୍ରାର୍ଥନା

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

କରୋନା ଲାଗି ସମଗ୍ର ଦେଶରେ ପୂଜାପାଠ, ପର୍ବପର୍ବାଣି ପ୍ରଭାବିତ ହୋଇଥିବାବେଳେ ମନ୍ଦିରରୁ ଆରମ୍ଭକରି ଚର୍ଚ୍ଚ ଓ ମସ୍‌ଜିଦ୍ ସବୁକିଛି ବନ୍ଦ ରହିଛି। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଭକ୍ତଙ୍କ ପାଇଁ ଭଗବାନଙ୍କ ଦୁଆରରେ ତାଲା ପଡ଼ିଛି। ଚର୍ଚ୍ଚ ଫାଟକକୁ ବନ୍ଦ ରଖାଯାଇ ନୋଟିସ୍ ଲଗାଇ ଦିଆଯାଇଛି। ‘ଆସନ୍ତାକାଲି ୬ ଫୁଟ୍ ତଳେ ସମାଧି ନେବାଠାରୁ ଆଜି ୬ ଫୁଟ୍ ଦୂରତା ବଜାୟ ରଖିବା ବୁଦ୍ଧିମାନର ବିଷୟ’ ବୋଲି ବିଭିନ୍ନ ଚର୍ଚ୍ଚ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ବାର୍ତ୍ତା ଦିଆଯାଇଛି। କଟକଣା ଲାଗି ଗତ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ‘ଗୁଡ୍ ଫ୍ରାଇଡେ’ରେ ଚର୍ଚ୍ଚ ଫାଙ୍କା ପଡ଼ିଥିଲା। ରବିବାର ‘ଇଷ୍ଟର’ ମଧ ଫିଙ୍କା ପଡ଼ିଛି। ଚର୍ଚ୍ଚ ପରିବର୍ତ୍ତେ ଲୋକେ ଘରେ ରହି ‘ଇଷ୍ଟର ସନ୍‌ଡେ’କୁ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। କେତେକ ଚର୍ଚ୍ଚରେ କେବଳ ଫାଦରଙ୍କ ଦ୍ୱାରା ପ୍ରାର୍ଥନା କରାଯାଇ ତାହାକୁ ଫେସ୍‌ବୁକ୍‌ରେ ଲାଇଭ୍ ଷ୍ଟ୍ରିମ୍ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଘରେ ବସି ଚର୍ଚ୍ଚରେ ପ୍ରାର୍ଥନା କରିବାର ଭିନ୍ନ ଅନୁଭୂତି ପାଇପାରିଥିଲେ।

### ଛାତ ଓ ବାଲ୍‌କୋନୀରୁ ଇଷ୍ଟର ଶୁଭେଚ୍ଛା



ପ୍ରତିବର୍ଷ ଇଷ୍ଟରକୁ ଆମେ ପରିବାର ଓ ବନ୍ଧୁ ପରିଜନଙ୍କ ସହ ଏକାଠି ହୋଇ ପାଳନ କରିଥାଉ। ଏବର୍ଷ ପ୍ରଥମଥର ପାଇଁ ଚର୍ଚ୍ଚ ଯାଇପାରିନୁ। ଘରେ ରହି ସାଙ୍ଗହୋଇ ପ୍ରାର୍ଥନା କରିଛୁ। ପଡ଼ୋଶୀଙ୍କ ଘରକୁ ମଧ ଯାଉ ନ ଥିବାରୁ ସମସ୍ତେ ନିଜ ନିଜ ଛାତ ଓ ବାଲ୍‌କୋନୀ ଉପରକୁ ଆସି ପରସ୍ପରକୁ ଇଷ୍ଟର ଶୁଭେଚ୍ଛା ଜଣାଇଥିଲୁ। ଏକାଠି ବସି ଖାଇବା ମଧ ସମ୍ଭବ ହୋଇନି। ତେଣୁ ଘରେ ପରିବାର ସହ ମିଶି ପାରମ୍ପରିକ ଇଷ୍ଟର ଭୋଜନ ପ୍ରସ୍ତୁତ କରି ଖାଇଛୁ।

**– ସୁସ୍ମିତା ଗିରି, ବାଲେଶ୍ୱର**

### ନୂଆ ଅନୁଭୂତି ଦେଲା ଇଷ୍ଟର ସେଲିବ୍ରେଶନ



ଘରଠାରୁ ବହୁତ ଦୂରରେ ରହୁଛି। ‘ଇଷ୍ଟର’ ପ୍ରତିବର୍ଷ ମୋତେ ଘରକୁ ଯାଇ ପରିବାର ଲୋକଙ୍କ ସହ ଏକାଠି ହେବାର ସୁଯୋଗ ଦେଇଥାଏ। ହେଲେ ଏବର୍ଷ ଓଡ଼ିଶା ତ ଦୂରର କଥା, ପାଖରେ ଥିବା ସାଙ୍ଗସାଥିଙ୍କ ପାଖକୁ ବି ଯାଇପାରୁନି। ସୋସିଆଲ ଡିଷ୍ଟାନ୍ସ ମାନି ସୋସିଆଲ ମିଡ଼ିଆରେ ଇଷ୍ଟର ସେଲିବ୍ରେଶନ କରିଛୁ। ଚର୍ଚ୍ଚ ପରିବର୍ତ୍ତେ ଅନ୍‌ଲାଇନ୍ ମାସ୍ ଆଟେଣ୍ଡ କରିଛୁ। ହ୍ୱାଟ୍ସଆପ୍‌ରେ ଗ୍ରୁପ୍ ତିଆରି କରି ସମସ୍ତେ ମିଶି ପ୍ରାର୍ଥନା କରିଛୁ ଓ ବାଇବେଲ୍ ପାଠ କରିଛୁ। ଏଥର ଇଷ୍ଟର ନୂଆ ଅନୁଭୂତି ଦେଇଛି।

**– ସାଇନି ସମର୍ପିତା, ଦିଲ୍ଲୀ**

## ୭୨ ବର୍ଷରେ ଭୁବନେଶ୍ୱର

# ପାଳନ ହେବନି ରାଜଧାନୀ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ):** ୭୨ବର୍ଷରେ ପାଦଦେଇଛି ରାଜଧାନୀ ଭୁବନେଶ୍ୱର। ହେଲେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ହେବନି। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଏହି ନିଷ୍ପତ୍ତି ନେଇଛି। ୩୦ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଦିବସ ପାଳନ ନ କରିବାକୁ ସ୍ଥିର କରିଛି। ୧୯୪୮ ଏପ୍ରିଲ ୧୩ରେ ଐତିହ୍ୟସମ୍ପନ୍ନ ମନ୍ଦିରମାଳିନୀ ନଗରୀ ‘ଭୁବନେଶ୍ୱର’ ଓଡ଼ିଶାର ନୂଆ ରାଜଧାନୀର ମାନ୍ୟତା ପାଇଥିଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ଏହିଦିନ ନୂତନ ରାଜଧାନୀର ଶିଳାନ୍ୟାଶ କରିଥିଲେ। ସେହି ଦିବସକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଗତ ୩୦ବର୍ଷ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଏପ୍ରିଲ ୧୩କୁ ରାଜଧାନୀ ପ୍ରତିଷ୍ଠା ଦିବସଭାବେ ପାଳନ କରିଆସୁଛି। ରାଜ୍ୟ ସରକାର ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ସହଯୋଗରେ ଏହିଦିନ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବେସାମରିକ ପରେଡ୍, ଆଲୋକସଜ୍ଜା ଓ ରାଜଧାନୀ ମହୋତ୍ସବ ମୁଖ୍ୟ ଆକର୍ଷଣ ସାଜିଥାଏ। କିନ୍ତୁ ଲକ୍‌ଡାଉନ୍ ଲାଗି କୌଣସି କାର୍ଯ୍ୟକ୍ରମ ନ କରିବାକୁ କମିଟି ସ୍ଥିର କରିଥିବାବେଳେ ଦିବସର ମହତ୍ତ୍ୱ ଦୃଷ୍ଟିରୁ ଭୁବନେଶ୍ୱରର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତେ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି। ଏଥିସହ ଲକ୍‌ଡାଉନ୍ ନିୟମ ମାନି ସରକାରଙ୍କ କରୋନା ମୁକାବିଲା ଯୁଦ୍ଧରେ ସହଯୋଗ କରିବାକୁ ରାଜଧାନୀବାସୀଙ୍କୁ ଆହ୍ୱାନ ଦେଇଛି। ତେବେ ଆଗାମୀ ଦିନରେ ସମୟ ସୁବିଧା ଅନୁସାରେ କେବଳ ରାଜଧାନୀ ମହୋତ୍ସବ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯିବ। ରାଜଧାନୀର ୭୨ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଭୁବନେଶ୍ୱରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ନିଶା ଔଷଧ ସ୍ପ୍ରେ କରି ଲୁଟିଲେ ଅଳଙ୍କାର, ଟଙ୍କା

**କଟକରୋଡ ୧୨।୪(ଡି.ଏନ.ଏ):** କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଚାଲିଥିବାବେଳେ ଏହାର ଫାଇଦା ଉଠାଉଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ନିଶା ଔଷଧ ସ୍ପ୍ରେ କରି ଲୋକଙ୍କୁ ଅଚେତ କରିବା ପରେ ଘରୁ ଅଳଙ୍କାର ଓ ଟଙ୍କା ଚୋରି କରି ନେଉଛନ୍ତି। ଏଭଳି ଘଟଣା ଘଟିଛି ଲକ୍ଷ୍ମୀସାଗର ଥାନା ଅଞ୍ଚଳ ଝାରପଡା ବୈରାଗୀନଗର ଲେନ୍-୨ରେ। ଏଠାରେ ରହୁଥିବା ନଳିନିକାନ୍ତ ବେହେରାଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୬ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଚୋରି ହୋଇଥିବା ସେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଚୋରି ସମୟରେ ଦୁର୍ବୃତ୍ତମାନେ ନିଶା ଔଷଧ ସ୍ପ୍ରେ କରି ପରିବାର ଲୋକଙ୍କୁ ଅଚେତ କରି ଏଭଳି କାଣ୍ଡ ଭିଆଇଥିବା ନଳିନୀକାନ୍ତ ଏତଲାରେ ଦର୍ଶାଇଛନ୍ତି। ସେହିଭଳି ପଡୋଶୀ ବୈଦ୍ୟନାଥ ଦାସଙ୍କ ଘର ଝରକା ଖୋଲା ଥିବାବେଳେ ରାତିରେ ୨ଟି ମୋବାଇଲ ଫୋନ ଚୋରି ହୋଇଥିବା ମଧ ଥାନାରେ ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

### ସ୍ଥିତି ଅନୁଧ୍ୟାନ କଲେ ଡିଜିପି

**ଖୋର୍ଦ୍ଧା ଅଫିସ,୧୨।୪:** ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ରବିବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି କରୋନା ଭୂତାଣୁ ସଂକ୍ରମଣ ରୋକିବା ନେଇ ପୋଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଡିଆଇଜି ଆଶିଷ କୁମାର ସିଂ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜାରି କରାଯାଉଥିବା ନିୟମକୁ କଡ଼ାକଡ଼ି ପାଳନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଡିଜିପି ଅଭୟ ଜଙ୍କିଆ, ସଦର ଥାନା, ନାଭାଲ ଆଉଟ ପୋଷ୍ଟ, ନାଚୁଣୀ ଆଉଟ ପୋଷ୍ଟ ପ୍ରଭୃତି ବୁଲି ଦେଖିଥିଲେ।

### ୮ ଗ୍ରସେରି ଦୋକାନ, ୨ ଗୋଦାମରେ ଚଢ଼ାଉ

**ନିମାପଡା,୧୨।୪(ଡି.ଏନ.ଏ):** ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ା ଦରରେ ବିକିବା ଓ ଦର ତାଲିକା ନ ଟାଙ୍ଗିବା ଅଭିଯୋଗରେ ନିମାପଡ଼ା ଯୋଗାଣ ବିଭାଗ ପକ୍ଷରୁ ରବିବାର ୮ ଗ୍ରସେରି ଦୋକାନ ଏବଂ ୨ ଗୋଦାମ ଉପରେ ଚଢ଼ାଉ କରାଯାଇଛି। ପ୍ରତ୍ୟେକ ବ୍ୟବସାୟୀ ଦୋକାନ ସମ୍ମୁଖରେ ଦର ତାଲିକା ଲଗାଇବାକୁ ଯୋଗାଣ ଅଧିକାରୀ ଶିବାଶିଷ ଜେନା କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କୌଣସି ବ୍ୟବସାୟୀ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେନା କହିଛନ୍ତି।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବେଗୁନିଆ, ୧୨।୪(ଡି.ଏନ.ଏ.):** ବେଗୁନିଆ ପୋଲିସ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କର ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ହେଲେ ବେଗୁନିଆ କାମନାସାହିର ମହରଗିଆ ସ୍ୱାଇଁ(୬୨)। ମହରଗିଆ ବେଗୁନିଆ ବଜାରରେ ଚା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ମଧ୍ୟାହ୍ନରୁ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବେଗୁନିଆ କଲେଜ ନିକଟ ଜଙ୍ଗଲରେ ଥିବା ଏକ କାଜୁ ଗଛରେ ଝୁଲୁଥିବା କେହି ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମେଡିକାଲ ଛାତ୍ରୀଛାତ୍ର ପଠାଇଲେ ଏନ୍ ୯୫ ମାସ୍କ

**କଟକ ଅଫିସ, ୧୨।୪:** କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ସର୍ବଦା ନିଜ ଜୀବନକୁ ବାଜି ଲଗାଇ କାମ କରିଥାନ୍ତି। ତେଣୁ ଏମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ବର୍ଷର ଉଭୟ ଏମ୍‌ବିବିଏସ୍ ଓ ଡେଣ୍ଟାଲ ବିଭାଗର ପ୍ରାୟ ୨୯୦ ଛାତ୍ରୀଛାତ୍ର ନିଜ ପକେଟ ଖର୍ଚ୍ଚରୁ କିଛି ଅର୍ଥ ସଞ୍ଚୟ କରି କରୋନା ରୋଗୀଙ୍କ ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଉଦ୍ଦେଶ୍ୟରେ ଏନ୍ ୯୫ ମାସ୍କ କିଣି ପଠାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ମହତ କାର୍ଯ୍ୟକୁ ଏସ୍‌ସିବିର ଡାକ୍ତରମାନେ ପ୍ରଶଂସା କରିଛନ୍ତି।

### ମାଛ ମାର୍କେଟ ସ୍ଥାନାନ୍ତର

କୋଣାର୍କ,୧୨।୪(ଡି.ଏନ.ଏ)-କୋଣାର୍କ ମାଛ ମାର୍କେଟକୁ ରବିବାର ସ୍ଥାନୀୟ ହେଲିପ୍ୟାଡକୁ ସ୍ଥାନାନ୍ତରିତ କରାଯାଇଛି। ୨୦ଫୁଟ ଦୂରତାରେ ବସି ବ୍ୟବସାୟୀମାନେ ବସିବା ସହ ସାମାଜିକ ଦୂରତା ରକ୍ଷା ଓ ମାସ୍କ ବ୍ୟବହାରକୁ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମାଛ ମାର୍କେଟକୁ ୫ଦିନ ତଳେ ପ୍ରଶାସନ ପକ୍ଷରୁ ସିଲ କରାଯାଇଥିଲା।

# ଖୋର୍ଦ୍ଧା: ୩୬ ମନ୍ଦିରରେ ୧୪୪ ଧାରା



ଜରିପୁଟସ୍ଥିତ ଶ୍ରୀ ସଙ୍କଟମୋଚନ ମନ୍ଦିର କାନ୍ଥରେ ନିର୍ଦ୍ଦେଶନାମା ଲଗାଉଛି ପୋଲିସ।

ଖୋର୍ଦ୍ଧା ଅଫିସ,୧୨।୪

ଖୋର୍ଦ୍ଧା ଜିଲାର ୩୬ଟି ମନ୍ଦିର ଓ ଶୈବପୀଠରେ ୧୪୪ ଧାରା ଜାରି କରାଯାଇଛି। ସୋମବାର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଥିବାରୁ ସମ୍ପୃକ୍ତ ପୀଠସ୍ଥଳିଗୁଡ଼ିକରେ ଭକ୍ତଙ୍କ ସମାଗମ ଆଶଙ୍କାରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କରୋନା ଭୂତାଣୁ ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ଆଦର୍ଶ ଥାନା ସମେତ ବାଘମାରୀ, ବେଗୁନିଆ, ଜଙ୍କିଆ ପ୍ରଭୃତି ଥାନା ପକ୍ଷରୁ ୧୪୪ ଧାରା ଜାରି ଲାଗି ଖୋର୍ଦ୍ଧା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ଉପଜିଲାପାଳଙ୍କ ନିକଟରେ ପିଟିଶନ ଦାଏର କରାଯାଇଥିଲା। କୋର୍ଟ ଏହାକୁ ଗ୍ରହଣ କରି ବାଘମାରୀରେ ୧୩, ବେଗୁନିଆରେ ୧୪, ଜଙ୍କିଆରେ ୯ଟି ମନ୍ଦିର ପରିସରରେ ୧୪୪ ଧାରା ଜାରି କରିଛନ୍ତି। ତେବେ ତନ୍ତମୁଣ୍ଡିଆ

### ଜରିପୁଟ ସଙ୍କଟମୋଚନ ମନ୍ଦିରରେ ୧୦ଦିନ କଟକଣା

ଜରିପୁଟସ୍ଥିତ ଶ୍ରୀ ସଙ୍କଟମୋଚନ ହନୁମାନ ମନ୍ଦିରରେ ରବିବାରଠାରୁ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି ବୋଲି ସଦର ଡିଏସ୍‌ପି ସୁଶୀଲ କୁମାର ମିଶ୍ର କହିଛନ୍ତି। ୧୦ ଦିନ ବ୍ୟାପୀ ଏହି ମନ୍ଦିରରେ ପୂଜାପାଠ, ଦିଅଁ ଦର୍ଶନ ଉପରେ କଟକଣା ଜାରି ହୋଇଛି। ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶାନାମାର ନକଲ ମନ୍ଦିର କାନ୍ଥରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲଗାଯାଇଛି। ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ହଟିଲା ପଟାପୋଲ

କଟକ ଅଫିସ୍,୧୨।୪

କଟକ ସହରର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଗତ ୪ ତାରିଖରେ ପଟାପୋଲ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସଂକ୍ରମଣ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ତେବେ ପ୍ରଥମ ଆକ୍ରାନ୍ତ ସୁସ୍ଥ ହେବା ସହ ଅଞ୍ଚଳରୁ ସଂଗୃହୀତ ହୋଇଥିବା ସମସ୍ତ ନମୁନା ନେଗେଟିଭ୍ ବାହାରିଛି। ଏଣୁ ରବିବାର ସନ୍ଧ୍ୟାରେ ପଟାପୋଲକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ହଟାଯାଇଛି ବୋଲି କଟକ ମହାନଗର ନିଗମ (ସିଏମ୍‌ସି) କମିଶନର୍ ଅନନ୍ୟା ଦାସ ସୂଚନା ଦେଇଛନ୍ତି। ତେବେ ଲକ୍‌ଡାଉନ୍ କଟକଣା ଜାରି ରହିବ ବୋଲି ସେ କହିଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେବା ପରେ ଉକ୍ତ ଅଞ୍ଚଳ ବିଶୋଧନ କରାଯିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ଗାଁକୁ କରୋନା ସଂକ୍ରମଣରୁ ରକ୍ଷା କରିବାକୁ ଯୁବକମାନେ ଚାନ୍ଦା ଆଦାୟ କରି ସାନିଟାଇଜ କରୁଛନ୍ତି।

## ୭ ମାଣ୍ଡାରିନ ବତକ ଜନ୍ମ

ବାରଙ୍ଗ,୧୨।୪(ଡି.ଏନ.ଏ.)

ନନ୍ଦନକାନନ ପାଦଚଲା ବିହଙ୍ଗ ସରଣୀରେ ରବିବାର ଏକ ମାଣ୍ଡାରିନ ବତକ ଦେଇଥିବା ଅଣ୍ଡା ଫୁଟି ୭ଟି ଛୁଆ ବାହାରିଛି। ଫଳରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ଜାପାନ, ଚାଇନା ତଥା ପୂର୍ବ ଏସିଆରେ ଏମାନେ ବହୁଳ ଭାବେ ଦେଖା ଦିଅନ୍ତି।

## ଭାସ୍କର୍ଯ୍ୟ କଳାରେ କରୋନା ସଚେତନତା



**ପୁରୀ ଅଫିସ,୧୨।୪:** ପୁରୀର ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସ ଭାସ୍କର୍ଯ୍ୟ କଳାରେ କରୋନା ସଚେତନାର ବାର୍ତ୍ତା ଦେଇଛନ୍ତି। ଘରେ ରହିବା, ମୁହଁରେ ମାସ୍କ ବାନ୍ଧିବା, ହାତକୁ ବାରମ୍ବାର ଭଲ ଭାବେ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରି ଏହି ଭୂତାଣୁ ଶୃଙ୍ଖଳକୁ ଛିଣ୍ଡାଇ ପାରିବା ବୋଲି ସେ ତାଙ୍କ କଳା ମାଧ୍ୟମରେ ଦର୍ଶାଇଛନ୍ତି। ଶ୍ରୀଧର ପ୍ରାୟ ୪ ଘଣ୍ଟା ପରିଶ୍ରମ କରି ୧୦ କିଗ୍ରା କଞ୍ଚାମାଟିରେ ଏହି ଭାସ୍କର୍ଯ୍ୟ କଳା ତିଆରି କରିଛନ୍ତି।

## ଭତ୍ତାରୁ ବଞ୍ଚିତ ପାଲା କଳାକାରଙ୍କୁ ସହାୟତା ଦାବି

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ରାଜ୍ୟ ସରକାର ‘ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା’ରେ ସବୁ ବର୍ଗର କଳାକାରଙ୍କୁ ଚାରି ମାସର ଭତ୍ତା ଅଗ୍ରୀମ ପ୍ରଦାନ କରୁଛନ୍ତି। ଏହାକୁ ରାଜ୍ୟ ପାଲା ଗାୟକ ପରିଷଦ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି। ମାତ୍ର ଓଡ଼ିଶାର ଭାଷା,ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରିଆସୁଥିବା ପାଲା କଳାକାରମାନେ ଅବହେଳିତ ହୋଇଛନ୍ତି। ଲକ୍‌ଡାଉନ୍ ଯୋଗୁ ପାଲାମଞ୍ଚ ବନ୍ଦ ହୋଇଯାଇଥିବାରୁ ୧୫ହଜାର ପାଲା କଳାକାର ଜୀବିକା ହରାଇଛନ୍ତି। ଭତ୍ତାପ୍ରାପ୍ତ କଳାକାରଙ୍କୁ ବାଦ୍ ଦେଲେ ବଞ୍ଚିତ ପାଲା ଗାୟକ, ଗାୟିକା, ବାୟକ, ପାଳିଆ ଓ ସେମାନଙ୍କ ପରିବାର ସଦସ୍ୟକୁ ମିଶାଇଲେ ପ୍ରାୟ ଏକ ଲକ୍ଷ ଲୋକ ଆୟଶୂନ୍ୟ ହୋଇ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଛନ୍ତି। ପାଲା କଳାକାରଙ୍କୁ ୧୫ହଜାର ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଓଡ଼ିଆ ସଂସ୍କୃତ ଓ ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ରାଜ୍ୟ ପାଲା ଗାୟକ ପରିଷଦ ନିର୍ଦ୍ଦେଶକ ଅମୀୟ କୁମାର ପଟ୍ଟନାୟକ, ସଭାପତି ମଦନ ମୋହନ ଜେନା ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ରାଉତ ପ୍ରମୁଖ ଏହି ଦାବି କରିଛନ୍ତି।

## ଦୁଇ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

ନରାଜ,୧୨।୪(ଡି.ଏନ.ଏ.)

କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳରେ ରବିବାର ଦୁଇ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ବେଲଗଛିଆ ପଞ୍ଚାୟତ ଜୟପୁର ଗ୍ରାମର ଉଗ୍ରସେନ ପରିଡ଼ା ( ୬୦) ଓ ବେଲଗଛିଆ ଗ୍ରାମର ବାଦଲ ରାଉତ (୪୦)। ଉଗ୍ରସେନ ମାଲଗୋଦାମରେ କାମକରୁଥିବାବେଳେ ରବିବାର ଥିବାରୁ ତାଙ୍କର ଛୁଟିଥିଲା। ତେଣୁ ସକାଳୁ ସେ ଘରୁବାହାରି କେଉଁଆଡ଼େ ଚାଲି ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ତାହା ସମ୍ଭବ ନ ହେବାରୁ ଶେଷରେ ଖୋଜାଖୋଜି କରିଥିଲେ। ଅପରାହ୍ନ ୩ଟା ବେଳେ ଏକ ଇଟାଭାଟି ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ବାଦଲ ଜଣେ ରାଜମିସ୍ତ୍ରି ହୋଇଥିଲେ ମଧ ଲକ୍‌ଡାଉନ ଯୋଗୁ ଘରେ ରୁହୁଥିଲେ। ରବିବାର ସେ ମଧ ସକାଳୁ ଘରୁ ବାହାରି ଯାଇଥିବାବେଳେ ଆଉ ଫେରି ନ ଥିଲେ। ବିଳମ୍ବ ହେବାରୁ ତାଙ୍କ ପରିବାର ଲୋକେ ଖୋଜାଖୋଜି ପରେ ଅପରାହ୍ନ ୪ଟା ବେଳେ ଗ୍ରାମ ନିକଟ ଗହୀରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ଲେଖା ହେବାବେଳକୁ ଉଭୟ ମୃତଦେହ ଦାହ କରାଯାଇ ସାରିଥିଲା। ଏହି ମୃତ୍ୟୁକୁ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଦୁଇଜଣ ସବୁବେଳେ ଦେଶୀମଦ ପିଉଥିବାରୁ ମଦପିଇ ଖରାରେ ଆସିବା ସମୟରେ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

### ଦେଶୀ ମଦ ପିଇଥିବା ଚର୍ଚ୍ଚା

# ମତ୍ସ୍ୟଜୀବୀଙ୍କୁ ମାଛ ବିକ୍ରି ଚିନ୍ତା

**ପୁରୀ ଅଫିସ,୧୨।୪:**

ପୁରୀ ଜିଲାର ପେଣ୍ଟକଟା, କୋଣାର୍କ, ଅସ୍ତରଙ୍ଗ, ବ୍ରହ୍ମଗିରି, କୃଷ୍ଣପ୍ରସାଦ, କାକଟପୁର ଅଞ୍ଚଳରେ ହଜାର ହଜାର ମତ୍ସ୍ୟଜୀବୀ ବାସ କରୁଛନ୍ତି। କରୋନା ପାଇଁ ବେଉସା ବନ୍ଦ ହୋଇଯିବାରୁ ମତ୍ସ୍ୟଜୀବୀ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏବେ ସରକାର ମାଛଚାଷ, ଧରିବା ଓ ବିକିବା ଉପରୁ କଟକଣା ହଟାଇ ଦେଇଛନ୍ତି। କିନ୍ତୁ ଅଭାବୀ ବିକ୍ରିକୁ ନେଇ ସେମାନଙ୍କ ଚିନ୍ତା ବଢ଼ିଛି। ମାଛ ଧରିଲେ ବି ବିକ୍ରି କରିବେ କେମିତି? ବରଫ କଳ ବନ୍ଦ ରହିଥିବାରୁ ମାଛ, କଙ୍କଡ଼ାକୁ କିପରି ସଂରକ୍ଷଣ କରିବେ ବୋଲି ମତ୍ସ୍ୟଜୀବୀ ଓ ମତ୍ସ୍ୟଜୀବୀ ସଂଘ କର୍ମକର୍ତ୍ତା ପ୍ରଶ୍ନ ଉଠାଇଛନ୍ତି।

## କଟକଣା ଉଠିଲା ପରେ...



ମାଛ ଉପରୁ କଟକଣା ଉଠାଇବା କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। କିନ୍ତୁ ଏହା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିପାରିବ ନାହିଁ। ମାଛ ଧରିବା ଓ ବିକ୍ରି କରିବା ଲାଗି ଆନୁଷଙ୍ଗିକ ସୁବିଧା କରା ନ ଗଲେ ମତ୍ସ୍ୟଜୀବୀ ଉପକୃତ ହେବେ ନାହିଁ। ଏଣୁ ଲକ୍ ଡାଉନ ସମୟରେ ମତ୍ସ୍ୟଜୀବୀ ପରିବାରଗୁଡ଼ିକୁ ୩ ମାସ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ।

**– ପ୍ରସନ୍ନ କୁମାର ବେହେରା, ସଭାପତି, ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଂଘ**



କଟକଣା ଉଠାଇ ଦିଆଯିବା ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ପାଇଁ ନିଶ୍ଚିତ ଏକ ଖୁସି ଖବର। ହେଲେ ଏହାଦ୍ୱାରା ମତ୍ସ୍ୟଜୀବୀମାନେ ଉପକୃତ ହୋଇପାରିବେ ନାହିଁ। ବରଫ ମିଳୁ ନ ଥିବାରୁ ଆମଠୁ କେହି ମାଛ ନେବେ ନାହିଁ। ଆମେ ମାଛ ଧରି କ'ଣ କରିବୁ। ଏହାଦ୍ୱାରା ଅଭାବୀ ବିକ୍ରି ହେବ। ମାଛ ନେବା ପାଇଁ ଆସୁଥିବା ଗାଡ଼ିଗୁଡ଼ିକୁ ବିଛଡ଼ାଯିବା ଦରକାର।

**– ପ୍ରଶାନ୍ତ ଭୋଳ, ମତ୍ସ୍ୟଜୀବୀ**



ପ୍ରତିଦିନ ମାଛ ଧରି ପୁରୀର ବିଭିନ୍ନ ହୋଟେଲକୁ ଦେଇଥାଉ। କିନ୍ତୁ ବର୍ତ୍ତମାନ ସବୁ ହୋଟେଲ ବନ୍ଦ। ପର୍ଯ୍ୟଟକ ବି ନାହାନ୍ତି। ଆମେ ମାଛ, କଙ୍କଡ଼ା ଧରି କାହାକୁ ଦେବୁ। ଗାଡ଼ିମୋଟର ଚଳାଚଳ କରୁନାହିଁ। ୨୦ ଦିନ ହେଲା ଘରେ ବସିଛୁ। ଚଳିବାରେ ଅସୁବିଧା ହେଉଛି। ସରକାର ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିବା ଦରକାର।

**– ଜି. ରାମଚନ୍ଦ୍ର, ମତ୍ସ୍ୟଜୀବୀ, ପେଣ୍ଟକଟା**



ଓଡ଼ିଶା ଲୋକ ସମୁଦ୍ର ମାଛ ଖାଇବାକୁ ବିଶେଷ ପସନ୍ଦ କରନ୍ତି ନାହିଁ। ଏହି ମାଛ ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଆଦି ଅଞ୍ଚଳକୁ ପଠାଯାଏ। ତେଣୁ ବିକ୍ରି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ପରିବହନ ସୁବିଧା ହେବା ଦରକାର। ନଚେତ ମାଛର ଉଚିତ ମୂଲ୍ୟ ମିଳିବ ନାହିଁ। ଗରିବ ମତ୍ସ୍ୟଜୀବୀମାନେ କ୍ଷତି ସହିବେ।

**–ବାବୁଲା ପ୍ରସାଦ, ମତ୍ସ୍ୟଜୀବୀ ନେତା, ପେଣ୍ଟକଟା**



ସରକାର ମାଛ ମାରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ବିକ୍ରି କେମିତି ହେବ ସେ କଥା ଚିନ୍ତା କରିନାହାନ୍ତି। ପୁରୀ ସମୁଦ୍ରରୁ ଧରାଯାଉଥିବା ଅଧିକାଂଶ ମାଛ ଟ୍ରେନରେ ବିଭିନ୍ନ ସ୍ଥାନକୁ ଯାଇଥାଏ। ଏବେ ଟ୍ରେନ ଚଳାଚଳ ବନ୍ଦ ରହିଛି। ତେଣୁ ବ୍ୟବସାୟୀ ମାଛ ନେବାକୁ ଆସିବେ ନାହିଁ। ଆମେ ଡିଜେଲ ଆଦି ଖର୍ଚ୍ଚ କରି ଯେତିକି ମାଛ ଆଣିବୁ ତାହାର ଉଚିତ ମୂଲ୍ୟ ମିଳିବ ନାହିଁ। ତେଣୁ ବିକ୍ରି ପାଇଁ ସରକାର ବ୍ୟବସ୍ଥା କରିବା ଆବଶ୍ୟକ।

**– ଜି. ଚିଟୁବାବୁ, ମତ୍ସ୍ୟଜୀବୀ, ପେଣ୍ଟକଟା**

# ରାଜନଗରର ନଳଦିଆ, କଟକଣା ଗାଁ ସିଲ୍

## କେନ୍ଦ୍ରାପଡ଼ାରେ ୨ୟ କରୋନା ପଜିଟିଭ୍

■ ସଙ୍ଗରୋଧ ଗୃହରେ ପରିବାର ସଦସ୍ୟ ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ

କେନ୍ଦ୍ରାପଡା ଅଫିସ/ରାଜନଗର (ଡି.ଏନ୍.ଏ.), ୧୨।୪

କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ କରୋନା ପଜିଟିଭ୍‌ଙ୍କୁ ଶନିବାର ଚିହ୍ନଟ କରାଯାଇଛି। ଜିଲାର ଦ୍ୱିତୀୟ କରୋନା ଆକ୍ରାନ୍ତ ଜଣେ ମହିଳା। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଳଦିଆ ଗ୍ରାମର ସମ୍ପୃକ୍ତ ମହିଳାଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସମ୍ପୃକ୍ତ ମହିଳାଙ୍କ ପରିବାର ସଦସ୍ୟଙ୍କ ସମେତ ତାଙ୍କ ଚିକିତ୍ସା କରୁଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ସ୍ୱାବ୍ ଓ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ମୋଟ ୧୫ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହିତ ନଳଦିଆ ଗ୍ରାମ ସମେତ କଟକଣା ଗାଁକୁ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି।

ଏ ସମ୍ପର୍କରେ ଜିଲାପାଳ ବର୍ମା କହିଛନ୍ତି, ଆକ୍ରାନ୍ତ ମହିଳାଙ୍କ ସମେତ ତାଙ୍କ ପରିବାର ସଦସ୍ୟ ଗତ ମାର୍ଚ୍ଚ ୨୯ ତାରିଖରେ ବାହାର ରାଜ୍ୟରୁ ଫେରିଛନ୍ତି। ଘରକୁ ଆସିବା ପରେ ସେମାନେ ନାମ ପଞ୍ଜୀକରଣ କରାଇବା ସହିତ ସଂଗରୋଧ ନିୟମ ପାଳନ କରିଥିଲେ। ସେମାନେ କୌଣସି ବାହାର ଲୋକଙ୍କ ସଂସ୍ପର୍ଶରେ ଆସିନାହାନ୍ତି। ତେବେ ସେମାନଙ୍କର ଫେରନ୍ତା ପଥର ସମସ୍ତ ବିବରଣୀକୁ ରେକର୍ଡ କରାଯାଉଛି। ଆକ୍ରାନ୍ତଙ୍କୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୫ ଜଣଙ୍କୁ ସଂଗରୋଧ ଗୃହରେ ରଖାଯାଇଛି। ୪୮ ଘଣ୍ଟା ପର୍ଯ୍ୟନ୍ତ ନଳଦିଆ ଓ କଟକଣା ଗ୍ରାମକୁ ସିଲ୍ କରାଯାଇଥିବା ବେଳେ ଗ୍ରାମ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ସମ୍ପୂର୍ଣ୍ଣ ନିଷେଧ ହୋଇଛି। ଉକ୍ତ ଗ୍ରାମକୁ ଦମକଳବାହିନୀ ସହାୟତାରେ ଶନିବାର ରାତିରୁ ବିଶୋଧିତ କରାଯାଉଛି। ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଯଦି କେହି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କୁ ସଂଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରଶାସନିକ ବ୍ୟବସ୍ଥା କରାଯିବ। ଆକ୍ରାନ୍ତ ବ୍ୟକ୍ତି ସଂଗରୋଧ ନିୟମ ପାଳନ କରିଥିବାରୁ ଭୟ ନ କରିବା ପାଇଁ ଜିଲାବାସୀଙ୍କୁ ଜିଲାପାଳ ବର୍ମା ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ଜିଲାର ପ୍ରଥମ କରୋନା ପଜିଟିଭଙ୍କୁ ଆଳି ବ୍ଲକ ଅଞ୍ଚଳରୁ ଚିହ୍ନଟ କରାଯାଇଥିଲା। ସେ ଦୁବାଇରୁ ଫେରିଥିଲେ। ଆକ୍ରାନ୍ତ ବ୍ୟକ୍ତି ଅଦ୍ୟାବଧି କଟକ କୋଭିଡ୍ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।


ରାଜନଗର ନଳଦିଆ ଗ୍ରାମ ରାସ୍ତାରେ ପୋଲିସର କଡ଼ା ପହରା।

## ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀ ଗିରଫ

**ପାଟଣା, ୧୨।୪(ସ୍ୱ.ପ୍ର.):** ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଓ ପରେ ହତ୍ୟା ଅଭିଯୋଗରେ କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଲୋକନାଥ ମହାନ୍ତ ନାମକ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ବଲାଣିପାସି ଗ୍ରାମରେ। ଏହି ଦମ୍ପତିଙ୍କର ୮ବର୍ଷ ତଳେ ବିବାହ ହୋଇଥିଲା। ଏମାନଙ୍କର ଏକ ୫ବର୍ଷର ଝିଅ ମଧ୍ୟ ଅଛି। ତୁରୁମୁଙ୍ଗା ଥାନା ଝଡ୍ଡେଇପଶି ଗ୍ରାମ ନାଳ ନିକଟରେ ଥିବା ଆକାଶିଆ ଜଙ୍ଗଲରୁ ଶନିବାର ସକାଳେ ଲୋକନାଥ ମହାନ୍ତଙ୍କ ସ୍ତ୍ରୀ ଉଷାରାଣୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଉଷାରାଣୀଙ୍କ ଭାଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ. ୩୭/୨) ରୁଜୁ କରାଯାଇ ଲୋକନାଥଙ୍କୁ ଗିରଫ କରାଯାଇଛି।

## ୩୩ ବାଇକ ଜବତ

**ଧର୍ମଶାଳା, ୧୨।୪(ଡିଏନଏ):** ଲକଡାଉନ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ୩୩ଟି ବାଇକକୁ ଜବତ କରାଯାଇଛି। ଧର୍ମଶାଳା ଥାନାରେ ୧୫ଟି ବାଇକ ଜବତ କରାଯାଇ ୨୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଜେନାପୁର ଥାନାରେ ୧୮ଟି ବାଇକ ଜବତ କରାଯାଇ ୧୨ଟି ବାଇକରୁ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଜରିମାନା ଗଣିଲେ ୨୩ ଅମାନିଆ

**ରତ୍ନଗିରି, ୧୨।୪(ଡି.ଏନ.ଏ):** ଲକ୍‌ଡାଉନ ଜାରି ସତ୍ତ୍ୱେ ରବିବାର ସକାଳୁ ବରୀ ବଜାରରେ କେତେଜଣ ଅମାନିଆ ଯୁବକ ଖୁଲମଖୁଲା ବାଇକ୍ ଧରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ୨୩ଜଣ ବାଇକ୍ ଆରୋହୀଙ୍କଠାରୁ ୫୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରିବା ସହିତ ପୁନର୍ବାର ବାଇକ୍ ବାହାରକୁ ବାହାର ନ କରିବାକୁ ବରୀ ତହସିଲଦାର ସରୋଜକାନ୍ତ ନାୟକ ଓ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର ତାଗିଦ୍ କରିଥିଲେ।

## ମୃତ ବ୍ୟକ୍ତିଙ୍କ ଜମି ବିକ୍ରି, ୩ ଗିରଫ

**ଭଞ୍ଜନଗର, ୧୨।୪(ଡି.ଏନ.ଏ):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୁପାଟି ଗ୍ରାମର ମୃତ ବାଞ୍ଛାନିଧି ବାଗ୍‌ଙ୍କ ଜମିଙ୍କୁ ସମ୍ପୃକ୍ତ ଗ୍ରାମର ହେମନ୍ତ ବାଗ୍ ନକଲି କାଗଜପତ୍ର ପ୍ରସ୍ତୁତ କରି ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ୨୦୧୬ରେ ବିକ୍ରି କରି ଦେଇଥିଲେ। ବାଞ୍ଛାନିଧିଙ୍କ ଝିଅ ଜାନକୀ ଦଳବେହେରା ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ନଂ.୬୭।୨୦ ରେ ମାମଲା ରୁଜୁକରି ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦସ୍ତାବିଜ୍ ଲେଖାଳୀ ଭଞ୍ଜନଗରର ଜଗନ୍ନାଥ ଦାସ, ନକଲି ବିକ୍ରେତା କୁପାଟିର ହେମନ୍ତ ବାଗ୍ ଓ ସାକ୍ଷୀ ହରିଗଡ଼ର କୃଷ୍ଣ ଚନ୍ଦ୍ର ପ୍ରଧାନ।

## ବିଦ୍ୟୁତ୍ ଆଘାତରେ ୮ ଗୋରୁ ମୃତ

**ଆନନ୍ଦପୁର, ୧୨।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ହାଟଡିହୀ ତହସିଲ ନିକଟରେ ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ତହସିଲ ପଛପାର୍ଶ୍ୱ ଦଙ୍କୁରୀକୁ ଯାଇଥିବା ବିଦ୍ୟୁତ୍ ତାର କୌଣସି କାରଣରୁ ଛିଡି ଯାଇଥିଲା। ଫଳରେ ସେଠାରେ ଚରୁଥିବା ଗୋରୁ ଏହି ତାର ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡିଛନ୍ତି। ହାଟଡିହୀ ଅଞ୍ଚଳର ଅକ୍ଷୟ ପହି, ପଦ୍ମନାଭ ପହି, ମାଧବ ଯେନା, ଦେବାଶିଷ ଯେନା, ଭିକାରୀ ରାଉତ, ସୁରେନ୍ଦ୍ର ଯେନା ପ୍ରମୁଖ ଚାଷୀଙ୍କର ଗୋରୁଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ

**କେନ୍ଦୁଝର, ୧୨।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଦେଓଗାଁ ରେଞ୍ଜ ହରିଚନ୍ଦନପୁର ସେକ୍ସନ ଅଧୀନ ରେବଣା ସଂରକ୍ଷିତ ପିଠାଗୋଳା–ମରାଗୋଳା ମଧ୍ୟବର୍ତ୍ତୀ ଜଙ୍ଗଲରେ ଚଢ଼ାଉ କରି ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ପିଠାଗୋଳା ଗ୍ରାମର ମନୋଜ ସାହୁ ଓ ଶ୍ରୀମନ୍ତ ସାହୁ। ପଣା ସଂକ୍ରାନ୍ତିରେ ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ସମୂହ ଶିକାର ବା ପାରିଧିରେ ଜଙ୍ଗଲ ଯାଇଥାନ୍ତି। ଏହାର ସୁଯୋଗ ନେଇ ଶିକାରୀ ଜଙ୍ଗଲକୁ ଯାଇ ଶିକାର କରିଥାନ୍ତି। ଶିକାରୀ ଜଙ୍ଗଲକୁ ଯାଇଥିବା ଖବରପାଇ ବନ ବିଭାଗ କର୍ମଚାରୀ ରବିବାର ଚଢ଼ାଉ କରିଥିଲେ।

## ରାଇପଡ଼ା ହତ୍ୟା ଘଟଣାରେ ଜଣେ ଗିରଫ

**ରଣପୁର, ୧୨।୪(ସ୍ୱ.ପ୍ର.):** ନୟାଗଡ ଜିଲା ଚାନ୍ଦପୁର ଥାନା ରାଇପଡା ଗାଁରେ କାଜୁ ଜଙ୍ଗଲକୁ ନେଇ ଦୁଇ ଆଦିବାସୀଙ୍କ ହତ୍ୟା ଘଟଣାରେ ପୋଲିସ ରବିବାର ନୂଆସାହିର ପବିତ୍ର ବେହେରା(୬୫)ଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସଡିପିଓ ଏସ୍. ଟପୋ ପ୍ରକାଶ କରିଛନ୍ତି। ଶୁକ୍ରବାର କାଜୁ ଜଙ୍ଗଲ ବିବାଦ ଘଟଣାରେ ନୂଆସାହି ଲୋକଙ୍କ ଆକ୍ରମଣରେ ଆଦିବାସୀ ସାହିର ଦୁର୍ଗା ପ୍ରଧାନ ଓ ବିରଞ୍ଚି ପ୍ରଧାନ ପ୍ରାଣ ହରାଇଥିଲେ। ଅନ୍ୟ ୨୩ଜଣ ଆହତ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏସଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ କରାଯାଇଥିଲା। ଏହି ଟିମ୍ ଚାନ୍ଦପୁରର ଏକ ଢ଼ାବାରୁ ପବିତ୍ରଙ୍କୁ ଗିରଫ କରିଛି।



ବାଲେଶ୍ୱର ଜିଲା ବାହାନଗା ବଜାରରେ ରବିବାର ସକାଳେ କେତେକ ଯୁବକ ମୁହଁରେ ମାସ୍କ ନ ପିନ୍ଧିବା ଓ କୌଣସି କାରଣ ନ ଥାଇ ବାଇକ୍‌ରେ ବୁଲୁଥିବା ଅଭିଯୋଗରେ ତହସିଲଦାର ରାଜେନ୍ଦ୍ର କର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାସ୍ତାରେ ଆଣ୍ଠେଇ ଦେଇଛନ୍ତି।

## ଭକ୍ତ ବିନା ହେବ ସିଂହାପୁର ଯାତ୍ରା

**ଆଜିଠାରୁ ୩ଦିନ ଯାତ୍ରା**

**ରସୁଲପୁର, ୧୨।୪(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ଓଡ଼ିଶା ପ୍ରସିଦ୍ଧ ଐତିହାସିକ ସିଂହାପୁର ଯାତ୍ରା ପଣାସଂକ୍ରାନ୍ତିଠାରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବାବେଳେ ଏହି ଯାତ୍ରା ଉପରେ ଜିଲା ପ୍ରଶାସନ ପକ୍ଷରୁ କେତେକ କଟକଣା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚଳିତବର୍ଷ ପ୍ରଶାସନ ପକ୍ଷରୁ ଯାତ୍ରାସ୍ଥଳକୁ ଭକ୍ତଶୂନ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥି ସକାଶେ ମନ୍ଦିର ଓ ତାର ଆଖପାଖ ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଛି। କେବଳ ପରମ୍ପରାକୁ ବଜାୟ ରଖିବା ପାଇଁ ରାଜପରିବାରର କୂଳ ଦେବତାଙ୍କୁ ପାରମ୍ପରିକ ରୀତିନୀତି ସହ ପୂଜାର୍ଚ୍ଚନା କରାଯିବ। ରାଜଜେମାଙ୍କ ସହ କର୍ମକର୍ତ୍ତାରୁ ୭ଜଣଙ୍କୁ ପ୍ରଶାସନ ପକ୍ଷରୁ ପାସ ପ୍ରଦାନ କରାଯିବ। ସେମାନେ ପୁଷ୍କରିଣୀ ଭିତରୁ ନାରାୟଣ ଗୋସାଇଁଙ୍କୁ ପଦାକୁ ବାହାର କରିବେ। ମନ୍ଦିରରେ ରାଜ ପୁରୋହିତଙ୍କ ସହ ୨ଜଣ ପୁରୋହିତ ନିୟୋଜିତ ହୋଇ ସାମାଜିକ ଦୂରତା ବଜାୟ ରଖି ପୂଜାକାର୍ଯ୍ୟ ସମ୍ପନ୍ନ କରିବେ। ଏଥର ମଦନ ମୋହନଙ୍କୁ ସୁସଜ୍ଜିତ ପାଲିଙ୍କିରେ ନ ଅଣାଯାଇ କେବଳ ଏକ ଥାଳିରେ ଜଣେ ପୂଜକ ବାହାରକୁ ଆଣିବା ପାଇଁ ଅନୁମତି ଦିଆଯାଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ନିଷିଦ୍ଧାଞ୍ଚଳଭାବେ ଘୋଷଣା କରିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ଯାତ୍ରା ପଡ଼ିଆ, ନାରାୟଣ ଗୋସାଇଁଙ୍କ ସ୍ଥଳଦେଶରେ ଥିବା ମନ୍ଦିର ଓ ପୂର୍ବ ପାବଚ୍ଛରେ ଥିବା ମଦନମୋହନ ମନ୍ଦିର ନିକଟରେ ପୋଲିସ ପହରା ଦେବ। ସୂଚନା ଥାଉକି, ଏହି ଯାତ୍ରା ଦେଖିବା ପାଇଁ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଭକ୍ତ ଏଠାକୁ ଆସିଥାନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀ ଆସି ବେପାର କରିଥାନ୍ତି। ମାତ୍ର ଏଥର କରୋନା କଟକଣା ଯୋଗୁ ସବୁ କିଛି ଫିକା ପଡିଯିବ।

## ମହାବିଷୁବ ସଂକ୍ରାନ୍ତି: ୪ ମନ୍ଦିରରେ ୧୪୪ ଧାରା

**ଏରସମା, ୧୨।୪ (ସ୍ୱ.ପ୍ର.):** ମହାବିଷୁବ ସଂକାନ୍ତି ଅବସରରେ ଏରସମା ବ୍ଲକ ଅଧୀନ ୪ଟି ମନ୍ଦିରରେ ଭିଡ଼ ଜମିବା ଓ ସାମାଜିକ ଦୂରତ୍ୱ ରକ୍ଷା କରା ନ ଯିବା ଆଶଙ୍କା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ମନ୍ଦିରଗୁଡ଼ିକରେ ୧୪୪ ଧାରା ଜାରି କରାଯାଇଛି। ସେଗୁଡିକ ହେଲା–ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର, ନୂଆଗାଁସ୍ଥିତ ମହାବୀର ମନ୍ଦିର, ଜପା ପଞ୍ଚାୟତସ୍ଥିତ ଧୋବେଇ ଗ୍ରାମର ଚାଷଖାଇ ମନ୍ଦିର ଓ ନାରଦିଆ ପଞ୍ଚାୟତ ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ମନ୍ଦିର। ସେଠାରେ ସାମାଜିକ ଦୂରତା ରକ୍ଷା କରି ୪ରୁ ଅଧିକ ଶ୍ରଦ୍ଧାଳୁ ଏକତ୍ର ହୋଇପାରିବେ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ସେମାନଙ୍କ ବିରୋଧରେ ଦୃଢ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିବା ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି।

## ଗଞ୍ଜାମରେ ହେବନି ମେରୁଯାତ୍ରା

**ଛତ୍ରପୁର, ୧୨।୪(ଡି.ଏନ୍.ଏ.):** କରୋନା ମହାମାରୀ ରୋକିବା ପାଇଁ ସାମାଜିକ ଦୂରତା ଅବଲମ୍ବନ କରିବା ଜରୁରୀ। ସଂକ୍ରମଣ ଚେନ ଭାଙ୍ଗିବା ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ। କେବଳ ଘରେ ରହିଲେ ଏହା ସମ୍ଭବ। ଗଞ୍ଜାମ ଜିଲାରେ ସୋମବାର ମେରୁଯାତ୍ରା ହେବନି। ତେଣୁ ଯାତ୍ରା ପାଇଁ କେହି ଘରୁ ବାହାରିବେନି। କେବଳ ପୂଜକ ମନ୍ଦିରକୁ ଯାଇ ପୂଜା କରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର କହିଛନ୍ତି। ମେରୁଯାତ୍ରା ନେଇ ଜିଲାବାସୀଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଯେ କେହି ଲକ୍‌ଡାଉନ ନିମୟ ଭାଙ୍ଗିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଛନ୍ତି।

## ଭୁବନେଶ୍ୱର ଫେରାନ୍ତଙ୍କୁ ଗାଁରେ ରହିବାକୁ ଦେଲେନି

**ଏମ୍‌କେସିଜିରେ ୫ ସନ୍ଦିଗ୍ଧ**

ବ୍ରହ୍ମପୁର ଅଫିସ, ୧୨।୪

କରୋନା ଆତଙ୍କ ଏବେ ବିଶ୍ୱରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଧାରାରେ ଓଡ଼ିଶାରେ ମଧ୍ୟ କରୋନା ପଜିଟିଭିଙ୍କ ସଂଖ୍ୟା ବଢିବାରେ ଲାଗିଛି। ଅନ୍ୟପଟେ କରୋନା ସଂକ୍ରମଣ ରୋକିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ଗାଁଗହଳିରେ ଲୋକମାନେ ଭୁବନେଶ୍ୱର ଫେରନ୍ତାଙ୍କୁ ସନ୍ଦେହ କରୁଛନ୍ତି। ଏଭଳି ଘଟଣା ଏବେ ଗଞ୍ଜାମ ଜିଲାରେ ଦେଖିବାକୁ ମିଳିଛି। କିଛିଦିନ ତଳେ ଭୁବନେଶ୍ୱରରୁ ଫେରିଥିବା ବ୍ରହ୍ମପୁର ଗୋଷାଣିନୂଆଗାଁ ଅଞ୍ଚଳର ଜଣେ, ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଗ୍ରାମର ଜଣେ ଓ ବେଲଗୁଣ୍ଠା ଅଞ୍ଚଳର ଜଣେ ନିଜ ନିଜର ଘରକୁ ଫେରିଥିବା ବେଳେ ସେମାନଙ୍କୁ ଏବେ ଅଞ୍ଚଳବାସୀ ଗ୍ରହଣ କରୁନାହାନ୍ତି। ଫଳରେ ଏହି ୩ ଜଣ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଗୋଳନ୍ଥରା ଗ୍ରାମର ଜଣେ ବ୍ୟକ୍ତି ନିକଟରେ ଅନ୍ଧ୍ରପ୍ରଦେଶରୁ ଫେରିଥିବା ବେଳେ ସେ ମଧ୍ୟ ରବିବାର ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ଏହି ୪ ଜଣଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ରବିବାର ପରୀକ୍ଷା ଭୁବନେଶ୍ୱର ପଠାଯିବ ବୋଲି ଅଧୀକ୍ଷକ ଡ଼ାକ୍ତର ସନ୍ତୋଷ କୁମାର ମିଶ୍ର କହିଛନ୍ତି। ଅନ୍ୟପଟେ ଏମ୍‌କେସିଜିରେ ରବିବାରଠାରୁ ମଧ୍ୟ କରୋନା ପରୀକ୍ଷା ଆରମ୍ଭ ହେବ ବୋଲି ଡ଼.ମିଶ୍ର ସୂଚନା ଦେଇଛନ୍ତି। ଏମ୍‌କେସିଜି ମେଡିକାଲରେ ରବିବାର ସନ୍ଦିଗ୍ଧଙ୍କୁ ମିଶାଇ ୧୦ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ପ୍ରାୟ ୬ ଦିନ ହେଲା ୬ ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଥିଲେ ମଧ୍ୟ ଏହାର ରିପୋର୍ଟ ଆସିନାହିଁ ବୋଲି ସେ କହିଛନ୍ତି।

## ଗ୍ୟାରେଜ, ବିଦ୍ୟୁତ୍ ସରଞ୍ଜାମ, ବହି ଦୋକାନ ଖୋଲିବାକୁ ଅନୁମତି

**ଯାଜପୁର ଟାଉନ, ୧୨।୪(ଡିଏନଏ):** ଯାଜପୁର ଜିଲାରେ ସୋମବାରଠାରୁ ସାଇକେଲ୍ ମରାମତି, ଗ୍ୟାରେଜ୍, ଦୁଗ୍ଧଜାତ ସାମଗ୍ରୀ, ବିଦ୍ୟୁତ୍ ସରଞ୍ଜାମ, ପାଠ୍ୟ ଉପକରଣ ବିକ୍ରୟ ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁମତି ପ୍ରଦାନ କରିଛନ୍ତି। ଜରୁରୀ ସେବା ଯୋଗାଇ ଦେଉଥିବା ଗାଡିଗୁଡିକର ମରାମତି ଆବଶ୍ୟକ ଥିବାରୁ ଗ୍ୟାରେଜ ଖୋଲିବାକୁ ଅନୁମତି ଦିଆଯାଇଛି। ସେହିପରି ଲୋକ ଏବେ ସାଇକେଲ୍ ଚଲାଉଥିବାରୁ ତାହାର ମଧ୍ୟ ମରାମତି ଆବଶ୍ୟକ ପଡ଼ିପାରେ। ଗୋ–ଚାଷୀ କ୍ଷତିଗ୍ରସ୍ତ ହେଉଥିବାରୁ ଛେନା, କ୍ଷୀର, ପନିର ଇତ୍ୟାଦି ବିକ୍ରି ବ୍ୟବସ୍ଥା କରାଯାଇଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବହି ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଖରାଦିନ ପାଇଁ ବିଦ୍ୟୁତ୍ ସରଞ୍ଜାମର ଆବଶ୍ୟକତା ଥିବାରୁ ଏହି ଦୋକାନ ଖୋଲାଯିବ। ତେବେ ଏ ସମସ୍ତ ଦୋକାନୀ ସାମାଜିକ ଦୂରତାକୁ ବଜାୟ ରଖି ସେମାନଙ୍କ ବ୍ୟବସାୟ କରିବାକୁ କୁହାଯାଇଛି।

## ଲକ୍‌ଡାଉନ ନିୟମ ଉଲ୍ଲଂଘନ: ୪ ଜଣଙ୍କ ନାଁରେ ମାମଲା

**ଏରସମା, ୧୨।୪ (ସ୍ୱ.ପ୍ର.):** ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଏରସମା ଥାନା ଅଧୀନ ଭିତର ଅନ୍ଧାରି ପଞ୍ଚାୟତର ୪ ଦୋକାନୀଙ୍କ ନାମରେ ମାମଲା ରୁଜୁ ହୋଇଛି। ପୂର୍ବାହ୍ନ ୧୧ଟା ପରେ କେବଳ ଔଷଧ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଥିବାବେଳେ ଏମାନେ ଏହି ନିୟମ ଉଲ୍ଲଂଘନ କରିଥିଲେ। ଶନିବାର ଅପରାହ୍ନରେ ଦୋକାନ ଖୋଲିଥିବାରୁ କନାଗୁଳି ଗ୍ରାମର ମନ୍ମଥ ଚନ୍ଦ୍ର ଦାସ ଓ ମିହିର ପଡିହାରୀ, ଅନ୍ଧାରୀ ଗ୍ରାମର ପ୍ରସନ୍ନ ବେହେରା ଓ ଅମୀୟ ରାଉତଙ୍କ ନାଁରେ ମାମଲା ରୁଜୁ ହୋଇଛି। ପରେ ସେମାନଙ୍କୁ ବେଲ୍ ଦିଆଯାଇ ଛଡ଼ା ଯାଇଥିବା ଏସଆଇ ଦୀନେଶ ପଣ୍ଡା ସୂଚନା ଦେଇଛନ୍ତି।

## ଶ୍ରମିକଙ୍କୁ ଛଟେଇ, ଦରମା ବନ୍ଦ କରା ନ ଯାଉ

■ ଏନ୍‌ଆଇଏନ୍‌ଏଲ୍‌କୁ ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ମିଶ୍ରଣ ଦାବି

■ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଯାଜପୁର ଅଫିସ, ୧୨।୪

ଲକ୍‌ଡାଉନ ଆଳରେ କଳିଙ୍ଗନଗରରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀଙ୍କ ଦରମା ବନ୍ଦ ଓ ନିଯୁକ୍ତିରୁ ଛଟେଇ ଭଳି ଅମାନବୀୟ କାର୍ଯ୍ୟକୁ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଛି। ଏହାସହ ମାର୍ଚ୍ଚ ୩୦ରେ ବନ୍ଦ ହୋଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଲିଃ(ଏନ୍‌ଆଇଏନ୍‌ଏଲ୍)କୁ ସେଲ୍(ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିଃ) କିମ୍ବା ଆର୍‌ଆଇଏନ୍‌ଏଲ(ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିଃ) ସହ ମିଶ୍ରଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରମାଧ୍ୟମରେ ଅବଗତ କରାଇଛନ୍ତି ଯେ, ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ନିର୍ଦ୍ଦେଶକୁ ଅବମାନନା କରାଯାଇ କଳିଙ୍ଗନଗର ଶିଳ୍ପାଞ୍ଚଳର କେତେକ ଶିଳ୍ପ ୨/୩ ମାସ ହେଲା ଶ୍ରମିକ ଓ କର୍ମଚାରୀଙ୍କୁ ଦରମା ଦେଇନାହାନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେମାନେ ଭୋକଉପାସରେ କାଳାତିପାତ କରୁଛନ୍ତି। ତୁରନ୍ତ ଶ୍ରମିକଙ୍କୁ ଦରମା ପ୍ରଦାନ ସହ ଛଟେଇ ନ କରିବାକୁ ଧଳ ନିବେଦନ କରିଛନ୍ତି। କଳିଙ୍ଗନଗର ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରତାପ କୁମାର ଜେନା ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଜଣାଇଛନ୍ତି ଯେ, ଏନ୍‌ଆଇଏନ୍‌ଏଲ୍ ପାଖରେ ଉନ୍ନତ ଭିତ୍ତିଭୂମି ତଥା ୨୫୦୦ ଏକର ନିଜସ୍ୱ ଜମି ରହିଛି। କମ୍ପାନୀର କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲା ସୀମାନ୍ତରେ ୮୨୪ ହେକ୍ଟରର ଲୁହାଖଣି ରହିଛି। କେତେକ କମ୍ପାନୀର ନିଜସ୍ୱ ଖଣି ନ ଥାଇ ଅନ୍ୟ ଉପରେ ନିର୍ଭର କରି ସୁରୁଖୁରୁରେ ଚାଲୁଥିବାବେଳେ ଏହି ସରକାରୀ କମ୍ପାନୀକୁ ବନ୍ଦ ହେବା ଦୁର୍ଭାଗ୍ୟଜନକ। ତେଣୁ ସ୍ଥାନୀୟ ଲୋକଙ୍କ ହିତ ଦୃଷ୍ଟିରୁ ଏହି ସରକାରୀ ଉଦ୍ୟୋଗକୁ ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ମିଶ୍ରଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ଜମିରେ ପଚିଲା ଟମାଟୋ

■ ବାହାରକୁ ଗଲେ ମିଳୁନି ପ୍ରାପ୍ୟ

■ ୪କିଲୋ ବାଇଗଣକୁ ୧୦ଟଙ୍କା

ନୟାଗଡ ଅଫିସ, ୧୨।୪

ଲକ୍‌ଡାଉନ ସମୟରେ କୁଆପଥର ମାଡ଼ ନୟାଗଡ଼ ଜିଲା ଶରଣକୁଳ ନିକଟ ଗୋଡିପଲ୍ଲୀର ପନିପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଲକ୍‌ଡାଉନ ଯୋଗୁ ଏଠାକାର ଚାଷୀ କ୍ଷତି ସହିଚାଲିଥିଲେ। ଶନିବାର ବର୍ଷା ସାଙ୍ଗକୁ କୁଆପଥର ମାଡ ସେମାନଙ୍କ ଟମାଟୋ ଫସଲକୁ ନଷ୍ଟ କରିଦେଇଛି। ଜମିରେ ଟମାଟୋ ପଚିବା ଆରମ୍ଭ ହୋଇଛି। କିଛି ଆୟ ହେବା ଆଶାରେ ଚାଷୀ କିଲୋ ୫ରୁ ୮ଟଙ୍କାରେ ବିକ୍ରିକରିଦେଉଛି। ସେହିପରି ବାଇଗଣ ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ୪କିଲୋ ବାଇଗଣ ୧୦ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ପରିବା କ୍ଷେତ୍ରରେ ସମାନ ଅବସ୍ଥା। ଚାଷୀ କ'ଣ କରିବ, କିପରି ଚଳିବ ସେହି ଚିନ୍ତାରେ ପଡିଛି। ଏ ନେଇ ଗୋଡିପଲ୍ଲୀର ଚାଷୀ ବସନ୍ତ କୁମାର ସାହୁ କୁହନ୍ତି, କରୋନା ଯୋଗୁ ପନିପରିବା ଫସଲ ବାହାରକୁ ଯାଉ ନାହିଁ। ନୟାଗଡ ଆର୍‌ଏମ୍‌ସି ୟାର୍ଡକୁ ଗଲେ ବିକ୍ରି ହେଉନି। ଯେଉଁ ଦରରେ ବିକ୍ରି କରାଯାଉଛି ସେଥିରେ ମୂଳ ପଇସା ବାହାରୁନି। କ୍ଷତି ଯୋଗୁ ଆଉ ପରିବା ନେଇ ନୟାଗଡ ଯାଉ ନାହୁଁ। ହୋଲ୍‌ସେଲର କହୁଛନ୍ତି ନୟାଗଡ ନ ଆସି ପନିପରିବା ପଠାଅ। ହେଲେ ପଠାଇଲେ ଟଙ୍କା ମିଳୁନି। ମୁଁ ୫୦ ଟ୍ରେ ଟମାଟୋ ପଠାଇଥିଲି, ଏଯାବତ୍ ଟଙ୍କା ପାଇଲି ନାହିଁ। ସ୍ଥାନୀୟ ଲୋକେ ପରିବା କିଣୁଥିଲେ ବି ତାହା ମାଗଣା ଦେବା ପରି। ତଥାପି କିଛି କିଛି ରୋଜଗାର ହେଉଥିଲା। ହେଲେ ଶନିବାର ବର୍ଷା ଓ କୁଆପଥର ମାଡ ପରିବା ଚାଷକୁ କ୍ଷତି ପହଞ୍ଚାଇଛି। ଚାଷୀ କୁମର ପଣ୍ଡା କୁହନ୍ତି, ମୋର ୩ମାଣ ଜମିରେ ଟମାଟୋ ଫସଲ ପଚୁଛି। ଯଦି ଭଲ ଟମାଟୋ ବିକ୍ରି ହୋଇପାରନ୍ତା କିଛି କିଛି ଟଙ୍କା ପାଇପାରନ୍ତି। ହେଲେ ଜମିରୁ ଟମାଟୋ ତୋଳି ପାରୁନି। କାରଣ ବ୍ୟବସାୟୀ କେହି ନେଉନାହାନ୍ତି। ପ୍ରକାଶ ସାହୁ କୁହନ୍ତି, ମୁଁ ୮ମାଣ ଜମିରେ ଟମାଟୋ ଓ ବାଇଗଣ ଚାଷ କରିଛି। ହେଲେ ବିକ୍ରି ନ ଥିବାରୁ ଜମିରେ ଏହା ପଚୁଛି। ସରକାର ଆମ ପାଇଁ କ୍ଷତିର ମୂଲ୍ୟ ଦେଉନାହାନ୍ତି। ଆମେ କିପରି ଚଳିବୁ ସେହି ଚିନ୍ତାରେ ଅଛୁ।



ଟମାଟୋ କ୍ଷେତରେ ଚାଷୀ।

### ୩ମାସ ପାଇଁ ଅତିରିକ୍ତ ଚାଉଳ ବଣ୍ଟନ ନିର୍ଦ୍ଦେଶ

## ଉପକୃତ ହେବେ ୭୭୪୬ ପରିବାର

**ଯାଜପୁର ଅଫିସ, ୧୨।୪:** କରୋନା ମୁକାବିଲା ପରିପ୍ରେକ୍ଷୀରେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଏପ୍ରିଲ, ମେ' ଓ ଜୁନ ମାସ ପାଇଁ ଅତିରିକ୍ତ ଚାଉଳ ବଣ୍ଟନ ନିମନ୍ତେ ନିର୍ଦ୍ଦେଶ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମସଚିବ ଏମ.କ୍ୟୁ. ହକ ହିତାଧିକାରୀଙ୍କୁ ମାଗଣାରେ ୫ କି.ଗ୍ରା. ଲେଖାଏଁ ଚାଉଳ ବଣ୍ଟନ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲାର ୭୧୩ ଏଫପିଏସ(ଫେୟାର ପ୍ରାଇସ ସପ୍)ରେ ୭୭୪୬ ପରିବାରର ୨୨,୬୨୮ଜଣଙ୍କ ପାଇଁ ୩୩୯୪.୨୦ କୁଇଣ୍ଟାଲ ଚାଉଳ ଆବଣ୍ଟିତ ହୋଇଛି। ଯେଉଁ ଜିଲା ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୦% ଚାଉଳ ଉଠାଇଛନ୍ତି, ସେମାନେ ପିଏମଜିକେଏୱାଇ ଚାଉଳ ଉଠାଇ ହିତାଧିକାରୀଙ୍କୁ ବଣ୍ଟନ କରିବେ। ପ୍ରତ୍ୟେକ ଦିନ ବଣ୍ଟନ ତଥ୍ୟ ଏଫପିଏସ ସର୍ଭରରେ ଦର୍ଶାଯିବ। ୨୦୨୦–୨୧ ପର୍ଯ୍ୟନ୍ତ ଯେଉଁ ଏଫପିଏସ୍ ନବୀକରଣ କିମ୍ବା ଲାଇସେନ୍ସ ପାଇଥିବେ ସେମାନଙ୍କୁ ଉପରୋକ୍ତ ଚାଉଳ ଦିଆଯିବ ବୋଲି ପତ୍ରରେ ଦର୍ଶାଯାଇଛି।

## ବ୍ୟବହାରରେ ପରିବର୍ତ୍ତନ ଆଣେ ଭିଡିଓଗେମ୍‌



ଆଜିକାଲି ଭିଡିଓଗେମ୍‌ ଖେଳିବା କେବଳ ଛୋଟ ପିଲା ନୁହନ୍ତି, ଯୁବପିଢ଼ୀ ମଧ୍ୟ ଏହା ସହ ନିଜକୁ ନିୟୋଜିତ ରଖୁଛନ୍ତି। ତେବେ ଏହି ଭିଡିଓଗେମ୍‌ର ସୁପ୍ରଭାବ ବ୍ୟବହାର ଉପରେ ପଡିଥାଏ ବୋଲି ଜଣାପଡିଛି। 'ବ୍ୟବହାର ଓ ଭିଡିଓଗେମ୍‌' ଶୀର୍ଷକ ବିଷୟ ଉପରେ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ କରିଥିବା ସର୍ଭେରୁ ଏକଥା ଜଣାପଡିଛି। ଅଧିକାଂଶ ସମୟ ଭିଡିଓଗେମ୍‌ ଖେଳୁଥିବା ପିଲାଙ୍କର ବ୍ୟବହାର କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଯେଉଁ ପିଲାମାନେ ଥଣ୍ଡା ମିଜାସରେ ଭିଡିଓଗେମ ଖେଳୁଥିଲେ ସେମାନଙ୍କର ବ୍ୟବହାର ଶାନ୍ତ ଥିବା ଜଣାପଡିଥିଲା।


## କଥାବାର୍ତ୍ତା ଶୈଳୀ ଓ ସକାରାତ୍ମକ ମାନସିକତା

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିପାରିବା ସହଜ ନୁହେଁ। ତଥାପି କେତେକ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ



ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚୀତ କରାଯାଇଛି। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଏହାଦ୍ୱାରା ମାନସିକତା ସକାରାତ୍ମକ ରହିବ ବୋଲି ସେମାନଙ୍କର ହୃଦବୋଧ ହୋଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀରେ ନମ୍ରତା ଦେଖିବାକୁ ମିଳିଥିଲା ସେମାନଙ୍କର ମାନସିକତା ସକାରାତ୍ମକ ରହିଥିଲା।

# କରୋନା ଭାଇରସ୍‌





ଡା. ବିଶ୍ୱମ୍ଭର ନାୟକ

**ବର୍ତ୍ତମାନ ସମଗ୍ର ବିଶ୍ୱରେ କରୋନା ଭାଇରସ୍‌ ନିଜର କାୟା ବିସ୍ତାର କରିଛି। ଏହି ମହାମାରୀ ଲକ୍ଷାଧିକ ଲୋକଙ୍କର ଜୀବନ ନେଇସାରିଲାଣି। ଏପରି ଏକ ଭୟାନକ ଭାଇରସ୍‌ ତଥା ଏହାଠାରୁ ନିଜକୁ ଦୂରେଇ ରଖିବା ସମ୍ପର୍କରେ କେତୋଟି କଥା...**



କରୋନା ଭାଇରସ୍‌ର ଜୀବନ ନ ଥାଏ।
−ଏହା ଗୋଟିଏ ହୋଷ୍ଟ ବା ମାଧ୍ୟମ ଦ୍ୱାରା ବ୍ୟାପିଥାଏ।
− ପୃଥିବୀରେ ପ୍ରାୟ ୧୬ ରୁ ୧୮ ଲକ୍ଷ ପର୍ଯ୍ୟନ୍ତ ଭାଇରସ୍‌ ଅଛନ୍ତି ବୋଲି ଧରାଯାଏ।
−ଏଗୁଡିକ ଭିତରୁ ବୈଜ୍ଞାନିକମାନେ ଜାଣିଥିବା ଭାଇରସ୍‌ ମାତ୍ର ଛ କି ଆଠ ହଜାର।
−ଭାଇରସ୍‌ ପ୍ରାୟ ଚାରିପ୍ରକାର ଆକୃତିର ହୋଇଥାଏ।
− ଆଠଟି କୋଣଥିବା, ଗୋଲାକାର, ରଡ ପରି ସିଧା ଏବଂ ଲାଞ୍ଜଥିବା ଛତାମୁଣ୍ଡିଆ।
−କରୋନାର ଆକାର ଗୋଲାକୃତି।
− ଭାଇରସ୍‌ର ଆକାର ଆମ ଆଖି ବାଳର ଦଶହଜାର ଭାଗରୁ ଭାଗେ।
−ପ୍ରତିଟି ଭାଇରସ୍‌ ଡିଏନଏ ବା ଆରଏନଏରୁ ସୃଷ୍ଟ।
−ଏହି ଭାଇରସ୍‌ ବାହାରେ ଏକ ପ୍ରୋଟିନର କାନ୍ଥ ଥାଏ।
−ଭାଇରସ୍‌ ସୃଷ୍ଟି ଆରମ୍ଭରୁ ରହିଆସିଛି ଓ ଏହା ବ୍ୟାକ୍ଟେରିଆଠାରୁ ବି ଛୋଟ ଏବଂ ପୁରାତନ।
−ବ୍ୟାକ୍ଟେରିଆ ଏକ କୋଷୀୟ ଏବଂ ଜୀବନ୍ତ।
−ଭାଇରସ୍‌ ଉଭୟ ଭଲ ଓ ମନ୍ଦ ବ୍ୟାକ୍ଟେରିଆକୁ ମାରିଦେଇପାରେ।
−ଭାଇରସ କୌଣସି ମାଧ୍ୟମରେ ବା ସିଧାସଳଖ ମଣିଷ ବା ପ୍ରାଣୀର କୋଷରେ ପ୍ରବେଶ କରେ।
−କରୋନା କାଶ, ଛିଙ୍କ ବା ଖଙ୍କାର, ସିଙ୍ଘାଣି, ଛେପ ମାଧ୍ୟମରେ କୌଣସି ସ୍ଥାନ, ପାତ୍ର, ଜିନିଷ ଦ୍ୱାରା ଅନ୍ୟକୁ ସଂକ୍ରମିତ ହୋଇପାରେ।
−ଏସବୁରେ ଆସୁଥିବା ଜଳୀୟ କଣିକାରେ ଭାଇରସ ଥାଏ।
−ଏହା ବାୟୁ ବା ପାଣି ଦ୍ୱାରା ବ୍ୟାପେ ନାହିଁ।
−ଏହା କେବଳ ସଂକ୍ରମିତ ହୋଇଥାଏ ଅର୍ଥାତ୍‌ କରୋନା ରୋଗୀଠାରୁ ହିଁ ଏହା ସୁସ୍ଥ ମଣିଷକୁ ବ୍ୟାପିଥାଏ।
−ଏହା ମଣିଷର କୋଷିକାକୁ ଆକ୍ରାନ୍ତ କରେ ଓ ଆମର ଜୀବନ ବୋଲି କୁହାଯାଉଥିବା ଏହି କୋଷିକା ବା ସେଲ ନିଜ ଅଜାଣତରେ କରୋନା ଭିତରେ ଥିବା ଡିଏନଏ ବା ଆରଏନଏ ଦ୍ୱାରା ଲକ୍ଷଲକ୍ଷ କରୋନା ଭାଇରସକୁ ଜନ୍ମ ଦେଇଥାଏ।
−ଅଧିକ କରୋନା ହେଲେ କୋଷଟି ଫାଟିଯାଏ ଏବଂ ଲକ୍ଷଲକ୍ଷ ସଂଖ୍ୟାରେ ଭାଇରସ୍‌ ଅନ୍ୟ କୋଷିକାଗୁଡିକୁ ଅଧିକାର କରିନେଇ ନିଜର ବଂଶ ବିସ୍ତାର କରନ୍ତି।
−ଆମ ଦେହରେ ଥିବା ପ୍ରାକୃତିକ ପ୍ରତିରୋଧକ ଶକ୍ତି ଯେତେବେଳେ ଏହିମାନଙ୍କ ପାଖରେ ହାରିଯାଏ, ସେତେବେଳେ ବ୍ୟକ୍ତି ଔଷଧ ନେବାକୁ ବାଧ୍ୟ ହୁଏ।
−ଏହା ମଣିଷର ଆଖି, ନାକ, ପାଟି ଓ କାନ ଦେଇ ଭିତରକୁ ପ୍ରବେଶ କରିପାରେ।
−କରୋନା ପାଇଁ ତିନିପ୍ରକାର ପରୀକ୍ଷା କରାଯାଏ। ଗଳା ବା ନାକରୁ ଡ୍ରପଲେଟ ପରୀକ୍ଷା, ରକ୍ତ ପରୀକ୍ଷା ଓ ମଳ ପରୀକ୍ଷା।
−ଏହା ମାଛ ବା ମାଂସ ଦ୍ୱାରା ବ୍ୟାପେନାହିଁ।
−କରୋନା ଭାଇରସର ପ୍ରୋଟିନ ସେଲଟି ଡିଟରଜେଣ୍ଟ, ସାନିଟାଇଜର ଓ ଗରମ ପାଣି ଦ୍ୱାରା ନଷ୍ଟ ହୋଇଥାଏ।
−କରୋନାର ଲକ୍ଷଣ ସାତରୁ ଦଶଦିନ ଭିତରେ ପ୍ରକାଶ ପାଇଥାଏ।
−ଲକ୍ଷଣ ପ୍ରକାଶ ଆଗରୁ କରୋନା ରୋଗୀ ଅନ୍ୟକୁ ସଂକ୍ରମିତ କରିପାରେ।
−ଏହା ମଣିଷର ଫୁସଫୁସକୁ ଟାର୍ଗେଟ କରିଥାଏ ଓ ପରେ ଏହା ହାର୍ଟ, କିଡନୀକୁ ସଂକ୍ରମିତ ହୋଇଥାଏ।
−୬୦ ବର୍ଷରୁ ଉର୍ଦ୍ଧ୍ୱ, ଦୁର୍ବଳ ଛୋଟପିଲା ଏବଂ ଡାଇବେଟିସ, ହାର୍ଟ ଓ ବ୍ଲଡପ୍ରେସର ରୋଗୀମାନଙ୍କୁ ଏହା ଶୀଘ୍ର ସଂକ୍ରମିତ ହୋଇଥାଏ। ପୋଷା ପ୍ରାଣୀଙ୍କ ଦ୍ୱାରା ଏହା ବ୍ୟାପିବାର ସେଭଳି କୌଣସି ପ୍ରମାଣନାହିଁ।
−କରୋନାର ସଠିକ ଔଷଧ ନାହିଁ ଯଦିଓ ଏଥିପାଇଁ କିଛି ସାଧାରଣ ଆଣ୍ଟିବାୟୋଟିକ୍ସ, କ୍ଲୋରୋକୁଇନ ଓ ଆଣ୍ଟି ଏଡ୍ସ ରୋଗର ଔଷଧ ଦିଆଯାଇଥାଏ। ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରନ୍ତୁନାହିଁ।
−କରୋନା ସାଧାରଣତଃ ୧୪ ଦିନ ଭିତରେ ଆପେଆପେ ଠିକ ହୋଇଯାଉଥିବା ରୋଗ। ଏହି ବର୍ଗରେ ଶତକଡା ୮୦ ଭାଗ ରୋଗୀ ମୋଡେରେଟ୍‌ ସ୍ତରର। ଆଉ କୋଡିଏ ଶତକଡାରୁ ମାତ୍ର ୩ କୁ ୪ ପ୍ରତିଶ କ୍ରିଟିକାଲ କେସକୁ ଛାଡିଦେଲେ ଅନ୍ୟସମସ୍ତେ ମୋଡେରେଟ ସ୍ତରର। ଏମାନେ ଭଲ ହୋଇଯାଆନ୍ତି। କ୍ରିଟିକାଲମାନଙ୍କ ଭିତରୁ ବହୁ କମ ଲୋକ ମୃତ୍ୟୁବରଣ କରନ୍ତି। ଏଣୁ ଏଥିପାଇଁ ଛାନିଆ ହୁଅନ୍ତୁ ନାହିଁ।
−କରୋନା ରୋଗୀକୁ ଘୃଣା କି ସନ୍ଦେହରେ ଦେଖନ୍ତୁ ନାହିଁ। କାହା ପାଖରେ ଜ୍ୱର, ଥଣ୍ଡା, କାଶ, ଛିଙ୍କ ଓ ଶ୍ୱାସପ୍ରକ୍ରିୟାରେ ସମସ୍ୟା ଦେଖାଦେଲେ ତୁରନ୍ତ ୧୦୪ ଡାଏଲ କରି ସରକାରଙ୍କୁ ଜଣାନ୍ତୁ।
−ଗୁଜବର ଶୀକାର ହୁଅନ୍ତୁ ନାହିଁ।
−ସଙ୍ଗରୋଧକୁ କଠୋରତାର ସହିତ ପାଳନ କରନ୍ତୁ।



−ଗରିବ ଓ ଖଟିଖିଆମାନଙ୍କୁ ସହଯୋଗ କରନ୍ତୁ।
−ବୁଲା ପ୍ରାଣୀ(ପଶୁପକ୍ଷୀମାନ)ଙ୍କ ପାଇଁ ଖାଦ୍ୟ ଯୋଗାନ୍ତୁ।
− ସାଧାରଣ ମାସ୍କ ମିଳୁ ନ ଥିଲେ ରୁମାଲ ଭିତରେ ଟିସ୍ୟୁ ପେପର ରଖି ବ୍ୟବହାର କରନ୍ତୁ। ପ୍ରତି କୋଡିଏ ମିନିଟରେ ହାତ, ମୁହଁ ସାବୁନରେ ଧୁଅନ୍ତୁ।
−ନିଜର ଇମ୍ୟୁନିଟି ବା ରୋଗପ୍ରତିରୋଧକ ଶକ୍ତି ବଢେଇବା ପାଇଁ ଉଷୁମ ପାଣିରେ ଲେମ୍ବୁ ମିଶେଇ ଦିନକୁ ତିନିଥର ପିଅନ୍ତୁ। ତୁଳସୀ ପତ୍ର ଖାଆନ୍ତୁ।
−ଘରେ ରୁହନ୍ତୁ ଓ ସୁସ୍ଥ ରୁହନ୍ତୁ। ବାହାରକୁ ଯାଉଥିଲେ ଏକୁଟିଆ ଯାଆନ୍ତୁ ଓ ନିଜନିଜ ଭିତରେ ଏକରୁ ଦେଢମିଟର ଦୂରତ୍ୱ ରଖନ୍ତୁ। କାଶିବା, ଛିଙ୍କିଲା ବେଳେ ରୁମାଲ ବା ଟିସ୍ୟୁ ପେପର ବ୍ୟବହାର କରନ୍ତୁ ଓ ପରେ ଟିସ୍ୟୁ ପେପରକୁ ଘୋଡଣିଥିବା ଡଷ୍ଟବିନରେ ପକାନ୍ତୁ ଆଉ ରୁମାଲକୁ ସାବୁନରେ ଧୋଇ ୬ଘଣ୍ଟାରୁ ଅଧିକ ସମୟ ଖରାରେ ଶୁଖାନ୍ତୁ।

*−ନୂଆବାଜା, ଅଁଳୋ, ନିଆଳି, କଟକ*
*ମୋ : ୭୬୮୪୯୮୮୯୯୪*

## ଆବେଲ୍‌ ପୁରସ୍କାର-୨୦୨୦

**''ଚଳିତବର୍ଷ ପାଇଁ ଦୁଇ ଜଣ ଗଣିତଜ୍ଞଙ୍କୁ ଆବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେ ଦୁଇଜଣ ହେଉଛନ୍ତି ଇସ୍ରାଏଲର ଜେରୁଜେଲମ ବିଶ୍ୱବିଦ୍ୟାଳୟର ହିଲେନ୍‌ ଫର୍ଷ୍ଟେନବର୍ଗ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ୟାଲେ ବିଶ୍ୱବିଦ୍ୟାଳୟର ଗ୍ରୋଗରୀ ମାର୍ଗୁଲିସ୍‌। ଗଣିତରେ ଗ୍ରୁପ୍‌ ତତ୍ତ୍ୱ, ସଂଖ୍ୟା ତତ୍ତ୍ୱ ଓ ସଂଯୋଗ ଗଣିତରେ ସମ୍ଭାବନା ତତ୍ତ୍ୱ (ପ୍ରୋବାବିଲିଟି) ଓ ଗଣିତଜ୍ଞାନ (ଡାଇମିକ୍ସ)ରୁ ବିଭିନ୍ନ ପଦ୍ଧତିରେ ବାହାର କରି ପ୍ରାୟୋଗିକ ଗଣିତରେ ବ୍ୟବହାରର ମୂଳଦୁଆ ପକାଇଥିବାରୁ ଏହି ଦୁଇ ଜଣଙ୍କୁ ଚଳିତବର୍ଷର ଆବେଲ ପୁରସ୍କାର ମିଳିଛି।''**



ଇଂ. ମାୟାଧର ସ୍ୱାଇଁ

ବିଜ୍ଞାନରେ ନୋବେଲ ପୁରସ୍କାର ଭଳି ଆବେଲ ପୁରସ୍କାର ହେଉଛି ଗଣିତରେ ଗୋଟିଏ ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର। ନରୱେ ସରକାର ୨୦୦୨ରେ ଏହି ପୁରସ୍କାର ସୃଷ୍ଟି କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଗଣିତରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିଙ୍କୁ ଏହା ପ୍ରଦାନ କରାଯାଇଥାଏ। ନରୱେ ବିଜ୍ଞାନ ଓ ସାହିତ୍ୟ ଏକାଡେମୀ ପୁରସ୍କୃତ ବ୍ୟକ୍ତିଙ୍କୁ ବାଛି ଥାଆନ୍ତି। ଏଥିପାଇଁ ପାଞ୍ଚ ଜଣ ବିଶିଷ୍ଟ ଅନ୍ତର୍ଜାତୀୟ ଗଣିତଜ୍ଞଙ୍କୁ ନେଇ ଏକ କମିଟି ଗଠନ କରାଯାଇଥାଏ। ୨୦୦୩ରୁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଇ ଆସୁଅଛି। ପୁରସ୍କାର ରାଶିର ପରିମାଣ ହେଉଛି ଏକ ନିୟୁତ ଡଲାର। ନୋବେଲ ପୁରସ୍କାର ଅର୍ଥ ସହ ଏହା ପ୍ରାୟ ସମାନ। ପୁରସ୍କାର ପାଇଁ ନରୱେ ସରକାର ୨୩ ନିୟୁତ ଆମେରିକୀୟ ଡଲାର ଦେଇ ଏକ ପାଣ୍ଠି ସୃଷ୍ଟି କରିଛନ୍ତି। ନରୱେ ରାଜା ପ୍ରତିବର୍ଷ ଏହି ପୁରସ୍କାର ରାଶି ପ୍ରଦାନ କରିଥାଆନ୍ତି। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲସ୍‌ ହେନେରିକ୍‌ ଆବେଲଙ୍କ ନାମାନୁସାରେ ଏହି ପୁରସ୍କାରର ନାମକରଣ ହୋଇଛି। ସୂଚନାଯୋଗ୍ୟ ଯେ ଆବେଲ୍‌ ଜୀବନର ସ୍ୱଳ୍ପକାଳ ମଧ୍ୟରେ ଗଣିତର ଅନେକ ନୂତନ ତତ୍ତ୍ୱ ଆବିଷ୍କାର କରିଥିଲେ। ସ୍କୁଲରେ ପଢୁଥିବା ସମୟରେ ସେ ପ୍ରମାଣ କରିଥିଲେ ଯେ, ପଞ୍ଚଘାତୀ ସମୀକରଣ ବୀଜଗାଣିତିକ ସମାଧାନ ଅସମ୍ଭବ। ସେ ଫଳନ ତତ୍ତ୍ୱ ଉପରେ କେତୋଟି ଆବିଷ୍କାର କରିଥିଲେ। ସେଗୁଡିକ ମଧ୍ୟରେ ଉପବୃତ୍ତୀୟ ଫଳନ, ହାଇପରବୋଲୀୟ ଫଳନ ଏବଂ ଗୋଟିଏ ନୂଆ ପ୍ରକାର ଫଳକ ଯାହା ପରେ ଆବେଲୀୟ ଫଳନ ଭାବରେ ଜଣାଗଲା। କିନ୍ତୁ ଦୁଃଖର ବିଷୟ ଯେ ଜୀବଦଶାରେ ତାଙ୍କୁ କେହି ଗୁରୁତ୍ୱ ଦେଇ ନ ଥିଲେ। ୧୮୨୯ରେ ମାତ୍ର ୨୬ ବର୍ଷ ବୟସରେ ମୃତ୍ୟୁବରଣ କରିବା ପରେ ତାଙ୍କ ଗାଣିତିକ କୃତିଗୁଡିକ ଖ୍ୟାତି ଲାଭ କଲା ଏବଂ ସେ ତାଙ୍କୁ ଜଣେ ବିଶିଷ୍ଟ ଗଣିତଜ୍ଞ ଭାବରେ ସମସ୍ତେ ଜାଣିଲେ।

ଚଳିତବର୍ଷ ପାଇଁ ଦୁଇ ଜଣ ଗଣିତଜ୍ଞଙ୍କୁ ଆବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେ ଦୁଇଜଣ ହେଉଛନ୍ତି ଇସ୍ରାଏଲର ଜେରୁଜେଲମ ବିଶ୍ୱବିଦ୍ୟାଳୟର ହିଲେନ୍‌ ଫର୍ଷ୍ଟେନବର୍ଗ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ୟାଲେ ବିଶ୍ୱବିଦ୍ୟାଳୟର ଗ୍ରୋଗରୀ ମାର୍ଗୁଲିସ୍‌। ଗଣିତରେ ଗ୍ରୁପ୍‌ ତତ୍ତ୍ୱ, ସଂଖ୍ୟା ତତ୍ତ୍ୱ ଓ ସଂଯୋଗ ଗଣିତରେ ସମ୍ଭାବନା ତତ୍ତ୍ୱ (ପ୍ରୋବାବିଲିଟି) ଓ ଗଣିତଜ୍ଞାନ (ଡାଇମିକ୍ସ)ରୁ ବିଭିନ୍ନ ପଦ୍ଧତିରେ ବାହାର କରି ପ୍ରାୟୋଗିକ ଗଣିତରେ ବ୍ୟବହାରର ମୂଳଦୁଆ ପକାଇଥିବାରୁ ଏହି ଦୁଇ ଜଣଙ୍କୁ ଚଳିତବର୍ଷର ଆବେଲ ପୁରସ୍କାର ମିଳିଛି।

ଫର୍ଷ୍ଟେନବର୍ଗ ଜର୍ମାନୀର ବର୍ଲିନଠାରେ ୧୯୩୫ରେ ଗୋଟିଏ ଇହୁଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ପୂର୍ବରୁ ତାଙ୍କ ପରିବାର ଯୁକ୍ତରାଷ୍ଟ୍ର ଆମେରିକା ପଳାଇଲେ। କିନ୍ତୁ ଦୁର୍ଭାଗ୍ୟ, ଏହି ଯାତ୍ରାକାଳରେ ତାଙ୍କ ପିତାଙ୍କର ମୃତ୍ୟୁ ହେଲା ଏବଂ ସେ ନିଜ ଭଉଣୀ ସହ ମାତାଙ୍କ ନିକଟରେ ନ୍ୟୁୟର୍କରେ ରହିଲେ। ସେ ୧୯୫୫ରେ ୟେଶିଭା ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକୋତ୍ତର ଓ ୧୯୫୮ରେ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି. ଡିଗ୍ରୀ ହାସଲ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର କେତୋଟି ବିଶ୍ୱବିଦ୍ୟାଳୟରେ ଗଣିତ ଅଧ୍ୟାପନା କରିବା ପରେ ସେ ୧୯୬୫ରେ ଇସ୍ରାଏଲର ଜେରୁଜେଲମସ୍ଥିତ ହେବ୍ରୁ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ। ୨୦୦୩ରେ ସେଠାରୁ ଅବସର ଗ୍ରହଣ କଲେ। ତାଙ୍କ ଉଦ୍ୟମରେ ଇସ୍ରାଏଲ ଗଣିତରେ ବିଶ୍ୱର କେନ୍ଦ୍ରସ୍ଥଳୀ ପାଲଟିଥିଲା। ସଂଖ୍ୟା ତତ୍ତ୍ୱ, ସମ୍ଭାବନା ତତ୍ତ୍ୱ, ଏରୋଗୋଡିକ ତତ୍ତ୍ୱ ଏବଂ ଲି' ଗ୍ରୁପ୍‌ ଆଦିରେ ତାଙ୍କର ବିଶେଷଭାବରେ କୃତୀ ଅଛି। ସେ ଇସ୍ରାଏଲ ପୁରସ୍କାର ଏବଂ 'ଉଲଫ ପୁରସ୍କାର' ମଧ୍ୟ ପାଇଛନ୍ତି।

ଗ୍ରେଗୋରୀ ମାର୍ଗୁଲିସ୍‌ ୧୯୪୬ରେ ମସ୍କୋଠାରେ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ୩୨ବର୍ଷ ବୟସରେ ଗଣିତର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର 'ଫିଲଡିସ୍‌ ପଦକ' ଲାଭ କରିଥିଲେ। କିନ୍ତୁ ଫିନଲାଣ୍ଡ ରାଜଧାନୀ ହେଲସିଙ୍କିଠାରେ ଏହି ପଦକ ଗ୍ରହଣ ପାଇଁ ସୋଭିଏଟ୍‌ କର୍ତ୍ତୃପକ୍ଷ ତାଙ୍କୁ ଅନୁମତି ଦେଇ ନ ଥିଲେ। ସେ ସୋଭିଏଟ୍‌ ୟୁନିୟନର ଜଣେ ଶ୍ରେଷ୍ଠ ଗଣିତଜ୍ଞ ହୋଇଥିଲେ ସୁଦ୍ଧା ଇହୁଦୀ ବଂଶଧର ହୋଇଥିବାରୁ ସେ ମସ୍କୋ ବିଶ୍ୱବିଦ୍ୟାଳୟରେ ଚାକିରି ପାଇ ପାରିଲେ ନାହିଁ। ଏହାପରେ ସେ 'ଇନ୍‌ଷ୍ଟିଚ୍ୟୁଟ୍‌ ଫର ପ୍ରୋବ୍ଲେମସ ଇନ୍‌ ଇନଫରମେସନ ଟ୍ରାନ୍ସମିସନ'ରେ କାର୍ଯ୍ୟ କଲେ। ସେ ୧୯୯୧ରେ ଯୁକ୍ତରାଷ୍ଟ୍ର ଆମେରିକା ଯାଇ ୟାଲେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କଲେ ଏବଂ ସେଠାରେ ଏ ପର୍ଯ୍ୟନ୍ତ କାର୍ଯ୍ୟରତ ଅଛନ୍ତି। ସେ 'ଲୋବାଚେଭସ୍କି ପୁରସ୍କାର' ଏବଂ 'ଉଲଫ' ପୁରସ୍କାର ମଧ୍ୟ ପାଇଛନ୍ତି। ଆବେଲ ପୁରସ୍କାର ପ୍ରଦାନ ନରୱେ ରାଜଧାନୀ ଓସ୍ଲୋଠାରେ ଏହି ବର୍ଷ ମେ' ୧୯ରେ ହେବା ପାଇଁ ଠିକ୍‌ ହୋଇଥିଲା। କିନ୍ତୁ ବିଶ୍ୱବ୍ୟାପୀ କରୋନା ଭାଇରସ ସଂକ୍ରମଣ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଛି।




ଗ୍ରୋଗରୀ ମାର୍ଗୁଲିସ୍‌



ହିଲେନ୍‌ ଫର୍ଷ୍ଟେନବର୍ଗ

*−ପ୍ଲଟ ନଂ−୭୦, ଲକ୍ଷ୍ମୀବିହାର ଫେଜ୍‌−୧, ଭୁବନେଶ୍ୱର, ମୋ : ୯୪୩୮୬୯୩୭୨୪*



## ସୁସ୍ଥ ରହିବା ଅନ୍ତରାଳେ..

ବର୍ତ୍ତମାନ ଅନେକ ନିଜର ଦୈନନ୍ଦିନ କାମକୁ ନେଇ ବ୍ୟସ୍ତ। ପରିଦିନ କେତେବେଳେ କ'ଣ କରିବେ ତାହା ପୂର୍ବ ଦିନ ରାତିରେ ହିଁ ନିର୍ଦ୍ଧାରିତ କରନ୍ତୁ। ଯୋଜନାବଦ୍ଧ ଭାବରେ କାମ କଲେ ତାହା ବୋଝ ପରି ଲାଗି ନ ଥାଏ। ନିଜକୁ ସୁସ୍ଥ ରଖିବା ପାଇଁ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଏହି ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କଲେ ତାହା ଆହୁରି ଭଲ। କୌଣସି କଥାକୁ ନେଇ ଚିନ୍ତିତ ହେବା ଅପେକ୍ଷା ତାହାର ସମାଧାନର ବାଟ ଖୋଜନ୍ତୁ।



−ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।
−ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ।
−ଏକାଥରେ ପେଟପୁରା ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି କିଛି ଖାଦ୍ୟ ଖାଆନ୍ତୁ।
−ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। କାରଣ ଅଧିକାଂଶ ସମୟ ଗରିଷ୍ଠ ଖାଦ୍ୟ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।
−ସକାଳ ଜଳଖିଆରେ ତଟକା ଫଳମୂଳ ଏବଂ ଜୁସ୍‌ ସାମିଲ କରନ୍ତୁ।
−ସକାଳେ ଏବଂ ରାତ୍ର ଭୋଜନ କରିବା ପରେ ଦିନକୁ ଦୁଇ ଥର ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
−ରାତ୍ର ଭୋଜନରେ ସବୁବେଳେ ହାଲକା ଖାଦ୍ୟ ଖାଆନ୍ତୁ।
−ରାତିରେ ଖାଇବା ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ।
−ରାତ୍ରଭୋଜନ କରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ।

### ସ୍ୱାସ୍ଥ୍ୟ ସୂଚନା



# ‘ଜୀବନ ହଠାତ୍ ବନ୍ଦ ହୋଇଯିବା ପରି ଲାଗୁଛି’

ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)



## ପିଲାଦିନର ଅଭିଳାଷ ପେଣ୍ଟିଂକୁ ଉପଭୋଗ କରୁଛନ୍ତି ଭାଲେଣ୍ଟିନା

କରୋନା ଭାଇରସ୍ ସଂକ୍ରମଣ ଜନିତ କାରଣରୁ ଏବେ ଖେଳ ସମ୍ଭବ ନ ଥିବାରୁ ପ୍ରାକ୍ଟିସ ଉପରେ ବିଶେଷ ଫୋକସ କରି ପାରୁନାହାନ୍ତି କ୍ରୀଡ଼ାବିତ୍। ଯେଉଁମାନେ ଘରେ ରହୁଛନ୍ତି ସେମାନେ ପରିବାର ସହିତ ସମୟ ଅତିବାହିତ କରିବାର ସୁଯୋଗ ପାଇଛନ୍ତି। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଯୋଗୁ ପୂର୍ବରୁ ଖେଳ ବ୍ୟତୀତ ଅନ୍ୟ କୌଣସି ଇଚ୍ଛା ପୂରଣ ହୋଇପାରୁ ନ ଥିଲା। ଏବେ କିନ୍ତୁ ସମଗ୍ର ଭାରତ ଲକ୍‌ଡାଉନ୍ ଥିବାରୁ ସାମାନ୍ୟ ଫିଟ୍‌ନେସ ଅଭ୍ୟାସ ସହିତ ସେମାନେ ନିଜର ଅଭିଳାଷକୁ ମଧ୍ୟ ପୂରଣ କରିବାପାଇଁ ସମୟ ପାଉଛନ୍ତି। ଏପରି କିଛି କରି ଏବେ ସମୟ ଅତିବାହିତ କରୁଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେନା ଭାଲେଣ୍ଟିନା। ରାଜ୍ୟର ନିଜେ ଜଣେ ନାମୀ କରାଟେକା ହୋଇଥିବାବେଳେ ‘ଭିଭି କରାଟେ’ ନାମରେ ତାଙ୍କର ଏକ କରାଟେ ସ୍କୁଲ ରହିଛି। ତେଣୁ ନିଜେ ଅଭ୍ୟାସ କରିବା ସହିତ ସ୍କୁଲରେ ପିଲାମାନଙ୍କୁ ଟ୍ରେନିଂ ଦେବାରେ ବ୍ୟସ୍ତ ରହୁଥିବାରୁ ସେ ଘରପ୍ରତି ଏବଂ ନିଜର ଅନ୍ୟ କୌଣସି ଇଚ୍ଛା ପୂରଣପ୍ରତି ସମୟ ଦେଇପାରୁ ନ ଥିଲେ । ପିଲାଦିନେ ତାଙ୍କର ପେଣ୍ଟିଂ ପ୍ରତି ବହୁତ ଆଗ୍ରହ ଥିଲା। ଛୋଟ ବେଳେ ସେ ପେଣ୍ଟିଂ କରୁଥିଲେ ହେଁ ପରେ ବାଧ୍ୟହୋଇ ଦୂରେଇ ରହୁଥିଲେ। ମାତ୍ର ଏବେ ୨୪ ଘଣ୍ଟା ଘର ଭିତରେ ରହୁଥିବାରୁ ନିଜ ପିଲାଦିନର ଅଭିଳାଷ ପୂରଣ ଦିଗରେ ମନୋନିବେଶ କରୁଛନ୍ତି । ଏବେ ପେଣ୍ଟିଂକୁ ମନଭରି ଉପଭୋଗ କରୁଥିବା ପ୍ରକାଶ କରିଛନ୍ତି ।

ଭାଲେନାଙ୍କ କହିବା ଅନୁସାରେ ‘‘ବ୍ୟସ୍ତ ବହୁଳ ସମୟ ମଧ୍ୟରେ ଖେଳ ବ୍ୟତୀତ ଅନ୍ୟ ଯାହା କରିବାକୁ ସମୟ ମିଳୁ ନ ଥିଲା ତାହା ଲକଡାଉନ୍ ଅବସରରେ ମିଳୁଛି। ପିଲାଦିନେ ମୋର ପେଣ୍ଟିଂରେ ବହୁତ ସଉକ ଥିଲା। ମୁଁ ପେଣ୍ଟିଂ ମଧ୍ୟ କରୁଥିଲି । ମାତ୍ର ପରେ କରାଟେ ବ୍ୟତୀତ ଅନ୍ୟ କୌଣସି କଥା ଚିନ୍ତା ମଧ୍ୟ କରି ହେଉ ନ ଥିଲା । କରାଟେ ଯୋଗୁ ମୁଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ସବୁଠି ସମ୍ମାନ ପାଇଛି । ଏବେ କିନ୍ତୁ ନିକଟ ଭବିଷ୍ୟତରେ ଖେଳ ସମ୍ଭବ ହେବାର ନ ଥିବାରୁ ଫିଜିକାଲ ଫିଟ୍‌ନେସ ସହିତ ମୁଁ ଅନ୍ୟ କିଛି କରି ପିଲାଦିନର ଅଭିଳାଷ ପୂରଣ କରୁଛି, ଅର୍ଥାତ୍ ମୁଁ ଏବେ ଅଧିକ ସମୟ ପେଣ୍ଟିଂରେ ହିଁ କଟାଉଛି, ଯାହାକି ମୋତେ ବହୁତ ଆନନ୍ଦ ଦେଉଛି । ଏହା ବ୍ୟତୀତ ପୂର୍ବରୁ ଜଣେ ଅନ୍ତର୍ଜାତୀୟ କରାଟେକା ଭାବରେ ଅଧିକାଂଶ ସମୟ ବ୍ୟସ୍ତରେ କଟୁଥିଲା । ଏବେ କିନ୍ତୁ ଘର ଭିତରେ ରହିବାର ସମୟ । ତେଣୁ ମା’, ବାପା, ଭାଇ ଓ ଭଉଣୀଙ୍କ ସହ ଅଧିକ ସମୟ ବିତୁଛି । ଛୋଟ ବେଳେ ଆମେ ଲୁଡୁ ଏବଂ କ୍ୟାରମ ପରି ଖେଳ ଖେଳୁଥିଲୁ । ମାତ୍ର ପରେ ନିଜ ଖେଳ କରାଟେ ଉପରେ ଫୋକସ କରୁଥିବାରୁ ଏଥିପାଇଁ ସମୟ ପାଉ ନ ଥିଲି । ଏବେ କିନ୍ତୁ କେତେକ ସମୟରେ ଆମେ ସାଥିହୋଇ ଲୁଡୁ ଏବଂ କ୍ୟାରମ ଖେଳୁଛୁ । ଏଥିରୁ ବହୁତ ଆନନ୍ଦ ମଧ୍ୟ ମିଳୁଛି’’ । ଜଣେ ଅନ୍ତର୍ଜାତୀୟ କରାଟେକା ଭାବରେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜକୁ ଫିଟ୍ ରଖିବା ଜରୁରୀ ବୋଲି ମଧ୍ୟ ସ୍ୱୀକାର କରିଛନ୍ତି ଭାଲେନା । ‘‘ଘରେ ୨୪ ଘଣ୍ଟା ରହୁଥିବାରୁ ସ୍ୱାଭାବିକଭାବେ ଭୋକ ବେଶି ହେଉଛି । ତେଣୁ ବେଶି ଖାଇବା ଦ୍ୱାରା ଫିଟ୍‌ନେସ ଭାରସାମ୍ୟ ବିଗିଡ଼ିବା ସମ୍ଭାବନା ରହିଛି । ତେଣୁ ଖାଇବାରେ କଣ୍ଟ୍ରୋଲ କରିବା ସହ ସକାଳେ ୧ ଘଣ୍ଟା ଏବଂ ସନ୍ଧ୍ୟାରେ ୧ ଘଣ୍ଟା ଫିଟ୍‌ନେସ ଟ୍ରେନିଂ କରୁଛି । ଟିଭି ଏବଂ ୟୁଟ୍ୟୁବ୍ ଦେଖି କିଛି ସମୟ ଯୋଗ କରୁଛି । ଛାତ ଉପରେ କିଛି ସମୟ ରନିଂ ଏବଂ ଜଗିଂ କରୁଛି । ମାଂଶପେଶୀର ଶକ୍ତିକୁ ପୂର୍ବପରି ବଜାୟ ରଖିବା ପାଇଁ ଆବଶ୍ୟକ ଷ୍ଟ୍ରେଚ ଟ୍ରେନିଂ କରୁଛି । ଘରେ ଆମର ପାରା ଅଛନ୍ତି । ତାଙ୍କୁ ଖାଦ୍ୟ ଖୁଆଇ ମଧ୍ୟ ଆନନ୍ଦ ଅନୁଭବ କରୁଛି । ସମୟ ପାଇଲେ ଭାଇ ସହିତ ଟିକ୍‌ଟକ୍ ଭିଡିଓ ମଧ୍ୟ କରୁଛି’’ ବୋଲି ଭାଲେଣ୍ଟିନା ପ୍ରକାଶ କରିଛନ୍ତି ।

ଫିଜିକାଲ ଟ୍ରେନିଂ ଏବଂ ପରିବାର ସହିତ ପାରମ୍ପରିକ ଖେଳ ଖେଳିବା ବ୍ୟତୀତ ପ୍ରତିଦିନ ରାଜ୍ୟ ଏବଂ ଦେଶ ବିଦେଶର କରୋନା ସମ୍ପର୍କିତ ଖବର ଉପରେ ମଧ୍ୟ ଧ୍ୟାନଦେବାକୁ ପଡୁଛି । ଆମେ ଚଳଚଞ୍ଚଳ ଜୀବନରୁ ହଠାତ୍ ଅଧିକ ଦିନ ଲକ୍‌ଡାଉନ୍ ହୋଇଯିବାରୁ ବେଳେବେଳେ ଏମିତି ଲାଗୁଛି କି ଜୀବନ ବନ୍ଦ୍ ହୋଇଯାଇଛି । ଗୋଟିଏ ସ୍ଥାନରେ ବାନ୍ଧି ହୋଇ ରହିଯିବାପରି ଅନୁଭବ ହେଉଛି। ତେବେ ଜଣେ ଅନ୍ତର୍ଜାତୀୟ ଆଥଲେଟ୍ ଭାବେ ମୁଁ ଏତିକି କହିବାକୁ ଚାହିଁବି ଯେ ଏବେ ଘରେ ରହିବାର ସମୟ । ଜୀବନ ମରଣ ସମସ୍ୟାର କଥା ହୋଇଥିବାରୁ ଏହା ବ୍ୟତୀତ ଅନ୍ୟ ଉପାୟ ହିଁ ନାହିଁ। ତେଣୁ ସମସ୍ତେ ଘରେ ରହିବା ସହ ଦୂରତା ବଜାୟ ରଖିବା ଏବଂ ସରକାରଙ୍କ ଗାଇଡଲାଇନ୍‌କୁ ମାନି ଚଳିବାକୁ ମୁଁ ସମସ୍ତଙ୍କୁ ଏହି ଅବସରରେ ଅନୁରୋଧ କରିବାକୁ ଚାହିଁବି । ଏକ ଗଛକୁ ନିଜର ବୋଲି ଭାବି ଯେପରି ଆମେ ତା’ର ଯତ୍ନ ନେଇଥାଉ ସେହିପରି ଲକ୍‌ଡାଉନ ଆମପାଇଁ ହୋଇଛି ଏବଂ ଏହା ଆମପାଇଁ ନିହାତି ଜରୁରୀ ବୋଲି ଭାବି ମାନିଲେ ହିଁ ସୁରକ୍ଷିତ ରହିପାରିବା । ଭାଇରସ ସଂକ୍ରମଣ ଯେତେ ବଢ଼ିବ ଆମପାଇଁ ସେତେ ବିପଦ ସୃଷ୍ଟିହେବ । ତେଣୁ ଆମ ସୁରକ୍ଷା ଏବେ ଆମ ହାତରେ। ଆଉ ଗୋଟେ କଥା କହିବି ଯେ, ପିଲାଦିନରୁ ଯାହା ଅଭିଳାଷ ଥିଲା ଆମେ ସମୟ ପାଇ ନ ଥିଲେ, ଏବେ ସେଥିରେ ମନୋନିବେଶ କରି ତାହାକୁ ଉପଭୋଗ କରାଯିବା ଉଚିତ ବୋଲି ଭାଲେଣ୍ଟିନା କହିଛନ୍ତି ।

# ଖାଦ୍ୟ ଯୋଗାଉଛନ୍ତି କିର୍ଗିଓସ

ସିଡ୍‌ନୀ, ୧୨।୪ (ଏଏଫ୍‌ପି)

ଅଷ୍ଟ୍ରେଲିଆ ଟେନିସ ଷ୍ଟାର ନିକ୍ କିର୍ଗିଓସ ଜଣେ ସ୍ୱଷ୍ଟବାଦୀ ଭାବେ ଜଣାଶୁଣା। ଟେନିସ୍ କୋର୍ଟରେ ମଧ୍ୟ ଅନେକ ଥର ଝାମେଲା କରି ବିବାଦୀୟ ହୋଇଛନ୍ତି। କିନ୍ତୁ କରୋନା ଭାଇରସ୍ ପାଇଁ ଦେଶରେ ଶଟ୍ ଡାଉନ୍ ଚାଲିଥିବାରୁ ଅନାହାରରେ ଥିବା ଲୋକମାନଙ୍କୁ ଖାଦ୍ୟ ଯୋଗାଇଦେବା ଲାଗି ସେ ଅଣ୍ଟା ଭିଡ଼ିଛନ୍ତି। ମେସେଜ୍ ପାଇବା ମାତ୍ରେ ସେ ଏକ ବାକ୍ସରେ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଘରେ ଦେଇ ଆସୁଛନ୍ତି। ଶଟ୍‌ଡାଉନ୍ ଯୋଗୁ ସମଗ୍ର ଅଷ୍ଟ୍ରେଲିଆରେ ଇଣ୍ଡଷ୍ଟ୍ରିଗୁଡ଼ିକ ବନ୍ଦ ରହିଛି। ବହୁ ଲୋକ କାର୍ଯ୍ୟ ହରାଇବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଦୁଃଖ ଓ ବିଷାଦରେ କାଳାତିପାତ କରୁଛନ୍ତି। ବିଶ୍ୱର ୪୦ନମ୍ବର ମାନ୍ୟତାପ୍ରାପ୍ତ କିର୍ଗିଓସ ଇଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ କରିଛନ୍ତି। ଦୟାକରି ଭୋକିଲାରେ କେହି ଶୁଅ ନାହିଁ। କୌଣସି ଅସୁବିଧା ଥିଲେ କିଛି ନ ଭାବି ଏକ ମେସେଜ ଜରିଆରେ ମୋତେ ଜଣାଇବା ଲାଗି କୁଣ୍ଠିତ ହୁଅନ୍ତୁ ନାହିଁ ବୋଲି ଏଥିରେ ସେ ଉଲ୍ଲେଖ କରିଛନ୍ତି। ନୁଡୁଲ୍ସ, ପାଉଁରୁଟି କିମ୍ବା କ୍ଷୀର ଆବଶ୍ୟକ କରୁଥିଲେ ମୁଁ ତାହା ଘରେ ତାହାକୁ ପହଁଚାଇଦେବି ବୋଲି ସେ କହିଛନ୍ତି। ତାଙ୍କର ଏହି ପୋଷ୍ଟକୁ ପାଖାପାଖି ୧୦୦,୦୦୦ ଲାଇକ୍ ଆସିଛି।

# ମୋଟର ସ୍ପୋର୍ଟ୍ସ କିମ୍ବଦନ୍ତୀ ମୋସ୍‌ଙ୍କ ପରଲୋକ

ଲଣ୍ଡନ,୧୨।୪ (ଏଏଫ୍‌ପି)



ମୋଟର ସ୍ପୋର୍ଟ୍ସର କିମ୍ବଦନ୍ତୀ ଷ୍ଟର୍ଲିଂ ମୋସ୍ ୯୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ଏହି ବ୍ରିଟିଶ ଡ୍ରାଇଭର ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ମୋସ କେବେବି ଫର୍ମୁଲା-୧ ଟାଇଟଲ ହାସଲ କରି ନ ଥିଲେ। ତେବେ ସେ ୪ଥର ରନର୍ସଅପ୍ ହୋଇଥିଲେ ଓ ଏହା ସତ୍ତ୍ୱେ ସେ ମହାନ ଡ୍ରାଇଭର ବିବେଚିତ ହେଉଥିଲେ। ଦୀର୍ଘ ୧୪ ବର୍ଷର କ୍ୟାରିୟରରେ ସେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛନ୍ତି। ୧୯୪୮ ମସିହାରେ ସେ କ୍ୟାରିୟର ଆରମ୍ଭ କରିଥିଲେ। ୫୨୯ଟି ରେସ୍‌ରେ ସେ ଅଂଶଗ୍ରହଣ କରି ୨୧୨ଟିରେ ବିଜୟ ହାସଲ କରିଥିଲେ। ସେତେବେଳେ ଡ୍ରାଇଭରମାନେ ଭିନ୍ନ ଭିନ୍ନ ବର୍ଗରେ ଅଂଶଗ୍ରହଣ କରୁଥିଲେ। ୧୯୫୦ରୁ ୧୯୬୦ ମଧ୍ୟରେ ସେ ବେଶ୍ ସକ୍ରିୟ ଥିଲେ। ସେ ୧୯୫୧ରୁ ଫର୍ମୁଲା-୧ ରେସିଂରେ ଅଂଶଗ୍ରହଣ କରିଆସୁଥିଲେ। ୧୯୬୨ ଏପ୍ରିଲ୍‌ରେ ଗୁଡଉଡ୍‌ରେ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ସେ ଗୋଟିଏ ମାସ କୋମା ଅବସ୍ଥାକୁ ଚାଲିଯାଇଥିଲେ। ଏହାପରେ ୬ ମାସ ଆଂଶିକ ପକ୍ଷାଘାତର ଶିକାର ହୋଇଥିଲେ। ଶେଷରେ ସେ ଅବସର ଘୋଷଣା କରିଥିଲେ।

ଫର୍ମୁଲା-୧ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୬୭ଟି ଷ୍ଟାର୍ଟ କରିଥିଲେ। ୧୬ଟି ରେସ୍‌ରେ ସେ ବାଜି ମାରିଥିବା ବେଳେ ୧୬ଟି ପୋଲ ପୋଜିସନ ଓ ୨୪ଥର ପୋଡିୟମ ଫିନିଶ୍ କରିଥିଲେ। ସେ ୧୯୨୯ ସେପ୍ଟେମ୍ବର ୧୭ରେ ଲଣ୍ଡନର ୱେଷ୍ଟ କେନ୍ସିଂଟନରେ ଜନ୍ମ ଗ୍ରହଣ କରିଥିଲେ। ସେ ମର୍ସିଡିଜ୍ ବେଞ୍ଜ, ମାସେରାଟି, ଭାନ୍‌ୱାଲ, ରବ୍ ୱାକରଙ୍କ ପ୍ରାଇଭେଟ କୁପର ଟିମ୍ ଓ ଲୋଟସ ତରଫରୁ ରେସ୍‌ରେ ପ୍ରତିନିଧିତ୍ୱ କରିଥିଲେ। ପ୍ରିନ୍ସ ଚାର୍ଲ୍ସ ୨୦୦୦ରେ ତାଙ୍କୁ ନାଇଟ୍‌ହୁଡ୍ ସମ୍ମାନ ପ୍ରଦାନ କରିଥିଲେ।

# ୨୦୨୧ ପର୍ଯ୍ୟନ୍ତ ହେବନି ମଣ୍ଟ୍ରିଲ ଡବ୍ଲ୍ୟୁଟିଏ ଇଭେଣ୍ଟ

ମଣ୍ଟ୍ରିଲ,୧୨।୪ (ଏଏଫ୍‌ପି)

ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଠିକ୍ ପୂର୍ବରୁ ଖେଳାଯାଉଥିବା ମଣ୍ଟ୍ରିଲ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ବାର ରୋଜର୍ସ କପ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏଥର ଏହି ଟେନିସ ଇଭେଣ୍ଟକୁ ବାତିଲ କରାଯାଇଛି ଓ ୨୦୨୧ ପର୍ଯ୍ୟନ୍ତ ଏହା ଆୟୋଜନ ହେବନାହିଁ। ଏ ନେଇ ଇଭେଣ୍ଟ ଅଫିସିଆଲମାନେ ସୂଚନା ଦେଇଛନ୍ତି।

ଏଥର ଏହି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଅଗଷ୍ଟ ୭ରୁ ୧୬ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କରୋନା ଭାଇରସ ସଂକ୍ରମଣ କାରଣରୁ ଉତ୍ତରପୂର୍ବ କାନାଡ଼ାସ୍ଥିତ କ୍ୱେବେକ ପ୍ରୋଭିନ୍ସ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସବୁ ଟୁର୍ନାମେଣ୍ଟକୁ ବାତିଲ କରିଛି। ଫଳରେ ଏହି ଟୁର୍ନାମେଣ୍ଟ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଫଳରେ ଏହାକୁ ୨୦୨୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ଡବ୍ଲ୍ୟୁଟିଏ ତରଫରୁ ସୂଚନା ଦିଆଯାଇଛି।

ଠିକ୍ ସମୟ ବେଳକୁ ପରିସ୍ଥିତିରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଥିଲା। ତେବେ ଏପରି ହୋଇ ନ ଥିଲା। ଫଳରେ ଏପରି କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ଟୁର୍ନାମେଣ୍ଟ ଡାଇରେକ୍ଟର ଇୟୁଗେନି ଲାପିଏରେ କହିଛନ୍ତି।

ଉଲ୍ଲେଖଥାଉ କି, କୋଭିଡ୍-୧୯ କାରଣରୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ମେ- ଜୁନ୍ ବଦଳରେ ସେପ୍ଟେମ୍ବର- ଅକ୍ଟୋବରରେ ଆୟୋଜନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଯଦି ଏପରି ହୁଏ ୟୁଏସ୍ ଓପନର ଠିକ ଗୋଟିଏ ସପ୍ତାହ ପରେ ଫ୍ରେଞ୍ଚ୍ ଓପନ ଆୟୋଜନ ହେବ। ଅନ୍ୟପଟେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୱିମ୍ବଲେଡନ ପ୍ରଥମଥର ପାଇଁ ବାତିଲ ହୋଇଛି। ଏହା ଅର୍ଥ ଯେ, ପୂର୍ବର ଟେନିସ ଇଭେଣ୍ଟଗୁଡିକ ଜୁଲାଇ ୧୩ ପରେ ଚାଲୁ ରହିବ। ଏପଟେ ଜୁଲାଇ ୧୨ ପର୍ଯ୍ୟନ୍ତ ଡବ୍ଲ୍ୟୁଟିଏ ଟୁର ତା’ର ସବୁ ଇଭେଣ୍ଟଗୁଡ଼ିକୁ ସସ୍‌ପେଣ୍ଡ କରିଛି। ଆସନ୍ତାମାସ ଶେଷ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଡବ୍ଲ୍ୟୁଟିଏ ତରଫରୁ କୁହାଯାଇଛି।

## Business

# ହେଲିକପ୍ଟର ମନିକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୨।୪

କୋଭିଡ୍-୧୯ ପ୍ରଭାବକୁ ଶେଷ କରିବା ଲାଗି ଏବେ ଲକ୍‌ଡାଉନ ଲାଗି ରହିଛି। ମଙ୍ଗଳବାର ଯାଏ ଲକ୍‌ଡାଉନ ଅବଧି ରହିଥିବା ବେଳେ ଏହାକୁ ବଢ଼ାଇବା ଲାଗି କିଛି ରାଜ୍ୟର ମୁଖ୍ୟମନ୍ତ୍ରୀ ଦାବି ରଖିଛନ୍ତି। ଓଡ଼ିଶା ସମେତ ତେଲଙ୍ଗାନା ଏବଂ ପଞ୍ଜାବ ଭଳି ରାଜ୍ୟ ଲକ୍‌ଡାଉନ ଅବଧିକୁ ୩୦ ଏପ୍ରିଲ ଯାଏ ବଢାଇ ଦେଇଛନ୍ତି। ଏବେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଥିବାରୁ ଦେଶ ବୃହତ୍ ପରିମାଣର କ୍ଷତି ସହୁଛି। କ୍ଷତି ସହୁଥିବା ସେକ୍ଟରଗୁଡିକ ଆର୍ଥିକ ପ୍ୟାକେଜ ଦାବି କରୁଛନ୍ତି। ଏଭଳି ସ୍ଥିତିରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓ ରିଜର୍ଭ ବ୍ୟାଙ୍କଠାରୁ ହେଲିକପ୍ଟର ମନି ନେଇ ଦାବି ରଖିଛନ୍ତି।

ଚନ୍ଦ୍ରଶେଖର ରାଓ କହିଛନ୍ତି ଯେ, ଏବେ ସରକାର ବିତ୍ତୀୟ ନିଅଣ୍ଟଠାରୁ ଧ୍ୟାନ ହ ଟ । ଇ ବ । ର ଅ । ବ ଶ ୍ୟ କ ତ ।



## କରୋନା ମୁକାବିଲା

ରହିଛି। ବିତ୍ତୀୟ ନିଅଣ୍ଟକୁ ଜିଡିପି ଧାର୍ଯ୍ୟ ଲକ୍ଷ୍ୟର ୩% ପରିବର୍ତ୍ତେ ୫% କରିବା ନେଇ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି। କ୍ୱାଣ୍ଟିଟେଟିଭ ଇଜିଂ ଦ୍ୱାରା ଏହାକୁ ମୋଟ ଜିଡିପିର ୫%କୁ ଜାରି କରିବା ଉପରେ ସେ ମତ ରଖିଛନ୍ତି। ଭାରତର ମୋଟ ଜିଡିପି ଏବେ ପ୍ରାୟ ୩ ଲକ୍ଷ କୋଟି ଡଲାର ରହିଛି। ଏହାର ୫% ବା ୧୫ ହଜାର କୋଟି ଡଲାର ବା ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ହେବ। ସୂଚନାଯୋଗ୍ୟ କ୍ୱାଣ୍ଟିଟେଟିଭ ଇଜିଂ ଦ୍ୱାରା ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ନୋଟ୍ ଛପାଇଥାଏ। ଏହା ସରକାରଙ୍କ ବଣ୍ଡ କିଣିବା ସହ ସରକାରଙ୍କୁ ଟଙ୍କା ପ୍ରଦାନ କରିଥାଏ। ପରେ କେନ୍ଦ୍ର ସରକାରଙ୍କୁ ଏହି ଅର୍ଥ ଫେରାଇବାକୁ ପଡିଥାଏ।

### ‘ଆର୍‌ବିଆଇଠାରୁ ଋଣ ନେବାକୁ ରାଜ୍ୟକୁ ସୁବିଧା ମିଳୁ’

ବର୍ତ୍ତମାନର ସ୍ଥିତିରେ ରାଜ୍ୟଗୁଡିକ କରୋନା ବିରୋଧରେ ଲଢ଼ିବା ଲାଗି ନଗଦ ଅର୍ଥ ରାଶି ଉଠାଣ ନେଇ ସମସ୍ୟା ସାମ୍ନା କରୁଛନ୍ତି। ଏଭଳି ସମୟରେ ସରକାର ବିତ୍ତୀୟ ନୀତିର ପରିବର୍ତ୍ତନ କରନ୍ତୁ ବୋଲି କେରଳ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଅଧିକ ନୋଟ୍ ଛାପିବା ଏବଂ ଆର୍‌ବିଆଇଠାରୁ ସିଧାସଳଖ ଋଣ କରିବା ସୁବିଧା ରାଜ୍ୟଗୁଡିକୁ ପ୍ରଦାନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### ପର୍ଯ୍ୟାୟ ଭିତ୍ତିରେ ଉଠିପାରେ କଟକଣା

ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ଦେଶବାସୀଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ପୁଣି ଥରେ ଚାଲୁ କରିବା ନେଇ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଘୋଷଣା କରିପାରନ୍ତି। ବିଶେଷକରି ଗ୍ରୀନ୍ ଜୋନ୍ ବା କରୋନା ମାମଲା ନ ଥିବା ଅଞ୍ଚଳଗୁଡିକରେ କଟକଣା କୋହଳ ହେବା ସମ୍ଭାବନା ରହିଛି। ଏହାକୁ ପର୍ଯ୍ୟାୟ ଭିତ୍ତିରେ ଲାଗୁ କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

### ହେଲିକପ୍ଟର ମନି କ’ଣ?



ସାରା ବିଶ୍ୱରେ ଏବେ ହେଲିକପ୍ଟର ମନି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ହେଲିକପ୍ଟର ମନି ଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବ ତୁଳନାରେ ବୃହତ୍ ପରିମାଣର ନୋଟ୍ ଛପାଇଥାଏ। ଏହାକୁ ସରକାରଙ୍କୁ ପ୍ରଦାନ କରାଯାଇଥାଏ। ଉକ୍ତ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟଗୁଡିକ ଲାଭ କରିଥିବା ଅର୍ଥ ଆଉ କେନ୍ଦ୍ରୀୟ ବ୍ୟାଙ୍କକୁ ରିଫଣ୍ଡ କରିବାକୁ ପଡି ନ ଥାଏ। ଆମେରିକୀୟ ଅର୍ଥନୀତିଜ୍ଞ ମିଲଟନ୍ ଫ୍ରାଏଡ୍‌ମ୍ୟାନ ଏହି ପ୍ରକ୍ରିୟାକୁ ହେଲିକପ୍ଟର ମନିର ନାମ ଦେଇଥିଲେ। ଅର୍ଥ ବ୍ୟବସ୍ଥାର ସ୍ଥିତି ଖରାପ ହେଲେ ସରକାର କେନ୍ଦ୍ରୀୟ ବ୍ୟାଙ୍କ ସହାୟତାରେ ମନି ସପ୍ଲାଇକୁ ବଢାଇ ଦେଇଥାନ୍ତି। ଏହାଦ୍ୱାରା ଚାହିଦା ବଢିବା ସହ ଦରଦାମରେ ମଧ୍ୟ ପରିବର୍ତ୍ତନ ଆସିଥାଏ।

# ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ଉପଲବ୍ଧ ରହିଛି: ପାଶ୍ୱାନ

**ନୂଆଦିଲ୍ଲୀ,୧୨।୪:** ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା ସରକାର ୮୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଦାନ କରୁଥିବା ଖାଦ୍ୟଶସ୍ୟର ଅଭାବ ଏବେ ନାହିଁ। ପିଡିଏସ୍‌ରେ ପ୍ରଦାନ କରାଯାଉଥିବା ହିତାଧିକାରୀଙ୍କ ଲାଗି ଖାଦ୍ୟଶସ୍ୟ ଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣରେ ରହିଛି ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି। ସେ କହିଛନ୍ତି ଯେ, ଭଣ୍ଡାରରେ ଯେତେ ପରିମାଣର ଖାଦ୍ୟ ଶସ୍ୟ ଉପଲବ୍ଧ ରହିଛି ସେଥିରେ ଲୋକଙ୍କୁ ୯ ମାସ ଯାଏ ଯୋଗାଣ କରିବା ସମ୍ଭବ ହେବ। ଚଳିତ ବର୍ଷ ଗହମ ଉତ୍ପାଦନ ଉନ୍ନତ ହେବା ନେଇ ଆଶା ରହିଛି। ଏଣୁ ସରକାରଙ୍କ ନିକଟକୁ ଅଧିକ ପରିମାଣର ଖାଦ୍ୟଶସ୍ୟ ଆସିପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଲୋକଙ୍କ ନିକଟକୁ କିଭଳି ଖାଦ୍ୟଶସ୍ୟ ପହଞ୍ଚିବ ସେ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଯୋଜନା ଗ୍ରହଣ କରାଯାଉଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗରିବଙ୍କୁ ପ୍ରଦାନ କରିବା ଲାଗି ୨୯୯.୪୫ ଲକ୍ଷ ଟନ୍ ଚାଉଳ ମହଜୁଦ ହୋଇ ରହିଛି। ଏହାବାଦ ୨୩୫.୩୩ ଟନ୍ ଗହମ ରହିଛି। ମୋଟାମୋଟି ଭାବେ ୫୩୪.୭୮ ଲକ୍ଷ ଟନ୍ ଗୋଦାମରେ ରହିଛି। ଏଥି ମଧ୍ୟରୁ ପ୍ରତିମାସରେ ୬୦ ଲକ୍ଷ ଟନ୍ ବଣ୍ଟନ ବ୍ୟବସ୍ଥା ଲାଗି ପ୍ରଦାନ କରାଯାଉଛି।



# ଏଚ୍‌ଡିଏଫ୍‌ସିର ୧.୭୫ କୋଟି ଶେୟାର କିଣିଲା ଚାଇନା ବ୍ୟାଙ୍କ

**ନୂଆଦିଲ୍ଲୀ,୧୨।୪:** କୋଭିଡ୍-୧୯ ଭାଇରସ୍ ଯୋଗୁ ସାରା ବିଶ୍ୱରେ ଉପୁଜିଥିବା ସ୍ଥିତିର ଫାଇଦା ଏବେ ଚାଇନା ଉଠାଉଛି। ଏସିଆର ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ଭାବେ ବିବେଚିତ ଏହି ଦେଶ ସାରା ବିଶ୍ୱର ଶେୟାର ବଜାରଗୁଡ଼ିକରେ ଉପୁଜିଥିବା ନକାରାତ୍ମକ ସ୍ଥିତିର ଲାଭ ଉଠାଉଥିବା ଦେଖାଯାଉଛି। ଏଭଳି ଘଟଣା ଲଗାତର ଦେଖାଯାଉଛି। ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ହାଉସିଂ ଋଣ ପ୍ରଦାନ କରୁଥିବା ଭାରତର ପ୍ରଥମ କମ୍ପାନୀ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ରେ ୧.୭୫ କୋଟି ଶେୟାର କ୍ରୟ କରିଛି। ପୁଞ୍ଜିବଜାରରୁ ମିଳିଥିବା ତଥ୍ୟ ମୁତାବକ ଏହା ଏଚ୍‌ଡିଏଫ୍‌ସିର ପ୍ରାୟ ୧% ଶେୟାର ବୋଲି ଜଣାପଡ଼ିଛି। କରୋନା କାରଣରୁ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ଶେୟାରରେ ବୃହତ୍ ପରିମାଣର ହ୍ରାସ ଦେଖାଯାଇଛି। ଏଭଳି ସ୍ଥିତିରେ ଚାଇନା ଶେୟାର କିଣିଥିବା ନଜରକୁ ଆସିଛି।

# ଏଫ୍‌ପିଆଇ ଉଠାଇ ନେଲେ ୯,୧୦୩ କୋଟି

**ନୂଆଦିଲ୍ଲୀ,୧୨।୪:** ବର୍ତ୍ତମାନ କୋଭିଡ୍-୧୯ ଲାଗି ଶେୟାର ବଜାର କାରବାର ଗଭୀର ଭାବେ ପ୍ରଭାବିତ ହୋଇଛି। ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର(ଏଫ୍‌ପିଆଇ) ବା ବିଦେଶୀ ନିବେଶକମାନେ ଚଳିତ ମାସ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୯,୧୦୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ନିବେଶକମାନେ ଏବେ ସୁନା ଏବଂ ଡଲାର ଆଧାରିତ ପ୍ରତିଭୂତି ଉପରେ ଫୋକସ କରୁଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଡିପୋଜିଟୋରି ତଥ୍ୟ ମୁତାବକ ପହିଲାଠାରୁ ୯ଏପ୍ରିଲ ଯାଏ ବିଦେଶୀ ନିବେଶକମାନେ ଶେୟାରରୁ ୨୯୫୧ କୋଟି ଏବଂ ବଣ୍ଡ ବଜାରରୁ ୨,୧୫୨ କୋଟି ଟଙ୍କା କାଢି ନେଇଥିବା ସୂଚନା ରହିଛି।

# ଦୁର୍ଦ୍ଦଶାଗ୍ରସ୍ତଙ୍କୁ ଯୁବ ଉଦ୍ୟୋଗୀଙ୍କ ସହାୟତା

କଟକ,୧୨।୪: କରୋନା ପାଇଁ ବର୍ତ୍ତମାନ ଲକ୍‌ଡାଉନ ଘୋଷଣା ହୋଇଥିବା ବେଳେ ସାଧାରଣ ଲୋକଙ୍କ ସମସ୍ୟା ଏବେ ବଢ଼ିଯାଇଛି। ସମାଜର ଦୁର୍ବଳ ଲୋକଙ୍କୁ ସହାୟତା କରିବା ଲାଗି ସହରର ଯୁବ ଉଦ୍ୟୋଗୀମାନେ ବାହାରି ଆସିଛନ୍ତି। ‘ଆପ୍ ହର୍ ହମ୍’ ଅନୁଷ୍ଠାନ ଆନୁକୂଲ୍ୟରେ ସହରରେ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ଏହି ଅବସରରେ ଯୋଗାଇ ଦିଆଯାଇଛି। ଖାଦ୍ୟ ସାମଗ୍ରୀ ପ୍ୟାକେଟ୍‌ରେ ଚାଉଳ, ଅଣ୍ଡା, ଡାଲି, ଚୁଡ଼ା, ଆଳୁ ପ୍ରଦାନ କରାଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତା ଭିତ୍ତିରେ ଏହି ସାମଗ୍ରୀ ବଣ୍ଟନ କରାଯାଉଥିବା ଜଣାପଡ଼ିଛି। ଦରଘାବଜାର ଥାନା ଏବଂ ମାଲଗୋଦାମ ଥାନାର ତତ୍ତ୍ୱାବଧାନରେ ସାମଗ୍ରୀ ବଣ୍ଟନ କରାଯାଉଛି ବୋଲି ସୂଚନା ରହିଛି।





ସେଫ୍ ରିସ୍କ ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର କର୍ମଚାରୀଙ୍କ ପକ୍ଷରୁ ପିଏମ୍ କେୟାର୍ସ ପାଣ୍ଠିକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ